# ଊର୍ଜ୍ଜନା

(ଜୀବନ-ବୃଦ୍ଧିଦ ଧର୍ମ ଓ କୃଷ୍ଟିମୂଳକ ମାସିକ ପତ୍ରିକା)

''ମା ମ୍ରିୟସ୍ୱ, ମା ଜହି, ଶକ୍ୟତେଚେତ୍ ମୃତ୍ୟୁମବଲୋପୟ ।''
''ମରନା, ମାରନା, ପାରତ ମୃତ୍ୟୁକୁ ଅବଲୁପ୍ତ କର ।''

▸▸ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର

ଆଶା ଯାହାର କୃତି-ଆବେଗରେ
ଊର୍ଜ୍ଜନା-ଉଚ୍ଛଳ କରେନା,
ନିୟମନୀ ସତ୍‌ଚଳନ ତା'ର
ଅନୁଶୀଳନରେ ଆସେନା । ୧୧୯ ।

*(ଅନୁଶ୍ରୁତି, ୨ୟଖଣ୍ଡ, କର୍ମ)*


**୩୪ଶ ବର୍ଷ, ଚତୁର୍ଥ ସଂଖ୍ୟା**

**ପୌଷ, ୧୪୨୦, ଜାନୁୟାରୀ, ୨୦୧୪**

**ଅନୁକୂଳାବ୍ଦ-୬୮**

**Published and Printed by Sri Sankar Sensarma on behalf of Satsang, P.o.- Satsang, Dist.- Deoghar, Jharakhanda and Printed at Ananda Printers, Chandi Chhaka, Cuttack-1 (Odisha).**

**ଊର୍ଜ୍ଜନା କାର୍ଯ୍ୟାଳୟ**

ସତ୍‌ସଙ୍ଗ ବିହାର, ବକ୍ସିବଜାର, କଟକ-୧

ଫୋନ୍ : (୦୬୭୧) ୨୩୦୪୧୪୦

visit us to : www.urjana.com
E-mail: mail@satsang.org.in

ସମ୍ପାଦକ : ଡା଼. ବିନାୟକ ମହାପାତ୍ର


## ଊର୍ଜ୍ଜନାର ନିୟମାବଳୀ : ଗ୍ରାହକମାନଙ୍କ ପ୍ରତି

୧. ଆଶ୍ୱିନ ମାସରୁ ଊର୍ଜ୍ଜନାର ବର୍ଷ ଆରମ୍ଭ । ଚଳିତ ଇଂରାଜୀ ମାସର ତା୧ରିଖ ଓ ତା୧୫ରିଖରେ ପତ୍ରିକା ପ୍ରକାଶିତ ହୁଏ ଓ ତା୧୯/୨୦ରିଖରେ ଡାକଯୋଗେ ପଠାଯାଏ ।

୨. ଗ୍ରାହକଗଣ ଯଦି ଚଳିତ ଇଂରାଜୀ ମାସର ୨୫ ତାରିଖ ଓ ୨୮ତାରିଖ ମଧ୍ୟରେ ପତ୍ରିକା ନ ପାଆନ୍ତି, ତେବେ ଡୁପ୍ଲିକେଟ୍ କପି ପାଇଁ ଏକ ଟଙ୍କା ଡାକ ଟିକେଟ୍ ସହ ପତ୍ର ଦେବେ ।

୩. ଠିକଣା ପରିବର୍ତ୍ତନ ପାଇଁ ୧୫ ଦିନ ପୂର୍ବରୁ ଊର୍ଜ୍ଜନା କାର୍ଯ୍ୟାଳୟକୁ ଜଣାଇବା ଆବଶ୍ୟକ ।

୪. ଭି.ପି.ପି. ଯୋଗେ ପତ୍ରିକା ପଠାଯାଏ ନାହିଁ । ଗ୍ରାହକ ଚାନ୍ଦା ମନିଅର୍ଡ଼ର ଯୋଗେ ଊର୍ଜ୍ଜନା କାର୍ଯ୍ୟାଳୟକୁ ପଠାଇବା ଆବଶ୍ୟକ । ଚିଠି ପତ୍ରରେ ଓ କୁପନରେ ଗ୍ରାହକ ନମ୍ବର ଉଲ୍ଲେଖ କରିବେ । ଉତ୍ତର ପାଇବାକୁ ହେଲେ ରିପ୍ଲାଇ କାର୍ଡ଼ରେ ପତ୍ର ଦେବେ ।

୫. ଭାରତରେ ଡାକଖର୍ଚ୍ଚ ସହ ଅର୍ଘ୍ୟର ହାର : ବାର୍ଷିକ ୧୨୦ ଟଙ୍କା । ଷାଣ୍ମାସିକ ୬୦ ଟଙ୍କା । ପ୍ରତି ଖଣ୍ଡର ମୂଲ୍ୟ ଟ୧୦.୦୦ ପଇସା ।

୬. ଟଙ୍କା ପଠାଇବାର ଠିକଣା-**ମ୍ୟାନେଜର, ଊର୍ଜ୍ଜନା, ପୋ.: ସତ୍‌ସଙ୍ଗ , ଦେଓଘର, (ଝାଡଖଣ୍ଡ), Pin.: 814116**

୭. ଏଜେନ୍‌ସିର ନିୟମାବଳୀ ପାଇଁ ପତ୍ର ଲେଖନ୍ତୁ ।

## ଊର୍ଜ୍ଜନାର ଲେଖକମାନଙ୍କ ପ୍ରତି

୧.ଊର୍ଜ୍ଜନାରେ ପ୍ରକାଶ ପାଇଁ ସମଗ୍ର ରଚନାର **ଡ଼ି.ଟି.ପି କରି ନିଜର ସଂପୂର୍ଣ୍ଣ ନାମ, ଠିକଣା ଓ ଫୋନ୍ ନମ୍ବର** ସହିତ ପଠାଇବା ଆବଶ୍ୟକ । କୌଣସି ଲେଖା ବିଶେଷ ସଂଖ୍ୟାରେ ପ୍ରକାଶିତ ହେବାର ବାଧ୍ୟବାଧକତା ନାହିଁ ଅମନୋନୀତ ରଚନା ଫେରସ୍ତ ଦିଆଯାଏ ନାହିଁ ରଚନାର ପ୍ରକାଶନ ତଥା ଅଂଶବଶେଷର ପରିବର୍ତ୍ତନ ଓ ପରିବର୍ଦ୍ଧନ ସମ୍ପାଦକଙ୍କ ଇଚ୍ଛାଧୀନ ।

୨. ରଚନା ମଧ୍ୟରେ ଯେକୌଣସି ଉଦ୍ଧୃତିର ମୂଳ ପୁସ୍ତକର ନାମ, ଲେଖକ ଓ ପୃଷ୍ଠାସଂଖ୍ୟା ଉଲ୍ଲେଖ କରିବା ଏକାନ୍ତ ପ୍ରୟୋଜନ । ଅନ୍ୟଥା ସେ ଲେଖା ପ୍ରକାଶିତ ହୁଏନା ।

୩. ଚଳିତ ସଂଖ୍ୟାରେ କୌଣସି ରଚନା ବା ସମ୍ବାଦ ପ୍ରକାଶ କରିବାକୁ ହେଲେ ଅନ୍ତତଃ ଏକ ମାସ ଆଗରୁ ଲେଖା ପହଞ୍ଚିବା ଅବଶ୍ୟ ପ୍ରୟୋଜନ ।

୪. ଲେଖା ଓ ସମ୍ବାଦ— **ସଂପାଦକ (Editor) , ଊର୍ଜ୍ଜନା ପୋ.: ସତ୍‌ସଙ୍ଗ , ଦେଓଘର (ଝାଡଖଣ୍ଡ), Pin. : 814116** ଠିକଣାରେ ପଠାଇବାକୁ ହେବ ।

**ମୂଲ୍ୟ : ଟ୧୦.୦୦ପ.**

# ସୂଚୀପତ୍ର

## ପୌଷ - ୧୪୨୦ ସାଲ


- **ପ୍ରେଷ୍ଠ-ପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ** - ୨୨୮
- **ଶ୍ରୀଶ୍ରୀଠାକୁରଙ୍କ ସହିତ କଥୋପକଥନ** - **ଆଲୋଚନା-ପ୍ରସଙ୍ଗ :** *ଶ୍ରୀପ୍ରଫୁଲ୍ଲ କୁମାର ଦାସ* - ୨୩୦
  - **ନାନା-ପ୍ରସଙ୍ଗ :** *ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ* - ୨୩୭
  - **କଥା-ପ୍ରସଙ୍ଗ :** *ଶ୍ରୀସୁଶୀଳ ଚନ୍ଦ୍ର ବସୁ* - ୨୪୦
  - **ଅମୀୟ ବାଣୀ :** *ଶ୍ରୀଅଶ୍ୱିନୀକୁମାର ବିଶ୍ୱାସ* - ୨୪୨
  - **ଇସ୍‌ଲାମ ପ୍ରସଙ୍ଗ :** *ମହମ୍ମଦ ଖଲିଲର ରହମାନ ଓ ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ଏମ.ଏ* - ୨୪୪
  - **ପ୍ରତୁଲଦୀପ୍ତି :** *ଶ୍ରୀମଣିଲାଲ ଚକ୍ରବର୍ତ୍ତୀ* - ୨୪୬
- **ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ** - **ଇଷ୍ଟପ୍ରସଙ୍ଗ :** *ଡ଼ଃ. ଶ୍ୟାମସୁନ୍ଦର ରକ୍ଷିତ* - ୨୪୯
- **ଯୁଗାଚାର୍ଯ୍ୟ ସ୍ମରଣେ** - ପ୍ରଥମ ଦେଖା : *ଗୀତା ଚକ୍ରବର୍ତ୍ତୀ (ପୁତ୍ରବଧୂ)* - ୨୫୨
  - ସ୍ମୃତିର ସ୍ୱର୍ଣ୍ଣିମ ଦ୍ୱାରରେ : *ନନ୍ଦିନୀ ଚକ୍ରବର୍ତ୍ତୀ (ପୁତ୍ରବଧୂ)* - ୨୫୩
- **ସତ୍ୟାନୁସରଣର ପଥେ** - ସତ୍ୟାନୁସରଣ ବ୍ୟାଖ୍ୟାନରେ ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦା - ୨୫୪
- **ସାଧନାର ପଥେ** - ଇଷ୍ଟାନୁରାଗର ପରଖ - ୨୫୬
- **କର୍ମୀ-ଦର୍ପଣ** - ମଣିଷକୁ ସମର୍ଥ କରିତୋଳ - ୨୫୭
- **ମାତୃ ଜଗତ** - ସନ୍ତାନର ଜନ୍ମ ସୁସ୍ଥ ହୁଏନା କେତେବେଳେ ? - ୨୫୮
- **ବିଧି ବିନ୍ୟାସ** - ଆଶ୍ରୟକୁ ପୋଷଣ ନ କରି ଶୋଷଣ କରନ୍ତି ଯେଉଁମାନେ, ସେମାନେ ଶାତନପନ୍ଥୀ ଅକୃତଜ୍ଞ - ୨୫୯
- **ଧୃତି ବିଧାୟନା** - ଦଗାବାଜି ଛାଡ଼ି ଲୋକ-ଚର୍ଯ୍ୟାପରାୟଣ ହୁଅ - ୨୬୦
- **ବିଜ୍ଞାନ ବିଭୂତି** - ବିହିତ କାମ ଓ ଜାତକ ଜୀବନ - ୨୬୧
- **ଯାଜୀସୂକ୍ତ** - ଯାଜନ - ୨୬୨
- **ତପୋ ବିଧାୟନା** - ପ୍ରାର୍ଥନା - ୨୬୬
- **ଯେମନ ତାଁକେ ଦେଖି** - ଯେମିତି ତାଙ୍କୁ ଦେଖେ - ୨୬୪
- **ଦିବ୍ୟ ଅନୁଭୂତି** - ଭାରତୀୟ ସଭ୍ୟତାର ଧାରା ଓ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର : *ଶ୍ରୀସୁଶୀଳ ଚନ୍ଦ୍ର ବସୁ* - ୨୭୪
- **ଦିବ୍ୟଲୀଳା** - ପୁରୁଷୋତ୍ତମହିଁ ପରମଗୁରୁ : *ଡ଼କ୍ଟର ନିରଞ୍ଜନ ମିଶ୍ର* - ୨୬୮
- **ବିବରଣୀ** - ଯୁଗାଚାର୍ଯ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ୧୦୩ତମ ଜନ୍ମତିଥି ମହୋତ୍ସବ - ୨୭୯
- **ଆଶ୍ରମ ସମ୍ବାଦ** - ୨୮୭
- **ସମ୍ପାଦକୀୟ** - ରିପୁ-ପରବଶ ନୁହେଁ, ରିପୁବଶୀ ହୁଅ -୨୮୮


**ପ୍ରଚ୍ଛଦ :** ସତ୍‌ସଙ୍ଗ ବିହାର, ଆସାନସୋଲ, ବର୍ଦ୍ଧମାନ, ପଶ୍ଚିମବଙ୍ଗ


ଅଳଙ୍କରଣ : ସତ୍‌ସଙ୍ଗ ଗ୍ରାଫିକ୍ସ ଆଣ୍ଡ ମଲଟିମିଡ଼ିଆ ସେଣ୍ଟର



# ପ୍ରେଷ୍ଠ-ପୁରୁଷୋତ୍ତମ
# ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାଣୀ



ବ୍ୟାବର୍ତ୍ତ ବୃତ୍ତାଭାସ ଦେଇ
ସବୁ କୋଷଗୁଡ଼ିକ
ସୃଷ୍ଟି ହୋଇ ରହିଛି,
ବିଧାନବି ସୃଷ୍ଟି ହୋଇଛି
ଏପରିଭାବେହିଁ –
ସେଇ ବ୍ୟାବର୍ତ୍ତ-ବୃତ୍ତାଭାସୀ ଉଦ୍ଦୀପନାରେ, –
ରେତଃପ୍ରକୃତିର ଅନୁକମ୍ପା ନେଇ, –
ଡ଼ିମ୍ବକୋଷକୁ ବିନାୟିତ କରି,

ଶବ୍ଦ, ରୂପ, ରଙ୍ଗ ଓ ରସବି
ତା'ରହିଁ ସଙ୍ଗତି, –
ସେଇ ସଂଘର୍ଷଣରେ ସୃଷ୍ଟି ହୋଇ
ବିଧାନରେ ବ୍ୟାପ୍ତ;
ମନେହୁଏ,
ତତ୍ତ୍ୱବିତ୍‌ମାନଙ୍କର
ଷଟ୍‌ଚକ୍ର କଳ୍ପନାବି
ତା'ରହିଁ ଗୋଟେ ଉଦ୍ଭାବନା;

କିନ୍ତୁ କ୍ରମାନୁଧ୍ୟାୟନର ଭିତର ଦେଇ
ଯେ ଭୂଃ, ଭୁବଃ, ସ୍ୱଃ,
ମହଃ, ଜନ, ତପଃ, ସତ୍ୟର ପରିକ୍ରମା
ତତ୍ତ୍ୱବିତ୍‌ଗଣ
ତଭାବିତ କରିଛନ୍ତି –
ବସ୍ତୁର ବିନ୍ୟାସ-ସଂକ୍ରମଣରେ
ସେଇଟା ସବୁ ଜାଗାରେ
ସେଠାରେ ଯେପ୍ରକାର କରି
ସୁସିଦ୍ଧ ହୋଇଉଠିପାରେ
ସମୃଦ୍ଧ ହୋଇଉଠିପାରେ –
ସେପ୍ରକାର କରିହିଁ
ସନ୍ଦୀପନୀ ତାତ୍ପର୍ଯ୍ୟରେ
ତା'କୁ ବିନ୍ୟାସ କରି
ବିନାୟନୀ ସୀମାକୁ ନିର୍ଦ୍ଦେଶ କରି
ତା'ର ତାତ୍ପର୍ଯ୍ୟ-ସନ୍ଦୀପନୀ ଅନୁଶ୍ରୟରେ
ବୋଧାୟିତ ଉନ୍ମେଷଣାରେ
ସଙ୍ଗତିଶୀଳ ତାତ୍ପର୍ଯ୍ୟରେ
ଏପରିଭାବେହିଁ
ବାସ୍ତବ ନିର୍ଦ୍ଦେଶରେ ନିଦେଶିତ କରି
ସେଇ ସୃଷ୍ଟି-ଆଖ୍ୟାନକୁ
ସୁସଜ୍ଜିତ କରି ରଖିଛି, –
ଯା' ଫଳରେ
ମଣିଷ ବୁଝିପାରେ –
ବାସ୍ତବ କ୍ରମଗୁଡ଼ିକ
କିପରି କରି –
କେଉଁଠି –
କି ବିଭୂତିରେ ବିଭାସିତ ହୋଇ
ସୂକ୍ଷ୍ମଠାରୁ ସ୍ଥୂଳରେ
ପରିଣତ ହୋଇ
ଅସ୍ତିତ୍ୱର ତାତ୍ପର୍ଯ୍ୟ ନେଇ
ସ୍ରୋତଳ ଚଳତ୍‌ଶୀଳତାର ପଦବିକ୍ଷେପରେ
ଚାଲିଛି –
ଚାଲୁଛି, –
ଆଉ, ଯେତେଦିନ
ବସ୍ତୁ ବୋଲି କିଛି ରହିବ
ସେତେଦିନ ସେଥିରେ ବି ଚାଲିବ;
ଏହି ତ ଜଗତ । ୪୫ ।

ଜିହ୍ୱା ଓ ଓଷ୍ଠର ସଞ୍ଚାଳନ-ବ୍ୟତିରେକେ
ଜପ୍ୟ ଅଧିଷ୍ଠିତିର ସୁନିଷ୍ଠ
ଆନତି-ଉଦ୍ଦୀପନାରେ
ତାଙ୍କ ମହିମାଗୁଡ଼ିକରେ
ନିଜକୁ ଅଭିଷିକ୍ତ କରି
ଆବୃତ୍ତିର ସହିତ
ତଦନୁଗ ଚିନ୍ତନ, ଚଳନ, କଥନ
ଓ ଅନୁଚଳନର ଭିତର ଦେଇ
କୃତିତାତ୍ପର୍ଯ୍ୟରେ
ତଦର୍ଥ-ଅନୁନୟନୀ ଯା'କିଛିର
ସୁସଂହତ, ଅନ୍ୱିତ ସନ୍ଦୀପନା ନେଇ
ବୋଧବୀକ୍ଷଣାରେ
ସେଗୁଡ଼ିକୁ ବିନ୍ୟାସ-ବିଧାୟିତ କରିବାକୁହିଁ
ଜପ କହେ;
ଆଉ, ଏହି ଜପକ୍ରିୟ ତାତ୍ପର୍ଯ୍ୟରେ ଆସି –
ଭାବବୃତ୍ତିର ବିଭୂତି-ବିଜ୍ଞ
ବୋଧ-ଐଶ୍ୱର୍ଯ୍ୟର
କୃତିଦୀପନୀ ଅନୁଶୀଳନା
ଓ କୁଶଳକୌଶଳୀ ଅନୁବେଦ୍ୟ ସାର୍ଥକତା;
ତେଣୁ, ମହାଜନମାନେ କହିଥା'ନ୍ତି –
''ଜପାତ୍ ସିଦ୍ଧିର୍ଜପାତ୍ ସିଦ୍ଧିର୍ଜପାତ୍ ସିଦ୍ଧି –
ର୍ନଃ ସଂଶୟଃ'' । ୪୯ ।

*(ତପୋବିଧାୟନା-୨ୟଖଣ୍ଡ)*

---

ପାଦଟୀକା

**ବ୍ୟାବର୍ତ୍ତ-ବୃତ୍ତାଭାସ :** ଡ଼ିମ୍ବାକୃତି ଗତି ସଦୃଶ ଘୂର୍ଣ୍ଣାୟମାନ ଚଳନ ।

**ଭାବବୃତ୍ତି :** ହୋଇ ରହିବାର ସମ୍ବେଗ, ହେବାକୁ ବରଣ କରିବା । ହେବାରେ ରହିବା ।

**ବିଭୂତି-ବିଜ୍ଞ :** ବିଶେଷଭାବେ ହୋଇ ଉଠିବା ମଧ୍ୟ ଦେଇ ଲବ୍ଧ ଜ୍ଞାନଯୁକ୍ତ ।

**ଜପାତ୍ ସିଦ୍ଧିର୍ଜପାତ୍ ସିଦ୍ଧିର୍ଜପାତ୍ ସିଦ୍ଧିର୍ନଃ ସଂଶୟଃ :** ଜପରୁ ସିଦ୍ଧି ଜପରୁ ହିଁ ସିଦ୍ଧି- ଏହା ନିଃସନ୍ଦେହ ଭାବରେ କୁହାଯାଇପାରେ ।

# ଆଲୋଚନା ପ୍ରସଙ୍ଗ

**(ଏକାଦଶ ଖଣ୍ଡ)**

*ସଂକଳୟିତା–* **ଶ୍ରୀ ପ୍ରଫୁଲ୍ଲ କୁମାର ଦାସ,** *ଏମ୍.ଏ.*

*(ପୂର୍ବପ୍ରକାଶିତ ଉତ୍ତାରୁ........)*

## ବୈଶାଖ-୨୦, ସୋମବାର, ବଂ୧୩୫୫
## (ଇଂ-୨।୦୩।୦୫।୧୯୪୮)

ଶ୍ରୀଶ୍ରୀଠାକୁର ପ୍ରାତଃକାଳରେ ବଡ଼ାଲବଙ୍ଗଳାର ବାରଣ୍ଡାରେ ଯଥାସ୍ଥାନେ ସୁଖାସନେ ଉପବିଷ୍ଟ ।

ସୁଶୀଲଭାଇ (ବସୁ), ସୁରେନଭାଇ (ବିଶ୍ୱାସ) ପ୍ରଭୃତି ସମବେତ ଭକ୍ତଗଣ ତାଙ୍କର ଶ୍ରୀମୁଖନିଃସୃତ ମଧୁମଙ୍ଗଳ ବାଣୀସୁଧା ଆକଣ୍ଠ ପାନ କରି ଚାଲିଛନ୍ତି ।

ସୁରେନଭାଇଙ୍କର ଗତକାଲି ରାତିରେ ଗୋଟାଏ କଲମ ହଜିଯାଇଛି । ପ୍ରଫୁଲ୍ଲ ଆସିବା ମାତ୍ରେହିଁ ଶ୍ରୀଶ୍ରୀଠାକୁର କହିଲେ– ସୁରେନର କଲମ କ'ଣ ହେଲା ? ଶୀଘ୍ର ଖୋଜି ବାହାର କରି ଦେ ।

ପ୍ରଫୁଲ୍ଲ– ଶୁଣିଛି ମଣିସେନ କାଲି ରାତିରେ ଗୋଟାଏ କଲମ ପାଇଛି । ସୁରେନଭାଇ ତାଙ୍କ ପାଖକୁ ଯାଇ ଖବର ନେଇ ଦେଖିପାରନ୍ତି ।

ସୁରେନଭାଇ ତଦନୁଯାୟୀ ମଣି ପାଖରୁ କଲମଟା ନେଇ ଆସି କହିଲେ– ପାଇଛି ।

ଶ୍ରୀଶ୍ରୀଠାକୁର ସ୍ନେହବଶତଃ ସୁରେନଭାଇଙ୍କୁ କହିଲେ– Adjusted (ନିୟନ୍ତ୍ରିତ) ହୁଅ । ସେଇପ୍ରକାର ଆଉ ଯେପରି ନ ହୁଏ । ଭାବି ଭାବି ନିଜର ସବୁ ଭୁଲ୍‌ତ୍ରୁଟିଗୁଡ଼ିକ ଧରିବା ଦରକାର, ଠିକ୍ କରିବା ଦରକାର । ସର୍ବଦା conscious (ଚେତନ) ରହିବା ଦରକାର ।

ଏହାପରେ ଶ୍ରୀଶ୍ରୀଠାକୁର ସୁଶୀଲଭାଇଙ୍କୁ କହିଲେ– ଗୋଟାଏ ଧୋତିରେ କେତେଗୁଡ଼ିଏ ସୂତା ବାହାର କରି ନେଇ ଏକାଠି କରି, ତା'ର ଗୋଟାଏ ଅଂଶ ଜଳରେ ତିନ୍ତାଇ ଟିକିଏ ପରେହିଁ ଭଲ କରି ଚିପୁଡ଼ି ଦେଇ ପୁଣି ଜଳ ଉପରେ ଧରି ଦେଖିବାକୁ ହେବ ଜଳ ଟାଣୁଛି କି ନା । ଦେଖବେ ତ ! ଦେଖି କ'ଣ ହୁଏ ମୋତେ କହିବେ ।

ସୁଶୀଲଭାଇ– ଆଜ୍ଞା ଦେଖି କହିବି ।

ଶ୍ରୀଶ୍ରୀଠାକୁର– ମୋର ସର୍ବଦା ଇଚ୍ଛା ହୁଏ ଯେ, ଆପଣମାନେ ସବୁ କଥା ବାସ୍ତବଭାବରେ କରି ଜାଣିବେ, ବୁଝିବେ, ଶିଖିବେ, ପ୍ରତ୍ୟେକେ ଗୋଟାଏ ଗୋଟାଏ walking university (ଚଳମାନ ବିଶ୍ୱବିଦ୍ୟାଳୟ) ହୋଇଉଠନ୍ତୁ ।

> ଗୁରୁଙ୍କ ପୂଜା କରିଯା' ତୁ
> ନିଷ୍ଠାନିପୁଣ ଅନୁରାଗେ,
> କ୍ରମେହିଁ ଦେଖିବୁ ପ୍ରାଜ୍ଞରାଗେ
> ଉଠିବ ରେ ଜ୍ଞାନ ସୁ-ସଜାଗେ । ୭ ।
> *(ଅନୁଶ୍ରୁତି, ୭ମଖଣ୍ଡ, ପ୍ରଜ୍ଞା)*

## ବୈଶାଖ-୨୧, ମଙ୍ଗଳବାର, ବଂ୧୩୫୫
## (ଇଂ-ତା୦୪।୦୫।୧୯୪୮)

ଶ୍ରୀଶ୍ରୀଠାକୁର ପ୍ରାତଃକାଳରେ ଭକ୍ତବୃନ୍ଦ ପରିବେଷ୍ଟିତ ହୋଇ ବସିଛନ୍ତି । ଏଇ ସମୟରେ ଉମାଭାଇ (ବାଗ୍‌ଚୀ) ଆସିଲେ ।

ଶ୍ରୀଶ୍ରୀଠାକୁର ପଚାରିଲେ— ଛତା ସାଙ୍ଗରେ ରଖିବା କଥା । ଛତା କାହିଁ ?

ଉମାଭାଇ— ଏବେ ତ ଖରା ଟାଣ ହୋଇ ନାହିଁ, ତେଣୁ ଆସିଲା ବେଳେ ଛତା କଥା ମନେ ପଡ଼ି ନାହିଁ ।

ଏହା କହି ଉମାଭାଇ ପ୍ରଣାମ କରି ବସିବାକୁ ଯାଉଥିଲେ ।

ଶ୍ରୀଶ୍ରୀଠାକୁର ବାଧା ଦେଇ କହିଲେ— ଆଗେ ଘରୁ ଛତା ନେଇ ଆସି, ଭୁଲ୍‌ର ସଂଶୋଧନ କରି ତା'ପରେ ବସ । ନିଜକୁ ଏପରିଭାବେ ଶାସନ କରିବାକୁ ହେବ, ଯେପରି ଭୁଲ୍ ହୋଇ ନପାରେ । ନିର୍ମମଭାବେ ନିଜର ଦୋଷତ୍ରୁଟିଗୁଡ଼ିକୁ ଧରି ସେସବୁ ସୁଧାରିବାକୁ ହେବ । ଉମାଭାଇ ଶ୍ରୀଶ୍ରୀଠାକୁରଙ୍କ କଥା ଆଗ୍ରହରେ ଶୁଣି ଘରୁ ଛତା ଆଣିବାକୁ ଗଲେ ।

ପ୍ୟାରୀଭାଇ— ଆମେ ଅନେକ ସମୟରେ ନିଜ ନିଜର ଦୋଷ ନିଜେ ଧରି ପାରୁନା । ଆପଣ ଯେତେବେଳେ ଦୋଷ ଧରି ଦିଅନ୍ତି, ବା ଗାଳି ଦିଅନ୍ତି, ତା' ଭିତର ଦେଇ ଆପଣଙ୍କର ସ୍ନେହ-ମମତା ଝରି ପଡ଼େ । ଫଳରେ ମନରେ ଅନୁତାପ ହୁଏ, ଦୋଷ ସୁଧାରିବାକୁ ଇଚ୍ଛା କରେ । କିନ୍ତୁ ଅଧିକାଂଶ ଲୋକ ଏପରି ଖୁଞ୍ଚାମାରି, ମନରେ କଷ୍ଟ ଦେଇ, ମର୍ଯ୍ୟାଦାକୁ ଆଘାତ କରି, ଅପଦସ୍ଥ କରିବାର ମତଲବରେ ଦୋଷ ଦେଖାନ୍ତି ଯେ, ତା'ଦ୍ୱାରା ନିଜକୁ ସଂଶୋଧନ କରିବାର ଇଚ୍ଛା ତ ହୁଏନା, ବରଂ ଚପାଇ ରଖି ଓଲଟା ସେମାନଙ୍କୁ ଦୋଷର କଥା କହି ସେମାନଙ୍କର ମୁହଁ ବନ୍ଦ କରିଦେବାକୁ ଇଚ୍ଛା କରେ । ଅବଶ୍ୟ ସେଇପରି କରି ମଧ ଲାଭ ହୁଏନା । ଆସ୍ତେ ଆସ୍ତେ କଥା କଟାକଟି, ଝଗଡ଼ା-ଝଗଡ଼ି, ମନୋମାଳିନ୍ୟର ସୃଷ୍ଟି ହୁଏ । ତାହା କରି ମଧ ଅଶାନ୍ତି ହୁଏ ।

ଶ୍ରୀଶ୍ରୀଠାକୁର ହସିଦେଇ କହିଲେ— ନିଜର ପ୍ରକୃତ ସ୍ୱାର୍ଥଟା କ'ଣ, ତାହା ଭାବି ଦେଖିବାକୁ ହେବ । ଦୋଷମୁକ୍ତ ହେବାହିଁ ଆମର ପ୍ରକୃତ ସ୍ୱାର୍ଥ । କେହି ଦ୍ରୋହବୁଦ୍ଧିବଶତଃ ଯଦି ଆମର ଦୋଷ ଧରେ, ଏବଂ ସେ ଦୋଷ ଯଦି ଆମର ଥାଏ, ତା'ହେଲେ ତାହା ବିନୀତଭାବେ ସ୍ୱୀକାର କରିବା ଭଲ । ବୟୋବୃଦ୍ଧ, ଜ୍ଞାନବୃଦ୍ଧ, ବା ଗୁରୁଜନ କେହି ହେଲେ, ତା'କୁ ଆନ୍ତରିକତାର ସହିତ କହିବା ଭଲ— ମୋତେ ଆଶୀର୍ବାଦ କରିବେ ଯେପରି ମୁଁ ସବୁପ୍ରକାର ଦୋଷତ୍ରୁଟିରୁ ମୁକ୍ତ ହୋଇପାରେ । ଆପଣ ମୋର ଭୁଲ୍ ଧରାଇ ଦେଇ ମୋର ଉପକାର କରିଛନ୍ତି । 'ମୁଁ' ଚେଷ୍ଟା କରେ, କିନ୍ତୁ ସବୁବେଳେ ଖିଆଲ ନଥାଏ ।' କେହି ଆମର ଅହଂରେ ଆଘାତ ଦେବା ସତ୍ତ୍ୱେ ମଧ, ନ ରାଗି ଧୀରଭାବେ ଆମେ ଯଦି ଶୁଭଦାୟକ ବାକ୍ୟ, ବ୍ୟବହାର ନେଇ ଚଳୁ, ତା'ଦ୍ୱାରା ଉଭୟଙ୍କର ଭଲ ହୁଏ । ଆମେ ତ ଭଲହିଁ ଚାହୁଁ, ନା ଆଉ କିଛି ? ମଣିଷକୁ ଅସୁବିଧାରେ ପକାଇ, ଜବତ କରି ଯେଉଁମାନେ ନିଜ ଅକ୍ତିଆରକୁ ଆଣିବାକୁ ଚାହାଁନ୍ତି, ସେମାନେ ବେକୁବ, ଆଉ ଯେଉଁମାନେ ମଣିଷକୁ ସଦ୍‌ଭାବରେ ଖୁସି କରି ଆପଣାର କରି ତୋଳିବାକୁ ଚାହାଁନ୍ତି ସେଇମାନେହିଁ ପ୍ରକୃତ ବୁଦ୍ଧିମାନ । ମଣିଷର ମନଟାକୁ ତିକ୍ତ କରି ଦେଇ, ତା'କୁ ଆପଣାର କରାଯାଏନା ।

ପ୍ୟାରୀଭାଇ— ଯେଉଁଠାରେ ଆମର ଦୋଷ ନଥାଏ, ଅଥଚ ଅନ୍ୟଲୋକ ମିଥ୍ୟା ଦୋଷାରୋପ କରନ୍ତି, ସେଠାରେ କରଣୀୟ କ'ଣ ?

ଶ୍ରୀଶ୍ରୀଠାକୁର— ସେତେବେଳେ ମିଜାଜ ଠିକ୍ ରଖି କହିବାକୁ ହେବ,— ଆପଣ ଯେଉଁ ଅପରାଧର କଥା କହୁଛନ୍ତି— ମୁଁ ଜାଣତରେ ସେପରି କିଛି କରିଛି ବୋଲି ମନେହୁଏନା । ତେବେ ଆପଣଙ୍କର ଯେତେବେଳେ ଏଇପରି ମନେହେଉଛି, ନିଶ୍ଚୟ ତା'ର କୌଣସି ସଂଗତ କାରଣ ଅଛି, ଯାହା ମୁଁ ଜାଣେନା । ଯାହା ହେଉ ଏହି ଜାତୀୟ କୌଣସି ତ୍ରୁଟି ମୋର ଅଜ୍ଞାତସାରରେ ଓ ଅନିଚ୍ଛାକ୍ରମେ ଯଦି ହୋଇଥାଏ, ତାହା ଆପଣଙ୍କ ନିକଟରେ ଯେତିକି ଅନଭିପ୍ରେତ, ମୋ ନିକଟରେ ତତୋଧିକ ଅନଭିପ୍ରେତ । ଆପଣଙ୍କ ସଙ୍ଗେ ହୃଦ୍ୟ ସମ୍ପର୍କ ବଜାୟ ଅଛି, ତାହାହିଁ ମୁଁ ଚାହେଁ । ଏହାଦ୍ୱାରା ମୋଦ୍ୱାରା ଯଦି କୌଣସି ପ୍ରତିବନ୍ଧକ ସୃଷ୍ଟି ହୁଏ, ତାହା ମୋ ପାଇଁ ଚରମ ଦୁଃଖର ଓ ପରିତାପର ବିଷୟ । ଅସଲ କଥା, ବଦମିଜାଜର ବଶବର୍ତ୍ତୀ ହୋଇ କୌଣସି ଲୋକକୁ ଆମେ ଯେପରି ପର କରି ନଦେଉ, ଅଥଚ ମିଥ୍ୟା ଅପବାଦ ନିକଟରେ ଯେପରି ମୁଣ୍ଡ ନୁଆଁଇ ନ ଦେଉ । ଦରକାର unyielding, untussling, tactful behaviour (ନତିହୀନ, ବିରୋଧହୀନ, ସୁକୌଶଳପୂର୍ଣ୍ଣ ବ୍ୟବହାର) । ଆମେ

### କ୍ଷତ୍ରିୟବର୍ଣ୍ଣର ଶିକ୍ଷା-ବିଷୟ

କ୍ଷତ୍ରିୟମାନେ ଶିଖିବେ politics (ରାଜନୀତି), history (ଇତିହାସ), administrative affairs (ଶାସନ-ସଂରକ୍ଷଣ ଓ ପରିଚାଳନା ସଂକ୍ରାନ୍ତୀୟ କାର୍ଯ୍ୟାବଳୀ), diplomacy (କୂଟନୀତି), defence (ପ୍ରତିରକ୍ଷା), law (ଆଇନ), publicity and propaganda (ପ୍ରଚାର ବିଭାଗୀୟ କାର୍ଯ୍ୟ), military science (ସାମରିକ ବିଜ୍ଞାନ), in all aspects both theoretically and practically (ତତ୍ତ୍ୱର ଦିଗରୁ ଓ ବ୍ୟାବହାରିକ ଦିଗରୁ) ।

ଇଷ୍ଟବିରୋଧୀ, ନୀତିବିରୋଧୀ, କୌଣସିକିଛିର ପାଖରେ ନତିସ୍ୱୀକାର ନ କଲେ ମଧ୍ୟ ଇଷ୍ଟାନୁଗ ଯାହା, ସୁନୀତିସମ୍ମତ ଯାହା ତାହା କିନ୍ତୁ ସଦାସର୍ବଦା ମାନି ନେବା ପାଇଁ ରାଜୀ ରହିବା । ନିଜର ଦୋଷ ଥିଲେ, ତା'କୁ ଆମେ କଦାପି ସମର୍ଥନ କରିବା ନାହିଁ । ଅକପଟେ ସ୍ୱୀକାର କରିବା ।

ହୀନମନ୍ୟତା ସମ୍ବନ୍ଧରେ କଥା ଉଠିଲା ।

ଶ୍ରୀଶ୍ରୀଠାକୁର କହିଲେ— ନେତା ଯଦି inferiority complex (ହୀନମନ୍ୟସମ୍ପନ୍ନ) ମଣିଷ ହୁଏ, ତେବେ ତା'ର ମତଲବ ହେବ ମଣିଷ ଭିତରେ inferiority (ହୀନମନ୍ୟତା) ସୃଷ୍ଟି କରିବା । ତେଣୁ, ଆମେ ମଣିଷ ଭିତରେ ଅଯଥା ବୁଦ୍ଧିଭେଦ ଘଟାଉ । ଯେ ଯେଉଁ କାମ କରୁଛି, ସେଥିରୁ ତା'କୁ ବିଚ୍ୟୁତ କରି ଦେଇ ବ୍ୟର୍ଥତାର ସୃଷ୍ଟି କରିଦେଉ । ହାତ, ଗୋଡ଼, ପେଟ ଯଦି ହାତ, ଗୋଡ଼, ପେଟର କାମ ନ କରି ମୁଣ୍ଡର କାମ କରିବାକୁ ଚାହାଁନ୍ତି, ପୁଣି ମୁଣ୍ଡ ଯଦି ନିଜର ବଡ଼ପଣିଆରେ ମତ୍ତ ହୋଇ ହାତ, ଗୋଡ଼, ପେଟ ସଙ୍ଗେ ଅସହଯୋଗ କରେ, ତାହାହେଲେ ଏମାନଙ୍କ ମଧ୍ୟରେ କିଏ ବଞ୍ଚିବ, କୁହ ତ ? ବୈଶିଷ୍ଟ୍ୟ ରକ୍ଷା କରିବା, ନିଜର କର୍ତ୍ତବ୍ୟ ପାଳନ କରିବା, ପାରସ୍ପରିକତା ଓ ସାମଞ୍ଜସ୍ୟ ବଜାୟ ରଖିବା ଉପରେ ଆମେ ଆଜିକାଲି ଗୁରୁତ୍ୱ ଦେଉନା । କିଛି ଗୋଟାଏ ବାହାନା ପାଇଲେହିଁ ଆମେ ମଣିଷକୁ ମଣିଷ ବିରୁଦ୍ଧରେ ମତେଇ ଦେଉ । ବିପ୍ର, କ୍ଷତ୍ରିୟ ଠିକ୍‌ଭାବେ ନ ଚଳିଲେ ଓ ସମାଜ ପ୍ରତି ସେମାନଙ୍କର କର୍ତ୍ତବ୍ୟ ପାଳନ ନ କଲେ, ତାହା ଯେପରି ନିନ୍ଦନୀୟ, ବୈଶ୍ୟ-ଶୂଦ୍ର ଠିକ୍ ଭାବରେ ନ ଚଳିଲେ ଓ ସମାଜ ପ୍ରତି ଯାହା କରଣୀୟ ନ କଲେ, ତା' ମଧ୍ୟ ସେଇପରି ଦୋଷଣୀୟ ଓ କ୍ଷତିକାରକ । କିନ୍ତୁ ଏମାନଙ୍କୁ proper lead (ବିହିତ ନେତୃତ୍ୱ) ଦେବାର ଲୋକ କାହାନ୍ତି ? ଆଜିକାଲି ଆମେ ଶୂଦ୍ରକୁ, ବୈଶ୍ୟକୁ ସେମାନଙ୍କର normal activity (ସହଜାତ କର୍ମ) ଭିତର ଦେଇ becoming (ବିବର୍ଦ୍ଧନରେ)ରେ ନ ନେଇ ଦି'ଅକ୍ଷର ଲେଖାପଢ଼ା ଶିଖାଇ ସେମାନଙ୍କର ସହଜାତ କର୍ମକୁ ଘୃଣା କରିବାକୁ ଶିଖାଉ । ଏହାଦ୍ୱାରା ସେମାନେ କ'ଣ ପ୍ରକୃତପକ୍ଷେ ଲାଭବାନ ହୁଅନ୍ତି ? ଅସଲରେ ଆମ ଭିତରେ ଅଛି ହୀନମନ୍ୟତା, ତେଣୁ ବୈଶ୍ୟ-ଶୂଦ୍ରଙ୍କର କାମକୁ ଆମେ ଛୋଟ କାମ ବୋଲି ମନେକରୁ । କିନ୍ତୁ ସହଜାତ ବୈଶିଷ୍ଟ୍ୟ ଓ ଯୋଗ୍ୟତା ଅନୁଯାୟୀ ଯେ ଯେଉଁ କାମ କରୁ, ତା'ର ଗୋଟାଏ ବିଶେଷ ମର୍ଯ୍ୟାଦା ଅଛି । ମଣିଷକୁ ଶିକ୍ଷିତ କରିତୋଳିବା ମଧ୍ୟରେହିଁ ଅଛି, ତା'କୁ ତା'ର ନିଜର କରଣୀୟ ମର୍ଯ୍ୟାଦା ସମ୍ପର୍କରେ ସଜାଗ କରିତୋଳିବା । କୃଷିକାର୍ଯ୍ୟକୁ ହୀନକାର୍ଯ୍ୟ ବୋଲି ମନେକରି ଯଦି ଆମେ ତାହା ଅବହେଳା କରୁ, ତାହାହେଲେ ଭାବି ଦେଖ ତ— ଯେଉଁ ଦାନା ନ ହେଲେ ଆମର ପେଟ ଚାଲେନା, ସେ ଦାନାଟା ଆସିବ କେଉଁଠୁ ? ବର୍ଣ୍ଣବିଧାନ ହେଲା different groups of specialised instinct and occupation (ସହଜାତ ସଂସ୍କାର ଓ ବୃତ୍ତି ସମନ୍ୱିତ ବିଭିନ୍ନ ଗୁଚ୍ଛ) । ଏହାମଧ୍ୟରୁ କୌଣସି ବର୍ଣ୍ଣକୁ ଉପେକ୍ଷା କରାଯାଇ ପାରିବ ନାହିଁ । ପ୍ରତ୍ୟେକର ପ୍ରତ୍ୟେକଙ୍କୁ ପ୍ରୟୋଜନ । ଋଷି-ଆନୁଗତ୍ୟ ଓ ବର୍ଣ୍ଣବିଧାନ ଠିକ୍ ଥିଲେ ସମାଜରେ integration (ସଂହତି) ଅବ୍ୟାହତ ରହେ, material ଓ spiritual developmentର (ବୈଷୟିକ ଓ ଆଧ୍ୟାତ୍ମିକ ଉନ୍ନତି)ର balance (ସମତା) ବଜାୟ ରହେ, ଏବଂ ତାହା stable (ସ୍ଥାୟୀ) ହୁଏ ଏବଂ eugenic life

## ନିଜ ଦୋଷ ନିଜେ ସ୍ୱୀକାର କଲେ....!

ନିଜର ପ୍ରକୃତ ସ୍ୱାର୍ଥଟା କ'ଣ, ତାହା ଭାବି ଦେଖିବାକୁ ହେବ । ଦୋଷମୁକ୍ତ ହେବାହିଁ ଆମର ପ୍ରକୃତ ସ୍ୱାର୍ଥ । କେହି ଦ୍ରୋହବୁଦ୍ଧିବଶତଃ ଯଦି ଆମର ଦୋଷ ଧରେ, ଏବଂ ସେ ଦୋଷ ଯଦି ଆମର ଥାଏ, ତା'ହେଲେ ତାହା ବିନୀତଭାବେ ସ୍ୱୀକାର କରିବା ଭଲ । ବୟୋବୃଦ୍ଧ, ଜ୍ଞାନବୃଦ୍ଧ, ବା ଗୁରୁଜନ କେହି ହେଲେ, ତା'କୁ ଆନ୍ତରିକତାର ସହିତ କହିବା ଭଲ— ମୋତେ ଆଶୀର୍ବାଦ କରିବେ ଯେପରି ମୁଁ ସବୁପ୍ରକାର ଦୋଷତ୍ରୁଟିରୁ ମୁକ୍ତ ହୋଇପାରେ । ଆପଣ ମୋର ଭୁଲ୍ ଧରାଇ ଦେଇ ମୋର ଉପକାର କରିଛନ୍ତି । 'ମୁଁ ଚେଷ୍ଟା କରେ, କିନ୍ତୁ ସବୁବେଳେ ଖିଆଲ ନଥାଏ ।' କେହି ଆମର ଅହଂରେ ଆଘାତ ଦେବା ସତ୍ତ୍ୱେ ମଧ୍ୟ, ନ ରାଗି ଧୀରଭାବେ ଆମେ ଯଦି ଶୁଭଦାୟକ ବାକ୍ୟ, ବ୍ୟବହାର ନେଇ ଚଳୁ, ତା'ଦ୍ୱାରା ଉଭୟଙ୍କର ଭଲ ହୁଏ । ଆମେ ତ ଭଲହିଁ ଚାହୁଁ, ନା ଆଉ କିଛି ? ମଣିଷକୁ ଅସୁବିଧାରେ ପକାଇ, ଜବତ କରି ଯେଉଁମାନେ ନିଜ ଅକ୍ତିଆରକୁ ଆଣିବାକୁ ଚାହାଁନ୍ତି, ସେମାନେ ବେକୁବ, ଆଉ ଯେଉଁମାନେ ମଣିଷକୁ ସଦ୍‌ଭାବରେ ଖୁସି କରି ଆପଣାର କରି ତୋଳିବାକୁ ଚାହାଁନ୍ତି ସେଇମାନେହିଁ ପ୍ରକୃତ ବୁଦ୍ଧିମାନ । ମଣିଷର ମନଟାକୁ ତିକ୍ତ କରି ଦେଇ, ତା'କୁ ଆପଣାର କରାଯାଏନା ।

ବୋଧଦୀପନୀ ତତ୍‌ପରତାରେ
ଆଗେ ଜାଣି ନେ,
କରିବା-ଧରିବା ବୋଧରେ ମିଳାଇ
ତେବେ ତ ଜ୍ଞାନେ । ୯ ।

*(ଅନୁଶ୍ରୁତି, ୭ମଖଣ୍ଡ, ପ୍ରଜ୍ଞା)*

(ପ୍ରଜନନଗତ ଜୀବନ) undisturbed (ଅବାଧ) ଥାଏ । ଏଇ କେତେଟା ଜିନିଷ କିନ୍ତୁ ଏକାନ୍ତ ପ୍ରୟୋଜନ । Integration (ସଂହତି) ନଥିଲେ, ଏକାକୀ ଯେ ଯେତେ ବଡ଼ହିଁ ହେଉ, ସେ ବିଶେଷ କିଛି କରିପାରିବ ନାହିଁ । କାରଣ ମଣିଷର ଜୀବନ ଅତିବାହିତ ହୁଏ, ବୃହତ୍ତର ପରିବେଶର ପଟ୍ଟଭୂମିରେ, ସେଇ ପରିବେଶ ସହିତ ଯଦି ତା'ର ସମ୍ପର୍କ ସାପ-ନେଉଳ ପରି ହୁଏ, ତା'ହେଲେ ନିଜକୁ ଅକ୍ଷତ ରଖିବା ତା' ପକ୍ଷେ କଷ୍ଟକର ହୋଇପଡ଼େ । ପୁଣି ଜଣକର material development (ବୈଷୟିକ ଉନ୍ନତି) ଯଦି ଅତ୍ୟଧିକ ହୋଇଯାଏ ଅଥଚ spiritual development (ଆତ୍ମିକ ଉନ୍ନତି) ତଦନୁପାତିକ ନହୁଏ, ତା'ହେଲେ egoistic, whimsical, blundering move (ଅହଂମତ୍ତ, ଖାମଖିଆଲରେ ପ୍ରମାଦପୂର୍ଣ୍ଣ ଚଳନ) ତା'କୁ ଗ୍ରାସ କରି ବସେ ପ୍ରାୟଃହିଁ ଏବଂ ତଦ୍ଦ୍ୱାରା ତା'ର ନରକର ପଥହିଁ ପ୍ରଶସ୍ତ ହୋଇଯାଏ । ପୁଣି material development (ବୈଷୟିକ ଉନ୍ନତି)କୁ ignore (ଉପେକ୍ଷା) କରି । ଯେଉଁମାନେ କେବଳ onesided spiritual development (ଏକବାଗିଆ ଆତ୍ମିକ ଉନ୍ନତି) ପ୍ରତି ଝୁଙ୍କି ପଡ଼ନ୍ତି, ସେମାନଙ୍କର ଅସ୍ତିତ୍ୱ ରକ୍ଷା କରିବା କଷ୍ଟକର ହୋଇଉଠେ । ଏହା ବ୍ୟକ୍ତିର ପକ୍ଷରେ ଯେପରି ସତ୍ୟ, ଜାତିର ପକ୍ଷରେ ମଧ୍ୟ ସେଇପରି ସତ୍ୟ ଏବଂ eugenic dislocation (ପ୍ରଜନନଗତ ବିଭ୍ରାଟ) ହେଲେ ତ ଉନ୍ନତି ମୂଳପୋଛ ହୋଇଯାଏ । ଏଇପରି ଅପରିହାର୍ଯ୍ୟ ଯେଉଁ ଋଷି-ଅନୁଗତ ବର୍ଣ୍ଣାଶ୍ରମ ତାହା ଆମେ ଆଜି ଭାଙ୍ଗିଦେବାକୁ ବସିଛୁ । ଆଜି ଉଚ୍ଚକୁ ନୀଚ କରିବାର ଚେଷ୍ଟା କରୁଛୁ । ପ୍ରତିଲୋମର ପ୍ରଶ୍ରୟ ଦେଉଛୁ, profitable gene (ଲାଭଜନକ ଜନି)ଗୁଡ଼ିକୁ ଚରିକାଳ ପାଇଁ ନଷ୍ଟ କରି ପକାଉଛୁ । ତେଣୁ ଦେଶରେ ଗୋଟାଏ ମଣିଷ ମିଳୁ ନାହିଁ, ଏଇ ଦୁର୍ଦ୍ଦିନରେ ସବୁ ଦିଗରୁ ସମ୍ଭାଳି ନେଇପାରେ, ଏପରି ଗୋଟାଏ leader (ନେତା) ଆଜି ନାହିଁ । ବୁଦ୍ଧିଭେଦ ଘଟାଇ ଜନତାକୁ ବ୍ୟାହତ କରୁଛୁ । କୌଣସି ଲୋକହିଁ ଉପକୃତ ହେଉ ନାହାଁନ୍ତି, ସମାଜ ମଧ୍ୟ ଧ୍ୱଂସ ପଥରେ ଚାଲିଛି । କ'ଣ ଯେ କରି ବସିଲୁ । ଆଜି ଭଲ କୁକୁର, ଗୋରୁ, ଘୋଡ଼ା କରିବା ପାଇଁ ଆମର ଯେତେଟା ଦରଦ ଅଛି, ଭଲ ମଣିଷ ସୃଷ୍ଟି ପାଇଁ ସେତେଟା ଚିନ୍ତା ନାହିଁ ।

ଜଣେ ଭାଇ କହିଲେ— ହାଉଜରମ୍ୟାନଭାଇର ମା'ଙ୍କଠାରୁ ଶୁଣିଛି, ଝିଅମାନଙ୍କୁ ନୀଚ ଘରେ ବିବାହ ଦେବା, ସେ ଦେଶରେ ମଧ୍ୟ ପସନ୍ଦ କରନ୍ତି ନାହିଁ ।

ହାଉଜରମ୍ୟାନଭାଇ— ଆମ ଦେଶରେ a woman marrying beneath her (ନାରୀର ନିମ୍ନସ୍ତରେ ବିବାହ)କୁ କୁହନ୍ତି slur (କଳଙ୍କ) କିନ୍ତୁ a man marrying beneath him (ପୁରୁଷର ନୀଚଘରେ ବିବାହ) ପାଇଁ କୌଣସି censure (ନିନ୍ଦା) ନାହିଁ ।

ଶ୍ରୀଶ୍ରୀଠାକୁର ଏକଥା ଶୁଣି ପ୍ରସନ୍ନ ମନରେ ଟିକିଏ ହସିଲେ ।

ପ୍ରଫୁଲ୍ଲ— ଛାତ୍ରମାନଙ୍କର ଶିକ୍ଷା ଗୋଟାଏ ସ୍ତର ପର୍ଯ୍ୟନ୍ତ ଏକପ୍ରକାର ରଖି, ତା'ପରେ ତ ବର୍ଣ୍ଣାନୁପାତିକ ପୃଥକ୍ କରିବା ଉଚିତ୍ । ଗୋଟାଏ ଶିକ୍ଷା ପ୍ରତିଷ୍ଠାନରେ ବିଭିନ୍ନ ବିଭାଗ ରହିବା ଉଚିତ୍, ଯେପରିକି ବିଭିନ୍ନ ବର୍ଣ୍ଣର ଛାତ୍ରଙ୍କୁ ସ୍ୱ-ସ୍ୱ ବର୍ଣ୍ଣାନୁଗ ବୈଶିଷ୍ଟ୍ୟ ଅନୁଯାୟୀ ଶିକ୍ଷିତ ଓ ସୁପଟୁ କରି ତୋଳାଯାଏ ।

ଯୋଗେନଭାଇ (ହାଲଦାର)— ତା' କାହିଁକି ? ସମସ୍ତେ ତ ସବୁକିଛି ଶିଖିବେ । ଏବଂ ସେସବୁ ସେମାନେ apply (ପ୍ରୟୋଗ) କରିବେ ସ୍ୱ-ସ୍ୱ ବୈଶିଷ୍ଟ୍ୟ ଅନୁଯାୟୀ ।

ଶ୍ରୀଶ୍ରୀଠାକୁର— ଧର, matric (ପ୍ରବେଶିକା) ପର୍ଯ୍ୟନ୍ତ ସମସ୍ତଙ୍କର education (ଶିକ୍ଷା) common (ଏକପ୍ରକାର) ରହିଲା । ତା'ପରେ all the philosophies, sciences and arts (ସମସ୍ତ ଦର୍ଶନ, ବିଜ୍ଞାନ ଓ କଳା) subject (ବିଷୟବସ୍ତୁ) ହେଲା ବିପ୍ରମାନଙ୍କର । ସେମାନେ physics (ପଦାର୍ଥ ବିଜ୍ଞାନ), chemistry (ରସାୟନ-ଶାସ୍ତ୍ର), mathematics (ଗଣିତ), biology (ଜୀବବିଜ୍ଞାନ), genetics (ପ୍ରଜନନ ବିଜ୍ଞାନ), art

## ବୈଷୟିକ ଉନ୍ନତି ଓ ଅଧ୍ୟାତ୍ମିକ ଉନ୍ନତି

material development (ବୈଷୟିକ ଉନ୍ନତି)କୁ ignore (ଉପେକ୍ଷା) କରି । ଯେଉଁମାନେ କେବଳ onesided spiritual development (ଏକବାଗିଆ ଆତ୍ମିକ ଉନ୍ନତି) ପ୍ରତି ଝୁଙ୍କି ପଡ଼ନ୍ତି, ସେମାନଙ୍କର ଅସ୍ତିତ୍ୱ ରକ୍ଷା କରିବା କଷ୍ଟକର ହୋଇଉଠେ । ଏହା ବ୍ୟକ୍ତିର ପକ୍ଷରେ ଯେପରି ସତ୍ୟ, ଜାତିର ପକ୍ଷରେ ମଧ୍ୟ ସେଇପରି ସତ୍ୟ ଏବଂ eugenic dislocation (ପ୍ରଜନନଗତ ବିଭ୍ରାଟ) ହେଲେ ତ ଉନ୍ନତି ମୂଳପୋଛ ହୋଇଯାଏ । ଏଇପରି ଅପରିହାର୍ଯ୍ୟ ଯେଉଁ ଋଷି-ଅନୁଗତ ବର୍ଣ୍ଣାଶ୍ରମ ତାହା ଆମେ ଆଜି ଭାଙ୍ଗିଦେବାକୁ ବସିଛୁ । ଆଜି ଉଚ୍ଚକୁ ନୀଚ କରିବାର ଚେଷ୍ଟା କରୁଛୁ । ପ୍ରତିଲୋମର ପ୍ରଶ୍ରୟ ଦେଉଛୁ, profitable gene (ଲାଭଜନକ ଜନି)ଗୁଡ଼ିକୁ ଚରିକାଳ ପାଇଁ ନଷ୍ଟ କରି ପକାଉଛୁ । ତେଣୁ ଦେଶରେ ଗୋଟାଏ ମଣିଷ ମିଳୁ ନାହିଁ, ଏଇ ଦୁର୍ଦ୍ଦିନରେ ସବୁ ଦିଗରୁ ସମ୍ଭାଳି ନେଇପାରେ, ଏପରି ଗୋଟାଏ leader (ନେତା) ଆଜି ନାହିଁ । ବୁଦ୍ଧିଭେଦ ଘଟାଇ ଜନତାକୁ ବ୍ୟାହତ କରୁଛୁ । କୌଣସି ଲୋକହିଁ ଉପକୃତ ହେଉ ନାହାଁନ୍ତି, ସମାଜ ମଧ୍ୟ ଧ୍ୱଂସ ପଥରେ ଚାଲିଛି । କ'ଣ ଯେ କରି ବସିଲୁ । ଆଜି ଭଲ କୁକୁର, ଗୋରୁ, ଘୋଡ଼ା କରିବା ପାଇଁ ଆମର ଯେତେଟା ଦରଦ ଅଛି, ଭଲ ମଣିଷ ସୃଷ୍ଟି ପାଇଁ ସେତେଟା ଚିନ୍ତା ନାହିଁ ।

(କଳା), literature (ସାହିତ୍ୟ), culture (କୃଷ୍ଟି), psychology (ମନୋବିଜ୍ଞାନ), medicine (ଚିକିତ୍ସା ବିଜ୍ଞାନ), philosophy (ଦର୍ଶନ), theology (ଧର୍ମତତ୍ତ୍ୱ) ଇତ୍ୟାଦି ବିଷୟଗୁଡ଼ିକର theoretical ଓ practical side (ତାତ୍ତ୍ୱିକ ଓ ବାସ୍ତବ ଦିଗ) ସମ୍ବନ୍ଧରେ ଏପରି thorough knowledge (ପୂରାଜ୍ଞାନ) acquire (ଅର୍ଜନ) କରିବେ, ଯେପରିକି ସେମାନେ ସମସ୍ତଙ୍କୁ finer and finer progressive service (ସୂକ୍ଷ୍ମରୁ ସୂକ୍ଷ୍ମତର ପ୍ରଗତିଶୀଳ ସେବା) ଦେବା ଓ ନାନାଭାବେ ପୂରଣ କରିବାର ବ୍ୟାପାରରେ active efficiency (ସକ୍ରିୟ ଦକ୍ଷତାରେ) ଉନ୍ନୀତ ହୋଇଉଠନ୍ତି । ଅନ୍ୟ ସମସ୍ତ ବର୍ଣ୍ଣକୁ ଭଲ ରୂପେ ସେବା ଓ ପୋଷଣ ଦେବା ପାଇଁ, ବିପ୍ର ସବୁ ବର୍ଣ୍ଣର କାର୍ଯ୍ୟ ଶିଖିବେ, ସବୁ ବର୍ଣ୍ଣର କାର୍ଯ୍ୟ କରି ପାରିବେ କିନ୍ତୁ ତାହା କେବଳ ଶିକ୍ଷଦାନ ହିସାବରେ, ଜୀବିକା ହିସାବରେ ନୁହେଁ । ସେ ଚର୍ମକାରକୁ ଜୋତାସିଲାଇର କାମ ଶିଖାଇପାରେ, କିନ୍ତୁ ଜୋତ ସିଲାଇ କାର୍ଯ୍ୟକୁ ସେ profession (ବୃତ୍ତି) ହିସାବରେ ନେଇ ପାରେନା । କ୍ଷତ୍ରିୟମାନେ ଶିଖିବେ politics (ରାଜନୀତି), history (ଇତିହାସ), administrative affairs (ଶାସନ-ସଂରକ୍ଷଣ ଓ ପରିଚାଳନା ସଂକ୍ରାନ୍ତୀୟ କାର୍ଯ୍ୟାବଳୀ), diplomacy (କୂଟନୀତି), defence (ପ୍ରତିରକ୍ଷା), law (ଆଇନ), publicity and propaganda (ପ୍ରଚାର ବିଭାଗୀୟ କାର୍ଯ୍ୟ), military science (ସାମରିକ ବିଜ୍ଞାନ), in all aspects both theoretically and practically (ତତ୍ତ୍ୱର ଦିଗରୁ ଓ ବ୍ୟାବହାରିକ ଦିଗରୁ) । ବୈଶ୍ୟମାନେ agriculture (କୃଷି), industry (ଶିଳ୍ପ), economics (ଅର୍ଥନୀତି), engineering and technology (ଯନ୍ତ୍ରବିଦ୍ୟା ଓ କାରିଗରିବିଦ୍ୟା), crafts (ଶିଳ୍ପବିଦ୍ୟା), commerce (ବାଣିଜ୍ୟ), trade (ବ୍ୟବସାୟ), transport (ପରିବହନ), accountancy and audit (ହିସାବରକ୍ଷା ଓ ସମୀକ୍ଷା), irrigation (ଜଳସେଚନ), fertiliser production (ସାର ଉତ୍ପାଦନ), geography (ଭୂଗୋଳ), botany (ଉଦ୍ଭିଦ ବିଦ୍ୟା), nurture and improvement (ପଶୁ ପ୍ରଜନନର ପ୍ରାୟୋଗିକ ଜ୍ଞାନ ସହ ପଶୁପାଳନ ଓ ପଶୁର ଉନ୍ନତି ବିଧାନ) ଇତ୍ୟାଦି ସମ୍ବନ୍ଧରେ ସର୍ବପ୍ରକାର କାର୍ଯ୍ୟକାରୀ ଅଭିଜ୍ଞତା ଓ ଜ୍ଞାନ ଅର୍ଜନ କରିବେ, ଯେପରିକି, ଦେଶର ଅର୍ଥନୈତିକ ଜୀବନ କ୍ରମଶଃ ସମୃଦ୍ଧ ହୋଇଉଠିବ । ଶୂଦ୍ରର ଶିକ୍ଷଣୀୟ ବିଷୟ ହେଲା ବାସ୍ତବ ଭାବରେ ବିଭିନ୍ନ ବର୍ଣ୍ଣକୁ ବିଭିନ୍ନ କାର୍ଯ୍ୟରେ ସକ୍ରିୟଭାବେ ସେବା, ପରିଚର୍ଯ୍ୟା ଓ ସାହାଯ୍ୟ କରିବା । ଏଇସବୁ ବିଷୟରେ ଯେପରି ସେମାନେ ସୁପଟୁ ହୋଇଉଠନ୍ତି, ସେଥିପାଇଁ ସେମାନଙ୍କୁ ସଙ୍ଗରେ ରଖି ପ୍ରୟୋଜନୀୟ କାର୍ଯ୍ୟ କରାଇ ନେବାକୁ ହେବ । କରିବା ଭିତରେ ସେଇ ବିଷୟ ସମ୍ବନ୍ଧୀୟ theory (ତତ୍ତ୍ୱ), ଯେପରି ଯେତେଟା ସେମାନଙ୍କ ମୁଣ୍ଡରେ ପଶେ, ସେଇପରି ବୁଝାଇ ଦେବାକୁ ହେବ । ଅନ୍ୟାନ୍ୟ ବର୍ଣ୍ଣର ଶିକ୍ଷା ବ୍ୟାପାରରେ ଲକ୍ଷ୍ୟ ରଖିବାକୁ ହେବ ଯେପରି ସେମାନେ physical labour (କାୟିକ ଶ୍ରମ)କୁ ignore (ଉପେକ୍ଷା) ନ କରନ୍ତି । ଆମ ଦେଶରେ intellectual culture (ବୌଦ୍ଧିକ ଅନୁଶୀଳନ)କୁ ପ୍ରାଧାନ୍ୟ ଦେବାକୁ ଯାଇଁ ଉଚ୍ଚବର୍ଣ୍ଣର physical efficiency (ଶାରୀରିକ ପଟୁତା) କମି ଯାଇଛି । ଏହା ଜାତିର ଉନ୍ନତି ପକ୍ଷରେ ଗୋଟାଏ ଅନ୍ତରାୟ ସ୍ୱରୂପ ହୋଇଉଠିଛି । ପୁଣି physical unfitness (ଶାରୀରିକ ଅପଟୁତା)ରୁ ଗୋଟାଏ wrong psychology ଓ false sense of prestige (ଭ୍ରାନ୍ତ ମନୋବିଜ୍ଞାନ ଓ ଭ୍ରାନ୍ତ ଆତ୍ମମର୍ଯ୍ୟାଦାବୋଧ) ଜାତି ମଧରେ ବସା ବାନ୍ଧିଛି, ଯାହାଯୋଗୁଁ dignity of labour (ଶ୍ରମର ମହତ୍ତ୍ୱ) ସମ୍ବନ୍ଧରେ ଆସେ

## ବର୍ଣ୍ଣ-ବିଧାନ

ବର୍ଣ୍ଣବିଧାନ ହେଲା different groups of specialised instinct and occupation (ସହଜାତ ସଂସ୍କାର ଓ ବୃତ୍ତି ସମନ୍ୱିତ ବିଭିନ୍ନ ଗୁଚ୍ଛ) । ଏହାମଧରୁ କୌଣସି ବର୍ଣ୍ଣକୁ ଉପେକ୍ଷା କରାଯାଇ ପାରିବ ନାହିଁ । ପ୍ରତ୍ୟେକର ପ୍ରତ୍ୟେକଙ୍କୁ ପ୍ରୟୋଜନ । ଋଷି-ଆନୁଗତ୍ୟ ଓ ବର୍ଣ୍ଣବିଧାନ ଠିକ୍ ଥିଲେ ସମାଜରେ integration (ସଂହତି) ଅବ୍ୟାହତ ରହେ, material ଓ spiritual developmentର (ବୈଷୟିକ ଓ ଆଧ୍ୟାତ୍ମିକ ଉନ୍ନତି)ର balance (ସମତା) ବଜାୟ ରହେ, ଏବଂ ତାହା stable (ସ୍ଥାୟୀ) ହୁଏ ଏବଂ eugenic life (ପ୍ରଜନନଗତ ଜୀବନ) undisturbed (ଅବାଧ) ଥାଏ । ଏଇ କେତେଟା ଜିନିଷ କିନ୍ତୁ ଏକାନ୍ତ ପ୍ରୟୋଜନ । Integration (ସଂହତି) ନଥିଲେ, ଏକାକୀ ଯେ ଯେତେ ବଡ଼ହିଁ ହେଉ, ସେ ବିଶେଷ କିଛି କରିପାରିବ ନାହିଁ । କାରଣ ମଣିଷର ଜୀବନ ଅତିବାହିତ ହୁଏ, ବୃହତ୍ତର ପରିବେଶର ପଟ୍ଟଭୂମିରେ, ସେଇ ପରିବେଶ ସହିତ ଯଦି ତା'ର ସମ୍ପର୍କ ସାପ-ନେଉଳ ପରି ହୁଏ, ତା'ହେଲେ ନିଜକୁ ଅକ୍ଷତ ରଖିବା ତା' ପକ୍ଷେ କଷ୍ଟକର ହୋଇପଡ଼େ । ପୁଣି ଜଣକର material development (ବୈଷୟିକ ଉନ୍ନତି) ଯଦି ଅତ୍ୟଧିକ ହୋଇଯାଏ ଅଥଚ spiritual development (ଆତ୍ମିକ ଉନ୍ନତି) ତଦନୁପାତିକ ନହୁଏ, ତା'ହେଲେ egoistic, whimsical, blundering move (ଅହଂମତ୍ତ, ଖାମଖିଆଲରେ ପ୍ରମାଦପୂର୍ଣ୍ଣ ଚଳନ) ତା'କୁ ଗ୍ରାସ କରି ବସେ ପ୍ରାୟଃହିଁ ଏବଂ ତଦ୍ଦ୍ୱାରା ତା'ର ନରକର ପଥହିଁ ପ୍ରଶସ୍ତ ହୋଇଯାଏ ।

## ବିପ୍ରବର୍ଣ୍ଣର ଶିକ୍ଷା-ବିଷୟ

all the philosophies, sciences and arts (ସମସ୍ତ ଦର୍ଶନ, ବିଜ୍ଞାନ ଓ କଳା) subject (ବିଷୟବସ୍ତୁ) ହେଲା ବିପ୍ରମାନଙ୍କର । ସେମାନେ physics (ପଦାର୍ଥ ବିଜ୍ଞାନ), chemistry (ରସାୟନ-ଶାସ୍ତ୍ର), mathematics (ଗଣିତ), biology (ଜୀବବିଜ୍ଞାନ), genetics (ପ୍ରଜନନ ବିଜ୍ଞାନ), art (କଳା), literature (ସାହିତ୍ୟ), culture (କୃଷ୍ଟି), psychology (ମନୋବିଜ୍ଞାନ), medicine (ଚିକିତ୍ସା ବିଜ୍ଞାନ), philosophy (ଦର୍ଶନ), theology (ଧର୍ମତତ୍ତ୍ୱ) ଇତ୍ୟାଦି ବିଷୟଗୁଡ଼ିକର theoretical ଓ practical side (ତାତ୍ତ୍ୱିକ ଓ ବାସ୍ତବ ଦିଗ) ସମ୍ବନ୍ଧରେ ଏପରି thorough knowledge (ପୁରାଜ୍ଞାନ) acquire (ଅର୍ଜନ) କରିବେ, ଯେପରିକି ସେମାନେ ସମସ୍ତଙ୍କୁ finer and finer progressive service (ସୂକ୍ଷ୍ମରୁ ସୂକ୍ଷ୍ମତର ପ୍ରଗତିଶୀଳ ସେବା) ଦେବା ଓ ନାନାଭାବେ ପୂରଣ କରିବାର ବ୍ୟାପାରରେ active efficiency (ସକ୍ରିୟ ଦକ୍ଷତାରେ) ଉନ୍ନୀତ ହୋଇଉଠନ୍ତି । ଅନ୍ୟ ସମସ୍ତ ବର୍ଣ୍ଣଙ୍କୁ ଭଲ ରୂପେ ସେବା ଓ ପୋଷଣ ଦେବା ପାଇଁ, ବିପ୍ର ସବୁ ବର୍ଣ୍ଣର କାର୍ଯ୍ୟ ଶିଖିବେ, ସବୁ ବର୍ଣ୍ଣର କାର୍ଯ୍ୟ କରି ପାରିବେ କିନ୍ତୁ ତାହା କେବଳ ଶିକ୍ଷଦାନ ହିସାବରେ, ଜୀବିକା ହିସାବରେ ନୁହେଁ । ସେ ଚର୍ମକାରକୁ ଜୋତାସିଲାଇର କାମ ଶିଖାଇପାରେ, କିନ୍ତୁ ଜୋତ ସିଲାଇ କାର୍ଯ୍ୟକୁ ସେ profession (ବୃତ୍ତି) ହିସାବରେ ନେଇ ପାରେନା ।

ସଚେତନ ହୋଇ ପାରିନୁ । ଏଇ ଶ୍ରମବିମୁଖତା ଯୋଗୁଁ unemployment problem (ବେକାର ସମସ୍ୟା) ଆଜି ଏତେ acute (ଉତ୍କଟ) ହୋଇଉଠିଛି । ପୁଣି ପ୍ରତ୍ୟେକ ମାତୃଭାଷା ଓ ତତ୍‌ସଙ୍ଗେ ସଙ୍ଗେ ଅନ୍ୟ ଯେତେ ଭାଷା ଶିଖନ୍ତି ସେତେହିଁ ଭଲ । ବିଶୁଦ୍ଧ ମୌଳିକ ଚିନ୍ତା ଓ ଯଥାଯଥ ମୌଳିକ ପ୍ରକାଶ-କ୍ଷମତା ଉପରେ ଜୋର ଦେବାକୁ ହେବ । ସେଥିରେ ମଣିଷର ବ୍ୟକ୍ତିତ୍ୱ ବୃଦ୍ଧି ପାଇବ ।

ଯୋଗେନଭାଇ— ଏ ବିଷୟରେ ଆମର ଆଉ କ'ଣ କରଣୀୟ ଅଛି ?

ଶ୍ରୀଶ୍ରୀଠାକୁର— ସମାଜ ସେବା ପାଇଁ ପ୍ରତ୍ୟେକେ ନିଜ ନିଜର ସହଜାତ-ସଂସ୍କାର ଅନୁଯାୟୀ thorough training (ପକା ତାଲିକା) ନେବେ । ପ୍ରତ୍ୟେକଙ୍କୁ ଏ ବିଷୟରେ efficient ଓ active (ଦକ୍ଷ ଓ ସକ୍ରିୟ) କରି ତୋଳିବାକୁ ହେବ । ତେଣୁ, ପ୍ରତ୍ୟେକ ବର୍ଣ୍ଣର ପିଲାମାନେ ନିଜ ନିଜର affair (କାର୍ଯ୍ୟ) ଭଲ କରି କରିବା ପାଇଁ, ସଂଶ୍ଲିଷ୍ଟ ଅନ୍ୟ ଯାବତୀୟ subject (ବିଷୟ) ଯେତେଟା ପ୍ରୟୋଜନ ଏଇ basic channel (ମୂଳ ଧାରା)ର ଭିତର ଦେଇ ଶିଖିବେ । All the sub-sections that help the instinctive profession (ଅନ୍ୟାୟ ଗୌଣ ବିଭାଗ ଓ ବିଷୟ, ଯେଗୁଡ଼ିକ ସହଜାତ ବୃତ୍ତିକୁ ସାହାଯ୍ୟ କରେ) details (ବିଶଦଭାବେ) ଶିଖିବାକୁ ହେବ । ସେଇଥିପାଇଁ ଦରକାର ଆଦର୍ଶକୁ ସଞ୍ଚାରିତ କରିବା— ଦୀକ୍ଷା, ଯଜନ, ଯାଜନ ଓ ଇଷ୍ଟଭୃତିକୁ ଆଉରି ବ୍ୟାପକ କରିତୋଳିବାକୁ । ଏହା କରିପାରିଲେ ଗୋଟାଏ education (ଶିକ୍ଷାର) climate (ପରିବେଶ) ସୃଷ୍ଟି ହେବ । ଆଉ ଗୋଟାଏ କଥା— ନବଶାୟକଙ୍କର କାର୍ଯ୍ୟଗୁଡ଼ିକ ଯେପରି ଠିକ୍ ଥାଏ । ଏମାନଙ୍କର ପ୍ରତ୍ୟେକଟା group (ଶ୍ରେଣୀ)ର specific (ବିଶେଷ) ବୃତ୍ତି ଅଛି । ତାହା ଯେପରି ନ ଭାଙ୍ଗେ । ଯେଉଁମାନେ honestly ଓ efficiently (ସଭାବେ ଓ ଦକ୍ଷତାର ସହିତ) ସ୍ୱାଧୀନ ଓ ସହଜାତ ବୃତ୍ତି ଅନୁସରଣ କରି ଚାଲନ୍ତି ସେମାନଙ୍କ ମଧ୍ୟରେ କିଛି କିଛି ଭଲ trait (ଗୁଣ) ତାଜା ଥାଏ, ଗୋଲାମୀ କଲେ ମନୁଷ୍ୟତ୍ୱର ଅନେକ ମାନ-ସମ୍ମାନ ଏଇ କଣା (ଗୋଲାମୀ) ଦେଇ ବାହାରିଯାଏ । ଆପଣମାନେ ଅନେକେ allowance (ଭତ୍ତା) ନିଅନ୍ତି, ତାହା ମୋର ଭଲ ଲାଗେନା । ବନ୍ଧା (ନିର୍ଦ୍ଧାରିତ) ମାସିକ ଭତ୍ତା ନେଇ ଚାକିରିଆ ମନୋବୃତ୍ତି ହୋଇଯାଏ । ଏହାଦ୍ୱାରା ଆପଣମାନଙ୍କର ଅନେକ ପ୍ରକାର କ୍ଷତି ହୋଇଯାଏ, ସେ କ୍ଷତିର ତୁଳନା ହୁଏନା । ଆଉ ଆପଣମାନଙ୍କର କ୍ଷତି ହେଲେ ତାହା ମୋରହିଁ କ୍ଷତି । ମୁଁ ଭାବେ ଆପଣମାନେ ଯେଉଁମାନେ ଋତ୍ୱିକ୍ କେବେ ଋତ୍ୱିକୀ ଉପରେ ଆତ୍ମନିର୍ଭରଶୀଳ ହେବେ, ଏବଂ ପ୍ରତ୍ୟେକେ ନିଜ ନିଜର ସଂସାର ଭଲଭାବରେ ଚଳାଇ ଆଉରି ଦଶ'ଟା ସଂସାର ଚଳାଇବାର ଦାୟିତ୍ୱ ନେବେ ? ଜାଣିବେ, ଆପଣମାନଙ୍କର ଲୋକ-ପାଳନ ନିଶା ଓ ଅଭ୍ୟାସ ପ୍ରବଳ ନ ହୋଇ ଉଠିଲେ ଆପଣମାନେ ନିଜେହିଁ ଛୋଟ ହୋଇଯିବେ । ହୁଏତ ଟଙ୍କା ପାଇଁ ଯେଉଁଠି ସେଠି ହାତ ପତାଇବେ । ଭାବିଲେହିଁ କଷ୍ଟ ଲାଗେ ।

କାଳିଷଷ୍ଠୀମା' ଆସୁ ଆସୁ ଶ୍ରୀଶ୍ରୀଠାକୁର ହସହସ ମୁହଁରେ କହିଲେ— ତୁ କୁଆଡ଼େ ଯାଉଛୁ ? ଏଠି ବସି ରହି ପାରୁନା ?

କାଳିଷଷ୍ଠୀମା' ନିଜସ୍ୱ ଭଙ୍ଗୀରେ ଓଠକୁ ଲମ୍ବାଇ କହିଲେ— ମୁଁ କ'ଣ ସେଇ କପାଳ ନେଇ ଆସିଛି ଯେ ଆପଣଙ୍କ ପାଖରେ ବସି ରହିବି ? ମନ ଚାହିଁଲେ ତ ମଧ୍ୟ ପାରେନା ।

ଶ୍ରୀଶ୍ରୀଠାକୁର ରହସ୍ୟମୟ ଭଙ୍ଗୀରେ ମୁଣ୍ଡଟି ହଲାଇ ହଲାଇ ପ୍ରୀତି-ମଧୁର କଣ୍ଠରେ କହିଲେ— ହୁଁ ।

ଶୁଧୁହିଁ ମୁହଁର ହାଇ
ତୁମରି ପାଇଁ ପରାଣ କାନ୍ଦେ

ଦେବାକୁ କିଛି ନାହିଁ ।

ଗୁରୁଗମ୍ଭୀର ପରିବେଶଟା ସହସା ସହଜ, ହାଲ୍କା ଓ ହାସ୍ୟରସମୁଖର ହୋଇଉଠିଲା । ଶ୍ରୀଶ୍ରୀଠାକୁରଙ୍କ ଶ୍ରୀମୁଖମଣ୍ଡଳରେ ମଧୁର ହସର ଢ଼େଉ ଖେଳି ଯାଉଛି, ଆଉ ତତ୍‌ସଙ୍ଗେ ସଙ୍ଗେ ସମବେତ ସମସ୍ତେ ମୃଦୁମୃଦୁ ହସୁଛନ୍ତି ।

## ବୈଶାଖ-୨୨, ବୁଧବାର, ବଂ୧୩୫୫ (ଇଂ-ତା୦୫।୦୫।୧୯୪୮)

ପ୍ରାତଃକାଳରେ ଶ୍ରୀଶ୍ରୀଠାକୁର ବଡ଼ାଲବଙ୍ଗଳାର ବାରଣ୍ଡାରେ ପ୍ରଫୁଲ୍ଲଭାଇ (ଚାଟାର୍ଜ୍ଜୀ), ହରେନଭାଇ (ବସୁ), ଗୋପେନଭାଇ (ରାୟ), ସୁରେନଭାଇ (ବିଶ୍ୱାସ) ପ୍ରଭୃତିଙ୍କ ସଙ୍ଗେ ନାନା ବିଷୟରେ ଗଭୀର ଉଦ୍ଦୀପନାପୂର୍ଣ୍ଣ ଆଳାପ-ଆଲୋଚନା କରୁଛନ୍ତି ।

ପ୍ରଫୁଲ୍ଲଭାଇ ଆତ୍ମସନ୍ତୋଷର ଭାବ ପ୍ରକାଶ କରି କହିଲେ— ଆମେ ଧର୍ମପଥରେ ଚାଲିଛୁ, ସାଧାରଣ ଲୋକଙ୍କଠାରୁ ଆମେ ତ ଅର୍ଥ, ମାନ, ଯଶ, କ୍ଷମତା ସବୁ ଦିଗରୁ ବଡ଼ ହେବୁ !

ଶ୍ରୀଶ୍ରୀଠାକୁର ଦୃପ୍ତ ଭଙ୍ଗୀରେ ହାତ ହଲାଇ ସ୍ନେହପୂର୍ଣ୍ଣ ଭର୍ତ୍ସନାର ସ୍ୱରରେ ଉତ୍ତର ଦେଲେ— ସାଧାରଣ ଲୋକଙ୍କଠାରୁ ତୁମେମାନେ ବଡ଼ ତ ଅଛ, କାରଣ ତୁମେମାନେ ପରମପିତାଙ୍କର ବିଶେଷ ଅନୁଗ୍ରହ ଲାଭ କରିଛ । କିନ୍ତୁ ତା'ହେଲେ କ'ଣ ହେବ ? ଧର, ଜମିଦାରର ପୁଅ ଅଥଚ ସେ ମାତାଲ । ସେ ତା'ର ବାପାଙ୍କର ପଇସା ଦେଇ ବାପାଙ୍କର କୌଣସି ସଦିଚ୍ଛାକୁ ମୂର୍ତ୍ତ କଲା ନାହିଁ, ବାପାଙ୍କର ତୁଷ୍ଟି, ତୃପ୍ତିର ଧାର ଧାରିଲା ନାହିଁ, ଛୁଟିଲା ନିଜ ଖିଆଲ ପଛରେ, ନିଜର ଦୁଷ୍କର୍ମର ଇନ୍ଧନ ଯୋଗାଇ ନିଜର ସୌଭାଗ୍ୟ ହରାଇଲା । Fortunately born but a begetter of his own misfortune (ସୌଭାଗ୍ୟଶାଳୀ ହୋଇ ଜନ୍ମ ନେଲା କିନ୍ତୁ ନିଜର ଦୁର୍ଭାଗ୍ୟର ସ୍ରଷ୍ଟା ନିଜେ ହେଲା) । ତୁମମାନଙ୍କର ଅନେକଙ୍କର ହୋଇଛି ଏଇପରି । ପରମପିତାଙ୍କ ଦୟାରେ ଯାହା ଯାହା ପାଇବାର, ସେସବୁହିଁ ପାଇଛ, କିନ୍ତୁ ନିଜର ଚେଷ୍ଟାରେ ଯେଉଁ ଚରିତ୍ର ଗଠନ କରିବାକୁ ହେବ, ତାହା ଗଠନ କରୁନା । ତେଣୁ ତାଙ୍କର ଅହେତୁକୀ ଦୟାଟା ଧାରଣ କରିପାରୁ ନାହଁ, ବହନ କରିପାରୁ ନାହଁ । ସବୁକିଛି ବରଦାନ କରି ପକାଉଛ । ତୁମେମାନେ ଧର୍ମର କଥା ମଣିଷଙ୍କୁ ଯାହା କହୁଛ, ତା'ର ସୁ'କାଏ ମଧ୍ୟ କରି ଦେଖାଉ ନାହଁ । ପୁନଶ୍ଚ ଧର୍ମର କଥା, ଇଷ୍ଟଙ୍କ କଥା ଯାହା କୁହ, ତାହା ହୁଏତ ପ୍ରବୃତ୍ତି ପୂରଣ ଉଦ୍ଦେଶ୍ୟରେ । ଏଇସବୁ ମତଲବବାଜୀର ମଧ୍ୟରେ ଧର୍ମ କେଉଁଠି ଓ ତା'ର ଫଳ ବି କେଉଁଠି ? ଧର୍ମଟା ପ୍ରଧାନତଃ କରିବାର ଜିନିଷ, ଖାଲି କହିବାର ଜିନିଷ ନୁହେଁ, ଅନ୍ୟକୁ ଦାନ କରିବାକୁ କହୁଛ, କିନ୍ତୁ ନିଜେ to the utmost of your power (ନିଜର ସାଧ୍ୟର ଶେଷ ସୀମା ପର୍ଯ୍ୟନ୍ତ) ଦାନ କରନା । Service (ସେବା)ର କଥା କହିଲା ବେଳେ ମୁହଁରେ ଖଇ ଫୁଟେ, କିନ୍ତୁ କାହା ପାଖକୁ ଯାଇଁ ପାଣି ଗିଲାସେ ମଧ୍ୟ ଟେକି ଦିଅନା । ଏଇସବୁ କପଟତା ଓ ଭଣ୍ଡାମି ତ୍ୟାଗ ନ କଲେ ଧର୍ମ କି ପଦାର୍ଥ, ତାହା କଦାପି ଉପଲବ୍ଧ କରି ପାରିବ ନାହିଁ । ତାହା କରିବା ଦ୍ୱାରା ତୁମେ ନିଜେ ଯେପରି ହତାଶ ହେବ, ତୁମକୁ ଦେଖି ଅନ୍ୟମାନେ ମଧ୍ୟ ସେଇପରି ହତାଶ ହେବେ । କିନ୍ତୁ ତାହା ତୁମେ ହେବାକୁ ଦେବ କାହିଁକି ? Do and have (କର ଏବଂ ପାଅ) ଏକ୍ଷଣିହିଁ ଲାଗିଯାଅ । ତେବେ ନିଜର ସ୍ୱାର୍ଥ ଚାହିଦାକୁ ପ୍ରଶ୍ରୟ ଦେବା ନାହିଁ । ଇଷ୍ଟହିଁ ତୁମର ଏକମାତ୍ର ସ୍ୱାର୍ଥ ହୁଅନ୍ତୁ । ତା'ହେଲେ ତୁମର ସତ୍ତା ସମ୍ବର୍ଦ୍ଧନା ପାଇଁ ଯାହା ପ୍ରୟୋଜନ, ତାହା କିଛି ଅପ୍ରାପ୍ୟ ରହିବ ନାହିଁ । ମୋଟକଥା ଆମେ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଯେପରି ଯାହା ଚାହୁଁ, ସେପରି ତାହା ନ ପାଇଲେ, ଦୁଃଖିତ ହେବାର କିଛି ନାହିଁ । ତାଙ୍କର ଯାହା ମର୍ଜି, ଯେଉଁଥିରେ ଆମର ମଙ୍ଗଳ ହୁଏ,— ତାହାହିଁ ସେ ଆମକୁ ଦିଅନ୍ତି କର୍ମଫଳର ବିଧିକୁ ଉଲ୍ଲଙ୍ଘନ ନ କରି । ତେଣୁ ନିଜର ଖିଆଲଖୁସି ଓ ଚାହିଦାରେ obsessed (ଅଭିଭୂତ) ନହୋଇ, ଅନୁଯୋଗ ଅଭିଯୋଗ ନ କରି ସବୁ ଅବସ୍ଥା ମଧ୍ୟରେ ଯଥାସମ୍ଭବ ଶାନ୍ତ ଚିତ୍ତରେ ଇଷ୍ଟଙ୍କର ଇଚ୍ଛା ପୂରଣ ପ୍ରତି ଲକ୍ଷ୍ୟ ରଖି ଚାଲିବାକୁ ହେବ । ଏହାହିଁ ହେଲା ସୁଖୀ ଓ ସାର୍ଥକ ହେବାର ମୂଳମନ୍ତ୍ର ।

*(କ୍ରମଶଃ)*

***ଅନୁବାଦ : ଶ୍ରୀଯତୀନ୍ଦ୍ରନାଥ ମହାନ୍ତି***

### ବୈଶ୍ୟବର୍ଣ୍ଣର ଶିକ୍ଷା-ବିଷୟ

ବୈଶ୍ୟମାନେ agriculture (କୃଷି), industry (ଶିଳ୍ପ), economics (ଅର୍ଥନୀତି), engineering and technology (ଯନ୍ତ୍ରବିଦ୍ୟା ଓ କାରିଗରିବିଦ୍ୟା), crafts (ଶିଳ୍ପବିଦ୍ୟା), commerce (ବାଣିଜ୍ୟ), trade (ବ୍ୟବସାୟ), transport (ପରିବହନ), accountancy and audit (ହିସାବରକ୍ଷା ଓ ସମୀକ୍ଷା), irrigation (ଜଳସେଚନ), fertiliser production (ସାର ଉତ୍ପାଦନ), geography (ଭୂଗୋଳ), botany (ଉଦ୍ଭିଦ ବିଦ୍ୟା), nurture and improvement (ପଶୁ ପ୍ରଜନନର ପ୍ରାୟୋଗିକ ଜ୍ଞାନ ସହ ପଶୁପାଳନ ଓ ପଶୁର ଉନ୍ନତି ବିଧାନ) ଇତ୍ୟାଦି ସମ୍ବନ୍ଧରେ ସର୍ବପ୍ରକାର କାର୍ଯ୍ୟକାରୀ ଅଭିଜ୍ଞତା ଓ ଜ୍ଞାନ ଅର୍ଜନ କରିବେ, ଯେପରିକି, ଦେଶର ଅର୍ଥନୈତିକ ଜୀବନ କ୍ରମଶଃ ସମୃଦ୍ଧ ହୋଇଉଠିବ ।

ପ୍ରେଷ୍ଠ-ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

# ନାନା ପ୍ରସଙ୍ଗ

## (ଦ୍ୱିତୀୟ ଖଣ୍ଡ)

*ସଂକଳୟିତା*– **ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ,** *ଏମ.ଏ.*

*(ପୂର୍ବପ୍ରକାଶିତ ଉତ୍ତାରୁ........)*

ପ୍ରଶ୍ନ– ସବୁ ଜାତିହିଁ ତ ମୁକ୍ତିକାମୀ ହୋଇ ଚିରଦିନ ଯୁଦ୍ଧହିଁ କରି ଆସିଛି– ସେବା ଦେଇ, ପ୍ରେମ ଦେଇ କୌଣସି ଜାତି କୌଣସି ଦିନ ଯେ ମୁକ୍ତିଲାଭ କରିଛି, ଜୟୀ ହୋଇଛି,– କାହିଁ, ଇତିହାସରେ ତ ଖୋଜି ପାଏନା ?

ଶ୍ରୀଶ୍ରୀଠାକୁର– ଯେପରି ମୁକ୍ତ ହୋଇ ହୁଏ– ତା' ନ କରି ମଣିଷ ଯଦି ମୁକ୍ତିର ଯୁଦ୍ଧରେ କଳ୍ପ-କଳ୍ପ ଧରି ନିୟୋଜିତ ରହେ, ସେ ଯୁଦ୍ଧରେ କ'ଣ କେବେବି ମୁକ୍ତି ଆସେ, ନା ଆସିବାଟା କ'ଣ ମୁକ୍ତିର ଦୋଷ ?

ଯେତେବେଳେ ହିଁ ମଣିଷର passions and complexes ତା'ର selfଟାକୁ ପ୍ରବୃତ୍ତି ଓ ବୃତ୍ତିର ଚାହିଦା ଅନୁଯାୟୀ entice ନ କରିପାରେ, ଆଉ ଚାଲିପାରେ ଠିକ୍ ସେହିଭଳି– ଯେପରି ତା'ର beingଟା becomingରେ elated ହୋଇ ନିରନ୍ତର ହୁଏ,– ମୁକ୍ତି ସେଠାରେହିଁ । ଆଉ, ସେବା ଓ ପ୍ରେମର ପ୍ରଧାନ function ହିଁ ହେଉଛି ଯେ ସେମାନେ ମଣିଷକୁ spontaneously ବୃତ୍ତି ଓ ପ୍ରବୃତ୍ତିର ଅଧୀଶ୍ୱର ତ କରନ୍ତିହିଁ, ତା' ଛଡ଼ା ପ୍ରଧାନତଃ ମଣିଷକୁ ସୁସ୍ଥ ଓ ସ୍ୱସ୍ଥ କରି, interested କରି, ଜୟରେ କୃତାର୍ଥ କରି ବିସ୍ତାର ଓ ବୃଦ୍ଧିକୁ ଆଣି ଦିଏ ।

ତେଣୁ, ସେବା ଓ ପ୍ରେମରେ ମଣିଷ ସନ୍ଦୀପନରେ swelled ହୋଇ floodର ନୂତନ ପ୍ଲାବନର ଉଲ୍ଲଙ୍ଘନରେ ନାଚିନାଚି ପାରିପାର୍ଶ୍ୱିକକୁ actively elate କରି becomingରେ ପ୍ରଚୁର କରିତୋଳେ । ଆଉ, ଦୁନିଆର ଜୀବନ ଓ ବୃଦ୍ଧିର ଦିଗରେ ଯେତେବେଳେ ହିଁ ଯା'କିଛି ଯେତେଟିକେ ହୋଇଛି, ତା' ଏହି ସେବା ଓ ପ୍ରେମର ସେତେ ଟିକେରେହିଁ,– ଇତିହାସ ଏ ବିଷୟରେ କିଛି କହୁ ଆଉ ନ ହିଁ କହୁ ।

ପ୍ରଶ୍ନ– ପୁଣି, ଜାତିଗତଭାବେ ଦେଖିବାକୁ ଗଲେ ଭୟ, ଶାସନ, ଦଣ୍ଡ– ଏଗୁଡ଼ିକବି ତ ସମଷ୍ଟିର ଉନ୍ନତି ପକ୍ଷେ କମ୍ ପ୍ରୟୋଜନୀୟ ନୁହେଁ ! – specially ଆମମାନଙ୍କ ଦେଶର ବର୍ତ୍ତମାନ ଅବସ୍ଥାରେ– ଯେଉଁଠାରେ ଶତକଡ଼ା ୯୦ଜଣ ନିରକ୍ଷର ! ଆପଣ ପ୍ରେମ ଓ ସେବା ଛଡ଼ା ସେସବୁ ତ କିଛିହିଁ କହନ୍ତିନି ?

ଶ୍ରୀଶ୍ରୀଠାକୁର– ଆଗେହିଁ ତ କହିଛି– ଯେଉଁଥିରେ ମଣିଷର ବଞ୍ଚିବା-ବଢ଼ିବା ଅତୁଟ ରହି କ୍ରମୋନ୍ନତିର ଚଳନାରେ ଚାଲିଥାଏ, ଏହିଭଳି ପୁଷ୍ଟିପ୍ରଦ ଉତ୍‌ଚେତନୀ ସରବରାହହିଁ ହେଉଛି ପ୍ରକୃତ ସେବା । ଆଉ, ଯେଉଁଠାରେହିଁ ଏହି ବଞ୍ଚିବା-ବଢ଼ିବା ବୃତ୍ତି-ଉପଭୋଗର ଶାସନରେ ବିଧ୍ୱସ୍ତ ହୋଇ ମରଣ-ସଙ୍କୁଳ ହୋଇ

ବୋଧର ସାଥେ ବିବେଚନା ଯା'ର
ମୂର୍ଖ ସଙ୍ଗତି ନେଇ ଚାଲେ,
ଶୁଭଦୀପନୀ ଅଦୃଷ୍ଟ ହେଲେବି
ପ୍ରାୟଃହିଁ କିନ୍ତୁ କୁଫଳ ଫଳେ । ୧୦ ।
*(ଅନୁଶ୍ରୁତି, ୭ମଖଣ୍ଡ, ପ୍ରଜ୍ଞା)*

ଚାଲିଥାଏ, ସେଠାରେହିଁ ସେମାନଙ୍କୁ ଭୀତ କରି, ଶାସନରେ ବଞ୍ଚାବଢ଼ାରେ ଉନ୍ନତସମ୍ବେଗୀ କରି ପୁଷ୍ଟି ଓ ଉତ୍‌ପ୍ରଗତିପୂର୍ଣ୍ଣ ଚେତନାକୁ infuse କରି ତତ୍‌ସମ୍ବେଗୀ କରି ତୋଳିବାହିଁ ହେଉଛି ସେମାନଙ୍କର ପ୍ରକୃତ ସେବା ।

ଫଳକଥା, ମରଣକୁ ରୁଦ୍ଧ କରି ବଞ୍ଚିବା-ବଢ଼ିବାକୁ କ୍ରମୋନ୍ନତିର ଦିଗରେ ଚଲାଇବାକୁ ହେବହିଁ,— ଏଇଟା ହେଉଛି ମଣିଷର, ମଣିଷର କାହିଁକି, ପ୍ରତ୍ୟେକ ଜୀବର ଜୀବନ-ଆକୂତି । ଜୀବନ ଯା'ହିଁ କରୁ ନା କାହିଁକି, ସେ ମରିବାକୁ କୌଣସିମତେହିଁ ଚାହେଁନା । ସେ ଜାଣେନା, ବଞ୍ଚିବା-ବଢ଼ିବାରେ ତା'ର ଉପଭୋଗ କୋଉ ପଥରେ । ତେଣୁ, ପ୍ରବୃତ୍ତିର ଉପଭୋଗ-ପ୍ରଲୋଭନରେ ବିଭ୍ରାନ୍ତ ହୋଇ, seduced ହୋଇ ମରଣ-ପଥିକ ହୋଇ ଚାଲିଥାଏ । କିନ୍ତୁ ତା' ତା'ର ବାସ୍ତବ ଚାହିଦା ନୁହେଁ କୌଣସିମତେହିଁ ! ତେଣୁ, ଯେଉଁମାନେ ଜାଣନ୍ତିନି ସେମାନଙ୍କର ବଞ୍ଚିବା-ବଢ଼ିବା କିପରି କୋଉ ପଥରେ, କି ଚଳନାରେ— ଅଥଚ ଜୀବନ ଆଶୁ ଉପଭୋଗର ଉଦ୍ଦାମ ଧାବନରେ ଚାଲିଛି— ରୋକିବାର ପ୍ରଚେଷ୍ଟାର, ଭାବିବାର ପ୍ରଚେଷ୍ଟାର ଅବସରହିଁ ନାହିଁ,— ତେଣୁ ତା' ନେଇ ବ୍ୟସ୍ତବି ନୁହେଁ,— ଅଥଚ ବଞ୍ଚିବାର ବୁଭୁକ୍ଷା ସେମାନଙ୍କୁ ପୂରଣ ଓ ପୋଷଣର ଭିତର ଦେଇ ଆତ୍ମ-ଉପଭୋଗ-ସମ୍ମୋହନର ଆକର୍ଷଣରେ ଚଳାୟମାନ ଚଳନାରେ ଟାଣିହିଁ ନେଇ ଯାଉଛି— ଏହା ଯେଉଁମାନଙ୍କର, ସେମାନଙ୍କର ବଞ୍ଚିବା-ବଢ଼ିବାର ନିୟାମକ ସେଇ ଜାଣେ ନା ଯେଉଁମାନେ ସେମାନେ ନୁହଁନ୍ତି କୌଣସିମତେହିଁ !

ସେମାନଙ୍କର ଭାବ ଯଦି ସେଇ ଅଜଣାମାନଙ୍କ ଉପରେହିଁ ଦିଆଯାଏ, ତେବେ ସପାରିପାର୍ଶ୍ୱିକ ସେମାନଙ୍କର ମରଣ-ଉପକୂଳ ଅତି ସନ୍ନିକଟ— ଦଶର, ଦେଶର ଏବଂ ଜାତିର ତା' ସମାନଭାବେହିଁ । ତେଣୁ, ସେମାନଙ୍କର ପ୍ରକୃତ ପ୍ରକୃତ-ଉତ୍ସୃଜ୍ୟ ନିୟାମକହିଁ ହେଉଛି ସେଇ ସେମାନେ ସେତେଟିକେ ଯେଉଁମାନେ ସେଇ ବଞ୍ଚିବା-ବଢ଼ିବାକୁ ସେମାନଙ୍କର ପାରିପାର୍ଶ୍ୱିକର ଭିତର ଦେଇ ପୂରଣପୁଷ୍ଟ କରି ଉନ୍ନତ ଉପଭୋଗରେ ସମୃଦ୍ଧ କରି ନିୟନ୍ତ୍ରିତ କରି ଚାଲିଛି ଅର୍ଥାତ୍ ଯେଉଁମାନେ ଚାଲିବାକୁ ଶିଖିଛନ୍ତି,— ଚାଲିବାକୁ ଜାଣନ୍ତି ଏହିଭଳି ବାସ୍ତବ ଜ୍ଞାନବାନ୍‌ମାନେହିଁ ସେମାନଙ୍କର ନିୟାମକ । ଏଥିପାଇଁ ପ୍ରକୃତିରେ ସର୍ବତ୍ରହିଁ ଦେଖିବାକୁ ମିଳେ, master of flock— ଦଳର ସର୍ଦ୍ଦାର, ଆଉ followers of master — ନେତା ବା ପ୍ରଭୁଙ୍କ ଅନୁସରଣକାରୀ, ଏ ଅଛନ୍ତିହିଁ ।

ଯେଉଁମାନେ ବଞ୍ଚିବାକୁ ଚାହାଁନ୍ତି, ବଢ଼ିବାକୁ ଚାହାଁନ୍ତି, ଯେଉଁ ଅବସ୍ଥା ଭିତର ଦେଇ ଚାଲନ୍ତି,— ସେମାନେ ଜାଣନ୍ତିନି, କ'ଣ କରି ବଞ୍ଚିବାକୁ ହେବ, ବଢ଼ିବାକୁ ହେବ ସେଇ ଅବସ୍ଥାର ଭିତର ଦେଇ । ସେମାନେହିଁ ଜାଣନ୍ତି— ଯେଉଁମାନେ ସେଇ ଅବସ୍ଥା, ପରିବେଶ ଓ ପାରିପାର୍ଶ୍ୱିକକୁ ଅତିକ୍ରମ କରି ସେଇ ଅବସ୍ଥା, ପରିବେଶ ଓ ପାରିପାର୍ଶ୍ୱିକର ଅତିକ୍ରମୀ-ନିୟନ୍ତ୍ରଣର ଜ୍ଞାନରେ ସ୍ୱତଃହିଁ ସମୃଦ୍ଧ ହୋଇ ଆହୁରି ଚଳନାରେ ନିୟୋଜିତ । ତେଣୁ, ସେମାନଙ୍କର ବଞ୍ଚାବଢ଼ାର ଚାହିଦା ସେମାନଙ୍କର ରକମରେ ପୂରଣ କରିଲେ ଚଳିବନି,— ଯେପରି କରି ପ୍ରକୃତରେ ବଞ୍ଚି-ବଢ଼ି ପାରିହୁଏ, ସେଇ ରକମରେହିଁ ପୂରଣ କରିବାକୁ ହେବ ।

ଏହାର କୈଫିୟତ୍ ନାହିଁ;— କୈଫିୟତ୍ ଦେଲେହିଁ ସେମାନେ ସମସ୍ତେ ଯେ ବୁଝିବେ ତା'ରବି ତ କୌଣସି ହେତୁ ନାହିଁ ! ତା'ର କୈଫିୟତ ହେଉଛି— ଚଲେଇ ସେମାନଙ୍କୁ ଅତିକ୍ରମ କରାଇ ଦେଇ ବଞ୍ଚିବା-ବଢ଼ିବାରେ ପୁଷ୍ଟ କରିଦେବା । ଏହି ଦେବା ପରେ ସେମାନେ ଭାବିବାକୁ ଶିଖିବେ ବା ପାରିବେ; କାରଣ, affairsର impression ସେମାନଙ୍କର ମସ୍ତିଷ୍କରେ ମହଜୁତହିଁ ରହିଯିବ । ସେତେବେଳେ କହିବାର impulse ନେଇ impressionଗୁଡ଼ିକୁ consider କରି, ଚିନ୍ତନ ଓ ମନନର ଭିତର ଦେଇ ବିଚାର କରି ଦେଖିବାକୁ ପାଇବେ,— କ'ଣ ଖାଣ୍ଟି କଥା,— ଧନ୍ୟବାଦ ଦେବେ, ବାହାବା ଦେବେ, ନେତାର ଜୟଗାନରେ ଦିଗନ୍ତ ମୁଖରିତ କରିତୋଳିବେ !

ତେଣୁ ବୋଧହୁଏ, ଚଣକପୁତ୍ର ମହାପଣ୍ଡିତ ଧୂରନ୍ଧର ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କର ମନ୍ତ୍ରିତ୍ୱ ଗ୍ରହଣ କରିବା ସମୟରେ ପାଦ ଛୁଆଁଇ ତା'କୁ ପ୍ରତିଜ୍ଞାବଦ୍ଧ କରାଇ ନେଇଥିଲେ— ସିଏ ଯେତେଦିନ ମନ୍ତ୍ରିତ୍ୱ କରିବେ, କେହି ତା'ର କୈଫିୟତ୍ ନେଇ ପାରିବେନି, କୈଫିୟତ୍ ଦେଲେ ସିଏ ଆଉ ମନ୍ତ୍ରିତ୍ୱ କରିବେନି— ଏହିଭଳିହିଁ ଗୋଟେ କଥା ଜନସମାଜରେ ଚାଲୁ ଅଛି ।

ଆଉ, ଏହି ବଞ୍ଚା-ବଢ଼ାକୁ ଯିଏ interest ପୂରଣ କରିପାରେ, ତୃପ୍ତ କରିପାରେ, ପୁଷ୍ଟ ଓ ସନ୍ଦୀପ୍ତ କରି ତୋଳିପାରେ, ମୁଁ ତା'କୁହିଁ ପ୍ରେମ କହିଥାଏ । ଆଚ୍ଛା, ପ୍ରେମ କଥାଟାବି କ'ଣ ପ୍ରୀ-ଧାତୁରୁ ଆସିନି ? ପ୍ରୀ-ଧାତୁର ମାନେହିଁ ହେଉଛି ତୋଷଣ, ପ୍ରୀଣନ, ସନ୍ଦୀପନ; ଆଉ ଯେଉଁ interestରେ ଏହି ତୋଷଣ, ପ୍ରୀଣନ, ସନ୍ଦୀପନ ଏକାଧାରରେ ଜ୍ୱଳନ୍ତ ହୋଇ ଆବେଗ-ସଙ୍କୁଳତାରେ ବାସ୍ତବ-କରଣୋଦ୍ଦୀପନାରେ ଚାଲୁଛି ତା'କୁହିଁ ମୋର ପ୍ରେମ କହିବାକୁ ଇଚ୍ଛା ହୁଏ । ଯେଉଁ interestରେ ଏହା ନାହିଁ— ଅଥଚ କଥା ଓ ଭଙ୍ଗୀ ଅଛି— ତା'କୁ ଉଚ୍ଛ୍ୱାସ କୁହାଯାଇପାରେ— ଯା'କୁ ବୃତ୍ତି-ସ୍ୱାର୍ଥାନୁସନ୍ଧିତ୍ସୁ egoistic politenessର ଅଭିବ୍ୟକ୍ତି ବୋଲି ମୁଁ ମନେକରେ ।

(ଶ୍ରୀଶ୍ରୀଠାକୁର ଆହୁରିବି କ'ଣ କହିବାକୁ ଯାଉଥିଲେ, ମୁଁ ବାଧା ଦେଇ ପୁଣି ପ୍ରଶ୍ନ କରିଲି ।)

ପ୍ରଶ୍ନ— ଆଉ, ସେବା କାହାକୁ କହନ୍ତି ? ସେଇ ଶାନ୍ତି,

ଶାସନ, ଦଣ୍ଡ କ'ଣ ତେବେ ସେବାର ଭିତରେ ଥାଇପାରେନା ?

ଶ୍ରୀଶ୍ରୀଠାକୁର— ତା' ତ ଆଗରୁହିଁ କହିଛି । Service ମଣିଷକୁ ପୂରଣ, ପୋଷଣ ଓ ସମ୍ବର୍ଦ୍ଧନରେ ବଞ୍ଚିବା-ବଢ଼ିବାର ନିରନ୍ତରତାରେ ଚଳନ୍ତ କରିତୋଳେ । ତା'ହେଲେହିଁ ଦେଖନ୍ତୁ, ଏହିପରି interested serviceable ଯା' କିଛି ତା' ଛଡ଼ା ଏହିଭଳି କରି ତୋଳିପାରେ କିଏ ? ସେଇ ପ୍ରେମ, ସେଇ ସେବା ଅର୍ଥାତ୍ ସେଇ ପ୍ରେମିକ ପୁରୁଷ, ସେଇ ସେବକ ପୁରୁଷ ଛଡ଼ା ଆଉ କିଏ ?

ସେଇ ପ୍ରକାର ପ୍ରେମୀ, ସେବା-ସଂକ୍ଷୁଧ ପୁରୁଷ ଯଦି ନେତା ହୁଅନ୍ତି, ତେବେ ସିଏହିଁ ଜନଗଣଙ୍କୁ ନିୟନ୍ତ୍ରିତ କରିପାରନ୍ତି । ତାଙ୍କର ଚଳନା ଓ ନିୟନ୍ତ୍ରଣ ଯେତେହିଁ ବ୍ୟାପକ-ଭାବେ ଚାଲୁଥାଏ, ତାଙ୍କର ସେବାପୁଷ୍ଟ ଜନଗଣ ସେତେହିଁ ତାଙ୍କଠାରେ ନିବିଡ଼ ହୋଇ ଦଳବଦ୍ଧ ହୋଇଥାଆନ୍ତି,— ଆଉ, ସେହି ନେତୃ-ସଂବଦ୍ଧ ଜନଗଣଙ୍କ ପ୍ରତି ପ୍ରତ୍ୟେକେହିଁ ତାଙ୍କଦ୍ୱାରା ନିୟନ୍ତ୍ରଣ ଲାଭ କରି ପରିପୂରିତ ହୁଅନ୍ତି, ପରିପୁଷ୍ଟି ଲାଭ କରି, ଉନ୍ନତ ହେଉଥା'ନ୍ତି । ତାଙ୍କର ନିୟନ୍ତ୍ରିତ ଭୀତି ଏବଂ ଶାସନବି ସେମାନଙ୍କ ନିକଟରେ ମଙ୍ଗଳପ୍ରଦ ବୋଲିହିଁ ମନେହୁଏ, ଆଉ, ସେଥିରେବି ସେମାନେ ତୃପ୍ତ ହୁଅନ୍ତି, ସନ୍ଦୀପ୍ତ ହୁଅନ୍ତି । ତାଙ୍କ ପ୍ରଦତ୍ତ ଶାସ୍ତି, ଯା'କୁ ସିଏ ଶାସ୍ତି ଦିଅନ୍ତି— ସପାରିପାର୍ଶ୍ୱିକ ତା'ର ଶାନ୍ତିହିଁ ପରିବେଷଣ କରିଥା'ନ୍ତି । ସ୍ୱାଧୀନତା ନ ଚାହିଁଲେବି ସେଇ ଚଳନାହିଁ ସେମାନଙ୍କୁ ବାସ୍ତବଭାବେ ସ୍ୱାଧୀନ କରିତୋଳେ !

ତା'ହେଲେ ପ୍ରେମିକ ଯିଏ, ସେବା-ସଂକ୍ଷୁଧ ଯିଏ, ସିଏହିଁ ଯେ ମଣିଷର ଏକମାତ୍ର interest— ଏହି realization ଯା'ଙ୍କୁ ସାର୍ଥକ କରି ପ୍ରକୃତ ସ୍ୱାର୍ଥବାନ୍ କରିତୋଳିଛି, ତାଙ୍କର ପୂରଣ-ପୋଷଣୀ ସେବାବି ଯେପରି ମଣିଷକୁ ବଞ୍ଚାବଢ଼ାରେ ଉଦ୍ଦୀପ୍ତ କରି ତୋଳେ, ତାଙ୍କର ଭୀତି ଏବଂ ଶାସନ ବି ମଣିଷକୁ ଏହିଭଳିହିଁ କରିତୋଳେ ।

ପ୍ରଶ୍ନ— ଆଚ୍ଛା, ଜଗତ୍‌ମୟ କେତେ ଦେଶରେହିଁ ଯେ ଆଜିକାଲି ଜନସାଧାରଣଙ୍କ ଭୋଟ ନେଇ ଶାସନକର୍ତ୍ତା ବା ମନ୍ତ୍ରୀ ନିର୍ବାଚନ ବ୍ୟାପାର ଚାଲିଛି ! ତା'ହେଲେ ତ ତା'ବି ଆପଣଙ୍କ ମତରେ ପ୍ରାୟଃ ଅର୍ଥହୀନ ? ଚନ୍ଦ୍ରଗୁପ୍ତ ବୋଲିହିଁ ଚାଣକ୍ୟଙ୍କୁ ଚିହ୍ନିପାରିଲେ, ଆଉ ସସାଗରା ଭାରତ ତାଙ୍କରିହିଁ କୂଟବୁଦ୍ଧିବଳରେ ସ୍ୱାଧୀନ ହୋଇଗଲା, କିନ୍ତୁ ଜନସାଧାରଣଙ୍କ ଭୋଟରେ ଦୀନ ବ୍ରାହ୍ମଣ ଚାଣକ୍ୟ ହୁଏତ ପଉାହିଁ ପାଇ ନଥା'ନ୍ତେ !

ଶ୍ରୀଶ୍ରୀଠାକୁର— ମଣିଷର being ଯେତେଦିନ ପାରିପାର୍ଶ୍ୱିକକୁ ସାଡ଼ା-ସଞ୍ଜାତ ତା'ର ବୃତ୍ତିରେ ରଞ୍ଜିତ ହୋଇ ତଦନୁପାତିକ ବ୍ୟକ୍ତିତ୍ୱରେ ବ୍ୟକ୍ତ ହୋଇଉଠେ,— ଆଉ ସେଇ ବୃତ୍ତିର interestରେ ନିଜକୁ interested କରି ବୃତ୍ତିର ଚାହିଦା ପରିପୂରଣକୁହିଁ beingର ପୁଷ୍ଟି ଓ ପରିପୋଷଣ ବୋଲି ଭାବନା କରେ— ହିସାବ କରି ବୁଝିପାରେନା, ଏହି ବୃତ୍ତିର ଚାହିଦାରେ ତା'ର being କେତେଦୂର ପରିପୁଷ୍ଟି ଓ ପରିପୂରଣ ଲାଭ କରିପାରେ, ବା ଏଇଟା ତା'ର ପୁଷ୍ଟି ଓ ପରିପୂରଣର କେତେଦୂର ଅନ୍ତରାୟ;— ଯେଉଁମାନଙ୍କର ବୃତ୍ତି ଏହିଭଳି କରି ସହଜରେହିଁ influenced ଓ enticed ହୁଏ, ସେମାନେ କିପରି ଜାଣିବେ, ସେମାନଙ୍କର କଲ୍ୟାଣ ବା ମଙ୍ଗଳ କେଉଁଠାରେ ? ଏହିଭଳି ମଣିଷମାନଙ୍କର— ଟିକେ designing ଯେଉଁମାନେ— ସେମାନେ ତ ଅତି ସହଜରେହିଁ, ଲୋଭ ଦେଖାଇ ହିଁ ହେଉ— ଯେପରି ସେପରି କରି, ସେମାନଙ୍କୁ ଉଦ୍ଦେଶ୍ୟମାଫିକ incline କରି ନେଇପାରନ୍ତି । ଫଳକଥା, ଏମାନଙ୍କର ଯେପରି-ସେପରି କରି ବୃତ୍ତିର ଚାହିଦା-ମାଫିକ enticementର ଭିତର ଦେଇ influence କରାଯାଇପାରେ । ତା' ଫଳରେ oppression ବା enticementର ଭିତର ଦେଇ influence କରିପାରନ୍ତି ଏହିଭଳି ପଟୁ ବୃତ୍ତିସ୍ୱାର୍ଥ-ପରାୟଣମାନେ ଅନାୟାସରେହିଁ ସେମାନଙ୍କୁ ହାତ କରି ନେଇ ସେମାନଙ୍କର ନେତା ହୋଇଉଠନ୍ତି, ବେକୁବ ମାତବରୀରେ ଦେଶସୁଦ୍ଧା ସମସ୍ତଙ୍କୁ ସର୍ବନାଶରେ ସଞ୍ଚରଣଶୀଳ କରି ତୋଳିପାରନ୍ତି । ଯେଉଁମାନଙ୍କ ନିକଟରେ vote ନିଆଯାଉଛି, ସେମାନେ ଯଦି ଏହିଭଳି ହୁଅନ୍ତି— ସେମାନେ ତ ଜାଣନ୍ତିନି, ସେମାନଙ୍କର ବଞ୍ଚିବାବଢ଼ିବା କୋଉ ପଥରେ ନିୟନ୍ତ୍ରିତ ହେଲେ ଗୋଟେ ଉନ୍ନତିର ନିରନ୍ତରତାରେ ସେମାନେ ଠିଆ ହୋଇପାରିବେ ? ଆଉ, ସେମାନଙ୍କର ସେଇ ପୂର୍ବୋକ୍ତରୂପରେ ହେବା leaderମାନେବି ବୁଝିପାରନ୍ତିନି, ସେମାନଙ୍କର ଏବଂ ସେମାନଙ୍କ ଦ୍ୱାରା ନିୟନ୍ତ୍ରିତ ଜନସାଧାରଣଙ୍କର କଲ୍ୟାଣ କୋଉ ପଥରେ କିପରି ଭାବେ ଉନ୍ନତ ନିରନ୍ତରତାରେ ଚଳତ୍‌ଶୀଳ ହୋଇପାରେ !

*(କ୍ରମଶଃ)*


**ବିଜ୍ଞପ୍ତି**

**ଯୁଗ-ପୁରୁଷୋତ୍ତମ**
**ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ**
**୪୬ତମ ମହାପ୍ରୟାଣ ଦିବସ**
**ତା୨୬।୦୧।୨୦୧୪, ରବିବାର**
**ଏବଂ**
**୪୬ତମ ମହାପ୍ରୟାଣ ତିଥି**
**ତା୦୮।୦୨।୨୦୧୪, ଶନିବାର**
**(ସତ୍‌ସଙ୍ଗୀମାନଙ୍କ ହବିଷ୍ୟକୃତ୍ୟ)**

परमप्रेममय श्रीश्रीठाकुर अनुकूलचन्द्रङ्क सहित कथोपकथन

# କଥା-ପ୍ରସଙ୍ଗ

## (ଦ୍ୱିତୀୟ ଖଣ୍ଡ)

*ପ୍ରଶ୍ନକର୍ତ୍ତା* — ଶ୍ରୀସୁଶୀଲ ଚନ୍ଦ୍ର ବସୁ

*(ପୂର୍ବପ୍ରକାଶିତ ଉତ୍ତାରୁ........)*

### ସୋମବାର, ୧୩ମାଘ, ୧୩୪୨

**ଶ୍ରୀଶ୍ରୀଠାକୁର ଆହାରାନ୍ତେ ବିଶ୍ରାମ ପରେ କାରଖାନାରୁ ବୁଲି ଆସି 'ପିତୃ-ଆବାସ' କଟେଜ ଭିତରେ ତକ୍ତପୋଷ ଉପରେ ଉପବେଶନ କରିଲେ । ସେତେବେଳେ ସମୟ ପ୍ରାୟଃ ସାଢ଼େ ତିନିଟା । କ୍ରମଶଃ ଅନେକେ ଆସି ଘର ଭିତରେ ମେଜରେ ବସିଲେ । ଶ୍ରୀଶ୍ରୀଠାକୁର ପ୍ରଶ୍ନର ଉତ୍ତରେ କହିବାକୁ ଲାଗିଲେ ।**

ପ୍ରଶ୍ନ— ଅଂଶାବତାର ବା କଳାବତାର କେଉଁମାନଙ୍କୁ କହନ୍ତି ? ସେମାନଙ୍କ ସଙ୍ଗେ ପୂର୍ଣ୍ଣାବତାର ବୋଲି ଆଖ୍ୟାତ ଯେଉଁମାନେ ସେମାନଙ୍କର କୌଣସି ସମ୍ବନ୍ଧ ଅଛି କି ? ପୁଣି ଅଛି 'ଅବତାରାହ୍ୟସଂଖ୍ୟେୟାଃ'— ଏକହିଁ ସମୟରେ ପୃଥିବୀରେ କ'ଣ ଏକାଧିକ ପୂର୍ଣ୍ଣାବତାର ଆସନ୍ତି ?

ଶ୍ରୀଶ୍ରୀଠାକୁର— ଜୀବନର ଅସ୍ତିବୃଦ୍ଧିର କ୍ଷୁଧାର ଚାହିଦାହିଁ ଯଦି ବିବର୍ତ୍ତନ-ଅଭିବ୍ୟକ୍ତିର କାରଣ ହୁଏ, ସେଥିରେହିଁ ଯଦି ପଥ ଦେଖାଇଲାବାଲାର ଆବିର୍ଭାବ ସମ୍ଭବ ହୁଏ, ଆଉ ଏହା ଯଦି ପ୍ରକୃତିର ପ୍ରକୃତି ହୁଏ, ତେବେ ସେ ତ ସବୁ ଠିକ୍; ଯେତେବେଳେ ଯେଉଁଠାରେ ଚାହିଦା ଯେଉଁଭଳି ଉଦ୍ଦାମ ଓ ନିରାଟ ହୋଇଉଠିଛି, ତ୍ରାଣର ଉଦ୍‌ଗ୍ରୀବ ଆକୂତି ସୀମାଟପି ଯେତେବେଳେ ଇତସ୍ତତଃ ବୁକୁଫଟା ଅନୁସନ୍ଧିତ୍ସା ନେଇ ଜୀବନେ-ଜୀବନେ ଘୁରି ବୁଲୁଛି— ପ୍ରକୃତିର ବିବର୍ତ୍ତନ ତ ତା'ରିହିଁ ସମ୍ମୁଖରେ ଗୋଟେ ସିଦ୍ଧାନ୍ତର ଆଗମନୀ ନେଇ କ୍ରମପଦକ୍ଷେପରେ ଆଗେଇ ଚାଲିଛି ।

ତେଣୁ ମଣିଷ ତା'ର ଜଗତ ନେଇ ଜୀବନ ଓ ବୃଦ୍ଧିର ପରିପୋଷଣ-ବୁଭୁକ୍ଷାରେ ଯେତେବେଳେ ଯେପରି— ତା'ର ସ୍ୱପ୍ରତୀକ ମୀମାଂସାର ଆଗମନବି ସେହିଭଳି । ମୀମାଂସାର ତ କୌଣସିବି ରୂପ ନାହିଁ, ମୀମାଂସାକୁ ଧରାବି ହୁଏନା, ବୁଝିବି ହୁଏନା, ଛୁଇଁବି ହୁଏନା । ମୀମାଂସା ଯେପରି କରିହିଁ ହେଉ, ଯେତେବେଳେ କୌଣସି ପ୍ରତୀକର ଭିତର ଦେଇ ଅଭିବ୍ୟକ୍ତ ହୁଏ, ସେତେବେଳେ ହିଁ ତା'କୁ ମଣିଷ ଧରିପାରେ, ବୁଝିପାରେ, ଛୁଇଁପାରେ; ଆଉ, ସେତେବେଳେ ତା'ରିହିଁ ଚଳନରେ ଚାଲି ସେଥିରେ ଅର୍ଥାତ୍ ମୀମାଂସାର ବାସ୍ତବ ଭୂମିରେ ଉପନୀତ ହୋଇପାରେ । ତେଣୁ— ପ୍ରତୀକ ଛଡ଼ା ମୀମାଂସାର ଅସ୍ତି ମଣିଷର ଧରାଛୁଆଁର ମଧ୍ୟରେ ନାହିଁ; ସେଇ ପ୍ରତୀକକୁହିଁ ଆମେମାନେ ତା'ରହିଁ ଅବତାର ବୋଲି ଯଦି ମାନି ନେଉ, ତା'ହେଲେ ବୋଧହୁଏ କୌଣସି ରକମରେହିଁ କ୍ଷତି ହୋଇପାରେନା ।

ତା'ହେଲେ ଅବତାର ଯେ ଅସଂଖ୍ୟ ହୋଇପାରନ୍ତି ସେ ସମ୍ବନ୍ଧରେ ଆଉ ସନ୍ଦେହ କ'ଣ ? ଜୀବ ତା'ର ଜଗତ ନେଇ ଜୀବନ-ବୃଦ୍ଧିରେ ଯେଉଁଭଳି, ତା'ରହିଁ ପ୍ରତ୍ୟେକ ଅଂଶ ବା ଅବସ୍ଥାକୁ ଯିଏ ସର୍ବତୋଭାବେ ପରିପୂରଣ କରି, ଆହୁରିରୁ ଆହୁରି ଦିଗରେ ପରିପୂରଣ କରି ସବୁଟା ନେଇ ଗୋଟେ ପୂର୍ଣ୍ଣତ୍ୱର ଏକତାନ ଅବସ୍ଥାରେ ନେଇ, ଅମୃତର ଅନନ୍ତରେ ବନ୍ଧନହରା କରି ଦିଅନ୍ତି, ତାଙ୍କୁହିଁ ପୂର୍ଣ୍ଣାବତାର କହିପାରନ୍ତି । ସିଏ ଜ୍ଞାନ, ଭକ୍ତି ଓ କର୍ମବୋଧର— ଏହି କେତୋଟି ଦିଗହିଁ ପୁଷ୍ଟ କରି ଗୋଟେ ପରମ ପରିଣତିକୁ ଇଙ୍ଗିତ କରି ଦିଅନ୍ତି; ମଣିଷର ପ୍ରତ୍ୟେକ ଅବସ୍ଥାରେ ପ୍ରତ୍ୟେକ ବୃତ୍ତିକୁ କିପରି ଚଳେଇ ନେଇ ପର୍ଯ୍ୟବେକ୍ଷଣ ଦ୍ୱାରା

ମୀମାଂସାର ଆଲୋକରେ ଆପ୍ଲୁତ କରି, ଅତୁଟ ଅନୁରକ୍ତିମଖା କର୍ମ-ଅଭିନିଷ୍ୟନ୍ଦୀ ଜ୍ଞାନମୟ ଚିରଚେତନ ଅଜର ଅମୃତର ପର୍ଦ୍ଦା ଖୋଲି ଦେଇ ସ୍ଥିର ଇଙ୍ଗିତରେ ମଣିଷକୁ ସେଇ ଦିଗରେ ଉଦ୍ଦାମ ଚଳନାରେ ଅବାଧ କରି ତୋଳନ୍ତି । ପୂର୍ଣ୍ଣାବତାରର ବୈଶିଷ୍ଟ୍ୟହିଁ ହେଉଛି ମଣିଷର ଯା'କିଛି ସବୁର ଗୋଟେ ପୂର୍ଣ୍ଣ ପରିଣତିର ପରିବେଶ ଦେଇ ପୁଷ୍ଟ କରିତୋଳିବା ।

ଆଉ, ଅଂଶ ବା କଳା ଯେଉଁମାନଙ୍କର କୁହାଯାଏ, ସେମାନେ ଯେପରି ଏକ ଦେଶର ବା ଅନେକଟାର ପରିଶୁଦ୍ଧିକୁ ହିଁ ଇଙ୍ଗିତ କରନ୍ତି । ଆମେମାନେ ଅନେକ ସମୟରେ କ'ଣ ଯେପରି କେଉଁଭଳି ହିସାବରେ ତାଙ୍କୁ ପୂର୍ଣ୍ଣ ବା କଳା ବୋଲି କେତେ ରକମରେ ଗଳାବାଜି କରିଥାଉ– କିନ୍ତୁ ବୁଝୁନା, ତାଙ୍କର ପୂର୍ଣ୍ଣତ୍ୱର, ଅଂଶତ୍ୱର ବା କଳାତ୍ୱର ମାପକାଠି ଆମମାନଙ୍କ ହିସାବରେ କୋଉଠି ? ସେ ଯା' କହିଲି ତା' ଦେଇ ନିରୂପିତ ହେବା ଛଡ଼ା ଆଉ କିଛି ଉପାୟ ଅଛି କି ? ତା'ହେଲେହିଁ ଦେଖନ୍ତୁ, ଏକସମୟରେ ଏକର ଅଧିକ ପୂର୍ଣ୍ଣାବତାର ଆସିବା ସମ୍ଭବ କି ନା ।

ଅଂଶ ବା କଳାବତାର ଦେଶ-କାଳ-ପାତ୍ର ହିସାବରେ ଅନେକ ସମୟରେ ଅନେକ ଜାଗାରେ ଆସିପାରନ୍ତି ଠିକ୍,– କିନ୍ତୁ ଯେଉଁମାନେ ପ୍ରକୃତରେ ଏହିଭଳି ସହଜ-ମଣିଷ ବା ଆସିବା-ମଣିଷ ବା ଅବତାର-ମଣିଷ– ବାସ୍ତବିକଭାବେ ସେମାନଙ୍କ ଭିତରେ କୌଣସି ଭେଦହିଁ ରହିପାରେନା । ପ୍ରତ୍ୟେକଙ୍କ ପ୍ରତି ପ୍ରତ୍ୟେକେ ଗୋଟେ ସହଜ ଆପ୍ରାଣ ସଶ୍ରଦ୍ଧ ଆନତିରେ ନିବିଡ଼ । କାରଣ, ପ୍ରତ୍ୟେକେହିଁ ଜାଣନ୍ତି, ସେମାନଙ୍କର ପ୍ରତ୍ୟେକେହିଁ ପ୍ରତ୍ୟେକର ଅନୁପୂରକ– ଜଣକର ଅର୍ଥ ଆଉ ଜଣେ, ଆଉ ଜଣକର ଅର୍ଥ ଅନ୍ୟଠାରେ ନିହିତ ଥାଏ । ତେଣୁ ଜଣେ ଅନ୍ୟଦ୍ୱାରା ବିବୃତ ହୋଇ ଥାଆନ୍ତି– ପୂର୍ବବର୍ତ୍ତୀଙ୍କୁ ଅଧିକାର କରିହିଁ ପରବର୍ତ୍ତୀଙ୍କର ଆବିର୍ଭାବ– କିମ୍ବା ସାମୟିକ ଯେଉଁ ଦେଶରେ ଯିଏ, ପ୍ରତ୍ୟେକେହିଁ ପ୍ରତ୍ୟେକର ଅନୁପୂରକ । ତା'ହେଲେ ଭେଦ କୋଉଠି ? ଆଉ ଅଶ୍ରଦ୍ଧାହିଁ ବା କୋଉଠି ? ଯେଉଁଠାରେ ଏହାର ବ୍ୟତ୍ୟୟ ଘଟୁଛି, ସେ କ'ଣ ସନ୍ଦେହଯୋଗ୍ୟ ଅବସ୍ଥା ନୁହେଁ ?

ପ୍ରଶ୍ନ– ଏସିଆ ମହାଦେଶରେହିଁ– ବିଶେଷ କରି ଭାରତରେହିଁ ଏତେ ଅବତାରଙ୍କର ଆବିର୍ଭାବ କାହିଁକି ? ଅବତାରବାଦ ତ ଭାରତରେହିଁ, ଅଥଚ ଭାରତର ତ ଦୁର୍ଦ୍ଦଶାର ସୀମା ନାହିଁ– ଏହାର କାରଣ କ'ଣ ?

ଶ୍ରୀଶ୍ରୀଠାକୁର– ଅବତାରବାଦହିଁ ତ ଭାରତର । ଅନ୍ୟ ଦେଶରେ ଯେଉଁମାନେ ଆସନ୍ତି, ସେମାନଙ୍କର ହୁଏତ, ସେମାନେ ସେହିଭଳି କରି ଅବତାର ଆଖ୍ୟା ଦେଇ ଆଖ୍ୟାତ କରନ୍ତିନି, ହୁଏତ ଅନ୍ୟ ନାମରେ ଅଭିହିତ ହୋଇ ଥାଆନ୍ତି– କିନ୍ତୁ ପ୍ରକୃତି ଯା' କରିଥାଏ, ବିଧି-ମାଫିକ ସବୁ ଦେଶରେ ସେଇ ବିଧିରେ ସେହିଭଳିହିଁ । ଆଉ, ଯେଉଁମାନେହିଁ ଅନୁସରଣ କରନ୍ତି ସେମାନଙ୍କୁ– ସେମାନେହିଁ ପଥ ପାଆନ୍ତି । ଆଉ, ଯେଉଁମାନେ ତା' କରନ୍ତିନି– ହୁଏତ ବା ସେମାନଙ୍କର ଦୁହାଇ ଦେଇ ଚାଲିଥା'ନ୍ତି, କିନ୍ତୁ ଚାଲନ୍ତି ଅନ୍ୟପ୍ରକାର, ଦୁର୍ଦ୍ଦଶା କ'ଣ ସେମାନଙ୍କୁ ସଲାମ ଠୁକି ଚାଲିଯିବ ? ନା ବିଧିର ଦଖଲ ସେମାନଙ୍କର ଚଳନାକୁ ନିଗାଡ଼ି ସେଇ ମାଫିକ ଫଳର ଉତ୍ପତ୍ତି କରିବ । ସେଥିରେ ଯେଉଁମାନେ ପଥ ବଦଳାଇ ଯାଆନ୍ତି, ସେମାନଙ୍କର କ'ଣ କରିବାର ଅଛି ? ଯା' କରିବାର ସେମାନେ କ'ଣ କେହି କମ୍ କରିଛନ୍ତି ?

ଲେଖାପଢ଼ା ଶିଖିବା ପାଇଁ ରାଜାଙ୍କ ଦୟା ତ ଅନେକ ସ୍କୁଲ-କଲେଜ ସୃଷ୍ଟି କରିଛି, ଶିକ୍ଷକବି ସେଥିରେ କମ୍ ନାହାଁନ୍ତି; କିନ୍ତୁ ଯେଉଁମାନେ ସ୍କୁଲ ଯାଆନ୍ତି, ବା ସ୍କୁଲକୁ ଯାଇବି ଶିକ୍ଷକ-ଅନୁରକ୍ତିର ବନାମରେ ବୃତ୍ତିତପ୍ରର ହୋଇ ସେଇ ଖିଆଲ-ଅନୁସନ୍ଧିତ୍ସାରେ ଯେଉଁମାନେ ଚାଲନ୍ତି, ସେମାନଙ୍କୁ ରାଜାହିଁ ବା କ'ଣ କରିବେ, ଶିକ୍ଷକମାନେହିଁ ବା କ'ଣ ଉପାୟ ବତାଇବେ ? ଯା' ଶିଖିବାର– ଶିଖନ୍ତି ତା' ଯା'ଙ୍କ ନିକଟରୁ ଶିଖିବେ, ତାଙ୍କଠାରେ ବା ସେଥିରେ ମଣିଷର ଅନ୍ତର୍ନିହିତ ଅନୁରକ୍ତି । ଏହି ଅନୁରକ୍ତି ଯଦି ବିରକ୍ତ ହୋଇପଡ଼େ, ଶିକ୍ଷା କ'ଣ ତା' ଭିତରେ ଫୁଟାଇ ଭର୍ତ୍ତି କରାଯାଏ ?

ଜ୍ଞାନ ତ ଆଉ କୌଣସି ବସ୍ତୁ ନୁହେଁ ? ସେଇଟା ଜନ୍ମେ ବସ୍ତୁବୋଧରୁ । ଆଉ, ବୋଧ କରିବାକୁ ହେଲେହିଁ ଦରକାର ସେଥିରେ ଅନୁରକ୍ତି, ଯୁକ୍ତ ହେବା– ସେଥିରେ ଯୋଗ ହେବା । ଯେଉଁମାନେ ଶିଖନ୍ତିନି, ମୁର୍ଖଫୁର୍ଖ ହୋଇଥାଏ– ବୋକାମି ସେମାନଙ୍କୁ ଚଳେଇ ନେଇ ଯଦି କେବେବି ତା'ର କିମ୍ବା କା'ରବି ବଞ୍ଚା-ବୃଦ୍ଧି ପାଇବାର ବ୍ୟାଘାତ ଘଟାଏ, ସେ ଏପରି ରାଜାଙ୍କ ବିଧିରେ ପଡ଼ି ଲୋପାଟ ଖାଏ– ହୁଏତ ହାଜତ, ନ ହେଲେ ଜେଲ, ଖୁବ୍ ବେଶୀ ହେଲେ ଦ୍ୱୀପାନ୍ତର– ଚରମରେ ଫାଶି ।

ସେସବୁ ବ୍ୟାପାରରେ ଠିକ୍ ସେହିଭଳିହିଁ । *(କ୍ରମଶଃ)*

ଅସ୍ଖଳିତ ନିଷ୍ଠାନିପୁଣ ଇଷ୍ଟ-ଅନୁରାଗ–
କ୍ରମେହିଁ ବଢ଼ାଏ ହୃଦୟ-ବଳ,
କ୍ରମେହିଁ ବଢ଼ାଏ ଭାଗ । ୬ ।
ପ୍ରୀତି ଯେଉଁଥିରେ ଛିନ୍ନ–
ସେହିଠାରେହିଁ ଦରଦନିଶା,
ତା' ବାଦେ ନୁହେଁ,– ଭିନ୍ନ । ୭ ।
*(ଅନୁଶ୍ରୁତି, ୭ମଖଣ୍ଡ, ଅନୁରାଗ)*

ପ୍ରେଷ୍ଠ-ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

# ଅମୀୟ-ବାଣୀ

*ସଂକଳୟିତା* – ଶ୍ରୀଅଶ୍ୱିନୀକୁମାର ବିଶ୍ୱାସ

*(ପୂର୍ବପ୍ରକାଶିତ ଉତ୍ତାରୁ........)*

ପ୍ରଚାର ସମ୍ବନ୍ଧରେ କଥା ଉଠିଲା । ସିଏ କହିଲେ, ''ଦେଖନ୍ତୁ, ବିଶ୍ୱଗୁରୁ, ଠାକୁର ଇତ୍ୟାଦି ରୂପରେ ମୋର ପ୍ରଚାର କରି ଦେବାଟାରେ କେବଳ ଆପଣମାନଙ୍କରହିଁ ଦୋଷ ନୁହେଁ, ପରମପିତାଙ୍କରବି ସେଥିରେ ଟିକେ ଦୁଷ୍ଟାମି ରହିଛି । ମତେ ଦେଇ କାମ ନ କରାଇ ଆପଣମାନଙ୍କୁ ଦେଇ କାମ କରାଇବା ପାଇଁହିଁ ବୋଧହୁଏ ସେଇଭାବେ ବାଧା ଉପସ୍ଥିତ କରିଲେ । ହୁଏତ ତାଙ୍କ କଥା directly (ପ୍ରତ୍ୟକ୍ଷ) ଶୁଣିବା ଆଉ ବୁଝିବାଠାରୁ, ଆପଣମାନଙ୍କ ଭିତର ଦେଇ ତାଙ୍କର କଥା ଶୁଣି ବୁଝିବାକୁ ସୁବିଧା ହେବ, ତେଣୁ ସେଇଭଳି ବ୍ୟବସ୍ଥା ।''

ପିତା ଓ ସିଏ ଏକହିଁ, ଏହି ବୋଧ ସର୍ବଦା ରହିଛି । ତେଣୁ ସାବଧାନ ରହିବି କଥାରେ-ବାର୍ତ୍ତାରେ ସେଇ ଏକତ୍ୱ ସୂଚିତ ହୋଇପଡ଼େ । ସେଥିପାଇଁ କହି ପକାଇଲେ, ''ତାଙ୍କର କଥା directly ଶୁଣିବା ।'' ପୁଣି କହିଲେ, ''ମୁଁ ତ କେବେବି ଗୁରୁ ହେବାକୁ ଯାଇନି, ବରଂ ବରାବର ଆପତ୍ତିହିଁ କରିଛି, ବାଧାହିଁ ଦେଇଛି । କେଉଁ କ୍ଷଣରେ ଜାଣେନା ଆପଣମାନେ ସେଇଭଳି ପ୍ରଚାର କରି ପକାଇଲେ, ଆଉ ପରମପିତାବି ତା' ରଦ କରିଲେନି ।''

ମୁଁ– ଆପଣଙ୍କରହିଁ ଅଦୃଷ୍ଟର ଦୋଷ ।

ଶ୍ରୀଶ୍ରୀଠାକୁର– ଅଦୃଷ୍ଟର ଲେଖାହିଁ ହୁଏତ । ଦେଖନ୍ତୁ, କୌଣସିଦିନହିଁ ତ ମୁଁ ଠାକୁର, ଅବତାର, ମହାପୁରୁଷ ଏସବୁ ହେବାକୁ ଚାହିଁନି, ସେ ସମସ୍ତ କଥାରେ ସେଭାବେ ମୂଳରୁହିଁ ତ ଆପତ୍ତି କରି ଆସୁଛି । ସାଧୁପୁରୁଷର କୌଣସିବି ପ୍ରକାର ଲକ୍ଷଣ ନାହିଁ । ଚିତା, ତିଳକ, ମାଳା, ଗେରୁଆ ଚିମୁଟା ବା ବଡ଼ବାଳ, ଜଟାଜୁଟ, କି ନଣ୍ଡାମୁଣ୍ଡ କିଛିହିଁ ତ ନାହିଁ; ଲୁଗାପଟା, ଆଚାର-ବ୍ୟବହାର, ଚାଲିଚଳନ ତ ସାଧାରଣ ଭଦ୍ରଲୋକ ଭଳି । ଘର-ସଂସାର ଅଛି, ମା', ବାପା, ଭାଇ, ଭଉଣୀ, ସ୍ତ୍ରୀ, ପୁତ୍ର ସମସ୍ତେହିଁ ଅଛନ୍ତି; ତେବେବି ନିସ୍ତାର ନାହିଁ; ହୋଇଗଲି ସଦ୍‌ଗୁରୁ, ଠାକୁର, ଅବତାର କେତେ କ'ଣ ! ଆଉ ଲୋକେବି ତା'ହିଁ ଦେଖିବାକୁ ଏଠାକୁ ଆସନ୍ତି । କ'ଣ ଆଉ କହିବି, ପରମପିତାଙ୍କର ଯା' ଇଚ୍ଛା ତା'ହିଁ ତ ହେବ ।

ରାତିରେ ଗୀତାର ଆଲୋଚନା ହେଉଛି । 'ନିର୍ମମ' କହିଲେ କ'ଣ ବୁଝାଏ ତା'ହିଁ କହିଲେ, ''ନିର୍ମମ ମାନେ ନିଷ୍ଠୁର ନୁହେଁ; କୌଣସି କିଛିରେ ମମତ୍ୱବିହୀନ । କିପରି– ଯେପରି ଗୋଟେକୁ ମୋର ବୋଲି ଧରିବା– ଅନ୍ୟଗୁଡ଼ିକ ମୋର ନୁହେଁ; ଯେପରି 'ମୋର ପୁଅ' as distinguished from ଅପରର ପୁଅ । ଯିଏ କେତେଗୁଡ଼ିଏ ପୁଅଙ୍କ ମଧ୍ୟରେ ଗୋଟେକୁ ମୋର ବୋଲି ଧରେ– ସେହିଁ ସେଥିରେ ମମତାଯୁକ୍ତ କୁହାଯାଏ । ଆଉ, ସେଇ ମମତା ପାଇଁ ହିଁ ବରଂ ସେ କେତେ ପରିମାଣରେ ଅପରଗୁଡ଼ିକ ସମ୍ବନ୍ଧରେ ନିଷ୍ଠୁର ହୋଇବି ପାରେ, କିନ୍ତୁ ନିର୍ମମ ସେହିଁ– ଯା'ର ସବୁଗୁଡ଼ିକରେହିଁ– ସବୁ ସେଥିରେହିଁ, ତୁଲ୍ୟରୂପେ ମମତା, ଗୋଟେରେ ବିଶେଷରୂପେ ନୁହେଁ । ସମସ୍ତଙ୍କର ମଙ୍ଗଳ-ଇଚ୍ଛାହିଁ ତୁଲ୍ୟଭାବେ ତା'ର ମନରେ ଜାଗେ– ଏହା ନୁହେଁ ଯେ କା'ରିବି ପ୍ରତି ମମତା ନାହିଁ– ସମସ୍ତଙ୍କ ପ୍ରତିହିଁ ନିଷ୍ଠୁର– ଏହା ନିର୍ମମତା ନୁହେଁ । ସମସ୍ତଙ୍କ ପାଇଁହିଁ ସମାନଭାବେ feel (ଅନୁଭବ) କରି ସମସ୍ତଙ୍କର ମଙ୍ଗଳ କରିବାକୁ ଇଚ୍ଛୁକ, ତୁଲ୍ୟରୂପେ ତା'ହିଁ କରିବାକୁ ଚେଷ୍ଟା କରେ, କୌଣସିଟାରେହିଁ ବିଶେଷରୂପେ attached (ଆସକ୍ତ) ନ ହୋଇ । ଆଉ କୌଣସିଟାରେହିଁ ବିଶେଷରୂପେ attached (ଆସକ୍ତ) ନ ହେବାରୁ– ତା' ମଧ୍ୟରୁ ଏକର ଅଭାବରେବି ବିଶେଷ ଦୁଃଖ ବୋଧ ହୁଏନା । ସମସ୍ତଙ୍କ ପାଇଁ ତୁଲ୍ୟ ବୋଧ ଥିବାରୁ ଗୋଟେ ଗଲେବି ପାଞ୍ଚଟା ଥାଇପାରେ । ସେଇ ମୁଁ-ତ୍ୱର ପ୍ରସାର ଆଉ କ'ଣ ! ମୁଁ-ତ୍ୱର ପ୍ରସାରର ସଙ୍ଗେ ସଙ୍ଗେ ମମତ୍ୱର ପ୍ରସାର ହେଲେ ତା'କୁ ବିଶେଷ ବ୍ୟକ୍ତି ବା ବସ୍ତୁ-ସମ୍ବନ୍ଧରେ ନିର୍ମମ ବା ମମତାବିହୀନ କୁହାଯାଏ, କିନ୍ତୁ ତା' ବୋଲି ସେ ନିଷ୍ଠୁର ନୁହେଁ ।''

**୩୧-ଶ୍ରାବଣ, ଶନିବାର–** ଶ୍ରୀଶ୍ରୀଠାକୁର, ମହାରାଜ ଏବଂ ମୁଁ ଅଛୁ । ପ୍ରସଙ୍ଗକ୍ରମେ କଥା ଉଠିଲା ଯେ, ଦୀନତା, ହୀନତା, ମୁଁ ଅଧମ, ତୃଣାଦପି ନୀଚ ଇତ୍ୟାଦି ଭାବ ଏବଂ ଜୀବର ଉଦ୍ଧାର ପାଇଁ ଧର୍ମୋପଦେଶ ଦାନ ଏକହିଁ ସମୟରେ ଏକତ୍ର ଅବସ୍ଥାନ ସମ୍ଭବ କିପରି ? ଅର୍ଥାତ୍ ମୁଁ ସମସ୍ତଙ୍କଠାରୁ ହୀନ; ଯେପରି ବଦମାସ, ଚୋର, ଡ଼କାୟତଠାରୁ ହୀନ ବୋଲି ଯଦି ସ୍ୱୀକାର କରେ ଏବଂ ତା'ହିଁ କହେ, ତେବେ ସେଇ ସମୟରେ ଚୋରକୁ, ବଦମାସକୁ 'ଚୋରି ବଦମାସୀ କରିବା ଅନ୍ୟାୟ, ଦୋଷ, ଏହା କରନା, ଧର୍ମ ସାଧନ କର', ଏହି ଉପଦେଶ ଦେବାକୁ ଗଲେ ମୋର ହୀନତା-ଦୀନତା ଭାବ ସଙ୍ଗେ ଟିକେ ସଂଘର୍ଷ ହୁଏ ଯେ, ମୁଁ ଯେ ସେତେବେଳେ ଚୋରଠାରୁ ଅଧମ ବୋଲି ନିଜକୁ ସ୍ୱୀକାର କରେବି ନାହିଁ, ବରଂ ଚୋରହିଁ ଅଧମ, ଦୋଷୀ ବୋଲି ତା'କୁ ଉପଦେଶ ଦିଏ ବା ସାବଧାନ କରେ– ଫଳରେ ମୋର ଅହଙ୍କାରନାଶକ ଦୀନତା-ହୀନତାର ଭାବ କିଛି କମିଯାଏ, ଟିକେ ଅହଂ ଜାଗିଉଠେ ।

ଶ୍ରୀଶ୍ରୀଠାକୁର– ଶୁଣିବାକୁ ପାଏ– ଶ୍ରୀଚୈତନ୍ୟ ଖୁବ୍ ଦୀନତା-ହୀନତା ସାଧନ କରିଥିଲେ । ପୁଣି ଜଗାଇ-ମାଧାଇଙ୍କ ଭଳି ପାଷଣ୍ଡ ଉଦ୍ଧାରବି ତ କରିଥିଲେ, ତା'ହେଲେ ତା' ସମ୍ଭବ ହେଲା କିପରି ?

ମୁଁ– ସିଏ ଯେତେବେଳେ ପାପୀ-ତାପୀକୁ ଉପଦେଶ ଦେଉଥିଲେ, ତତ୍‌କାଳେ ଜ୍ଞାନର ଅହଂ ଟିକେ ତ ରଖିବାକୁ ହୋଇଥିଲା । କାର୍ଯ୍ୟତଃ ହିଁ ସେଇ ସମୟ ପାଇଁ ସିଏ ସେମାନଙ୍କଠାରୁବି ଦୀନହୀନ ଏସବୁ ଅବଶ୍ୟ ରଖି ନାହାଁନ୍ତି ।

ମହାରାଜ– ସେମାନଙ୍କର ଦୀନତା-ହୀନତାରେହିଁ କେତେ ଲୋକ ଗଳି ଯାଆନ୍ତେ । ଦୀନତା-ହୀନତାଦ୍ୱାରା ଲୋକର ହୃଦୟ ଗଳେଇ ପରେ ଉପଦେଶ ହୁଏତ ଦେଉଥିଲେ ।

ମୁଁ– କିନ୍ତୁ ତା'ହେଲେ କହିବାକୁ ହୁଏ ଯେ, ସେଇଟା ସର୍ବକ୍ଷଣ ପାଇଁ ସେମାନଙ୍କର ସ୍ୱଭାବଗତ ହୋଇ ଯାଇନି । ଲୋକକୁ ଗଳାଇବା ପାଇଁ ସେପରି ଭଣ୍ଡାମି କରାଯାଉଥିଲା କୁହାଯାଇପାରେ । କିନ୍ତୁ ସେ ତ କପଟତା, ତା' ଶ୍ରୀଗୌରାଙ୍ଗଙ୍କଠାରେ ସମ୍ଭବ ନୁହେଁ ।

ଶ୍ରୀଶ୍ରୀଠାକୁର– ଆଉ ଭାବନ୍ତୁ, କିପରି କରି ସେଇ ଦୀନତା ଏବଂ ଲୋକକୁ ଧର୍ମଦାନ ଏକତ୍ର ସାମଞ୍ଜସ୍ୟ ହୋଇପାରେ ।

ମୁଁ– ପାପୀର ପାଦରେ ପଡ଼ି ଧର୍ମଦାନ କରିଲେ ହୋଇପାରେ, କିନ୍ତୁ ତା'ବି ତ ସବୁବେଳେ କରନ୍ତିନି ।

ଶ୍ରୀଶ୍ରୀଠାକୁର– ଆହୁରି ଭାବନ୍ତୁ ।

ମୁଁ– (ଭାବି କହୁଛି) ଏହିଭଳି ସାମଞ୍ଜସ୍ୟ ହୁଏ, ଦୀନତା ରଖିହିଁ ଲୋକର ପାପ-ତାପକୁ ପାପ-ତାପ ନ କହି– ଲୋକଙ୍କୁ ପାପୀ ନ କହି– ଯା' କରିଛ ଭାଇ ଭଲହିଁ କରିଛ, ଆହୁରିବି ଭଲ ଏହିପରି କର, କହି ଧର୍ମଦାନ କରାଯାଏ । ସେଥିରେ ସେପରି ଭାବସଂଘର୍ଷର ଆଶଙ୍କା ନାହିଁ ।

ଶ୍ରୀଶ୍ରୀଠାକୁର– ପ୍ରାୟଃ ବାଟକୁ ଆସୁଛନ୍ତି । ହୁଏ କ'ଣ,– ଦୀନତା ଅଭ୍ୟସ୍ତ ଅର୍ଥାତ୍ ଅହଙ୍କାର ନାଶ ହୋଇଗଲେ ଆଉ ଅପରର ଦୋଷକୁ ଦୋଷ ବୋଲି ନଜର ପଡ଼େନା, ପାପୀ-ତାପୀ ବୋଲି କାହାକୁ ବି ଛୋଟ ଦେଖାଯାଏନା, ବରଂ ସମସ୍ତଙ୍କୁ ନିଜ ଭଳି ବୋଲି ବୋଧହୁଏ, ସେତେବେଳେ ସେମାନଙ୍କର ପାପ-ଦୋଷଗୁଡ଼ିକୁ ଦୁର୍ବଳତା ବୋଲି ମନେହୁଏ ଏବଂ ସେମାନଙ୍କୁ ଏଥିପାଇଁ ଦୋଷୀ ବୋଲି ମନେହୁଏନା । ମନେହୁଏ, ସେମାନେ ଚେଷ୍ଟା କରି ପାରୁନାହାଁନ୍ତି– ତା'ର ହାତ ଏଡ଼ାଇବାକୁ– ବା ଭ୍ରମ କରୁଛନ୍ତି– ବୁଝିପାରୁନି । କାର୍ଯ୍ୟତଃ ସେତେବେଳେ ସେମାନଙ୍କର ଦୋଷୀ, ପାପୀ ବୋଲି ନିଜଠାରୁ ଛୋଟ ବୋଧ ନହୋଇବି ସେମାନେ ଦୁଃଖରେ ସମବେଦନା ଉପସ୍ଥିତ ହୋଇ ଯେଉଁ ଧର୍ମଦାନ କରାଯାଏ ଓ ତତ୍‌ପ୍ରସଙ୍ଗେ ବାକ୍ୟ-କଥନ ହୁଏ ସେଥିରେ ଦୀନତାରେ ବାଧେନା, ସେତେବେଳେ କେହି ତ ପର ନାହିଁ– ସବୁ ନିଜ-ଭାଇ ହୋଇ ପଡ଼ନ୍ତି । ସହାନୁଭୂତିରେ ହୃଦୟ ଗଳିଯାଏ, ଆଲିଙ୍ଗନ କରି ଦୀନତା ରଖିହିଁ ସେତେବେଳେ ଭାଇକୁ ଧର୍ମଦାନ କରାଯାଏ । ଆଉ ସେପରି ବ୍ୟକ୍ତି ସମ୍ମୁଖରେ ଆସି ଅନେକ ଲୋକ ଜିଜ୍ଞାସୁ ହୋଇପଡ଼ନ୍ତି, ବସ୍ତୁତଃ ତାଙ୍କୁ ଆଉ ଇଚ୍ଛା କରି ଉପଦେଷ୍ଟା ହେବାକୁ ହୁଏନା । ସେମାନଙ୍କ ପ୍ରଶ୍ନର ଉତ୍ତର ଦୀନତା ରଖିହିଁ ଦିଆଯାଏ ଏବଂ ସେଥିରେହିଁ କେତେ ଲୋକ ଧର୍ମଜ୍ଞାନ ଲାଭ କରନ୍ତି ।

'ପୁଣି କା'ରବି ବା ସେଇ କ୍ଷୁଦ୍ର ଅହଂ ନାଶ ସାଧନରେ ଅଭ୍ୟସ୍ତ ହେବା ସଙ୍ଗେ ସଙ୍ଗେ 'ମହା-ମୁଁ' 'ପରମ-ମୁଁ' ଜାଗିଉଠେ, ମୁଁତ୍ୱର ପ୍ରସାର ହୁଏ, ସେ ସର୍ବଘଟରେ ସେତେବେଳେ ନିଜରହିଁ ସତ୍ତା ଉପଲବ୍ଧି କରେ, ନିଜର ମଙ୍ଗଳହିଁ ସାଧନ କରୁଛି ଜାଣି କା'କୁବି ଘୃଣା କରିବାକୁ ବା ପାପୀ ବା ଛୋଟ ଭାବିପାରେନା । ନିଜକୁ ଯେପରି କରି ସୁଧାରିବାକୁ ହୁଏ ସେପରି କରି ଭଲପାଇ ଅପରକୁ ବି ସୁଧାରେ । ଫଳକଥା, ସେପରି ଲୋକ ଯେ ସବୁ ଧର୍ମକଥା କହନ୍ତି ସେଥିରେ ନିଜକୁ include (ଅନ୍ତର୍ଭୁକ୍ତ) କରିହିଁ କହନ୍ତି, 'ଭାଇ, ସେପରି ସମସ୍ତେ ଆମେମାନେ କରିଥାଉ, ସେପରି ଆମମାନଙ୍କର ସମସ୍ତଙ୍କରହିଁ ହୁଏ– ସେଥିରେ ଭୟ କ'ଣ, ତାଙ୍କ ନାମ କର, ସବୁ ଦୂରେଇ ଯିବ', ଇତ୍ୟାଦି, କିନ୍ତୁ ନିଜର ଗୋଷ୍ଠୀର (ଅର୍ଥାତ୍ ଭକ୍ତ-ଅନ୍ତରଙ୍ଗ) ମଧ୍ୟରେ ଯେଉଁମାନେ ନିଜର ସାମିଲ ହୋଇ ଯାଇଛନ୍ତି, ସେମାନଙ୍କ ନିକଟରେ ସେପରି ଦୀନତା ରଖି ସର୍ବଦା ଚାଲନ୍ତିନି । ସେଠାରେ ଗୁରୁଭାବ, କଠୋରତା ଇତ୍ୟାଦିବି ପ୍ରକାଶ କରିବାକୁ ହୁଏ । ଶ୍ରୀଗୌରାଙ୍ଗ ଛୋଟ-ହରିଦାସକୁ କି ସାମାନ୍ୟ କାରଣରୁ technical (ନାମମାତ୍ର) ଦୋଷ ପାଇଁ କିପରି ବଜ୍ରାଦପି କଠୋର ହୋଇ ତ୍ୟାଗ କରିଥିଲେ । ତା' ବେଳକୁ ଦୀନତା-ହୀନତା-କୋମଳତା, 'ମୃଦୁନି କୁସୁମାଦପି' ଭାବ ଦେଖାନ୍ତି ନାହିଁ ।'

*(କ୍ରମଶଃ)*

# ଇସଲାମ ପ୍ରସଙ୍ଗ

*ପ୍ରଶ୍ନକର୍ତ୍ତା* – **ମହମ୍ମଦ ଖଲିଲର ରହମାନ**
**ଓ ଶ୍ରୀକୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ**, ଏମ.ଏ

*(ପୂର୍ବପ୍ରକାଶିତ ଉତ୍ତାରୁ........)*

ପ୍ରଶ୍ନ– ତଫ୍‌ସୀର ଶାହରେ ଅଛି– ''ସାମୟିକ ପ୍ରେରିତପୁରୁଷଙ୍କୁ ମାନ୍ୟ କରିଲେ ଈଶ୍ୱରଙ୍କୁ ମାନ୍ୟ କରାହୁଏ– ତଦ୍‌ବ୍ୟତୀତ ଈଶ୍ୱରଙ୍କ ଆଦେଶ ମାନ୍ୟ କରିବା ମିଥ୍ୟା !'' ଏହି ପ୍ରେରିତ-ପୁରୁଷ କ'ଣ ସବୁ ସମୟରେ ମିଳନ୍ତି ? ଆଉ, ପ୍ରେରିତ-ପୁରୁଷ କ'ଣ କୌଣସି ସମ୍ପ୍ରଦାୟ-ବିଶେଷର ? ତା' ଯଦି ହୁଏ ତେବେ ଏକ ସମ୍ପ୍ରଦାୟର ଲୋକ ବିଭିନ୍ନ-ସମ୍ପ୍ରଦାୟର ପ୍ରେରିତ-ପୁରୁଷଙ୍କୁ କିପରି ଅନୁସରଣ କରିପାରନ୍ତି ?

ଶ୍ରୀଶ୍ରୀଠାକୁର– ତଫସୀର ଶାହଙ୍କ ବାଣୀ ଅତି ଯଥାର୍ଥ, ଅତି ସତ୍ୟ ! ଯେତେବେଳେହିଁ ଭଗବାନଙ୍କ ବାଣୀ– ବହୁଦର୍ଶିତାର ଆଲୋକ, ଗୁଣର ଅଭିବ୍ୟକ୍ତି, ଦର୍ଶନର ବୋଧ ଓ ଜାଣିବା ଯା'କିଛି– ବ୍ୟକ୍ତିର ଭିତର ଦେଇ ଆମମାନଙ୍କ ସମ୍ମୁଖରେ ପ୍ରକଟ ହୋଇ ନଉଠେ, ଅଥଚ କଥାଗୁଡ଼ିକ ଜୀବନ ଓ ବର୍ଦ୍ଧନରେ– ଗୋଟେ କଥାରେ ଧର୍ମର ଉପଦେଶଗୁଡ଼ିକ ଯଥାଯଥଭାବେ ପୁସ୍ତକ ଓ ପଣ୍ଡିତ ଅଥଚ କାମେଲ ନୁହେଁ ଏହିଭଳି ମଣିଷର ମୁହଁରେ ଥାଏ, ଆମେମାନେ ତା'ର ସାର୍ଥକତାର ପ୍ରଲୋଭନରେ, ଜୀବନ ଓ ବୃଦ୍ଧିର ଆକୃତିରେ ବୃତ୍ତି-ଉପଭୋଗର ଚାହିଦାର ଭିତର ଦେଇ, ତା'ରହିଁ ରଙ୍ଗରେ ରଙ୍ଗେଇ, ସେଗୁଡ଼ିକୁ ବୃତ୍ତି-ଉପଭୋଗ-ମାଫିକ କରି ନେଇ ଅନୁସରଣ କରିବାକୁ ଆରମ୍ଭ କରୁ– ଆଉ, ତା'କୁ support କରିବା ଉଦ୍ଦେଶ୍ୟରେ ନାନାପ୍ରକାର ଯୁକ୍ତିଜାଲର ଅବତାରଣା କରି, ସେଗୁଡ଼ିକୁ ଅକାଟ୍ୟ କରି ଜୀବନ-ବୃଦ୍ଧିର ପ୍ରଲୋଭନରେ ବୃତ୍ତି-ଉପଭୋଗର ପ୍ରରୋଚନାରେ, ବେଶ ହିସାବୀ ଭଳି ବେହିସାବରେ ଜୀବନ-ବୃଦ୍ଧିକୁହିଁ ଫାଙ୍କି ଦେଇ ଚାଲିଥାଉ !

ସେତେବେଳେ ଏପରି କୌଣସି ଆଦର୍ଶ ନ ଥାଆନ୍ତି ଯା'ଙ୍କୁ ଦେଖି କିମ୍ବା ଯା'ଙ୍କଠାରେ ମତେ ଦେଖି, ଆମମାନଙ୍କର ଏହି ହିସାବୀ ବେହିସାବ ଚଳନ। ଓ ଚିନ୍ତାଗୁଡ଼ିକୁ ଦେଖି ଧରି ପକାଇପାରେ । ସେତେବେଳେ ଏହିଭଳି ଅବସ୍ଥାରେହିଁ ଆସି ଉପସ୍ଥିତ ହୁଏ– ବଞ୍ଚିବାକୁ ଯିବା, ବଢ଼ିବାକୁ ଯିବା– ଅର୍ଥାତ୍ ଧର୍ମ କରିବାକୁ ଯିବାଟାହିଁ ଯେପରି ଅଧର୍ମ କରିବାହିଁ ହୁଏ ! ଆଦର୍ଶ, ବ୍ୟକ୍ତି ଓ ପାରିପାର୍ଶ୍ୱିକ ଭିତରେ ଦୁଃସ୍ୱାର୍ଥାନ୍ଧ, ଜୀବନବୃଦ୍ଧିର ଅପଳାପୀ ନାନା ରକମର ବ୍ୟବଚ୍ଛେଦ ଆସି ହାଜର ହୁଏ ! ଦିନେ ସେଇ ପୂର୍ବପ୍ରେରିତ-ପୁରୁଷ ବା Superior Belovedଙ୍କ ଆଲିଙ୍ଗନରେ ମଣିଷର ଜଗତଟା ଯେପରି ପାରମ୍ପର୍ଯ୍ୟ-ହିସାବରେ ଯଥାକ୍ରମେ ବିନ୍ୟସ୍ତ ହୋଇଥିଲା ଅର୍ଥାତ୍ ଗୋଟେ ନିବିଡ଼ cosmos ହୋଇ ଉଠିଥିଲା,– ସମ୍ମୁଖରେ ସେହିଭଳି Superior Beloved ବା ପ୍ରେରିତ-ପୁରୁଷ ନ ଥିବା ଯୋଗୁଁ, ତାଙ୍କର ସେଇ ନିବିଡ଼ ବାସ୍ତବ ବ୍ୟକ୍ତ ଆଲିଙ୍ଗନ ନ ପାଇ, ବୃତ୍ତିର ଆଖଡ଼ାରେ ବଞ୍ଚିବା-ବଢ଼ିବାର ଚଳନାଗୁଡ଼ିକ ନିୟନ୍ତ୍ରିତ ହୋଇ, ପ୍ରତ୍ୟେକର ସବୁ-ଦୁନିଆଟା ଯେପରି ବିରୋଧ ଓ ବିଚ୍ଛେଦପୂର୍ଣ୍ଣ ହୋଇ ଉଠିଲା– କିପରି ଯେପରି ଗୋଟେ ହାରି ଯିବା ଭଳି, ଉଦ୍‌ବ୍ୟସ୍ତ ବିକ୍ଷେପ ଭଳି, ହଇରାଣୀ ପରିବେଶ ଭଳି ଦୁନିଆଟା chaosରେ ପରିଣତ ହୋଇ ଉଠିଲା– ଦୁଃଖ-ଦୁର୍ଦ୍ଦଶାରେ ପଥହରା, ପ୍ରୟୋଜନମୁଖର ଭ୍ରମ-ବିରୋଧ-ବିଚ୍ଛେଦପୂର୍ଣ୍ଣ, ଭଲ କରିବାକୁ ଯାଇ ମନ୍ଦ ହୋଇଉଠେ ଏହିଭଳି– ଗୋଟେ ଫାନ୍ଦରେ ମଣିଷ ବିବ୍ରତ ହୋଇ ଉଠିଲା ! ସେତେବେଳେ ଆସିଲା ଭଗବାନଙ୍କଠାରେ ଅବିଶ୍ୱାସ– ପ୍ରେରିତ-ପୁରୁଷଙ୍କଠାରେ

ଅନାସ୍ଥା, ଅନନୁସରଣ— ଆଚାର୍ଯ୍ୟ, apostle, ଋତ୍ୱିକଙ୍କୁ ଅନାଦର— ଅମୃତ ଭୁଲି ମରଣ ଆଦୃତ ହେବାକୁ ଲାଗିଲା- ଅନାଚାର, ଦୁର୍ବଳତା, ଦୁର୍ଦ୍ଦଶା, ଦୁର୍ନୀତି, ଦୁରଭିସନ୍ଧି ଇତ୍ୟାଦି ନେଇ ଶୟତାନ ତା'ର କ୍ଷୁଦ୍ର ଚକ୍ଷୁ ମେଲି ରାକ୍ଷସର ମୂର୍ତ୍ତିରେ ତା'ର ଅନ୍ଧ-ତମସାର ଦିଗହରା ଭେରୀ ବଜାଇ ବୁଲିବାକୁ ଲାଗିଲା !

ତେଣୁ, ଏଗୁଡ଼ିକରୁ ତ୍ରାଣ କରିବାକୁ ସେଇ ତତ୍‌ସାମୟିକ ଯିଏ ପ୍ରେରିତ-ପୁରୁଷ, କେବଳ ସିଏହିଁ ତା' ପାରନ୍ତି । ତାଙ୍କ ସଂସ୍ପର୍ଶରେ ସେଇସବୁ କଥାର ଭ୍ରାନ୍ତି, ଭାବିବାର ଭ୍ରାନ୍ତି, କରିବାର ଭ୍ରାନ୍ତି ଧରା ପଡ଼ି ଖସିପଡ଼େ— ଚଳନାର ପଥ ଆବରଣଶୂନ୍ୟ ହୋଇ ଅମୃତପ୍ରସାରୀ ହୋଇ ଠିଆହୁଏ— ତାଙ୍କୁ ଭଲପାଇ, ତାଙ୍କୁ ଆଲିଙ୍ଗନ କରି, ତାଙ୍କର ନିବିଡ଼ ଚୁମ୍ୱନରେ ସବୁ ଅନ୍ଧାର-ଭରା ଅଜଣା ତୁଟି ଯାଇ, ପ୍ରଚୁର ଆଲୋକରେ ପ୍ରତିପ୍ରତ୍ୟେକେ ଜୀବନ ଓ ବୃଦ୍ଧିର ଉନ୍ନତ-ଉଲ୍ଲମ୍ଫନରେ ଚାଲିଥାଏ— ଦୁନିଆ ସ୍ୱର୍ଗରେ ପରିଣତ ହୋଇଥାଏ ।

ତା'ହେଲେହିଁ ଦେଖନ୍ତୁ, ସାମୟିକ ପ୍ରେରିତ-ପୁରୁଷଙ୍କୁ ବାଦ ଦେଇ, ଅନୁସରଣ ନ କରି, ଯେଉଁମାନେ ଭଗବାନଙ୍କୁ ଅନୁସରଣ କରିବାକୁ ଚାହାଁନ୍ତି, ସେମାନେ ଯେ ବୃତ୍ତିରଙ୍ଗରେ ରଙ୍ଗିଳ ନିଜର ଧାରଣା-ପ୍ରସୂତ ଯାହା, ତା'କୁ ଭଗବାନଙ୍କ ବାଣୀର ତକ୍‌ମାରେ ତାରିଫ ଦେଇ, ଜୀବନ ଓ ବୃଦ୍ଧିର ଅପଳାପୀ ବୃତ୍ତି-ପୁରୁଷାର୍ଥକୁହିଁ ଅନୁସରଣ କରିଥାଆନ୍ତି— ସେଇଟା କ'ଣ ମିଥ୍ୟା ?

ଆଉ, ଯେଉଁମାନେ ପ୍ରେରିତ-ପୁରୁଷ— ସେମାନେ ଯେଉଁ ସମ୍ପ୍ରଦାୟର ଭିତର ଦେଇହିଁ ଗଜେଇ ଉଠନ୍ତୁ ନା କାହିଁକି, ଆଉ କୌଣସି ସମ୍ପ୍ରଦାୟର ବାହାର ଦେଇ ଗଜେଇ ଉଠନ୍ତୁ ନା କାହିଁକି— ସେମାନଙ୍କର ସମ୍ପ୍ରଦାୟହିଁ ହେଉଛି ଭଗବାନଙ୍କୁ ଆଲିଙ୍ଗନ କରି ତାଙ୍କଠାରେ ଉଦ୍‌ବୁଦ୍ଧ ହୋଇ, ଜୀବନ ଓ ବୃଦ୍ଧିକୁ ଉନ୍ନତ-ନିୟନ୍ତ୍ରଣରେ ଚଳେଇ ଉଚ୍ଛଳ ଓ ଉନ୍ନତ କରି ଅମୃତ-ଚଳନାର ଅନନ୍ତ-ଉପଭୋଗରେ ପ୍ରତିନିୟତ ଚାଲୁଥିବା ! ତା'ଛଡ଼ା ସେମାନଙ୍କର କୌଣସି ସମ୍ପ୍ରଦାୟବି ନାହିଁ— ମୁସଲମାନ, ଖ୍ରୀଷ୍ଟାନ, ହିନ୍ଦୁ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ, protestant, catholic, quakers, ସିୟା, ସୁନ୍ନି ଇତ୍ୟାଦି ବୋଲି ବି କୌଣସି କିଛି ନାହିଁ । ଯା'ଙ୍କ ଭିତରେ ସେଇ ଇସ୍‌ଲାମ ଅର୍ଥାତ୍ ଭଗବାନଙ୍କୁ ଆଲିଙ୍ଗନ କରି ଆତ୍ମସମର୍ପଣ କରେ, ଜୀବନ-ବୃଦ୍ଧିକୁ ତାଙ୍କଠାରେ ପ୍ରଚୁର କରି ଅମୃତ-ଚଳନାର ଅନନ୍ତ-ଉପଭୋଗରେ ଚାଲିବା— ସେଠାରେହିଁ ତାଙ୍କର ସମ୍ପ୍ରଦାୟ, ସେଠାରେହିଁ ତାଙ୍କର ସଖା, ସେଠାରେହିଁ ତାଙ୍କର ଉତ୍ସର୍ଗ ! ଏହି ଉତ୍ସବ-ମଣ୍ଡିତ ଚଳନାକୁହିଁ ହୁଏତ ସେମାନେ ଇସଲାମ-ଧର୍ମ କହିଥାଆନ୍ତି । ଯେଉଁମାନେ ଏହିଭଳି ମହାନ୍ ପୂରଣକାରୀ— ଗୋଟେ କଥାରେ କୁହାଯାଇପାରେ, ପ୍ରତ୍ୟେକ ସେମାନେହିଁ ଇସଲାମ-ଧର୍ମୀ !

ତା'ହେଲେହିଁ ଦେଖନ୍ତୁ, ସାମ୍ପ୍ରଦାୟ ଅଛି ସେହିଠାରେହିଁ, ଯେଉଁଠାରେହିଁ ସେଇ ପ୍ରେରିତ-ପୁରୁଷ ନାହାଁନ୍ତି— କିମ୍ବା ସେଇ ପ୍ରେରିତ-ପୁରୁଷଙ୍କ ଚଳନାକୁ ଦେଖିଶୁଣି ତାଙ୍କଠାରେ ଅନୁପ୍ରାଣିତ ହୋଇ ନିଜକୁ ଯେଉଁମାନେ ଚଳାଇଛନ୍ତି ବା ଚଳାଉଛନ୍ତି ଏହିପ୍ରକାର ଆଚାର୍ଯ୍ୟ ବା apostle ନାହାଁନ୍ତି— ବା ସେଗୁଡ଼ିକ ସ୍ୱଚକ୍ଷୁରେ ଦେଖିଛନ୍ତି, ତଦ୍‌ଗତପ୍ରାଣ— ତାଙ୍କୁ ତୁଷ୍ଟ କରିବାକୁ, ସନ୍ଦୀପ୍ତ କରିବାକୁ, ବାସ୍ତବରେ ନିଜକୁ ଏପ୍ରକାର ଛାଞ୍ଚରେ ଢ଼ାଳି ସେହିଭାବେ, ସେଇ ଭଙ୍ଗୀରେ, ନିଜର ଯାହା କିଛି ଅଭିବ୍ୟକ୍ତିକୁ ଚିନ୍ତା ଓ ଚଳନାକୁ ଏପ୍ରକାର କରି ତୋଳିଛନ୍ତି ବା ତତ୍‌ପ୍ରୟାସଶୀଳ ଏପ୍ରକାର ଋତ୍ୱିକ୍ ବି ନାହାଁନ୍ତି । ତା'ହେଲେହିଁ ସେମାନଙ୍କୁ ଯେଉଁମାନେ କୌଣସି ସମ୍ପ୍ରଦାୟର ଆଖଡ଼ାରେ ପକାଇ ସେହି ହିସାବରେ ଅନୁସରଣ କରନ୍ତି, ସେମାନେ ଯେ ଗୋଟେ ବେକସୁର ଠକାମିରେ ଠକି ହେବେ ସେଥିରେ ଆଉ କୌଣସି ଭୁଲ୍ ଅଛି ବୋଲି ମନେହୁଏନା ! ଯେ ବା ଯେଉଁମାନେ କୌଣସି ଜାତି, ବର୍ଣ୍ଣ ବା ସମ୍ପ୍ରଦାୟ-ଭୁକ୍ତ କରି ଈଶ୍ୱର, ଖୋଦା ଓ ତାଙ୍କ ପ୍ରେରିତଗଣଙ୍କୁ ଦେଖିବାକୁ ଚାହାଁନ୍ତି ବା ଦେଖିବାକୁ ଯାଆନ୍ତି ସେମାନେ ଅବିଶ୍ୱାସୀ, ସେମାନେ କାଫେର— ଇସଲାମକୁ ସେମାନେ ସ୍ପର୍ଶ କରିବାର ବି ଉପଯୁକ୍ତ ନୁହଁନ୍ତି ! ଏକଥା ଜାଣିବେ, ଯେଉଁମାନେ ପ୍ରେରିତ ସେମାନେ convert ନୁହଁନ୍ତି କେବେବି— but baptised, initiated and bedewed with love for Superior Beloved- indeed ever and everywhere !

କାହିଁକି ନା, Superior Belovedଙ୍କ ଟାଣ ସେମାନଙ୍କ ହୃଦୟରେ ଏପରିଭାବେହିଁ ପ୍ରବଳ ଓ ପ୍ରଖର, ଯାହା ଦେଇ ସେମାନେ ପ୍ରତ୍ୟେକେ ବୃତ୍ତିର ଯାହାକିଛି ତତ୍‌ସ୍ୱାର୍ଥ ଓ ତତ୍‌ପ୍ରତିଷ୍ଠା-ପରାୟଣତାରେ ଅଭିଷିକ୍ତ ହୋଇଥାଆନ୍ତି । ଦୁନିଆର ଯାହା କିଛି ସବୁକିଛି କରି ସେମାନେ ସେମାନଙ୍କର ସେହି Superior Belovedର ପୂଜାରେ ସାର୍ଥକ କରି ତୋଳି ସାର୍ଥକ ହୋଇ ଥାଆନ୍ତି, ତୃପ୍ତ ହୋଇଥାଆନ୍ତି, ସନ୍ଦୀପ୍ତ ହୋଇଥାଆନ୍ତି ! *(କ୍ରମଶଃ)*

ଯେ-ବୋଧ ତୁମର ମହଜୁତ ଅଛି
ବିହିତ ବିଶେଷ ଯେପରି ତା',
ତା'ର ବିନାୟନେ ବୁଦ୍ଧ ହେଲେ
ପ୍ରବୁଦ୍ଧ ହେବ ବିଜ୍ଞତା । ୧୨ ।

*(ଅନୁଶ୍ରୁତି, ୭ମଖଣ୍ଡ, ପ୍ରଜ୍ଞା)*

ପରମ-ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ କଥୋପକଥନ

# ପ୍ରଜ୍ୱଳଦୀପ୍ତି

*ସଂକଳୟିତା* – **ଶ୍ରୀ ମଣିଲାଲ ଚକ୍ରବର୍ତ୍ତୀ**

*(ପୂର୍ବପ୍ରକାଶିତ ଉତ୍ତାରୁ........)*

## ଇଂ-ତା୨୮।୧୦।୧୯୬୭ରିଖ, ଶନିବାର

ସକାଳବେଳା ସାତଟା ବେଳେ ଶ୍ରୀଶ୍ରୀଠାକୁର ବଡ଼ଦଲାଣର ବଡ଼ଘରେ ବସିଛନ୍ତି । ଭକ୍ତମାନଙ୍କ ସଙ୍ଗେ କଥାବାର୍ତ୍ତା କରୁଛନ୍ତି । ପୂଜ୍ୟପାଦ ବଡ଼ଦା ଆସି ବସିଲେ ।

ଶ୍ରୀଶ୍ରୀଠାକୁର– ବଡ଼ବୋଉ କିପରି ଅଛି ?

ବଡ଼ଦା– ଆଜିବି ଜ୍ୱର ନାହିଁ । ଭାତ ଖାଇବାକୁ ଦେବି । ବାବା ! ମୁଁ ଘରକୁ ଯାଇ (ନଡ଼ାଇଲ ହାଉସ) ସ୍ନାନ ସାରି ଆସେ ?

ଶ୍ରୀଶ୍ରୀଠାକୁର– ହଁ । ପଦ୍ମାକୁ ଯିବୁ ?

ବଡ଼ଦା– ଏଇଟା ଦେଓଘର, ପଦ୍ମା ଏଠାରେ ନାହିଁ । ଘରକୁ ଯିବି ।

ପୂଜ୍ୟପାଦ ବଡ଼ଦା ଶ୍ରୀଶ୍ରୀଠାକୁରଙ୍କ ଅନୁମତି ନେଇ ନଡ଼ାଇଲ ହାଉସ (ଅର୍ଥାତ୍ ଷୋଡ଼ଶୀଭବନ) ଆଡ଼େ ଗଲେ ।

ଶ୍ରୀଶ୍ରୀଠାକୁର– ସୁକୃତି ଓ ବିକୃତି ଦୁଇଟା ଜିନିଷ ଅଛି । ସୁକୃତି ମଣିଷକୁ ପାରଗତାରେ ଉଭିନ୍ନ କରିତୋଳେ । ସେଥିରେ ପ୍ରତି କାମରେହିଁ ମଣିଷ ଗୋଟେ ପ୍ରେରଣା ଅନୁଭବ କରେ । ସେ ଉତ୍ତରୋତ୍ତର ବଢ଼ିହିଁ ଚାଲେ । ଆଉ, ଜଣେ ଯଦି ବିକୃତିର ପଥରେ ଚାଲେ ସେତେବେଳେ ତା' ଭିତରେ ଗୋଟେ ପୈଶାଚିକ ବୃତ୍ତିର ପ୍ରକାଶ ପାଏ । ସେ ତା' କରି କରି କ୍ରମଶଃ କ୍ଷୟ ଦିଗରେହିଁ ଚାଲିଥାଏ । ଇଷ୍ଟକେନ୍ଦ୍ରିକ ଚଳନ ଯୋଗୁଁ ଅନେକ ବିକୃତପରାୟଣ ଲୋକ ସୁକୃତିପରାୟଣ ହୋଇଉଠିଛନ୍ତି, ଏପରି ଅନେକ ଦେଖାଯାଏ । (ଭକ୍ତମାନଙ୍କ ଆଡ଼େ ଚାହିଁ) ଜଣେ ହୁଏତ ବହି ପଢୁଛି । ସେଥିରୁ ଜ୍ଞାନ ଆହରଣ କରୁଛି । ସେଇ ଜ୍ଞାନ ଅନୁଯାୟୀ ନିଜକୁ moulded (ବିନାୟିତ) କରିବାକୁ ଚେଷ୍ଟା କରେ । ସେଥିରେ ଅଗ୍ରସର ହୁଆଯାଏ । କିନ୍ତୁ ଗୁରୁ ବା ଇଷ୍ଟ ଦରକାରହିଁ । ଗୁରୁକେନ୍ଦ୍ରିକ ହୋଇ ଚାଲିଲେ ସବୁହିଁ ସୁନ୍ଦରରେ ସମାପନ ହୁଏ ।

ମୁଁ– ଏଥର ବଡ଼ଦାଙ୍କ ସହିତ କର୍ମୀବୈଠକରେ କର୍ମୀମାନେ ଆଳାପ ଆଲୋଚନା କରି ପ୍ରତ୍ୟେକେହିଁ ଖୁବ୍ ଖୁସୀ ହୁଅନ୍ତି । ଖୁବ୍ ସୁନ୍ଦର ଆଲୋଚନା ହୁଏ ।

ଶ୍ରୀଶ୍ରୀଠାକୁର ଖୁବ୍ ହସିଲେ ।

ମୁଁ– ପ୍ରଫୁଲ୍ଲଭାଇ କହୁଛନ୍ତି ଯେ ବଡ଼ଦାଙ୍କ ସହିତ ମଣିଷ ମିଶେନା । ତେଣୁ ବୁଝେନା । ଯେଉଁମାନେ ବଡ଼ଦାଙ୍କ ସହିତ ମିଳାମିଶା କରନ୍ତି ସେମାନେ ବୁଝିପାରନ୍ତି, ସିଏ କିପରି ଲୋକ, କେତେ balanced (ନିୟନ୍ତ୍ରିତ) ମଣିଷ ! ତା'ର କର୍ମୀବୈଠକର

ଅନ୍ୟର ବୋଧସଙ୍ଗତିରେ
ଶିଷ୍ଟ ବୋଧ ଯଦି ନ ହେଲା,
ସେପରି ବୋଧର ବୁଦ୍ଧି କୋଉଠି,–
ବେତାଳ ଚାଲରେ ନିକାଶ ହେଲା । ୧୪ ।
*(ଅନୁଶ୍ରୁତି, ୭ମଖଣ୍ଡ, ପ୍ରଜ୍ଞା)*

ପ୍ରତ୍ୟେକଟି କଥାହିଁ ଖୁବ୍ ସାମଞ୍ଜସ୍ୟପୂର୍ଣ୍ଣ (balanced) ହୋଇଛି ।

ଶ୍ରୀଶ୍ରୀଠାକୁର (ଖୁବ୍ ତୃପ୍ତିର ସହିତ ହସି) କହିଲେ— ଖୁବ୍ ଭଲ । ''ମହାସିନ୍ଧୁର ସେପାରିରୁ କି ସଙ୍ଗୀତ ଭାସି ଆସେ ।'' ତୁ ଏହି ଗୀତଟି ଜାଣିଛୁ ?

ମୁଁ— ନା । ଆଜ୍ଞା । ଗୀତଟା ଶୁଣିଛି । ୩।୪ ଲାଇନ ଜାଣେ ।

ଶ୍ରୀଶ୍ରୀଠାକୁର— ପିଲାଦିନେ ମୁଁ ସେଇ ଗୀତଟି ଗାଉଥିଲି ଖୁବ୍ । କା'ର ଗୀତରେ ଏଇଟା ?

ମୁଁ— ଦ୍ୱିଜେନ୍ଦ୍ରଲାଲ ରାୟଙ୍କର ।

ଶ୍ରୀଶ୍ରୀଠାକୁର- ଦେଖ୍ ତ ! କୋଉଠି ଅଛି ? ଗୀତଟା ବାହାର କରି ପଢ଼ ତ ?

ମୁଁ— ଚନ୍ଦ୍ରଗୁପ୍ତ ନାଟକରେ ଅଛି ।

ମୁଁ ବହିଟି ନେଇ ଆସି ଶ୍ରୀଶ୍ରୀଠାକୁରଙ୍କୁ ପଢ଼ି ଶୁଣାଇଲି ।

ସେଇ ମହାସିନ୍ଧୁର ସେପାରିରୁ କି ସଙ୍ଗୀତ
ଭାସିଆସେ କେ ଡ଼ାକେ ମଧୁର ତାନେ କାତର
ପ୍ରାଣେ ଆ' ଚାଲି ଆ'
ଆରେ ଆ' ଚାଲି ଆ' ମୋହରି ପାଶେ,
ବୋଲେ ଆସରେ ଛୁଟି ଆସରେ ତୁମେ,
ଏଠି ନାଇଁଟି ମୃତ୍ୟୁ ନାଇଁଟି ପରା
ଏଠି ପବନ ଗୀତି ଗନ୍ଧେ ଭରା
ଚିରସ୍ନିଗ୍ଧ ମଧୁମାସେ
ଏଠାରେ ଚିରଶ୍ୟାମଳ ବସୁନ୍ଧରା,
ଚିରଜ୍ୟୋସ୍ନା-ନୀଳାକାଶେ ।
କାହିଁ ଭୂତର ବୋଝ ବୋହୁ ପିଠିରେ
ଭୂତର ବେଗାରୀ ଖଟି ମରୁଛୁ
ଦେଖ୍ ସେହି ସୁଧାସିନ୍ଧୁ ଉଛୁଳୁଛି
ପୂର୍ଣ୍ଣ ଇନ୍ଦୁ ପରକାଶେ
ଭୂତର ବୋଝ ଫିଙ୍ଗି ଘରର ପୁଅ ଆ'
ଚାଲି ଆ' ମୋହରି ପାଶେ
କାହିଁ କାରାଗୃହେ ଅଛୁ ବନ୍ଧ
ଆରେ ଆରେ ମୂଢ଼ ଆରେ ଅନ୍ଧ
ଆରେ ସେଇ ପରମାନନ୍ଦ,
ଯେ ମୋତେ ପାଆନ୍ତି ଭଲ
କାହିଁ ଘରର ପୁଅ ପର ପାଖରେ,
ପଡ଼ି ଅଛୁରେ ପରବାସେ ।*(ଚନ୍ଦ୍ରଗୁପ୍ତ, ପୃ.-୧୧୮)*

ଶ୍ରୀଶ୍ରୀଠାକୁର- ଖୁବ୍ ଭଲ । ଗୀତଟା ରେଡ଼ିଓରେ ବି ମଝିରେ ମଝିରେ ଦିଏ ।

ମୁଁ— ଆଜ୍ଞା । ରେଡ଼ିଓରେବି ହୁଏ ।

ଶ୍ରୀଶ୍ରୀଠାକୁର— ଟିପି ରଖ ତୋ ଖାତାରେ ।

ମୁଁ— ଆଜ୍ଞା, ରଖିବି ।

ତା'ପରେ ଶ୍ରୀଶ୍ରୀଠାକୁର ବିଛଣାରୁ ଉଠି ସ୍ନାନ ପାଇଁ ଗଲେ ।

## ଇଂ-ତା୨୯।୧୦।୧୯୬୭ରିଖ, ରବିବାର

ଶ୍ରୀଶ୍ରୀଠାକୁର ସକାଳବେଳା ବଡ଼ଦଲାଣର ବଡ଼ଘରେ ଉପବିଷ୍ଟ ଅଛନ୍ତି । ଏବେ ସାତଟା ବାଜେ । ଅନେକ ଭାଇ ଓ ମା'ମାନେ ଉପସ୍ଥିତ ଅଛନ୍ତି । ପୂଜ୍ୟପାଦ ବଡ଼ଦା ଆସିଲେ । ସିଏ ଶ୍ରୀଶ୍ରୀଠାକୁରଙ୍କ ଚୌକି ପାଖରେ ତଳେ ବସିଲେ ।

ଶ୍ରୀଶ୍ରୀଠାକୁର ବଡ଼ଦାଙ୍କୁ ପଚାରିଲେ— ବଡ଼ବୋଉ କିପରି ଅଛି ?

ପୂଜ୍ୟପାଦ ବଡ଼ଦା— ଆଜ୍ଞା ଭଲ ।

ଶ୍ରୀଶ୍ରୀଠାକୁର— ବଡ଼ବୋଉ ଏବେ ଚାଲିପାରେ ?

ବଡ଼ଦା— ଏବେ ତ ଶରୀର ଦୁର୍ବଳ । ଚାଲିପାରନ୍ତିନି । ଖାଇବାବି ଖୁବ୍ କମ୍ ।

ଶ୍ରୀଶ୍ରୀଠାକୁର (ମଣିଙ୍କୁ)— କାଲି ରାତିରେ ମୁଁ କ'ଣ ଖାଇଥିଲି ?

ମୁଁ— କାଲି ରାତିରେ ଆପଣ ଝୋଳଭାତ ଖାଇଛନ୍ତି । ଟିକେ ଦୁଧବି ପିଇଛନ୍ତି ।

ଶ୍ରୀଶ୍ରୀଠାକୁର— ହଁ ।

ଜଗଜ୍ୟୋତି ସେନଭାଇ (ଦିଲ୍ଲୀ) ଜନୈକ ଭାଇଙ୍କୁ ସଙ୍ଗ କରି ନେଇ ଆସି ଶ୍ରୀଶ୍ରୀଠାକୁର-ପ୍ରଣାମ କରିଲେ । ସିଏ ଜଣେ ବ୍ୟବହାରଜୀବୀ । ଜଗତ୍‌ଭାଇ ଶ୍ରୀଶ୍ରୀଠାକୁରଙ୍କ ସହିତ ତାଙ୍କର ପରିଚୟ କରାଇ ଦେଲେ । ସେମାନେ ଉଭୟେ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ବସିଲେ । ଶ୍ରୀଶ୍ରୀଠାକୁର ଜଗତ୍‌ଭାଇଙ୍କୁ ପଚାରିଲେ— ସେମାନଙ୍କର ରହିବା-ଖାଇବାର ବ୍ୟବସ୍ଥା କରିଛ ?

ସେନଭାଇ— ଆଜ୍ଞା । ସେସବୁ କୌଣସି ଅସୁବିଧା ନାହିଁ । ସବୁ ଠିକ୍ ଅଛି ।

ଶ୍ରୀଶ୍ରୀଠାକୁର— ତୁମେ ଲକ୍ଷ୍ୟ ରଖ ।

ସେନଭାଇ— ଆଜ୍ଞା, ରଖିବି । କେନ୍ଦ୍ରୀୟ ମନ୍ତ୍ରୀ ତ୍ରିଗୁଣା

ବିନ୍ୟାସ-ବିନାୟିତ ବୋଧି ଯା'ର
ସଜାଗ ସୁଦୀପ୍ତ ଅନ୍ତରେ,
ପର୍ଯ୍ୟାୟୀ ତା'ର ଅନୁଚଳନ
ମେଧା ବୋଧି-କନ୍ଦରେ । ୧୫ ।
*(ଅନୁଶ୍ରୁତି, ୭ମଖଣ୍ଡ, ପ୍ରଜ୍ଞା)*

ସେନ ନଭେମ୍ବର ମାସରେ ସୁଯୋଗ କରି ଥରେ ଆସିବେ କହୁଛନ୍ତି । ଆପଣଙ୍କ ସଙ୍ଗେ ଆଳାପ ଆଲୋଚନା କରିବେ । ଭାଷାବିଦ୍ ସିଏ । ସାହିତ୍ୟ ଓ ଭାଷା ନେଇ ଆପଣଙ୍କ ସଙ୍ଗେ କଥାବାର୍ତ୍ତା କରିବାକୁ ଚାହାଁନ୍ତି ।

ଶ୍ରୀଶ୍ରୀଠାକୁର ମୁଣ୍ଡ ହଲାଇ ସମ୍ମତି ଜଣାଇଲେ ।

ମଣି— ଠାକୁର । ଜଗତ୍‌ଭାଇ ଆସିଲେ ସମସ୍ତେ ଖୁବ୍ ଖୁସୀ ହୁଅନ୍ତି । ଦିଲ୍ଲୀରେବି ଦେଖିଛି ତାଙ୍କୁ ସମସ୍ତେ ଖୁବ୍ ଭଲପାଆନ୍ତି । ତାଙ୍କର ପରିଚିତ ଅନେକ ।

ଶ୍ରୀଶ୍ରୀଠାକୁର— ପୁଣ୍ୟ ଲୋକ । ମଣିଷ ବୁଝିପାରେ ସେ କିପରି କୃତୀ ଲୋକ ।

ସେନଭାଇ— ଏଇ ଆଡ଼ଭୋକେଟ ଭାଇଟି ଆମମାନଙ୍କର ସକଳ କାମରେ ହିଁ ଅଛନ୍ତି । ମୋ ସଙ୍ଗେ ଅନେକ କଥା ହୁଏ ।

ଶ୍ରୀଶ୍ରୀଠାକୁର— ଖୁବ୍ ଭଲ ।

ଶ୍ରୀଶ୍ରୀଠାକୁର— ଶାଣ୍ଡିଲ୍ୟ ବିଶ୍ୱବିଦ୍ୟାଳୟ କଥା, କଲେଜ କରିବା, ଜମି ନେବା ଏସବୁ ମନେ ଅଛି ?

ଜଗଜ୍ଜ୍ୟୋତିଭାଇ— ଆଜ୍ଞା । ଅଛି ।

ଶ୍ରୀଶ୍ରୀଠାକୁର— ସେଗୁଡ଼ିକ କରିବେ ନା ?

ସେନଭାଇ— ହଁ, ସବୁହିଁ ହେବ ଆପଣଙ୍କ ଦୟାରୁ ।

ଶ୍ରୀଶ୍ରୀଠାକୁର— ସାନୁ (ପୂଜନୀୟା ସାନ୍ତ୍ୱନାଦି) ଯେତେବେଳେ ଗଲା ବଡ଼ବୋଉ ଦେଖିଥିଲା ?

ମଣି— ଆଜ୍ଞା, ବଡ଼ମା'ଙ୍କୁ ପ୍ରଣାମ କରି ଯାଇଛନ୍ତି ।

ଶ୍ରୀଶ୍ରୀଠାକୁର— କ'ଣ କହିଲା ?

ମଣି— ସାନୁଦି ବଡ଼ମା'ଙ୍କୁ କହିଲେ ଯେ ସିଏ କେଇଦିନ ପରେହିଁ ପୁଣି ଆସିବେ, ଚିନ୍ତା ଯେପରି ଏକଦମ୍ ନ କରନ୍ତି ।

ଶ୍ରୀଶ୍ରୀଠାକୁର (ଜଗଜ୍ଜ୍ୟୋତି ସେନଭାଇଙ୍କୁ)— ସାନୁ ଟିକେ ଗୃହିଣୀ ହୋଇଯାଇଛି ।

ସେନଭାଇ— ହଁ । ବେଶ୍ ହୋଇ ଯାଇଛନ୍ତି ।

ଶ୍ରୀଶ୍ରୀଠାକୁର— ତୁମମାନଙ୍କ ଉପରେ ଆଧିପତ୍ୟ କରେ ଟିକେ ଅଧେ ?

ସେନଭାଇ— ହଁ । ଖୁବ୍ କରନ୍ତି । ମୁଁ କଲିକତା ଗଲେ ତାଙ୍କ ଘରକୁ ଯାଏ । ଖୁବ୍ ଯତ୍ନ କରନ୍ତି ।

ଶ୍ରୀଶ୍ରୀଠାକୁର— ତୁମେମାନେ ସମସ୍ତେ ଏଠାକୁ ଆସିଛ । ମତେ ଦେଖି ଖୁବ୍ ଭଲ ଲାଗୁଛି । ମୋର ଅନ୍ତଃକରଣ ତୃପ୍ତିରେ ଭରି ଉଠୁଛି ।

ସତୁ ସାନ୍ୟାଲଭାଇ ଆସି ପ୍ରଣାମ କରି ବସିଲେ ।

ଶ୍ରୀଶ୍ରୀଠାକୁର— କ'ଣ ଖବରରେ ? କିପରି ଅଛୁ ?

ସତୁଭାଇ— ଆଜ୍ଞା, ଭଲ ଅଛି । କବି ସେକ୍ସପିୟରଙ୍କ ବହି ପଢୁଛି । Living enjoyment (ଜୀବନ୍ତ ଆନନ୍ଦ)ର କଥା ସିଏ ଖୁବ୍ କହିଛନ୍ତି । ତାଙ୍କ ନିକଟରେ ନଦୀଟା ଗୋଟେ Living object (ଜୀବନ୍ତ ବସ୍ତୁ) ଓ Living enjoyments (ଜୀବନ୍ତ ଆନନ୍ଦ) ଭଳି । ନଦୀ ଦେଖିହିଁ ତାଙ୍କୁ ଆନନ୍ଦ ଲାଗେ । କବିଙ୍କ ସଙ୍ଗେ ଯେପରି ନଦୀର ଖୁବ୍ ଯୋଗ । ନଦୀଟା ତାଙ୍କ ନିକଟରେ ଜୀବନ୍ତ ଓ ଆନନ୍ଦ ସ୍ୱରୂପ ବି ତା' ଚିରନ୍ତନ ।

ଶ୍ରୀଶ୍ରୀଠାକୁର— ତୁମେ ଅଛ ତ ? ଅନ୍ୟାନ୍ୟ ଆହୁରି ଅନେକ କିଛି ଅଛି । ପ୍ରତ୍ୟେକଟା ସହିତ ପ୍ରତ୍ୟେକଟାର ଯୋଗ ଅଛି । ତୁମେ ଅଛ ତା' ପାଇଁ, ସେ ଅଛି ତୁମ ପାଇଁ । ଏହିଭାବେ ଯୋଗସୂତ୍ର ବା ମିଳନସଙ୍ଗତି ଅଛିହିଁ । ମୁଁ କହେ, ତୁମେମାନେ ସମସ୍ତେ ସମସ୍ତଙ୍କୁ ନେଇ ଉଚ୍ଛଳ ହୋଇଉଠ । ଦୀପ୍ତ ହୋଇଉଠ । ପରସ୍ପର ପରସ୍ପରର ସ୍ୱାର୍ଥ ହୋଇଉଠ, ସେବକ ହୋଇଉଠ । ଆଉ ତା' ଈଶ୍ୱରଙ୍କଠାରେ କେନ୍ଦ୍ରାୟିତ ହୋଇଉଠୁ । ଯୋଗସୂତ୍ର ବା ମିଳନ-ସଙ୍ଗତିର କୌଶଳଟା ଜାଣିବାହିଁ ହେଲା ଅସଲ କଥା । ସେତେବେଳେ ବ୍ୟାପ୍ତିବି ଆସିଥାଏ ଆଉ ସେଇ ବ୍ୟାପ୍ତି ମାଧ୍ୟମରେ ମଣିଷ ଜୀବନ ଆନନ୍ଦବି ଅନୁଭବ କରିପାରେ ।

ବମ୍ବେରୁ ଜନୈକ ଭାଇ ଆସି କହିଲେ— ଠାକୁର ! ମୁଁ ହିନ୍ଦୁ । ମୁଁ ଗୋଟେ ମୁସଲମାନ କନ୍ୟାକୁ ବିବାହ କରିଛି । ମୁଁ ମାଷ୍ଟରୀ କରେ । ମୁଁ ଦୀକ୍ଷିତ । ଆପଣଙ୍କ ପାଇଁ କିଛି କରିବାକୁ ଚାହେଁ । ଆପଣ କିଛି କୁହନ୍ତୁ ।

ଶ୍ରୀଶ୍ରୀଠାକୁର— ତାଙ୍କୁ ଭଲପାଇଲେ ତା' ପାଇଁ କ'ଣ କରିବି କ'ଣ କରିବିନି ସେସବୁ ଆସେ । ଫନ୍ଦୀଫିକର କରି କ'ଣ କରାଯାଏ ? ଗୁରୁଙ୍କ ପ୍ରତି ଐକାନ୍ତିକ ନିଷ୍ଠା ଓ ଭଲପାଇବାହିଁ ତୁମକୁ dictate (ନିର୍ଦ୍ଦେଶ) କରିବ । ତୁମେ କଥାରେ ଓ କାମରେ ମେଳ ରଖି ଚାଲିବାକୁ ଚେଷ୍ଟା କର । ସେଇ ଅନୁରାଗହିଁ ତୁମକୁ guide (ପରିଚାଳନା) କରିବ ।

ଶ୍ରୀଶ୍ରୀଠାକୁର ଉଠି ଥରେ ବାଥରୁମ୍ ଗଲେ । ପୁଣି ଆସି ବସିଲେ ।

ସତ୍ୟପ୍ରିୟ ବସୁ (ସତ୍‌ସଙ୍ଗର ନିୟତ କର୍ମୀ ପ୍ରକାଶ ଚନ୍ଦ୍ର ବସୁଭାଇଙ୍କ ପୁଅ) ଆସି ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରି କହିଲେ— ଠାକୁର ମୁଁ ୪-ନଭେମ୍ବର, ୧୯୬୭ ଇଂ କାନାଡ଼ା ଯାତ୍ରା କରିବି । ଆପଣଙ୍କ ଆଶୀର୍ବାଦ ପ୍ରାର୍ଥନା କରେ । *(କ୍ରମଶଃ)*

ତୁମର ବୋଧି-ସନ୍ଦୀପନାରେ
ଅନ୍ୟେ ବୁଦ୍ଧ ଯେହିଁ ନ ହେଲେ,
ଏପରି ବୋଧ, ବୋଧସଙ୍ଗତିର
ମେଳ ହେଲାନି ସେପରି ସ୍ଥଳେ । ୧୬ ।

*(ଅନୁଶ୍ରୁତି, ୭ମଖଣ୍ଡ, ପ୍ରଜ୍ଞା)*

*ଯୁଗାଚାର୍ଯ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ସହିତ କଥୋପକଥନ*

# ଇଷ୍ଟପ୍ରସଙ୍ଗେ

*ସଂକଳୟିତା–* **ଡଃ. ଶ୍ୟାମସୁନ୍ଦର ରକ୍ଷିତ,** ଏମ୍.ଏ., ପି.ଏଚ୍.ଡି.

*(ପୂର୍ବପ୍ରକାଶିତ ଉତ୍ତାରୁ........)*

ଶ୍ରୀଶ୍ରୀପିତୃଦେବ– ଝିଅ ପଢ଼ାପଢ଼ି କରିବ । ଆଉ ଯେଉଁଟିକେ ଘରର କାମରେ ନ ଲାଗିଲେ ନ ହୁଏ ସେଇ ଟିକକ କରିବ ।

ମାଣିକଭାଇ– ଦୀକ୍ଷା କାମରେ ବୁଲାବୁଲି କର ।

ଉପାର୍ଜ୍ଜନ ପାଇଁ ମାଣିକଭାଇ ଏକ ରାଇସ ମିଲ୍‌ରେ କାମର ଚେଷ୍ଟା କରୁଛନ୍ତି । ନିବେଦନ କରିଲେ ।

ଶ୍ରୀଶ୍ରୀପିତୃଦେବ ପଚାରିଲେ– ତୁ ଯାଜନ କାମ କରୁ ?

ମାଣିକଭାଇ– କିଛି କିଛି କରେ ।

– ଦୀକ୍ଷା ହୁଏ ?

– ହୁଏ କିଛି କିଛି । ଅଧିବେଶନରେ କିଛି କହିବାକୁ ଗଲେ ଭୟ ଭୟ ଲାଗେ । ମନେହୁଏ କିଛିହିଁ ତ କରିବା ନାହିଁ ଜୀବନରେ ।

– ଆଗରୁ ପଢ଼ିନେବୁ ତିନିଚାରିଥର । ଭୟ ଭୟ ଲାଗିବ କାହିଁକି ? ପଢ଼ିବୁ, କହିବୁ ।

ମାଣିକଭାଇମାନେ ଏଥର ପ୍ରଣାମ କରି ଗଲେ ।

ଶ୍ରୀଶ୍ରୀପିତୃଦେବ କୃପାସିନ୍ଧୁଙ୍କୁ କହିଲେ– ଗପ କର ।

କୃପାସିନ୍ଧୁ– ଦୀକ୍ଷା ନେବାର କିଛିଦିନ ପରର ଗୋଟେ ଘଟଣା କହୁଛି । ବି.ଏ.ପାଶ କରିବା ପରେ ଆପଣଙ୍କ ନିକଟକୁ ଥରେ ଆସିଥିଲି । ୧୯୭୨ସାଲର ପ୍ରଥମେ ପ୍ରଥମେ । ବର୍ଦ୍ଧମାନରେ ରହୁଥିଲି । ଏମ.ଏ.ରେ ଭର୍ତ୍ତି ହେବି । କିନ୍ତୁ ଶରୀର ଭଲ ରହୁନଥିଲା । ମୋର ଭାଇ କହୁଥିଲେ, ଦେଓଘର ଯା’, ଆଚାର୍ଯ୍ୟଦେବଙ୍କ ନିକଟରେ ଶରୀର କଥା ନିବେଦନ କରିବୁ । ଫାଲ୍‌ଗୁନ କି ଚୈତ୍ର ମାସ ହେବ । ରାତି ସାଢ଼େ ସାତଟା ଆଠଟା । ଆପଣ ଚାଲଘରେ ଅଛନ୍ତି ଭକ୍ତଜନପରିବେଷ୍ଟିତ ହୋଇ । ଉଠିବାର ସମୟ ହୋଇ ଆସୁଛି ଅନୁମାନ ହେଲା । କହିଲି ମୋର ଶରୀର କଥା । ଆପଣ ମତେ ଦେଖି କହିଲେ– ପେଟପୁରା ଖାଇବୁ । ଦିପହରେ ଭାତର ପ୍ରଥମ କେଇ ଗୁଣ୍ଡା ସଙ୍ଗେ କୃଷ୍ଣଖସାବଟା ଖାଇବୁ । ଯା’ହିଁ ଖା’ ନିବେଦନ କରି ଖାଇବୁ । କେବେବି ଲୋଭରେ ପଡ଼ି ଖାଇବୁନି । ମନେ କରିବୁ ଠାକୁରଙ୍କ କାମ କରିବି ତେଣୁ ଖାଉଛି । ସବୁବେଳେ ନାମ କରିବୁ ଚଲାବୁଲାରେ । ଯଜନ ଯାଜନ ଇଷ୍ଟଭୃତି କରିବୁ । ଦୁଇବେଳା ବିନତି-ପ୍ରାର୍ଥନା କରିବୁ ।

ବର୍ଦ୍ଧମାନ ଫେରି ଯାଇ ନିୟମ ଅନୁଯାୟୀ ଚାଲି ଚାଲି ଶରୀର ଭଲ ହୋଇଗଲା । କେଇଦିନ ମଧ୍ୟରେହିଁ ନାମଜପରେ ଅଭ୍ୟସ୍ତ ହୋଇ ଗଲି । ଗୋଟେ ମିନିଟ୍‌ବି ନାମ ଛଡ଼ା ଚଳୁ ନଥିଲା ।

> ଗୁଣେହିଁ କିନ୍ତୁ ବଢ଼ାଏ ଜ୍ଞାନ
> ଜ୍ଞାନେ ବଢ଼ାଏ ବୁଦ୍ଧି,
> ଶିଷ୍ଟ ବୁଦ୍ଧି ହେଲେହିଁ ଜାଣିଥା’
> କ୍ରମେହିଁ ଆସେ ସିଦ୍ଧି । ୧୮ ।
> *(ଅନୁଶ୍ରୁତି, ୭ମଖଣ୍ଡ, ପ୍ରଜ୍ଞା)*

ଶ୍ରୀଶ୍ରୀପିତୃଦେବ– ତୋର ଭାଇ କ'ଣ କହିଲା ଏ ସମ୍ବନ୍ଧରେ ?

କୃପାସିନ୍ଧୁ– ଭାଇଙ୍କୁ ବି ଭଲ ଲାଗିଲା । ମାନି ଚାଲିବାକୁ ଲାଗିଲେ ନିୟମଗୁଡ଼ିକୁ ।

## ୩୦ଫାଲ୍‌ଗୁନ, ସୋମବାର, ୧୩୯୪ (ଇଂ-୧୪।୦୩।୧୯୮୮)

ସକାଳ ସାଢ଼େ ନଅଟା । ଶ୍ରୀଶ୍ରୀପିତୃଦେବ ବଡ଼ଘରେ ଚୌକିରେ ସମାସୀନ । ପୂଜନୀୟା ରାଙ୍ଗାମା' ସେଇ ଚୌକିର ଏକ କୋଣରେ ବସିଛନ୍ତି । ଦୀନଭାଇ (ଶର୍ମା), ଆଶୁଭାଇ (ଗାଙ୍ଗୁଲୀ), ଦୀପଲା (ଚୌଧୁରୀ), କୃପାସିନ୍ଧୁ (ରକ୍ଷିତ), ରୋହିତୋଷ (ମୁହୁରୀ) ପ୍ରମୁଖ ବସିଛନ୍ତି ସମ୍ମୁଖ ଦିଗରେ । ପୂଜ୍ୟପାଦ ବଡ଼ଦାଦା ଆସନ୍ତେହିଁ ସମସ୍ତେ ଉଠି ଠିଆ ହେଲେ । ପୂଜ୍ୟପାଦ ବଡ଼ଦାଦାଙ୍କ ସଙ୍ଗେ ସମସ୍ତେ ଯଥାକ୍ରମେ ଶ୍ରୀଶ୍ରୀପିତୃଦେବଙ୍କୁ ଓ ପୂଜନୀୟା ରାଙ୍ଗାମା'ଙ୍କୁ ପ୍ରଣାମ କରିଲେ । ତା'ପରେ ସମସ୍ତେ ପୂଜ୍ୟପାଦ ବଡ଼ଦାଦାଙ୍କୁ ପ୍ରଣାମ କରି ବସିଲେ ।

ପୂଜ୍ୟପାଦ ବଡ଼ଦାଦା– କଲିକତାରୁ ଟ୍ୟୁରିଷ୍ଟ ବସ୍‌ରେ ଜଣେ ସ୍ୱାମୀ-ସ୍ତ୍ରୀ ଆସିଛନ୍ତି । ଦୀକ୍ଷା ନେବେ ।

ଶ୍ରୀଶ୍ରୀପିତୃଦେବ– ଦେଇ ଦେ ।

ପୂଜ୍ୟପାଦ ବଡ଼ଦାଦା ଦୀକ୍ଷା ଦେବାକୁ ଗଲେ ।

ବର୍ଷା ପଡ଼ି କେଇଦିନ ଯାବତ୍ ପରିବେଶ ଥଣ୍ଡା । ଆଜି ଆକାଶ ଅନେକଦୂର ପରିଷ୍କାର । ଖରା ଅଛି ସକାଳୁହିଁ ।

ପୂଜନୀୟା ବନ୍ଦନା ଦେବୀ (ସମ୍ପର୍କରେ ଶ୍ରୀଶ୍ରୀପିତୃଦେବଙ୍କ ପିୟୁସୀମା') ଆସି ସୋଫାରେ ବସିଲେ । ଶ୍ରୀଶ୍ରୀପିତୃଦେବ ତାଙ୍କର କୁଶଳ ନେଲେ । ଅତଃପରେ ପଚାରିଲେ– ରାତିରେ ଶୀତ କରେନି ?

ପୂଜନୀୟା ବନ୍ଦନା ଦେବୀ– ବେଶ୍ ଶୀତ କରୁଥିଲା ।

ଶ୍ରୀଶ୍ରୀପିତୃଦେବ– ମୋତେ ବି ଶୀତ କରୁଥିଲା । ଜ୍ୱର ଥିଲା । ୯୮.୮° ଫା. ଟେମ୍ପରେଚର । ଏବେ ନାହିଁ ମନେହୁଏ ।

ଗୋପାଳ ବିଶ୍ୱାସଭାଇ (ସତ୍‌ସଙ୍ଗ-ସଭାପତି) ଆସନ୍ତେହିଁ ଶ୍ରୀଶ୍ରୀପିତୃଦେବ ଖୁସି ହୋଇ ପଚାରିଲେ– କ'ଣ ଖବର ରେ ?

ଗୋପାଳଭାଇ– ଆଜ୍ଞା ଭଲ ।

ସମ୍ପ୍ରତି ଦେଶର ବିଭିନ୍ନ ପ୍ରାନ୍ତରେ ପରମଦୟାଲ ଶ୍ରୀଶ୍ରୀଠାକୁରଙ୍କ ଶୁଭ ଜନ୍ମ-ଶତବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଅନେକଗୁଡ଼ିଏ ଉତ୍ସବରେ ଯୋଗଦାନ କରିଛନ୍ତି ଗୋପାଳଭାଇ ।

ଦୀନଭାଇ ଗୋପାଳଭାଇଙ୍କୁ କହିଲେ– ଗଳ୍ପ କରନ୍ତୁ ସେସବୁ ।

ଗୋପାଳଭାଇ– ୧୧ଟା ଉତ୍ସବରେ ଉପସ୍ଥିତ ଥିଲି । ଆମଲାଇଗୁଡ଼ି, ତେଜପୁର, ଡ଼ିମାପୁର, ଗୌହାଟୀ, ଶିଲଚର, ଡ଼ିବ୍ରୁଗଡ଼, ଧର୍ମନଗର, ଘାଟାଲ, କାନ୍ଦୁୟା, କାକଦ୍ୱୀପ, ଗୋସବା । ସମସ୍ତ ଉତ୍ତର-ପୂର୍ବାଞ୍ଚଳରେ ସତ୍‌ସଙ୍ଗର ଜୟଜୟକାର । ପବ୍‌ଲିକ୍ ମଧ୍ୟରେ ବେଶ୍ ପ୍ରଭାବ ପଡ଼ିଛି । ପବ୍‌ଲିକ୍ ଡ଼ୋନେଶନ ଦେଉଛି ସ୍ୱତଃସ୍ୱେଚ୍ଛାଭାବେ– ଏହି ଅର୍ଘ୍ୟ ଯଦି ଠାକୁରଙ୍କ କାମରେ ଲାଗେ ଧନ୍ୟ ହେବି । ଶ୍ରୀଶ୍ରୀଠାକୁରଙ୍କ ସୁସଜ୍ଜିତ ପ୍ରତିକୃତି ନେଇ ଶୋଭାଯାତ୍ରା ଯାଉଛି ରାସ୍ତା ଦେଇ । ବିଶାଳ ଶୋଭାଯାତ୍ରା । ଦୁଇପାର୍ଶ୍ୱର ଘରମାନଙ୍କରୁ ମା'ମାନେ ଥାଳୀ ସଜେଇ ଆଣି ଠାକୁରଙ୍କୁ ଭୋଗ ନିବେଦନ କରୁଛନ୍ତି ଭକ୍ତିଭରେ । ଡ଼ିମାପୁରେ, ତେଜପୁରେ ଏହି ଦୃଶ୍ୟ ମୋର ମନରେ ରେଖାପାତ କରିଛି ଖୁବ୍ ।

ଶିଲଚରରେ ଉତ୍ସବ ହେଲା ଫେବୃୟାରୀ-୨୨ରେ । ବିଶାଳ ଶୋଭାଯାତ୍ରା । ଶୋଭାଯାତ୍ରାରେ ଦୁଇଟି ହାତୀ, ଛ'ଟି ଘୋଡ଼ା ଥିଲେ । ହେଲିକାପ୍ଟର ଦେଇ ଶୋଭାଯାତ୍ରା ଉପରେ ପୁଷ୍ପବୃଷ୍ଟି କରା ହେଉଥିଲା । ଶିଲଚରରେ ଉତ୍ସବ ସମୟରେ ହାଇଲାକାନ୍ଦିରେ ଆସାମ ସାହିତ୍ୟ ସମ୍ମେଳନ ଚାଲିଛି । ଶିଲଚରରୁ କେଇ କିଲୋମିଟର ମାତ୍ର । ବିଶାଳ ପ୍ରସ୍ତୁତି ସେଇ ସମ୍ମେଳନର । ଶିଲଚର ଟାଉନରେ ଜେନେରେଟର ମିଳୁନଥିଲା, ସବୁ ସାହିତ୍ୟ ସମ୍ମେଳନକୁ ନେଇ ଯାଇଛନ୍ତି । ୨୧ତାରିଖ ପର୍ଯ୍ୟନ୍ତ ଚାଲିଛି 'ଗାନ୍ଧିମେଳା' । ଡ଼ି.ସି, ଏ.ଡ଼ି.ସି., ଏସ୍.ପି. ସମସ୍ତଙ୍କର ନଜର ପ୍ରଥମେ ଥିଲା ସାହିତ୍ୟ ସମ୍ମେଳନ ଓ ଗାନ୍ଧିମେଳା ଆଡ଼େ । ପରେ ସେମାନେ ଆମମାନଙ୍କ ଉତ୍ସବରେ ଯୋଗ ଦିଅନ୍ତି । ସମସ୍ତେ ଖୁସି ହୋଇଛନ୍ତି ଖୁବ୍ । ସାରାରାତି ଧରି ଶିଲଚର ମନ୍ଦିରରେ ଗୀତ ହୋଇଛି କ୍ୟାମ୍ପ-କ୍ୟାମ୍ପରେ । ମନ୍ଦିର ସଜା ଯାଇଥିଲା ଖୁବ୍ ସୁନ୍ଦର । ପାଖ ପୋଖରୀରେ ମନ୍ଦିରର reflection (ପ୍ରତିବିମ୍ବ) ହୋଇ ଖୁବ୍ ସୁନ୍ଦର ଲାଗୁଥିଲା ।

ଦୀନଭାଇ– ଉତ୍ସବରେ gathering (ସମାବେଶ) କିପରି ?

> ବୋଧିଦୀପ୍ତ ବଢ଼ାଏ କିନ୍ତୁ
> କ୍ରମେହିଁ ଦିବ୍ୟ ଜ୍ଞାନ,
> ପ୍ରୀତିପ୍ରସୂ ଅନ୍ତରର ଟାଣ
> ଉଡ଼ାଳି ତୋଳେ ଧ୍ୟାନ । ୨୦ ।
>
> *(ଅନୁଶ୍ରୁତି, ୭ମଖଣ୍ଡ, ପ୍ରଜ୍ଞା)*

ଗୋପାଳଭାଇ— ବିରାଟ gathering ଠାକୁରଙ୍କ ଉତ୍ସବରେ ଏତେ ଲୋକ, ଅଥଚ ସରକାର ଯେଉଁଠାରେ ଏତେ ଟଙ୍କା ଖର୍ଚ୍ଚ କରି ଆକର୍ଷଣୀୟ କରିବାର ଚେଷ୍ଟା କରିଲେ ସେଠାରେ ଏତେ ଲୋକ ନାହାଁନ୍ତି;— ଆଖିରେ ପଡ଼ିବା ଭଳି ।

ଶ୍ରୀଶ୍ରୀପିତୃଦେବ— ଲୋକେ କ'ଣ କହିଲେ ଆମ ଉତ୍ସବ ଦେଖି ?

ଗୋପାଳଭାଇ— ଅଭୂତପୂର୍ବ । ଜୀବନରେ ଏପରି ସୁନ୍ଦର ଉତ୍ସବ, ସୁଶୃଙ୍ଖଳ-ସମାବେଶ ଦେଖି ନାହାଁନ୍ତି ।

ଡ଼ିବ୍ରୁଗଡ଼ରେ ମଠ ମଧ୍ୟରେ ଉତ୍ସବ ହେଲା । ରାସ୍ତାରେ ଟିଉବ ଲାଇଟ ଦେଇ ଆଲୋକ କରାଯାଇଥିଲା । ରାଜ୍ୟପାଳ ଭୀଷ୍ମନାରାୟଣ ସିଂଙ୍କ ଉପସ୍ଥିତ ହେବାର କଥା ଥିଲା ଉତ୍ସବରେ । କିନ୍ତୁ ସେଇ ଦିନହିଁ ଶିଲଂରେ ହାଇକୋର୍ଟର ପ୍ରଧାନ ବିଚାରପତି ଶପଥ ନେଉଛନ୍ତି । ସିଏ ନାମ ଦେବାକୁ କହିଥିଲେ ଉତ୍ସବ ପ୍ରୋଗ୍ରାମରେ । କହିଥିଲେ, ଠାକୁରଙ୍କ ଉତ୍ସବକୁ ଯାଇନି କେବେ, ଅନେକ କଥା ଶୁଣେ, ଯିବାର ଇଚ୍ଛା ଅଛି । ଶେଷପର୍ଯ୍ୟନ୍ତ ଆସି ପାରିଲେନି ।

ସମୟ ଦୁଇଟା ବେଳେ ଡ଼ିବ୍ରୁଗଡ଼ରେ ବର୍ଷା ହୋଇଥିଲା । ପ୍ୟାଣ୍ଡେଲ ମଜବୁତ ଥିବାରୁ କୌଣସି ଅସୁବିଧା ହୋଇ ନାହିଁ । ପ୍ରଚୁର ଦୀକ୍ଷା । ଦୀକ୍ଷାଘରେ ଜାଗା ହୁଏନା । ଅସଂଖ୍ୟ ଦୀକ୍ଷା ହୋଇଛି ସର୍ବତ୍ର । ଡ଼ିବ୍ରୁଗଡ଼ରେ ଉତ୍ସବ ଡ଼ି.ସି. ଶ୍ରୀନଗେନ ଦତ୍ତ ବକ୍ତୃତା କରିଲେ । ଖୁବ୍ ସୁନ୍ଦର ବକ୍ତୃତା । ବିଭିନ୍ନ କାମରେ ସହଯୋଗିତାବି କରିଛନ୍ତି ।

ଆମଲାଇଗୁଡ଼ି ଉତ୍ସବର ସମ୍ବାଦ ଦେଲେ ଗୋପାଳଭାଇ— ରାତ୍ରିରେ କଲ୍‌ଚରାଲ୍ ପ୍ରୋଗ୍ରାମ ହେଲା ଆମଲାଇଗୁଡ଼ି ଉତ୍ସବରେ— ବିହୁଗୀତ, ବିହୁନୃତ୍ୟ, ଭକ୍ତିଗୀତି ବେଶ୍ ଆକର୍ଷଣୀୟ ହୋଇ ଉଠିଥିଲା ସ୍ଥାନୀୟ ଲୋକଙ୍କ ନିକଟରେ । ସାରା ରାତି ଧରି ଏତେ ଲୋକ ! କିନ୍ତୁ କୌଣସି ଅଭିଯୋଗ ନାହିଁ, ଏତେଟିକେ ବିଶୃଙ୍ଖଳା ନାହିଁ । ଆନନ୍ଦବଜାରବି ଖୁବ୍ ସୁଶୃଙ୍ଖଳଭାବେ ଚାଲିଛି । ରନ୍ଧା ଓ ପରିବେଷଣ ପାଇଁ ଲୋକ ସଂଗ୍ରହ କରି ଆଣିଥିଲେ ଉମାଭାଇମାନେ ।

ଦୀନଭାଇ— କି ସମୟ ଯାଇଛି ! ଖୋଜିଲେ ସତ୍‌ସଙ୍ଗୀ ମିଳୁ ନଥିଲେ । ଏବେ ଘନ ଜଙ୍ଗଲ ମଧ୍ୟରେ ମନ୍ଦିର ହେଲେ ବି ଯା' ସମାଗମ ହେବ ଭାବି ହୁଏନା ।

ଶ୍ରୀଶ୍ରୀପିତୃଦେବ— ମହୁଫେଣାର ଖବର କ'ଣ ?

ପ୍ରସଙ୍ଗତଃ ଉଲ୍ଲେଖ୍ୟ, କେଇବର୍ଷ ହେଲା ଆମଲାଇଗୁଡ଼ି ମନ୍ଦିରରେ ଆଚାର୍ଯ୍ୟଭବନ କକ୍ଷରେ କେତୋଟି ମହୁଫେଣା ତିଆରି ହୋଇଛି । ମହୁମାଛିଗୁଡ଼ିକ ବସା ବାନ୍ଧିବା ପରେ ପରେହିଁ ଉମାଭାଇମାନେ ଶ୍ରୀଶ୍ରୀପିତୃଦେବଙ୍କ ଗୋଚରରେ ସମ୍ବାଦଟି ଆଣନ୍ତି । ସେଇ ମହୁଫେଣା ଭାଙ୍ଗି ମହୁ ସଂଗ୍ରହ କରିବାର ଅନୁମତି ପ୍ରାର୍ଥନା କରନ୍ତି ଉମାଭାଇମାନେ । ମହୁ ସଂଗ୍ରହ କରିବାକୁ ଗଲେ କିଛି ମହୁମାଛି ମରିଯିବାର ଆଶଙ୍କା । ତେଣୁ ଶ୍ରୀଶ୍ରୀପିତୃଦେବ ସେଇ ମହୁଫେଣାରୁ ମହୁ ସଂଗ୍ରହ କରିବାକୁ ବି ନିଷେଧ କରନ୍ତି ।

ଗୋପାଳଭାଇ ଜଣାଇଲେ— ଆଜ୍ଞା, ଅନେକଗୁଡ଼ିଏ ମହୁଫେଣା ଦେଖିଲି । ବେଶ୍ ବଡ଼ ହୋଇଛି ଫେଣାଗୁଡ଼ିକ । ମହୁମାଝିମାନେ ନିଶ୍ଚନ୍ତରେ ରହନ୍ତି । ଜାଣନ୍ତି କେହି ଅସୁବିଧା ସୃଷ୍ଟି କରିବେନି । କର୍ମୀମାନେ ନାନା କାମରେ ଘରେ ପ୍ରବେଶ କରୁଛନ୍ତି, ବାହାରୁଛନ୍ତି । କେହି ଗୋଟେ କାମୁଡୁବି ନାହାଁନ୍ତି ।

ତେଜପୁରର ଉତ୍ସବ ପ୍ରସଙ୍ଗରେ ଗୋପାଳଭାଇ କହିଲେ— କଲ୍‌ଚରାଲ୍ ପ୍ରୋଗ୍ରାମ ଖୁବ୍ ସୁନ୍ଦର ହୋଇଥିଲା । ପ୍ରଣବ ବରା ଅର୍ଗାନାଇଜି କରିଥିଲେ । ତେଜପୁରରେ ଯେଉଁ ପ୍ରସେଶନ ହେଲା, ମନେହୁଏ ଏପରି ପ୍ରସେଶନ ଜୀବନରେ ଦେଖିନି । ଏତେ ସୁନ୍ଦର ! ଏତେ disciplined (ଶୃଙ୍ଖଳିତ) ! ପାଖାପାଖି ଘରର ଛାତରୁ ସହରର ଲୋକମାନେ ଶୋଭାଯାତ୍ରା ଦେଖୁଛନ୍ତି । ଶୋଭାଯାତ୍ରା ନାଚଗୀତରେ ଭରପୂର ଥିଲା । ଟ୍ରକ୍ ମଧ୍ୟରେ ଏପରି ସୁନ୍ଦର ନାଚ ଦେଖିନି କେବେବି ।

ଶ୍ରୀଶ୍ରୀପିତୃଦେବ ଖୁସି ହେଉଛନ୍ତି ଉତ୍ସବର ସମ୍ବାଦ ଶୁଣି ।

ଅତଃପରେ ଗୋପାଳଭାଇ କହିଲେ— ଡ଼ଃ. ସୁଭାଷ ବ୍ୟାନାର୍ଜୀଭାଇ ଉତ୍ସବରେ ଯୋଗ ଦେଇଛନ୍ତି ଘାଟାଲ, କାନ୍ଦୁୟା, କାକଦ୍ୱୀପ ଇତ୍ୟାଦିରେ । ପଥରେ ସରିଷା, ହରିଣଡ଼ାଙ୍ଗା ପଡ଼ିଲା । ଏହି କେନ୍ଦ୍ର ଦୁଇଟିବି ଦର୍ଶନ କରିଲେ । ସୁଭାଷଭାଇ ଅବାକ୍ ହୋଇ ଯାଇଛନ୍ତି ଦେଖି-ଶୁଣି— ଏତେ କେନ୍ଦ୍ର-ମନ୍ଦିର ! ଘାଟାଲ ମନ୍ଦିର ଦେଖି ତ ମୁଗ୍ଧ ! କି ବିଶାଳ ବିଶାଳ ଜିନିଷ ଗଢ଼ି ଉଠିଛି ଠାକୁରଙ୍କୁ କେନ୍ଦ୍ର କରି, ଠାକୁରଙ୍କର ଏତେ ମଣିଷ— ଅବାକ୍ ! *(କ୍ରମଶଃ)*

***ଅନୁବାଦ : ଡ଼ାଃ. ବିନାୟକ ମହାପାତ୍ର***

*(ବି.ଦ୍ର. : ଅନୁଲେଖକ ଶ୍ରୀଶ୍ରୀବଡ଼ଦାଙ୍କୁ ଶ୍ରୀଶ୍ରୀପିତୃଦେବ ଓ ପୂଜ୍ୟପାଦ ଦାଦାଙ୍କୁ ପୂଜ୍ୟପାଦ ବଡ଼ଦାଦା ବୋଲି ସମ୍ବୋଧନ କରନ୍ତି ।)*

ବିନାୟକର ଯା' ଆଗ୍ରହ
ଚିଉଦୀପୀ ଉଚ୍ଛଳ ଟାଣ,
ସେଇ ରକମେ ଚାଲିଲେ ଯାଇ
ସହଜେ ହେବୁ ଜ୍ଞାନବାନ । ୨୩ ।
*(ଅନୁଶ୍ରୁତି, ୭ମଖଣ୍ଡ, ପ୍ରଜ୍ଞା)*

*ଯୁଗାଚାର୍ଯ୍ୟ ସ୍ମରଣେ*

# ପ୍ରଥମ ଦେଖା

◆ *ଗୀତା ଚକ୍ରବର୍ତ୍ତୀ (ପୁତ୍ରବଧୂ)*

*(ଯୁଗାଚାର୍ଯ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଜନ୍ମ-ଶତବର୍ଷ ଅବସରରେ ଇଷ୍ଟ-ପରିବାରବର୍ଗଙ୍କର ତତ୍‌ସମ୍ବନ୍ଧରେ ସ୍ମୃତିଚାରଣ ନେଇ – ଏହି ଆଲେଖ୍ୟ ପ୍ରସ୍ତୁତ – ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳିଭାବେ ।)*

ବାବାଙ୍କ ସହିତ ମୋର ପ୍ରଥମ ଦେଖା ମନେପଡ଼େ ଯେତେବେଳେ, ମନ ଭିତରେ ସେହିଦିନର ଆନନ୍ଦର ଭାବ ଭରିଉଠେ । ଯାଇଥିଲି ତାଙ୍କ ପାଖକୁ ତାଙ୍କ ପୁଅର ସମ୍ଭାବ୍ୟ ପାତ୍ରୀ ହିସାବରେ । ଶୁଣିଥିଲି ତାଙ୍କୁ ସମସ୍ତେ ବଡ଼ଦା ବୋଲି ଡ଼ାକନ୍ତି, ଶ୍ରୀଶ୍ରୀଠାକୁରଙ୍କ ବଡ଼ପୁଅ ସିଏ ।

ତାଙ୍କ ସହିତ ଦେଖା ହେବା ଆଗରୁ ତାଙ୍କ ବିଷୟରେ କେତେ କଥା ଶୁଣିଥିଲି । ସେ ଭୀଷଣ ରାଗି, ଭୀଷଣ ଗମ୍ଭୀର, ଭୀଷଣ ଭୟାବହ ମିଜାଜର ମଣିଷ । ମୋ ମନ ମଧ୍ୟରେ ତାଙ୍କ ସମ୍ପର୍କରେ ଏକ ଆତଙ୍କର ଭାବ ଯେପରି ସୃଷ୍ଟି ହୋଇ ଯାଇଥିଲା । ମୁଁ ତାଙ୍କୁ କେମିତି ଲାଗିବି ? କ'ଣ ପଚାରିବେ । ତାଙ୍କ ନିକଟକୁ କିପରି ଭାବେ ଯିବି ?

ଅବଶେଷରେ ସେହିଦିନଟି ଆସିଗଲା । କଲିକତା ଘରେ ତାଙ୍କ ନିକଟରେ ଯାଇ ଉପସ୍ଥିତ ହେଲି । ତାଙ୍କୁ ପ୍ରଣାମ କରିଲି । ହୃଦୟର ସ୍ପନ୍ଦନ ଏପରି ଦ୍ରୁତ ଥିଲା ଯେ ନିଜକୁ ସମ୍ଭାଳିବା ଖୁବ୍ କଠିନ ଲାଗୁଥିଲା ।

ତା'ପରେ ଚାହିଁଲି ତାଙ୍କ ମୁହଁ ଆଡ଼େ । କି ଅପୂର୍ବ ସେହି ଚେହେରା ! କି କୋମଳ ସେଇ ଆଖି ଦୁଇଟି ! ସେଇ ଆଖି ଆଡ଼େ ଚାହିଁ ମନ ଶୀତଳ ହୋଇଗଲା । ଭୟ ଯେପରି କୁଆଡ଼େ ପଳାଇଗଲା, କେବଳ ରହି ଗଲା ଏକ ଆଶ୍ଚର୍ଯ୍ୟ ଧରଣର ଶାନ୍ତି ।

ଏ ତ ଦେଖୁଛି ମୋର ନିଜର ଲୋକ ! ଯେପରି ବହୁଦିନର ଆଳାପ ମୋର ତାଙ୍କ ସଙ୍ଗେ । ମୁଁ ଯେପରି ମୋରହିଁ ବାବାଙ୍କ ନିକଟକୁ ଆସିଛି ।

ସେହିଦିନ ବହୁତ କଥା ହେଲା ତାଙ୍କ ସଙ୍ଗେ । ମୋର ମନର ଯେତେ ସଂଶୟ ଥିଲା ସବୁ କୁଆଡ଼େ ଚାଲିଗଲା କିଏ ଜାଣେ ?

ତାଙ୍କ ପ୍ରେମର ପରଶରେ ଜୀବନ ଧନ୍ୟ ହୋଇଗଲା ।

ପ୍ରଥମେ ସେହି ଦୁଇଦିନ ତାଙ୍କ ସଙ୍ଗେ ମୋର ଜୀବନର ଏକ ନୂତନ ଦିଗନ୍ତ ଆଣି ଦେଲା । ସେପ୍ରକାର ଗୋଟେ ମଣିଷର ସଂସ୍ପର୍ଶରେ ଆସି ମନ ମଧ୍ୟରେ ଗୋଟେ ଅଦ୍ଭୁତ ଧରଣର ଆଲୋଡ଼ନ ସୃଷ୍ଟି ହେଲା ।

ପ୍ରଥମ ଦିନ ତାଙ୍କ ସଙ୍ଗେ ଚିଡ଼ିଆଖାନା ଯାଇଥିଲି । ଏବେବି ମନେପଡ଼େ ସେଦିନ ବାବାଙ୍କ ସହିତ ବୁଲି ବୁଲି କେତେ କ'ଣ ଯେ ନ କହିଛି । ବହୁ କଥା । ସବୁ ସିଏ ଶୁଣୁଛନ୍ତି ଏବଂ ତା' ମଧ୍ୟରେ ବି କେତେ କ'ଣ ନ ଶିଖାଇ ଦେଇଛନ୍ତି । ଯେମିତି ହୁଏତ କହିଲେ–

''କଥା କିଣାଯାଏ, ବିକା ହୁଏନା ।''

ସେଦିନ ଚିଡ଼ିଆଖାନାରେ ବାବାଙ୍କୁ ଜୀବଜନ୍ତୁଙ୍କ ସହିତ ଖେଳୁଥିବାର ଦେଖିଲି । ବାଘପିଞ୍ଜରାର ବାହାରେ ରହି ବାଘ ସହିତ ତାଙ୍କର ଖେଳ ମୋ ଜୀବନର ଦେଖା ଗୋଟେ ଅଭିନବ ଦୃଶ୍ୟ । ମନେ ହେଉଥିଲା ସିଏ ଯେପରି ବାଘର ଭାଷା ବୁଝିପାରନ୍ତି । ବିହ୍ୱଳ ଆଖିରେ ମୁଁ ମନ୍ତ୍ରମୁଗ୍ଧ ହୋଇ ତାଙ୍କର ପ୍ରତିଟି ପଶୁଙ୍କ ସହିତ ଖେଳ ଦେଖୁଥିଲି ।

ପରଦିନ ବାବାଙ୍କ ସହିତ ''ମେଟ୍ରୋ'' ସିନେମାହଲରେ ସିନେମା ଦେଖିବାକୁ ଯାଇଥିଲି । ସାଙ୍ଗରେ ବହୁ ଲୋକ ଥିଲେ । ଟିକେଟ୍ କାଟିବାର ଲାଇନ ପାଖରେ ବାବାଙ୍କୁ ଗଞ୍ଜି, ଧୋତି ପିନ୍ଧିଥିବାର ଦେଖି, ପଛରେ ଛିଡ଼ା ହୋଇଥିବା କେତୋଟି ଯୁବତୀ ଝିଅଙ୍କର କି ହସ ! ନିଜ ମଧ୍ୟରେ କଥା ହେଉଛନ୍ତି– 'ଦେଖ୍ ଦେଖ, ସିନେମା ଦେଖିବାକୁ ଗଞ୍ଜି ପିନ୍ଧି ଆସିଛି......।'

ବାବା ସେମାନଙ୍କୁ ଆଗରେ ଯିବାକୁ ଦେଲେ ଆଉ କି ମଧୁର ସ୍ୱରରେ ସେମାନଙ୍କୁ କହିଲେ– ''ତୁମେମାନେ ବି ବହି ଦେଖିବାକୁ ଆସିଛ....'।

ଝିଅମାନେ ବାବାଙ୍କର ସେହି କଥାପଦକରେ ଯେପରି ବିଗଳିତ ହୋଇଗଲେ । ସେମାନଙ୍କ ଭାବ– ରକମ ଆଖି ସାମନାରେ ଦେଖିଲି ପଲଟି ଗଲା । ଶ୍ରଦ୍ଧା ଓ ସମ୍ମାନ ଜ୍ଞାପନ କରି ବାବାଙ୍କ ସଙ୍ଗେ କଥାବାର୍ତ୍ତା କରିବାକୁ ଲାଗିଲେ ।

ସେଦିନ ଦେଖିଥିଲି, ନିମିଷକରେ କିପରି ଚିହ୍ନା ଅଚିହ୍ନା ମଣିଷବି ବାବାଙ୍କ ପ୍ରେମର ଜାଲରେ ଝଟ୍ କରି ଜଡ଼େଇ ପଡ଼ନ୍ତି । ସେ ଜାଲରେ ମୁଁ ବି ପଡ଼ିଗଲି ।

*(ଅବଶିଷ୍ଟାଂଶ ପୃଷ୍ଠା-୨୫୩ରେ)*

*ଯୁଗାଚାର୍ଯ୍ୟ ସ୍ମରଣେ*

# ସ୍ମୃତିର ସ୍ୱର୍ଣ୍ଣିମ ଦ୍ୱାରରେ

◆ *ନନ୍ଦିନୀ ଚକ୍ରବର୍ତ୍ତୀ (ପୁତ୍ରବଧୂ)*

ଏବର୍ଷ ପରମପୂଜନୀୟ ବାବାଙ୍କ ଜନ୍ମଶତବର୍ଷ । ମୁଁ ତାଙ୍କର ସାନବୋହୂମା' (ତୃତୀୟ ବୋହୂ) । ଏହି ମହାନ୍ ବ୍ୟକ୍ତିତ୍ୱମୟ ଜୀବନ ସମ୍ବନ୍ଧରେ ଲେଖିବାକୁ ଯାଇ ମୋର ମନେହେଲା— ତାଙ୍କ ସମ୍ବନ୍ଧରେ ମୁଁ କ'ଣ ଲେଖିବି ? ଏ ବିରାଟ ମହାପୁରୁଷଙ୍କ ବିଷୟରେ କିଛି ଲେଖିବାର କୌଣସି ଭାଷାହିଁ ଯେ ମୋ ପାଖରେ ନାହିଁ । ଲେଖା ଆଗରୁ କେବଳ ଏହିକଥାହିଁ ଭାବୁଛି ଆଉ ପ୍ରତି ମୁହୂର୍ତ୍ତରେ ତାଙ୍କ ଆଶୀର୍ବାଦ ପ୍ରାର୍ଥନା କରୁଛି । ମନେପ୍ରାଣେ ତାଙ୍କୁ ଡ଼ାକିଲେ ତାଙ୍କ ଆଶୀର୍ବାଦ ମିଳେହିଁ— ମୁଁ ବଞ୍ଚିତ ହେଲିନି । କେତେଦିନ ଆଗରୁ ତାଙ୍କ ନିକଟକୁ ଆସିଛି ! ତାଙ୍କ କଥା ଶୁଣିଛି, ସଙ୍ଗ କରିଛି ଏବଂ ସାଧ୍ୟମତ ତାଙ୍କ ସେବା କରିଛି । ଏହିସବୁର ଭରସାରେ ମନରେ ସାହସ ଓ ଶକ୍ତି ପାଇଲି । ବସି ପଡ଼ିଲି ଖାତା କଲମ ଧରି— ତାଙ୍କର ମହତ୍ତ୍ୱ ଓ କରୁଣାର କଥା ଲେଖିବାକୁ ।

ଇଂ୧୯୬୮ସାଲ । ମୋର ବିବାହ ହେଲା । କଲିକତାର ୬୭, ଯତୀନ୍ଦ୍ର ମୋହନ ଏଭିନ୍ୟୁର ଘରେ ତାଙ୍କୁ ପ୍ରଥମ ଦେଖିଲି । ସେ ମହାନ୍ ପୁରୁଷଙ୍କ ପ୍ରଥମ ଦର୍ଶନରେ ମୁଁ ହେଲି ମୁଗ୍ଧ, ବିସ୍ମିତ, ଆନନ୍ଦିତ.....! ପୂଜନୀୟା ମା' ମତେ ତାଙ୍କ ନିକଟକୁ ନେଇଗଲେ । ସିଏ ସ୍ମିତହାସ୍ୟରେ ମତେ ଅଭ୍ୟର୍ଥନା ଜଣାଇଲେ ଓ ମୋର ଆହାରାଦିର ବ୍ୟବସ୍ଥା କରିବାକୁ କହିଲେ । ସାରାଦିନ କଟିଗଲା । ରାତିରେ ମା' କହିଲେ— ପରଦିନ ଭୋରୁ ପ୍ରାର୍ଥନାକୁ ଯିବାକୁ ହେବ । ପ୍ରାର୍ଥନା କ'ଣ ! ତା' ତ ମୋତେ ଜଣାନାହିଁ । ରାତିରେ ଏକପ୍ରକାର ବିନିଦ୍ରଭାବେ କଟାଇଲି । ପରଦିନ ଭୋରୁ ଯଥାସମୟରେ ପ୍ରାର୍ଥନାକୁ ଗଲି । ପ୍ରାର୍ଥନାର ଶେଷରେ ପ୍ରଣାମର ପାଳି । ବାବାଙ୍କୁ ପ୍ରଣାମ କରନ୍ତେହିଁ ସିଏ କହିଲେ— ''ଚା' ଖାଇବାର ଅଭ୍ୟାସ ଅଛି ?'' କହିଲି— ଆଜ୍ଞା, ହଁ । ମନେ ମନେ ଭାବିଲି, କେତେ ସହଜରେ ସିଏ ମତେ ନିଜର କରିନେଲେ ।

ପରଦିନ ମୋର ଭୋଜିଭାତ । ବାବା ମତେ ସମୟ ଅନୁସାରେ ପ୍ରସ୍ତୁତ ହେବାକୁ କହିଲେ । ସନ୍ଧ୍ୟାରେ ନିମନ୍ତ୍ରିତ ଲୋକମାନେ ଆସିବେ । ସନ୍ଧ୍ୟାବେଳେ ଏକତଳାରେ ଗୋଟେ ଘରେ ମତେ ବସାଇ ଦିଆଗଲା । ମୋ ବାପଘରର ଲୋକମାନେ ଆସିଲେ । ଏହିପ୍ରସଙ୍ଗରେ କହିବା ବାହୁଲ୍ୟ, ବାବା ନିଜେ ଛିଡ଼ା ହୋଇ ସେମାନଙ୍କର ତଦାରଖ୍ କରୁଥିଲେ; ଅନୁଷ୍ଠାନଟିର ସମସ୍ତ ବ୍ୟାପାରରେ ହିଁ ତାଙ୍କର ତୀକ୍ଷ୍ଣ ନଜର— କେଉଁଠି ବି ଯେପରି କୌଣସି ଅଭାବ ନରହେ, ସମସ୍ତେ ଯେପରି ପରିତୃପ୍ତ ହୁଅନ୍ତି ।

ଭୋଜିଭାତର ପରଦିନ ବାବା ମତେ ପଚାରିଲେ— ''ମୋ ପୁଅ ତୋର ପସନ୍ଦ ହୋଇଛି ତ ?'' ପ୍ରଶ୍ନ ଶୁଣି ମୁଁ ଖୁବ୍‌ହିଁ ଲଜ୍ଜିତ ହେଲି । ମୁଣ୍ଡ ତଳକୁ କରି କହିଲି— ଆଜ୍ଞା ହଁ । ପ୍ରଥମ ଦର୍ଶନରେ ଯାହାଙ୍କୁ ମୋର ରାଶଭାରି ମନେ ହୋଇଥିଲା ଅସଲରେ ସିଏ ଠିକ୍ ତା'ର ବିପରୀତ । ତାଙ୍କ ପରି ସହଜ, ମିଷ୍ଟଭାଷୀ, ଦରଦୀ କେତେଜଣ ଅଛନ୍ତି ? ବିବାହ ପରେ ଶ୍ୱଶୁର ଘର ଝିଅମାନଙ୍କ ନିକଟରେ ଏକ ଅଜ୍ଞାତ ସ୍ଥଳ । କିନ୍ତୁ ବାବାଙ୍କ ସାନ୍ନିଧ୍ୟ ପାଇ ବରାବର ହିଁ ମୋର ମନେହେବାକୁ ଲାଗିଲା— ଏହା ଯେପରି ମୋ ନିଜର ହିଁ ଘର, ଏକାନ୍ତ ନିଜର ସ୍ଥଳ ।

ବିବାହ ପରେ କିଛିଦିନ କଟିଯାଇଛି । ଦିନେ ମୁଁ ବାବାଙ୍କୁ କହିଲି— ଆଜ୍ଞା, ମୁଁ ଦୀକ୍ଷା ନେବାକୁ ଚାହେଁ । ସିଏ ଶୁଣି କହିଲେ— ''କିଏ କହିଛି ଦୀକ୍ଷା ନେବାକୁ ?'' ମୁଁ କହିଲି— ଆଜ୍ଞା, ମୁଁ ଦୀକ୍ଷା ନେବାର ଇଚ୍ଛାପ୍ରକାଶ କରିବାରୁ ଆପଣଙ୍କ ପୁଅ ଆପଣଙ୍କ ନିକଟରେ ନିବେଦନ କରିବାକୁ କହିଲେ । *(କ୍ରମଶଃ)*

*(ଆତ୍ମଜନଙ୍କ କଥା, ପୃ. ୧୧୩-୧୧୪) ଅନୁବାଦ : ଶ୍ରୀମତୀ ସୁମିତା ମିଶ୍ର*

---

*(୨୫୨ପୃଷ୍ଠାର ଅବଶିଷ୍ଟାଂଶ)*

ବାବା ସେଇ ଦୁଇଦିନ ପରେ ଦେଓଘର ଫେରି ଗଲେ । ମନେ ଅଛି ତାଙ୍କର ସେଇ ଦେଓଘରକୁ ଚାଲି ଯିବାଟା ମୋ ପାଇଁ ଖୁବ୍ କଷ୍ଟକର ହୋଇଥିଲା । ପ୍ରାଣର ପ୍ରିୟଙ୍କ ବିଛେଦ ଯେ କ'ଣ, ସେତେବେଳେ ବୁଝିଥିଲି ପ୍ରଥମ ।

ବାବାଙ୍କ ନିକଟରୁ କେତେ କ'ଣ ଶିଖିଛି । ସାରାକ୍ଷଣ ସେ ମତେ ଆଗୋଳି ରଖନ୍ତି କିନ୍ତୁ ତା' ମଧ୍ୟରେବି ପ୍ରତି ମୁହୂର୍ତ୍ତରେ କିପରି ଚଳିବାକୁ ହୁଏ ତା' ବୁଝାଇ ଦିଅନ୍ତି । ପ୍ରେମମଖା ସେହି ଶିକ୍ଷା ଅନ୍ତରରେ ଗୁନ୍ଥି ହୋଇ ଯାଉଥିଲା । ଥରେ ସ୍ନେହାଶିଷମଖା କେତୋଟି ଲାଇନ ଲେଖିଦେଇଥିଲେ ମତେ ଉଦ୍ଦେଶ୍ୟ କରି, ଯା' ଦେଇ ସେ ରଚନାର ପରିସମାପ୍ତି ଟାଣୁଛି—

''ଗୀତମୟୀ ଗୀତୁରାଣୀ ଗୁଣର ଆକର—
ଗଗନେ ଶୁଭୁଛି ଯେହ୍ନେ ସ୍ମିତ ଶଶଧର ।
ଅଧରେ ମଧୁର ହସ ଆଖିରେ ଭରସା
ଦରଶନେ ଦୁଃଖ ହରେ ପ୍ରାଣେ ଜାଗେ ଆଶା ।।

*(ତା୧୪।୦୨।୧୯୬୬ରିଖ)*

*(ଆତ୍ମଜନର କଥା, ପୃ.-୧୦୧-୧୦୩)*

*ସତ୍ୟାନୁସରଣର ପଥେ*

# ସତ୍ୟାନୁସରଣ ବ୍ୟାଖ୍ୟାନରେ ଯୁଗାଚାର୍ଯ୍ୟ ଶ୍ରୀଶ୍ରୀବଡ଼ଦା

*(ପୂର୍ବପ୍ରକାଶିତ ଉତ୍ତାରୁ.........)*

ଶ୍ରୀଶ୍ରୀପିତୃଦେବ ପୁନରାୟ କହିଲେ— ଭଲପାଇବାର expression (ପ୍ରକାଶ) ଯଦି ନଥାଏ, ଅବଜ୍ଞାର ଭାବ ଯଦି ଥାଏ ତା'ହେଲେ ଅଭିମାନ କିପରି ପ୍ରକାଶ ପାଇବ ? ଭଲପାଇବାର ଗୋଟେ form (ରୂପ) ହେଲା ଅଭିମାନ । ଏହିପ୍ରକାର ଅଭିମାନ ନଥିଲେ ବନ୍ଧୁକୁ ଶାସନବି କରି ହେବନି ।

ପରମେଶ୍ୱରଭାଇ (ପାଲ)— ବନ୍ଧୁକୁ ବିପଥଗାମୀ ଦେଖି ଯଦି ତା' ସଙ୍ଗେ ଅସହଯୋଗ କରେ, ସେତେବେଳେ—

ଶ୍ରୀଶ୍ରୀପିତୃଦେବ— ସେପରି ହେଲେ ବୁଝିବାକୁ ହେବ ଭଲପାଇବା ହୋଇ ନାହିଁ । ଆଉ ତେଣୁ ସେଠାରେ ଅଭିମାନବି ହୁଏନା, ଘୃଣା କରାଯାଏ ।

ସତୀଶଭାଇ— ଅଭିମାନରେ ଭଲପାଇବା ଆହୁରିବି ବଢ଼ିଯାଏ ।

ଶ୍ରୀଶ୍ରୀପିତୃଦେବ— ହଁ, ସାଧକମାନେ ଶିଷ୍ୟମାନଙ୍କ ଉପରେ ଅନେକ ସମୟରେ ଅଭିମାନରେ ବକାବକି କରି ଥାଆନ୍ତି । ତେବେ ସେମାନେ ଗୁରୁଙ୍କ ସଙ୍ଗ ଛାଡ଼ନ୍ତିନି । କାରଣ, ସେମାନେ ଅନୁଭବ କରନ୍ତି ଗୁରୁ ସେମାନଙ୍କ ମଙ୍ଗଳ ପାଇଁହିଁ, ଭଲ ପାଇଁହିଁ ଭର୍ତ୍ସନା କରୁଛନ୍ତି । *(ଇଷ୍ଟ-ପ୍ରସଙ୍ଗ/ତା୦୨୦୨୭୬)*

*** *** ***

**ବନ୍ଧୁଙ୍କ ନିକଟରୁ କିଛି ପ୍ରତ୍ୟାଶା ରଖନା, କିନ୍ତୁ ଯା' ପାଅ, ପ୍ରେମର ସହିତ ଗ୍ରହଣ କର । କିଛି ଦେଲେ ପାଇବାର ଆଶା ରଖନା, କିନ୍ତୁ କିଛି ପାଇଲେ ଦେବାର ଚେଷ୍ଟା କର ।**

ଶ୍ରୀଶ୍ରୀପିତୃଦେବ— ଭଲପାଇବାର ସଙ୍ଗେ ଗ୍ରହଣ କରିବା କିପରି ? ତା' ଆଗରୁ ଅଛି ''ବନ୍ଧୁ ନିକଟରୁ କିଛି ପ୍ରତ୍ୟାଶା ରଖନା'': ପ୍ରତ୍ୟାଶା ମାନେ କ'ଣ ?

ଅତସୀକୁ ଚୁପ୍ ରହିବାର ଦେଖି ଶ୍ରୀଶ୍ରୀପିତୃଦେବ କହିଲେ— ମୃତ୍ୟୁଞ୍ଜୟ, ପ୍ରତ୍ୟାଶା କାହାକୁ କହନ୍ତି ?

ମୃତ୍ୟୁଞ୍ଜୟ (ରାୟ)— ବନ୍ଧୁଙ୍କୁ କିଛିଗୋଟେ ଜିନିଷ ଦେଲି, ସେ ଯେ ମତେ କିଛି ଦେବେ ଏ ଆଶା ରଖିବିନି ।

ଶ୍ରୀଶ୍ରୀପିତୃଦେବ ଏଥର ଶାଶ୍ୱତୀକୁ ପଚାରିଲେ— ପ୍ରତ୍ୟାଶା କାହାକୁ କହନ୍ତି ?

ଶାଶ୍ୱତୀ— ବନ୍ଧୁଙ୍କୁ କୌଣସି ଜିନିଷ ଦେଲି, ତା'ର ବିନିମୟରେ ମୁଁ ବନ୍ଧୁ ନିକଟରୁ କିଛି ପାଇବି— ଏହାକୁହିଁ ପ୍ରତ୍ୟାଶା କହନ୍ତି ।

ଶ୍ରୀଶ୍ରୀପିତୃଦେବ— ଧର, ମୋ ଗଛରେ ଅମୃତଭଣ୍ଡା ରହିଛି, ତୁମକୁ ଅମୃତଭଣ୍ଡା ଦେଲି; କାରଣ, ମନରେ ଆଶା— ତୁମ ବଗିଚାରେ ତରଭୁଜ ହୋଇଛି । ମୁଁ ତୁମ ନିକଟରୁ ତରଭୁଜ ପାଇବି । ଅମୃତଭଣ୍ଡାର ବିନିମୟରେ ତରଭୁଜ ପାଇବାର ଏଇ ଯେ ଆଶା ତାହାହିଁ ପ୍ରତ୍ୟାଶା । କେବଳ ବନ୍ଧୁ କ୍ଷେତ୍ରରେ ଯେ ଏରକମ ତା' ନୁହେଁ । ଯାହାଙ୍କୁ ହିଁ ଦିଏନା କାହିଁକି ଦେଇ ପାଇବାର ଆଶା କରିବା ଠିକ୍ ନୁହେଁ ।

ଶ୍ରୀଶ୍ରୀପିତୃଦେବ ପ୍ରଦୀପ ପାଲକୁ ପଚାରିଲେ— ''ପ୍ରେମର ସହିତ ଗ୍ରହଣ କର''— ଏହାର ଅର୍ଥ କ'ଣ ?

ପ୍ରଦୀପ— ''ପ୍ରେମର ସହିତ'' ଏହାର ଅର୍ଥ ଭଲପାଇବାର ସହିତ ।

ଶ୍ରୀଶ୍ରୀପିତୃଦେବ— ଏହି ତ ଠିକ୍ ହିଁ କହୁଛି । ମତେ ଯେ ଦେଇଛି ତା' ସହିତ ମୋର ଭଲପାଇବା ରହିଛି ସେଥିପାଇଁ ଭଲ ମନରେ ତା'ର ପ୍ରଦତ୍ତ ଜିନିଷକୁ ଗ୍ରହଣ କରିବାକୁ ହୁଏ । ଠାକୁର ସମସ୍ତଙ୍କୁ ଆପଣାର କରି ନେବାକୁ କହିଛନ୍ତି । ସମସ୍ତେହିଁ ମୋର ବନ୍ଧୁ, ସମସ୍ତେହିଁ ମୋର ଆତ୍ମୀୟ— ଭାବିବାକୁ ହୁଏ ।

ପରମଦୟାଲ କିଭାବେ ଗ୍ରହଣ କରନ୍ତି ସେ ପ୍ରସଙ୍ଗରେ କହିଲେ— ତୁମେ ବାଡ଼ିରେ କାକୁଡ଼ି ଗଛ ବୁଣିଛ, ମନେମନେ ସଂକଳ୍ପ କରିଲ, ଗଛର ପ୍ରଥମ ଯେ ଫଳଟା ହେବ ସେଇଟା ଠାକୁରଭୋଗରେ ଦେବି । ଗଛ ବଡ଼ ହେଲା, ଅନେକ କାକୁଡ଼ି ଫଳିଲା । ପ୍ରଥମ କାକୁଡ଼ିଟାରେ ପୋକ ଲାଗିଯାଇଛି । ତେଣୁ ଆଉ ବଡ଼ ହେଉନି; ପରବର୍ତ୍ତୀଗୁଡ଼ିକ ସବୁ ବଡ଼ । କାକୁଡ଼ିଗୁଡ଼ିକ ଦେଖି ତୁମର ମା' କହୁଛନ୍ତି— ପୋକ ଖାଇଛି, ସେଇଟା କାହିଁକି ନେଇଯିବୁ । ତୁମେ କହୁଛ— ସେ କ'ଣ ମା' ! ଏଇଟା ଠାକୁରଙ୍କ ପାଇଁ ରଖିଛି, ଏଇଟା ନେଇ ଯିବାକୁ ହେବ । ବଡ଼ ବି ଦେବି । କାକୁଡ଼ିସବୁ ନେଇ ତୁମେ ଠାକୁରବାଡ଼ି ଗଲ । ଠାକୁରଙ୍କ ସାମ୍ନାରେ ଏଇ ବଡ଼ ବଡ଼ କାକୁଡ଼ି ତୁମେ ଥଳୀରୁ ଦେଖାଉଛ । ପ୍ରଥମ ଫଳଟା ଆଡ଼େ ଠାକୁର ଦୃଷ୍ଟି ଦେଇ କହିଲେ— ବାଃ, ଖୁବ୍ ସୁନ୍ଦର ଜିନିଷ ନେଇ ଆସିଛୁ ତ ! ତୁମର ଆଖିରୁ ଲୁହ ଝରିପଡୁଛି । ତୁମେ ବୋଧ କରିପାରିଲ, ଠାକୁର ଅନ୍ତର୍ଯ୍ୟାମୀ, ସେଥିପାଇଁ ଏଇ ପୋକଖିଆ କାକୁଡ଼ିଟାକୁ ସେ ପସନ୍ଦ କରିଲେ । କିନ୍ତୁ ତୁମ ହାତର କାକୁଡ଼ି ଓ ଆଖିରେ ଲୁହ ଦେଖି ଅନେକେ ହସି ପାରନ୍ତି, ଥଟ୍ଟା କରିପାରନ୍ତି ।

କିନ୍ତୁ ମହିମା ତୁମେ ଉପଲବ୍ଧି କରିପାରିଲ । ଇଷ୍ଟଙ୍କ ପ୍ରତି ଭଲପାଇବା ଯଦି ଥାଏ, ସେହି ଭଲପାଇବାରୁ ଯା' ଦିଆଯାଏ ତାହାହିଁ ଅମୂଲ୍ୟ ।

ଶ୍ରୀଶ୍ରୀପିତୃଦେବ ଏଥର ଧୃତିବଲ୍ଲଭ (ସିକଦାର)କୁ ପଚାରିଲେ– ବାଣୀରେ ଅଛି, କିନ୍ତୁ କିଛି ପାଇଲେ ଦେବାର ଚେଷ୍ଟା କର । ବନ୍ଧୁ ଯଦି କିଛି ଦିଏ, ସେହି ଜିନିଷହିଁ କ'ଣ ତା'କୁ ଦେବ ?

ଧୃତିବଲ୍ଲଭ– ଆଜ୍ଞା ।

ଶ୍ରୀଶ୍ରୀପିତୃଦେବ– ତାହା କାହିଁକି ? ବନ୍ଧୁ ତୁମକୁ ତା' ବଗିଚାର ଅମୃତଭଣ୍ଡା ଦେଲା । ତୁମେ ବି କ'ଣ ଅମୃତଭଣ୍ଡା ଦେବ ? ତୁମ ବାଡ଼ିରେ କଖାରୁ ହୋଇଛି, ତୁମେ କଖାରୁ ଦେଲ । ଏଥର ''ପ୍ରତ୍ୟାଶା ନ ରଖି''ର ଅର୍ଥ ବୁଝାଇ କହ ।

ଧୃତିବଲ୍ଲଭ– ମୁଁ ବନ୍ଧୁକୁ କିଛି ଦେଲି । କିନ୍ତୁ ତାହା ବୋଲି ବନ୍ଧୁ ନିକଟରୁ କିଛି ପାଇବି ଆଶା ରଖିବିନି ।

ଶ୍ରୀଶ୍ରୀପିତୃଦେବ– ବାଃ, ତୁମେ ତ ଠିକ୍ ହିଁ କହିଛ । କାହାକୁ କିଛି ଦେଇ କେବେ ଭାବିବାକୁ ହୁଏନା, ସେ କିଛି ଦେବ । ନିଃସ୍ୱାର୍ଥଭାବେ ଦେବାକୁ ହୁଏ, ପାଇବାର ଆଶା ନ ରଖି । କୌଣସି ଜିନିଷ, ତା' ଯେତେ ସ୍ୱଳ୍ପ ପରିମାଣରେ ହିଁ ହେଉ, କେହି ଯଦି ଦିଏ ଖୁବ୍ ଭଲପାଇବାର ଭାବ ନେଇ ତାହା ନେବାକୁ ହୁଏ । ବନ୍ଧୁକୁ ଦେବା ଆଗରୁ ଘରର ବାପା, ମା', ଭାଇ, ଭଉଣୀଙ୍କୁ ପଚାରିବାକୁ ହୁଏ । ଘରର ଜିନିଷ ତ ! ନ କହି ଦେବା ଉଚିତ୍ ନୁହେଁ । କଥା ବୁଝୁଛ ?

ମିନତି, ତୀର୍ଯ୍ୟ, ଅତସୀ ପ୍ରଭୃତି ଝିଅମାନେ ଏବଂ ମୃତ୍ୟୁଞ୍ଜୟ, ଧୃତିବଲ୍ଲଭ ପ୍ରଭୃତି ପୁଅମାନେ ସମସ୍ତେ ମୁଣ୍ଡ ହଲାଇ ସହମତି ଜଣାଇଲେ । *(ଇଷ୍ଟ-ପ୍ରସଙ୍ଗ/ତା୦୩।୦୨।୭୬)*

*** *** ***

**ଯେତେଦିନ ତୁମର ଶରୀର ଓ ମନରେ ବ୍ୟଥା ଲାଗେ ସେତେଦିନ ତୁମେ ଗୋଟିଏ ପିପୀଲିକାର ବି ବ୍ୟଥା ନିରାକରଣ ଦିଗରେ ଚେଷ୍ଟା ରଖ, ଆଉ ତା' ଯଦି ନ କର, ତେବେ ତୁମଠାରୁ ହୀନ ଆଉ କିଏ ?**

*** *** ***

**ତୁମ ଗାଲରେ ଚାପୁଡ଼ା ମାରିଲେ ଯଦି କହିପାର, କିଏ କାହାକୁ ମାରେ, ତେବେ ଅନ୍ୟ ବେଳକୁ ମଧ୍ୟ କୁହ, ଭଲହିଁ । ଖବରଦାର ନିଜେ ଯଦି ତା' ଭାବି ନପାର ତେବେ ଅନ୍ୟର ବେଳକୁ କହିବାକୁ ଯାଅନା ।**

ଝିଅମାନଙ୍କ ମଧ୍ୟରେ ପାଠ କଲା ମିନତି (ଗାଙ୍ଗୁଲୀ), ଧୀରା (ମଣ୍ଡଳ) ଓ ପ୍ରତିଭା (ପ୍ରଧାନ) ।

ଶ୍ରୀଶ୍ରୀପିତୃଦେବ ମିନତିକୁ ଅର୍ଥ କହିବାକୁ ନିର୍ଦ୍ଦେଶ ଦେଲେ । ମିନତିକୁ ଇତସ୍ତତଃ ହେବା ଦେଖି ସିଏ କହିଲେ– ତୁମ ଗାଲରେ ଚାପୁଡ଼ା ମାରିଲି, ତୁମେ କ'ଣ ଭଲହିଁ କହିବ ? ତୁମେ ତ କାନ୍ଦି ପକାଇବ ।

ଶ୍ରୀଶ୍ରୀପିତୃଦେବ ଧୀରାକୁ ସେଇ ଏକା ପ୍ରଶ୍ନ କରିଲେ ।

ଧୀରା– ମୋ ଗାଲରେ ଚାପୁଡ଼ା ମାରିଲେ ସେତେବେଳେ ପଚାରିବି, କାହିଁକି ମାରିଲ ?

ପୁଅମାନଙ୍କ ମଧ୍ୟରେ ପାଖୀ ପାଠ କରିଛି । ଶ୍ରୀଶ୍ରୀପିତୃଦେବ ସେଇ ଗୋଟେ ପ୍ରଶ୍ନ ପାଖୀକୁ କରିଲେ ।

ପାଖୀ– ମୁଁ କହିବି, ଯିଏ ମାରିବାର ସିଏହିଁ ମାରିଛନ୍ତି ।

ଶ୍ରୀଶ୍ରୀପିତୃଦେବ– କେହି ତୁମକୁ ଚାପୁଡ଼ା ମାରିଲେ ତୁମେ ତେଡ଼ି ଆସିବନି ?

ପାଖୀ– ଆଜ୍ଞା ନା, ତେଡ଼ି ଆସିବିନି ।

ସତୀଶଭାଇ– ଚାପୁଡ଼ା ଖାଇ ଖାଇ ଗାଲ ଫୁଲିଯିବ ।

ପ୍ରତିଭାକୁ ଶ୍ରୀଶ୍ରୀପିତୃଦେବ ସେଇ ଏକାପ୍ରଶ୍ନ କଲେ ।

ପ୍ରତିଭା– ମୋ ଗାଲରେ ଯଦି କେହି ଚାପୁଡ଼ା ମାରେ, ମୁଁ ସେତେବେଳେ ଯଦି କହେ, କିଏ କାହାକୁ ମାରେ, ସବୁହିଁ ତ ତାଙ୍କରି ଇଚ୍ଛା, ସିଏହିଁ ମାରିଛନ୍ତି, ସେତେବେଳେ ଅନ୍ୟବେଳକୁ ମୋର କହିବା ସାଜେ– ସିଏ ଇଚ୍ଛାମୟ, ସିଏହିଁ ମାରିଛନ୍ତି ମତେ, ତା' ଭାବି ନପାରିଲେ ତା' କହିବା ଠିକ୍ ନୁହେଁ ।

ଶ୍ରୀଶ୍ରୀପିତୃଦେବ ସମ୍ମତି ଜଣାଇ କହିଲେ– ନିଜ ବେଳକୁ ଯଦି ଭାବିପାରେ କିଏ କାହାକୁ ମାରେ, ସେତେବେଳେ ହିଁ କେବଳ ଅନ୍ୟ ବେଳକୁ କହିପାରିବି ତାହା । କିନ୍ତୁ ଅନ୍ୟବେଳାରେ କିଛି ମନେକରେନା, କହେ, କିଏ କାହାକୁ ମାରେ, ନିଜକୁ କେହି ଚାପୁଡ଼ା ମାରିଲେ ସଙ୍ଗେ ସଙ୍ଗେ ଡ଼େଇଁପଡ଼ି ତା'କୁ ପାଲଟା ଆଘାତ କରିବାକୁ ଗଲି ତାହା କିନ୍ତୁ ଠିକ୍ ହେବନି ।

ମୋ ପୁଅ ପ୍ରତିବେଶୀର ପୁଅକୁ ମାରିଛି, ସେହି ପିଲାର ବାପା ପାଲଟା ଲାଠି ନେଇ ମାରିବାକୁ ଆସିଲା ମୋ ପୁଅକୁ । ସେତେବେଳେ କହିଲି, ପିଲାଲୋକ ମାରିଛି ଛାଡ଼ି ଦିଅନ୍ତୁ । ଅନ୍ୟ ଦିଗରେ ମୋ ପୁଅକୁ ଯେଉଁଦିନ ଅନ୍ୟ ପିଲାମାନେ ମାରଧର କଲେ, ସେତେବେଳେ ମୁଁ ଲାଠି ନେଇ ସେଇ ପ୍ରତିବେଶୀର ଘରକୁ ଚଢ଼ାଉ କଲି । ରଣଂ ଦେହି ମୂର୍ତ୍ତି ନେଇ । ଏପରି ହେଲେ ଚଳିବନି ।

ଶ୍ରୀଶ୍ରୀପିତୃଦେବ ସାଧକ ରାମପ୍ରସାଦଙ୍କ ଜୀବନର ଘଟଣା ତୋଳି ଧରିଲେ– ସାଧକ ରାମପ୍ରସାଦଙ୍କ ନିକଟରେ ମା'ହିଁ ଜଗତର କର୍ତ୍ତ୍ରୀ । ସିଏହିଁ ଚାଳିକା ଶକ୍ତି । ତେଣୁ ସିଏ ଆଘାତକାରୀକୁ ପ୍ରତ୍ୟାଘାତ ନ କରି କହିପାରନ୍ତି– ତାହାର କୌଣସି ଦୋଷ ନାହିଁ, ମା'ର ଇଚ୍ଛା ଥିଲା, ତେଣୁ ତା' ହାତ ଦେଇ ମାରିଛନ୍ତି ।

*(ଇଷ୍ଟ-ପ୍ରସଙ୍ଗ/ତା୦୫।୦୨।୭୬)*

*(ପ୍ରସଙ୍ଗ:ସତ୍ୟାନୁସରଣ, ପୃ.୯୧-୯୪)ଅନୁବାଦ:ଡ଼କ୍ଟର ନିରଞ୍ଜନ ମିଶ୍ର*

## ଇଷ୍ଟାନୁରାଗର ପରଖ

### ।। ଜୀବନସର୍ବସ୍ୱ କରିବାକୁ ହେବ କାହାକୁ ?

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ପ୍ରତ୍ୟେକର ଜୀବନରେ ଆଦର୍ଶ ଗୁରୁ ଦରକାର । ସିଏ ପୁଣି ଆଚାର୍ଯ୍ୟ ହେବା ଦରକାର । ଆଚାର୍ଯ୍ୟ ମାନେ ଯିଏ ବଞ୍ଚା-ବଢ଼ାର ବିଧିକୁ ଆଚରଣର ଭିତର ଦେଇ ଜାଣିଛନ୍ତି ଏବଂ ଅନୁସରଣ କରି ଚାଲିଛନ୍ତି । Auto-initiative (ସ୍ୱତଃ-ପ୍ରଣୋଦନା) ନେଇ ତାଙ୍କୁ ଜୀବନସର୍ବସ୍ୱ ବୋଲି ଗ୍ରହଣ କରିବା ଦରକାର, ଭଲପାଇବା ଦରକାର, ଅନୁସରଣ କରିବା ଦରକାର । ଏହାକୁହିଁ କହନ୍ତି ଦୀକ୍ଷା । ଦୀକ୍ଷାରେ ଆସେ ଦକ୍ଷତା । ....ଆଚାର୍ଯ୍ୟ ଗ୍ରହଣ ସମୟରେ ଦେଖିବାକୁ ହୁଏ ଆଚାର୍ଯ୍ୟଙ୍କର ପୁଣି ଆଚାର୍ଯ୍ୟ ଅଛନ୍ତି କି ନା । ଏବଂ ସେଇ ଆଚାର୍ଯ୍ୟଙ୍କ ପ୍ରତି ତାଙ୍କର ନିଷ୍ଠା ଓ ଅନୁରାଗ କେତେଦୂର ସକ୍ରିୟ । ସକ୍ରିୟ ନିଷ୍ଠା ଯେଉଁଠାରେ ଜ୍ଞାନ ଓ ଆତ୍ମନିୟନ୍ତ୍ରଣ ସେଠାରେ ସ୍ୱତଃ ।

*(ଆଲୋଚନା-ପ୍ରସଙ୍ଗ, ୯ମଖଣ୍ଡ/୧୫।୭।୧୯୪୭)*

### ।। ଇଷ୍ଟାନୁରାଗ କା'ର କେତେଦୂର ଅଛି ।।

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ଇଷ୍ଟାନୁରାଗ କା'ର କେତେଦୂର ଅଛି ତା'ର କିନ୍ତୁ ଗୋଟେ ପ୍ରଧାନ ପରଖ ହେଲା— ପ୍ରବୃତ୍ତିଗୁଡ଼ିକ କେତେଦୂର ତା'ର ହାତରେ ଅଛି । ଇଷ୍ଟଙ୍କ ହାତରେ ଯେ ଥାଏ, ପ୍ରବୃତ୍ତିଗୁଡ଼ିକ ତା'ର ହାତରେ ଥାଏ । ଯିଏ ଯେତେଦୂର ପ୍ରବୃତ୍ତିର ହାତରେ ଥାଏ, ସିଏ ସେତେଦୂର ଇଷ୍ଟଙ୍କ ହାତର ବାହାରେ ଥାଏ । ତେଣୁ ଅନିଷ୍ଟ ଅର୍ଥାତ୍ କ୍ଷୟ ଓ କ୍ଷତି ତା'ର ଜୀବନରେ ଅନିବାର୍ଯ୍ୟ ହୋଇଉଠେ ।

*(ଆଲୋଚନା-ପ୍ରସଙ୍ଗ, ୮ମଖଣ୍ଡ/୧୯।୦୫।୧୯୪୬)*

### ।। ଗୁରୁଙ୍କ ଶାସନ ମାନିବାକୁ ହୁଏ କାହିଁକି ?

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ମଣିଷ ହେବାକୁ ହେଲେ ଗୁରୁଙ୍କ ଶାସନ ମଥାପାତି ନେବାକୁ ହୁଏ । ଗୁରୁଙ୍କ ନିକଟରେ କୌଣସି ମାନ-ଅଭିମାନ ରଖିବାର ନୁହେଁ । ତାଙ୍କର ବିଧି-ବିଧାନ ଓ ଆଦେଶ ଯେତେହିଁ କଠୋର ହେଉ ନା କାହିଁକି, ତା' ପ୍ରୀତିପୂର୍ଣ୍ଣ ନିଷ୍ଠା ସହକାରେ ପାଳନ କରିବାକୁ ଯାଇ ପ୍ରବୃତ୍ତିଗୁଡ଼ିକ କବଜାକୁ ଆସେ । ସେଇଟାହିଁ ବଡ଼ ଲାଭ । ଶିବାଜୀ ଥିଲେ ରାଜା । କିନ୍ତୁ ସେଇ ରାଜା-ଶିବାଜୀଙ୍କୁ ରାମଦାସ କେତେ କୃଚ୍ଛ୍ରତାର ଭିତର ଦେଇ ଖାଣ୍ଟି ସୁନା କରି ତୋଳିବାକୁ ଚାହିଁଛନ୍ତି । ଶୁଣିଛି ସିଏ କାଳେ କହୁଥିଲେ— ମୁଁ ତା'କୁ ଏପରି କରି ତୋଳିବାକୁ ଚାହେଁ, ଯେପରି ମୋର ଅବର୍ତ୍ତମାନରେ ତା'ର ଆୟତ୍ତରେ ଗୋଟେ ପିମ୍ପୁଡ଼ିବି କଷ୍ଟ ନ ପାଏ । କାଠିୟା ବାବା ତାଙ୍କର ଶିଷ୍ୟମାନଙ୍କ ପ୍ରତି ଖୁବ୍ କଠୋର ଥିଲେ । ଏହାର କାରଣ ପଚାରିବାରୁ ସିଏ କହୁଥିଲେ, 'ମୁଁ ସେମାନଙ୍କୁ ଏପରିଭାବେ ମଣିଷ କରିବାକୁ ଚାହେଁ, ଯେପରି ଜଗତର କୌଣସି କଷ୍ଟ ସେମାନଙ୍କୁ କଷ୍ଟ ଦେଇ ନପାରେ ।

*(ଆଲୋଚନା-ପ୍ରସଙ୍ଗ, ୮ମଖଣ୍ଡ/୧୫।୦୬।୧୯୪୬)*

### ।। ଇଷ୍ଟ ଏବଂ ଇଷ୍ଟଭୃତି ।।

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ଇଷ୍ଟଭୃତି ଅର୍ଥାତ୍ ସାମର୍ଥ୍ୟୀଯୋଗ ଯଦି ଅଧ୍ୟାତ୍ମଯୋଗର ସଙ୍ଗେ combined (ଯୁକ୍ତ) ନହୁଏ, ତେବେ ହେବନି । ଅଧ୍ୟାତ୍ମଯୋଗ ସାମର୍ଥ୍ୟୀଯୋଗ ଛଡ଼ା sterile (ବନ୍ଧ୍ୟା) ।..... ଆମେମାନେ ଯା'ହିଁ କରୁ, ଯଦି ଇଷ୍ଟଭୃତି ରୂପକ ଗୋଟେ sacramental endowment (ପୂତ ଅବଦାନ) ନ ଥାଏ, ସବୁ ବ୍ୟର୍ଥ । ଇଷ୍ଟଭୃତି ହେଲା material concentration (ବାସ୍ତବ ଏକାଗ୍ରତା) । ଭାବ-ଭକ୍ତିର ବାସ୍ତବ ବିନିଯୋଗ ନ ହେଲେ ତା' ପ୍ରବହମାନ ଜୀବନ୍ତ ଗତି ପାଏନା, ସ୍ଥାୟୀ ହୁଏନା, ମନରେ ଉଠି ମନରେ ଲୟ ପାଇଯାଏ । ଇଷ୍ଟଭୃତି ହେଲା ଇଷ୍ଟାନୁରାଗର ବାସ୍ତବ ବିନିଯୋଗ ।......... ସାମର୍ଥ୍ୟୀଯୋଗ ଅଧ୍ୟାତ୍ମଯୋଗକୁ help (ସାହାଯ୍ୟ) କରେ, ଅଧ୍ୟାତ୍ମଯୋଗ ସାମର୍ଥ୍ୟୀଯୋଗକୁ help (ସାହାଯ୍ୟ) କରେ । ସମଗ୍ରଭାବେ ଜୀବନ ବଢ଼ିବା ପଥରେ ଚାଲେ । ବହୁ ସାଧୁ-ସନ୍ନ୍ୟାସୀ ଯେ କିଛି କରିପାରନ୍ତିନି ତା'ର କାରଣ ସାମର୍ଥ୍ୟୀଯୋଗର ଅଭାବ ।

*(ଆଲୋଚନା-ପ୍ରସଙ୍ଗ, ୮ମଖଣ୍ଡ/୨୧।୦୭/୧୯୪୬)*

### ।। ଇଷ୍ଟସେବାରୁ ବିରତ ହେବାର ନୁହେଁ ।।

କଥାପ୍ରସଙ୍ଗରେ ଶ୍ରୀଶ୍ରୀଠାକୁର କହିଲେ— ଇଷ୍ଟସେବାରୁ ବିରତ ହେବାର ନୁହେଁ କେବେବି । ଆଉ, ଇଷ୍ଟସେବା କରିବାକୁ ଗଲେହିଁ ପରିବେଶର ସେବା କରିବାକୁ ହୁଏ— ଇଷ୍ଟସ୍ୱାର୍ଥପ୍ରତିଷ୍ଠାରେ ନଜର ରଖି । ନିଜର ସ୍ୱାର୍ଥ ବଡ଼ କରି ଦେଖିବାକୁ ଗଲେହିଁ ନିଜର ସ୍ୱାର୍ଥ ହରାଇବାକୁ ହୁଏ— ଏହା ହେଲା ବିଧିର ବିଧାନ । ଏହି ସତ୍ୟ ଯିଏ ନ ଜାଣିଛି, ସେ ହେଲା ବେକୁବ-ବର୍ବର ।

*(ଆଲୋଚନା-ପ୍ରସଙ୍ଗ, ୯ମଖଣ୍ଡ/୦୪।୦୯।୧୯୪୭)*

କର୍ମୀଦର୍ପଣ

# ମଣିଷକୁ ସମର୍ଥ କରିତୋଳ

## ।। ଯା'ଯା' କରିବାକୁ କହେ, କଠିନ ଲାଗେ କେତେବେଳେ ?

କଠିନ କିଛି ନାହିଁ । ଭିତରେ ଅନିଚ୍ଛା ଥିଲେ ବା ଅନ୍ୟରକମ ଇଚ୍ଛା ଥିଲେ କଠିନ ଲାଗେ । ଇଷ୍ଟସ୍ୱାର୍ଥ ପ୍ରତିଷ୍ଠା ଯା'କୁ ନିଶା ଭଳି କାବୁ କରିବସେ ତା' ନିକଟରେ କଠିନ ବୋଧ ରହେନା । କଥା ତ ସେଇ ଏକ କଥା– ତାଙ୍କ ସୁଖହିଁ ମୋର ସୁଖ, ତାଙ୍କ ସ୍ୱାର୍ଥ ହିଁ ମୋର ସ୍ୱାର୍ଥ । ମଣିଷ ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟ, ସ୍ୱାର୍ଥ ପାଇଁ ଯେପରି କରେ, ଇଷ୍ଟଙ୍କ ପାଇଁ ସେଇଟିକକ କରିବା– ଏ ତ ହାତୀ-ଘୋଡ଼ା କିଛି ନୁହେଁ, ଆଉ ଏହା ମଧ୍ୟରେ ତତ୍ତ୍ୱର ବ୍ୟାପାରବି କିଛି ନାହିଁ । ସେଇ ଝୁଙ୍କ୍‌ଟା ଆସିଗଲେ ସେତେବେଳେ ମଣିଷ ସବୁ ପାରେ, ଆଉ ସେଥିରେ କଷ୍ଟ ବୋଧ ରହେନା । ମୁଁ ଯେ କେତେଦୂର ସୁଖୀ, trouble (କଷ୍ଟ)ଗୁଡ଼ିକ trouble (କଷ୍ଟ)ହିଁ ମନେହୁଏନା । କରିବାକୁ ହେବ– ଏହି ନିଶା ।*(ଆଲୋଚନା-ପ୍ରସଙ୍ଗ, ୧ମ/୧୮।୦୩।୪୧)*

## ।। ପଢ଼ାପଢ଼ି କର ।।

ଶାସ୍ତ୍ର, ବିଜ୍ଞାନ, ସାହିତ୍ୟ, ଇତିହାସ, ଦର୍ଶନ, ରାଜନୀତି, ପୂର୍ବତନ ମହାପୁରୁଷମାନଙ୍କ ଗ୍ରନ୍ଥାଦି ଯାବତୀୟ ଯା'କିଛି ଭଲ କରି ପଢ଼ିବୁ, ଆଉ ସବୁଥିରୁ ନିଜର ଭାବଧାରାର ସମର୍ଥନୀ ଯା'କିଛି ପାଇବୁ, ସେଗୁଡ଼ିକ ସଂଗ୍ରହ କରିବାକୁ ଚେଷ୍ଟା କରିବୁ । ନିଜର ଗୋଟେ ଭିତ୍ତି ଠିକ୍ ରହିଲେ, ସେତେବେଳେହିଁ ଠିକ୍ ଠିକ୍ ପଢ଼ା ଓ ବୁଝାଟା ହୁଏ, ଏବଂ ସେଇ ପଢ଼ାଟା କାମରେ ଲଗାଯାଏ । ନଚେତ୍ ଲକ୍ଷେ ପଢ଼ିଲେବି ହଜମ ହୁଏନା ।*(ଆଲୋଚନା-ପ୍ରସଙ୍ଗ, ୧ମ/୦୨।୦୪।୪୧)*

ଆନାଟୋମି, ଫିଜିଓଲଜି, ଫିଜିକ୍ସ, କେମେଷ୍ଟ୍ରି, ବାୟୋଲଜି, ଜିଓଲଜି, ଇକୋନମିକ୍ସ, ହିଷ୍ଟ୍ରୀ, ପଲିଟିକ୍‌ସ୍, ଫିଲସଫି, ଶାସ୍ତ୍ରଗ୍ରନ୍ଥ– ଇତ୍ୟାଦି ପଢ଼ିପକା । ବାସ୍ତବରେ ବି ନାନାରକମର କାମ କରିବାକୁ ଶିଖ୍ । କୌଣସି ଦିଗରୁ ଯେପରି ଅଭାବ ନ ରହେ । ସେତେବେଳେ ଦେଖିବୁ, ମଣିଷର କେତେ ଉପକାରରେ ଲାଗି ପାରିବୁ ।

*(ଆଲୋଚନା-ପ୍ରସଙ୍ଗ, ୧ମଖଣ୍ଡ/୦୪।୦୬।୪୧)*

କେବଳ ଆମମାନଙ୍କର ବହି ନୁହେଁ, ଏଗୁଡ଼ିକ ଏବଂ ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ବହି ପଢ଼ିବା ଖୁବ୍ ଦରକାର । ନିଜର ଭାବ ଓ ବୋଧଟା ଯଦି ଖୁବ୍ ପକା ନହୁଏ, ତା'ହେଲେ ଅନ୍ୟକୁ ଭଲ କରି ବୁଝାଇ ହୁଏନା । ପଢ଼ି ପଢ଼ି, ଭାବି ଭାବି, କରି କରି, କହି କହି, ଶୁଣି ଶୁଣି idea (ଚିନ୍ତା)ଗୁଡ଼ିକୁ normal (ସହଜ) କରି ପକାଇବା ଦରକାର । ସେତେବେଳେ ମଣିଷ ସଙ୍ଗେ ଯାଜନ କରିବାକୁ ଗଲେ ତତ୍ତ୍ୱାଲୋଚନା ହିସାବରେ କଥାଗୁଡ଼ିକ ବାହାରେନା । ଅନୁଭବ ଓ ଅଭିଜ୍ଞତାର ଛାପ ନେଇ ପ୍ରାଣସ୍ପର୍ଶୀ ରକମରେ ବାହାରେ । କଥାଗୁଡ଼ିକ ଧାରକରା କଥା ଭଳି ହୁଏନା, ନିଜର ଜୀବନସ୍ପର୍ଶୀ କଥା ଭଳି ହୁଏ । ତେଣୁ, ମଣିଷ ସେଥିରେ କାନ ନ ଦେଇ ପାରେନା । 'କାନ ଭିତର ଦେଇ ମରମରେ ପଶିଲା ଗୋ, ଆକୁଳ କରିଲ ମନପ୍ରାଣ'– ଏହିଭଳି ହୁଏ । *(ଆଲୋଚନା-ପ୍ରସଙ୍ଗ,୫ମ/୧।୧।୪୪)*

କର୍ମୀମାନଙ୍କର ଅନେକଙ୍କରହିଁ ପଢ଼ାପଢ଼ି କରିବାର ଅଭ୍ୟାସ ନାହିଁ । (ଆପଣମାନେ) ଯେଉଁମାନେ ନାନାବିଷୟରେ ପଢ଼ାପଢ଼ି କରନ୍ତି, ସେମାନେ ଯଦି କର୍ମୀମାନଙ୍କୁ ନେଇ ବସି ବୈଠକୀ ଆଳାପ-ଆଲୋଚନା କରନ୍ତେ, ତା'ହେଲେ ଆପଣମାନଙ୍କ ନିକଟରୁ ସେମାନେ ଅନେକ ବିଷୟ ଶିଖିପାରନ୍ତେ ।

*(ଆଲୋଚନା-ପ୍ରସଙ୍ଗ, ୧ମଖଣ୍ଡ/୧୮।୦୩।୪୧)*

## ।। ମଣିଷକୁ ସମର୍ଥ କରିତୋଳ ।।

ଗୋଟେ ଗୋଟେ ମଣିଷକୁ ସମର୍ଥ କରି ତୋଳିବା ପାଇଁ କେତେ ଖଟିବାକୁ ପଡ଼େ । ଜଣକୁ ଖାଇବାକୁ ଦେବାହିଁ ଯଥେଷ୍ଟ ନୁହେଁ, ଧର୍ମଦାନ ଶ୍ରେଷ୍ଠ ଦାନ; ତା'କୁ ଏପରି କରି ତୋଳିବାକୁ ହେବ ଯେପରି ସେ ନିଜେ ଖାଇବାକୁ ପାଏ, ସଙ୍ଗେ ସଙ୍ଗେ ଦଶଜଣଙ୍କୁ ଖୁଆଇପାରେ । ହୁଏତ ତା'କୁ ଦୁଇଟା ଟଙ୍କା ଦେଲ– ସେ ତା' ଦେଇ କପି କିଣି ବଜାରରେ ବିକ୍ରି କରିଲା, ବିକ୍ରି ପରେ ହିଁ ସବୁଟା ନେଇ ତୁମକୁ ଦେଲା, ବାରଅଣା ଲାଭ ହେଲା, ତୁମେ ଚାରିଅଣା ତା'ଠାରୁ ରଖି ଦେଲ, ସେ ସଂସାର ପାଇଁ ବାକୀ ଲାଭାଂଶ ଖର୍ଚ୍ଚ କରିଲା– ଏହିଭାବେ କେଇଦିନ ଆହୁରି ଦୁଇଟଙ୍କା ଜମିଲା, ଚାରିଟଙ୍କା ଦେଇ ବ୍ୟବସାୟ ଚାଲିଲା– ଏପରିଭାବେ ବଢ଼ିବାକୁ ଲାଗିଲା । କେଇଦିନ ପରେ ଗୋଟେ ଟଙ୍କା ଦେଇ ଦିନେ ହୁଏତ ଛାଡ଼ି ଦେଇ ଦେଖିବାକୁ ହୁଏ– ସେ ଫେରାଇ ଆଣେ କି ନା । ସେତେବେଳେ ବୁଝାଯାଏ ମଣିଷଟା କିପରି । ସାଧାରଣତଃ ପଛେ ପଛେ ରହିବା ଦରକାର । ଯଦି ଫାଙ୍କି ଦିଏ– ତା'ର ପେଟ ତ ଅଛି, କ୍ଷୁଧା ତ ଅଛି, ସେଇ ତାଡ଼ନାରେ ଅଭାବରେ ପଡ଼ି ପରେ ଦିନେ ହାଜର ହେବହିଁ– ସେତେବେଳେ ବୁଝାଇ ଦେବାକୁ ହୁଏ, ବୁଝାଇ ଦେବାକୁ ହୁଏ– କରି ପାଇବାଟା କେତେ ସହଜ ଓ ସ୍ୱାଭାବିକ– ସେ ଯା' କରୁଛି ତା'ଠାରୁ ସୁବିଧା-ଜନକ । ପାଇବା କରାଇ ଦେଇ ପାଇବାର ପଥ ଧରାଇ ଦେବାକୁ ହୁଏ । ନ କରିଲେ ବୁଝେନା, ଏଥିରେବି ଯେଉଁମାନଙ୍କର ନହୁଏ, ସେମାନଙ୍କୁ ବୁଝାଇବାକୁ ହେବ, ଜନ୍ମଗତ ନ୍ୟୂନତା ଅଛି । ଅନେକ ମଣିଷ ହୁଏତ ବରବାଦ ଯିବେ ।*(ଆଲୋଚନା-ପ୍ରସଙ୍ଗ, ୧ମଖଣ୍ଡ/୧୦।୧୧।୪୧)*

# ସନ୍ତାନର ଜନ୍ମ ସୁଷ୍ଠୁ ହୁଏନା କେତେବେଳେ ?

## ।। କୁଳୀନର ଝିଅର ନୀଚଘରେ ବିବାହ ହେଲେ ଖରାପ ହୁଏ କି ନା ?

ଖରାପ ହେବନି ? ସେଥିରେ ତ ବାର ବାଜିଛି । ବିବାହ-କଥାଟା ଠିକ୍‌ଭାବେ ନ ହେବାରୁ ବହୁଦିନ ଧରି ଦେଶରେ ଭଲ ମଣିଷ ଜନ୍ମୁଛନ୍ତି କମ୍‌ହିଁ । ଜଣେ ପୁରୁଷ ଯେତେହିଁ ଉନ୍ନତ ହେଉ ତା'ର ଯଦି ପ୍ରତିଲୋମ ବିବାହ ହୁଏ, ସନ୍ତାନଗୁଡ଼ିକ କିନ୍ତୁ ଭଲ ହୋଇପାରନ୍ତିନି । ପୁଣି ସବର୍ଣ୍ଣ ଓ ଅନୁଲୋମ କ୍ଷେତ୍ରରେବି ବିବାହର ନୀତି-ନିୟମଗୁଡ଼ିକ ଠିକ୍‌ଭାବେ ପାଳନ କରିବା ଦରକାର । ସେଥିରେ ବ୍ୟତ୍ୟୟ ହେଲେ ଖରାପ ହୁଏ ।

*(ଆଲୋଚନା-ପ୍ରସଙ୍ଗ, ୧୨/୧୮/୬/୧୯୪୮)*

## ।। ଗର୍ଭାଧାନ ସଂସ୍କାର ଆଜିବି ଦରକାର ନା କ'ଣ ?

ସଂସ୍କାର ଦରକାର ଅର୍ଥାତ୍ ସଂସ୍କୃତିମାଫିକ ଚାଲିବା ଦରକାର ସାରାଜୀବନ । କେବଳ ଅନୁଷ୍ଠାନ ଟିକକରେ ହେବ ନାହିଁ । ଗର୍ଭାଧାନ କରିବାକୁ ଗଲେ ତା' ଆଗରୁ ଆଚାର, ନିୟମ, ବ୍ରହ୍ମଚର୍ଯ୍ୟ ପାଳନ କରିବା ଦରକାର । ପରେବି ଠିକ୍‌ଭାବେ ଚାଲିବା ଦରକାର । କେବଳ ବାହ୍ୟିକ ଆଚାରହିଁ ଯଥେଷ୍ଟ ନୁହେଁ । ଶାରୀରିକ, ମାନସିକ, ଆଧ୍ୟାତ୍ମିକ– ସବୁ ରକମର ଆଚାର-ନିୟମ ଠିକ୍ ରଖିବା ଦରକାର । ଆଧ୍ୟାତ୍ମିକ ଆଚାର-ନିୟମ ମାନେ tenacious adherence to Ideal and culture (ଇଷ୍ଟ ଓ କୃଷ୍ଟିର ପ୍ରତି ଲାଗି ରହିବା/ସୁତୀବ୍ର ନିଷ୍ଠା) । ଏକଭକ୍ତିର୍ବିଶିଷ୍ୟତେ ।

*(ଆଲୋଚନା-ପ୍ରସଙ୍ଗ, ୧୨/୨୩/୬/୧୯୪୮)*

## ।। ସହବାସ ସମୟର ତାତ୍ପର୍ଯ୍ୟ କ'ଣ ?

କେଷ୍ଟଭାଇ– ପଞ୍ଜିକାରେ ହୁଏତ ଅଛି ରାତି ତିନିଟା ପରେ ସହବାସର ସମୟ ।

ଶ୍ରୀଶ୍ରୀଠାକୁର– ନିଦ ପରେ ମସ୍ତିଷ୍କରେ ଚାଞ୍ଚଲ୍ୟ ନଥାଏ, ତେଣୁ ସେଇଟା ହୁଏତ ଉପଯୁକ୍ତ ସମୟ । ଅବଶ୍ୟ ପ୍ରତ୍ୟେକଟା ଜିନିଷର ହିଁ ନାନା ଦିଗ ଅଛି । ତେଣୁ ଯେତେବେଳେ ଯା' ସମୀଚୀନ ଓ ଶୁଭ ସେତେବେଳେ ତା' କରଣୀୟ, ଅବଶ୍ୟ ଯଦି ପ୍ରୟୋଜନ ହୁଏ । ତେଣୁ ବିଭିନ୍ନ ସମାବେଶ-ଅନୁଯାୟୀ ବିଭିନ୍ନ ସମୟର ଉଲ୍ଲେଖ ଥାଏ ।

କେଷ୍ଟଭାଇ– ଏ ଜିନିଷଟା କ'ଣ ଏକ ସମୟରେ ବାସ୍ତବରେ ଥିଲା ? ଯୌନଜୀବନ ସଂଯତ ବା ଯାନ୍ତ୍ରିକ ନହେଲେ ତ ଏହା ହୁଏନା !

ଶ୍ରୀଶ୍ରୀଠାକୁର– ଥିଲା । ସବୁହିଁ ଅଭ୍ୟାସର ଫଳ । ଆମମାନଙ୍କ ଦେଶରେ କେତେ ରକମାରୀ ଅନୁଶୀଳନ ହୋଇଯାଇଛି । ନିଷ୍ଠା ଥିଲେ, ଆଚାର-ଆଚରଣ ଥିଲେ, ଲୋକଶିକ୍ଷା ଥିଲେ, ଯାଜନ ଥିଲେ, ପରିବେଶ ଓ ଜନମତ ଠିକ୍‌ଭାବେ ଗଢ଼ି ତୋଳି ପାରିଲେ ଅନେକ କଠିନ ଜିନିଷ ସହଜ ହୋଇଆସେ । *(ଆଲୋଚନା-ପ୍ରସଙ୍ଗ, ୧୨/୨୩/୬/୧୯୪୮)*

## ।। ସନ୍ତାନର ଜନ୍ମ ସୁଷ୍ଠୁ ହୁଏନା କେତେବେଳେ ?

ସ୍ତ୍ରୀର ଚରିତ୍ରରେ ଯଦି ସ୍ୱାମୀ ଓ ସ୍ୱାମୀକୁଳର ପରିରକ୍ଷଣୀ ପରିପୋଷଣ ନଥାଏ, ତା'ହେଲେ ପିଲାର (ସନ୍ତାନର) ଜନ୍ମ ସୁଷ୍ଠୁ ହୁଏନା । ଧାତୁଟାହିଁ nurtured (ପରିପୁଷ୍ଟ) ହୁଏନା । କାରଣ, ସ୍ତ୍ରୀର ଧାତୁ ବା ଡ଼ିମ୍ବକୋଷର ଧରଣ, ଯା' ବୀଜକୁ ଧାରଣ କରେ, ତା' ବାସ୍ତବ କୃଷ୍ଟିର ଭିତର ଦେଇ ପ୍ରୟୋଜନ ଅନୁପାତିକ ବିକାଶ ଲାଭ କରେନା । ସ୍ତ୍ରୀର ସତତ ଅନୁଧ୍ୟାନ ଥିବା ଦରକାର କେଉଁଥିରେ ସ୍ୱାମୀ ଓ ତା'ର ବଂଶର ସମସ୍ତେ ସୁଖରେ ରହିବେ, ସୁସ୍ଥ ରହିବେ, ଆନନ୍ଦରେ ରହିବେ । କଷ୍ଟର ଆଞ୍ଚୁଡ଼ାବି ସେମାନଙ୍କ ଦେହରେ ଲାଗିବନି । ସେଇ ଅତିଶୟ ବ୍ୟସ୍ତତା ଯଦି ଥାଏ ଏବଂ ମୁଣ୍ଡରେ ଯେପରି ଯେପରି ବୁଦ୍ଧି ଆସେ, ସେପରି ସେପରି ଯଦି କରେ ତା'ହେଲେ ସେଇ କର୍ଷଣ ଓ ସାଧନାର ଭିତର ଦେଇ ସେ କ୍ରମାଗତ ଉତ୍କର୍ଷ ଲାଭ କରେ । ଏହି ଉତ୍କୃଷ୍ଟତାହିଁ ତା'ର ଗର୍ଭର ସନ୍ତାନକୁ ଉପଯୁକ୍ତ ପୋଷଣ ଯୋଗାଇବାକୁ ସାହାଯ୍ୟ କରେ । ତୁମର ସ୍ତ୍ରୀ ଯଦି ତୁମର ମୁଖର ଚେହେରା ଦେଖି ଧରି ନପାରେ ଯେ ତୁମ ପାଇଁ ତା'ର କେତେବେଳେ କ'ଣ କରଣୀୟ, ତା'ହେଲେ ବୁଝିବାକୁ ହେବ ଯେ ସେ ବାସ୍ତବ ଶିକ୍ଷା ଓ କୃଷ୍ଟି ଲାଭ କରିନି । ଏହି ଦିଗରୁ ତୁମର ସ୍ତ୍ରୀ ଯେତେଦୂର uncultured (ଅପକୃଷ୍ଟ) ରହେ, ତୁମର ବୀଜକୁ ଓ ବୀଜସୃଷ୍ଟ ସନ୍ତାନକୁ ସେ nurture (ପୋଷଣ) ଦେଇପାରେ ସେତେ କମ୍ । ତେଣୁ, ସେହିଭଳି ବଂଶର ଝିଅ ବିବାହ କରିବା ଉଚିତ୍ ଯା'ର temperamental hankering (ପ୍ରକୃତିଗତ ଚାହିଦା) ଥାଏ ପୁରୁଷର ଓ ପୁରୁଷର ବଂଶ ପ୍ରତି ।

*(ଆଲୋଚନା-ପ୍ରସଙ୍ଗ, ୧୨/୧୦/୭/୧୯୪୮)*

বিধি বিন্যাস

# ଆଶ୍ରୟକୁ ପୋଷଣ ନ କରି ଶୋଷଣ କରନ୍ତି ଯେଉଁମାନେ, ସେମାନେ ଶାତନପନ୍ଥୀ ଅକୃତଜ୍ଞ

ତୁମର ଆତ୍ମପୋଷଣ-ବର୍ଦ୍ଧନାର
ଉପାଶ୍ରୟ ଯିଏ,
ତୁମର ଜୀବନର ପଥ ଯିଏ,
ଆତ୍ମବିନାୟନୀ ଅନୁପ୍ରେରଣା ଯିଏ,
ତାଙ୍କୁ ଭରଣ-ପ୍ରସାଦମଣ୍ଡିତ ନ କରି—
ତାଙ୍କର ଶରୀର, ମନ ଓ ସତ୍ତାର
ଅନୁଚର୍ଯ୍ୟାସ୍ୱାର୍ଥୀ ନ ହୋଇ—
ତତ୍‌ପ୍ରବର୍ଦ୍ଧନାରେ ଆତ୍ମନିୟମନ ନ କରି—
ଯଦି ବ୍ୟତିକ୍ରମ-ତତ୍‌ପରତାରେ
ସ୍ୱେଚ୍ଛାଚାରୀ ହୋଇ ଚାଲିବାକୁ ଚାହଁ,
ତାଙ୍କୁ ସମୃଦ୍ଧ କରି
କୁଶଳ ସତ୍ତାରେ ରଖିବାର
ଆପଦ ଯଦି ବହନ କରିବାକୁ ନ ଚାହଁ,
ତୁମର ଏତେଟିକେ ଧୀର ଧୃତି ବା ଧୈର୍ଯ୍ୟ
ଯଦି ନ ଥାଏ,
ତାଙ୍କର କ୍ଷୟ ଓ କ୍ଷତିକୁ
ସ୍ୱତଃସ୍ୱେଚ୍ଛ ଅଧ୍ୟବସାୟୀ ତତ୍‌ପରତାରେ ଆପୂରଣ କରିବା
ତୁମର ବ୍ୟକ୍ତିତ୍ୱକୁ
କ୍ଷୁଣ୍ଣ କରିବା ବୋଲି ହିଁ ଯଦି ମନେକର,
ତେବେ ତାଙ୍କୁ ଶୋଷଣ-ଶୀର୍ଣ୍ଣ କରି
ତୁମର ସ୍ୱେଚ୍ଛାଚାରୀ ଜୀବନର
ପୋଷଣ ସଂଗ୍ରହ କରିବାର
ଅଧିକାର କୋଉଠି ତୁମର ?
ଯିଏ ପାଳେ, ଧାରଣ କରେ, ବହନ କରେ—
ଅଧିକାର ସ୍ୱତଃ-ପ୍ରବର୍ତ୍ତନାରେହିଁ
ଆଧିପତ୍ୟ ବିସ୍ତାର କରେ ସେଠାରେ;
ତୁମର ସେଇ ସ୍ୱେଚ୍ଛାଚାରିତାର ଇନ୍ଧନ ଯୋଗାଇ
ଯେଉଁମାନେ ପରିପୋଷିତ ହୁଅନ୍ତି,
ନନ୍ଦିତ ହୋଇଉଠନ୍ତି,
ନିଜକୁ ସାର୍ଥକ ମନେକରି,—
ତୁମର ଜୀବନ-ଆପୋଷଣାର ଯା'କିଛି
ସେମାନଙ୍କଠାରୁ
ନେଇ ଚାଲିବାହିଁ ତ ସମୀଚୀନ;
ତୁମେ ଶରୀରରେ, ମନରେ, ଶୁଭ-ଅନୁଧ୍ୟାୟିତାରେ
ବାକ୍ୟ, ବ୍ୟବହାର ଓ ଆଚରଣର ଭିତର ଦେଇ
ଯା'କୁ ଏତେଟିକେ
ପ୍ରସାଦ-ପ୍ରଦୀପ୍ତ କରି ତୋଳି ପାରିବନି,
ସେଥିରୁ ଗ୍ରହଣ କରିବା କ'ଣ
ତୁମର ଜୀବନ ପକ୍ଷେ ଶୁଭକର ହୋଇଉଠିବ ?
ତୁମେ କ୍ରମଶଃ ଶୀର୍ଣ୍ଣହିଁ ହେଉଥିବ,
ତୁମର ଅନ୍ତର୍ନିହିତ ଅଭାବ
ଆକ୍ରୁଦ୍ଧ ହୋଇ
ତୁମକୁ ନିୟତ ଦଂଶନ କରିହିଁ ଚାଲିବ,
ସେ ବିଷ
ତୁମକୁ ଜର୍ଜ୍ଜରିତ କରିବାକୁ କସୁର କରିବ କମ୍‌ହିଁ;
ତେଣୁ, ଯା'ଠାରୁ ପାଅ,
ତୁମର ସତ୍ତାଧର୍ମର ଅନୁପ୍ରେରଣା
ସ୍ୱତଃ-ନନ୍ଦନାରେ ଯଦି ତା'କୁ
ତୁମର ସାଧମତ ଆପୋଷିତ କରି ଚାଲେ,
ତେବେହିଁ ତା'ଠାରୁ ଗ୍ରହଣ କର,
ନହେଲେ ତା' କରିବାକୁ ଯାଅନା,
ତୁମର ସେଇ ସ୍ୱେଚ୍ଛାଚାରୀ ଆତ୍ମ-ଅନୁଚର୍ଯ୍ୟା
ଯେଉଁମାନଙ୍କୁ ପ୍ରସାଦ-ଦୀପ୍ତ କରିତୋଳେ
ସେମାନଙ୍କର ହୋଇହିଁ ତା' କର;
ଈଶ୍ୱର ସମସ୍ତଙ୍କର ଆପୂରକ,
ଆପୋଷଣାର ଭିତର ଦେଇହିଁ
ସିଏ ପ୍ରଦୀପ୍ତ ହୋଇଉଠନ୍ତି,
ପୁଣି, ଶୋଷଣରେ
ମଣିଷର ଅନ୍ତର୍ନିହିତ ଈଶିତ୍ୱ
ବ୍ୟତିକ୍ରମ-ବିନାୟିତ ହୋଇଉଠେ;
ତୁମର କରଣହିଁ ତୁମକୁ
ଯେପରିଭାବେ ଚାହଁ
ସେପରି କରି ପରିବ୍ୟକ୍ତ କରିତୋଳେ,
ଈଶ୍ୱରହିଁ ବିଧି,
ଈଶ୍ୱରହିଁ ବିଧାତା,
ସିଏହିଁ ସବୁ ସମସ୍ୟାରହିଁ ସମାଧାନ ।

*(ବିଧି-ବିନ୍ୟାସ-୪୫୦)*

# ଦଗାବାଜି ଛାଡ଼ି ଲୋକ-ଚର୍ଯ୍ୟାପରାୟଣ ହୁଅ

## ଦଗାବାଜି ଛାଡ଼ି ଲୋକ-ଚର୍ଯ୍ୟାପରାୟଣ ହୁଅ

ମୁଁ କହେ—
ଦଗାବାଜି ଛାଡ଼,
ଦଗାବାଜି ମାନେ ପ୍ରବଞ୍ଚନା,
ବିଶ୍ୱାସଘାତକତା;
ନିଷ୍ଠାରଞ୍ଜିତ ପ୍ରତୁଳ ଆଗ୍ରହରେ
ପରିଚର୍ଯ୍ୟା-ପରାୟଣତାକୁ
ତୁମଠାରେ ପ୍ରକୃଷ୍ଟ କରିତୋଳ;
ତୁମର ଅନ୍ତଃକରଣ ଆକର୍ଷଣ-ସ୍ପନ୍ଦିଳ
ହୋଇଉଠୁ,
ସେଇ ସ୍ପନ୍ଦିଳରେ ଆକର୍ଷଣୀର ଆବିର୍ଭାବ ହେଉ,
ଆଉ, କୃଷ୍ଟି
ଦୀପନ-ପ୍ରଭାବରେ ବିକିରିତ ହୋଇ
ତୁମର ଚରିତ୍ରକୁ ପ୍ରଭାବିତ କରି
ବିଭୂତି-ପ୍ରଭାବନାରେ ବିକୀର୍ଣ୍ଣ ହେଉଥାଉ;
ସେଇ ଅନ୍ତଃକରଣର ଆଗ୍ରହ-ଆକୁଳ
ଉଦ୍ଦୀପନାର ଭିତର ଦେଇ
ଲୋକଚର୍ଯ୍ୟା-ନିରତି ନେଇ
ସେମାନଙ୍କ ଅସ୍ତିବୃଦ୍ଧିର ପରିଚର୍ଯ୍ୟାରେ
ପରିବ୍ୟାପ୍ତ ହୋଇଉଠ ତୁମେ;
ସେଇ ପରିବ୍ୟାପନୀ ଆଲୋକମୂର୍ତ୍ତି
ଇଷ୍ଟାୟିତ କୃଷ୍ଟତ୍ୱର
ଆବିର୍ଭାବ ନେଇଆସୁ
ତୁମ ଜୀବନର ପ୍ରତିଟି କଣା-କଣାରେ;
ତୁମେ ଉଚ୍ଛଳ-ଉଦ୍ଦାମ ହୋଇବି
ସୌମ୍ୟ-ସନ୍ଦୀପନାରେ
ଧୀର ବୋଧନା ନେଇ
ସମସ୍ତଙ୍କୁ ସେଇ ପ୍ରସାଦ ବିତରଣ କର;
ନିଜେ ନନ୍ଦିତ ହୁଅ
ଓ ନନ୍ଦିତ କରିତୋଳ ସମସ୍ତଙ୍କୁ,
ଐଶ୍ୱର୍ଯ୍ୟ ତୁମର ଆରତି କରୁ,
ବିଭବ ତୁମର ବିଭୂତିକୁ
ଉପାସନା କରୁ,
ହୃଦୟ
ତୁମର ପ୍ରତିଟି ହୃଦୟରେ
ପ୍ରବେଶ କରି
ପ୍ଲାବନ ସୃଷ୍ଟି କରୁ,
ତୁମେ ଅମୃତମୂର୍ତ୍ତି ହୋଇଉଠ । ୨୭୯ ।

## ଅସ୍ତିତ୍ୱର ପରିଚର୍ଯ୍ୟା

ଯେତେଦିନ ତୁମେ ଅଛ,
ଯା' ଯା' ଯେପରି କରି
ତୁମର ଅସ୍ତିତ୍ୱକୁ ଧରି ରଖେ—
ବଞ୍ଚିବା ଓ ବଢ଼ିବାର ପଥରେ,—
ବାସ୍ତବରେ,
ପାଳନରେ, ପୋଷଣରେ, ପୂରଣରେ,—
ତୁମକୁ ତା'ର ପରିଚର୍ଯ୍ୟା
କରିବାକୁହିଁ ହେବ—
ସାତ୍ୱତ ପରିବେଷଣାରେ,
ରହିବାକୁ, ବଞ୍ଚିବାକୁ, ବଢ଼ି ଚାଲିବାକୁ;
— ଆଉ ତାହାହିଁ ଧର୍ମ-ପରିଚର୍ଯ୍ୟା;
ନହେଲେ, ସେଇ ରହିବାର ବ୍ୟତିକ୍ରମ,
ସେଇ ଅସ୍ତିତ୍ୱର ବ୍ୟତିକ୍ରମ
ତୁମକୁ କିନ୍ତୁ
ଅନସ୍ତିତ୍ୱର ଦିଗରେହିଁ ନେଇଯିବ;
ଏପରି କିନ୍ତୁ ସବୁ ଯା'କିଛିରହିଁ,—
ପ୍ରତିଟି ଅସ୍ତିତ୍ୱରହିଁ,
ପ୍ରତିଟି ବସ୍ତୁରହିଁ । ୧୮୨ ।

## ସତ୍ତାର ଭଜନା

ସତ୍ତାର ଭଜନା କର,
ସତ୍ତା-ସମ୍ବନ୍ଧୀୟ କଥା ଶୁଣ,
ଆଉ, ସାତ୍ୱତ-ଚଳନରେ ଚାଲ । ୬୭ ।

*(ଧୃତି-ବିଧାୟନା, ୨ୟଖଣ୍ଡ)*

# ବିହିତ କାମ ଓ ଜାତକ ଜୀବନ

ଅନ୍ତର୍ନିହିତ ଯୋଗାବେଗ-ସମ୍ଭୂତ ରାଗାନୁରତି
ଯେପରି କରି ସ୍ତ୍ରୀ-ପୁରୁଷଙ୍କୁ ଆକୃଷ୍ଟ କରେ—
ନାରୀ-ପୁରୁଷର ସେଇ ଏହିଭଳି
ଉଦ୍ଦୀପ୍ତ ଅନୁପ୍ରେରଣୀ ଅନୁରଣନହିଁ ହେଉଛି—
ଆସଙ୍ଗଲିପ୍ସୁ, ସମ୍ଭୋଗଦୀପନାର ହୋତା,
ପୁଣି, ସେଇ ଅନୁରଣନୀ ଆବେଗର
ଅନ୍ତଃସ୍ୟୂତ ପ୍ରୀତି-ପ୍ରଦୀପକ
ଶ୍ରଦ୍ଧାନନ୍ଦିତ ଭାବଭଙ୍ଗୀର ଅନୁପ୍ରେରଣାରେ
ଅନ୍ତଃକରଣ ଯେଉଁଭଳି ଉଦ୍ଦୀପନା ନେଇ
ସେଇ ଆସଙ୍ଗ-ମଦ-ମତ୍ତ ହୋଇଉଠେ—
ପରସ୍ପର ପରସ୍ପର ପ୍ରତି,
ଏବଂ ତା' ଫଳରେ
ଯେଉଁଭଳି ଭାବ ଉଦ୍ଦୀପିତ ହୋଇ
ଉତ୍କ୍ଷେପଗୁଡ଼ିକୁ ତିରୋହିତ କରି—
ସୁକେନ୍ଦ୍ରିକ ଅନୁବେଦନାରେ,—
ସେତେବେଳେହିଁ ତା'ହିଁ ହୁଏ ସେମାନଙ୍କର
ଭାବଦୀପନାର ଅନ୍ତର୍ନିହିତ ଆତ୍ମିକ-ସମ୍ବେଗ,
ତା' ଫଳରେହିଁ, ଲାସ୍ୟ-ଅନୁରଞ୍ଜନାରେ
ସମ୍ଭୋଗ-ମାଧୁର୍ଯ୍ୟରେ
ସେମାନେ ଉପଗତ ହୋଇଉଠନ୍ତି—
ପରସ୍ପର ପରସ୍ପରକୁ ଉପଭୋଗ କରିବାକୁ;
ଏହି ଉପଭୋଗ ଭିତର ଦେଇ
ଯୌନ-ତୃପଣା ଉପସ୍ଥିତ ହୁଏ,
ସେଇ ଯୌନ-ତୃପଣାର ଉଚ୍ଛଳ ସୁକେନ୍ଦ୍ରିକ ଆବେଗ
ପୂର୍ବରାଗ-ଅନ୍ୱିତ ହୋଇ
ବିଚ୍ଛୁରିତ ହେଉଥାଏ—
ସ୍ପନ୍ଦନ-ବିଭାଦୃପ୍ତ ହୋଇ,
ତା' ଫଳରେହିଁ
ପୁରୁଷ ଓ ନାରୀର
ଅନ୍ତର୍ନିହିତ ଡ଼ିମ୍ବ ଓ ଶୁକ୍ରକୋଷ
ଦ୍ୟୁତିର୍ଭ ହୋଇଉଠେ,
ଏହି ଭୃତି ସେଇ କୋଷଗୁଡ଼ିକୁ ଉପଯୁକ୍ତ କରିଦିଏ—
ଅଙ୍କୁରଣୀ ତାତ୍ପର୍ଯ୍ୟରେ,
ଫଳରେ, ଶୁକ୍ରାଣୁ ଡ଼ିମ୍ବକୋଷର ଅନ୍ତର ଭେଦ କରି
ତା'ରହିଁ ଅନ୍ତଃସ୍ଥ ହୋଇଉଠେ—
ସେଇ ସମ୍ମିଳିତ କୋଷହିଁ ଅଙ୍ଗୀ-ଡ଼ିମ୍ବ,
ଏହି ଅଙ୍ଗୀ-ଡ଼ିମ୍ବହିଁ ହେଉଛି
ଜୀବନର ପ୍ରାକ୍-ସଙ୍ଗତି,
ଜୀବନର ମୂଳାଧାର,
ଜୈବୀ-ସ୍ଫୁରଣାର ଆଦିମ ସ୍ଫୋଟନ-କେନ୍ଦ୍ର,
ଯେଉଁଠାରେ କୂଳସ୍ରୋତ କୁଣ୍ଡଳୀକୃତ ହୋଇ
ସମ୍ବେଗ-ସମ୍ବୁଦ୍ଧ ଅଭିଦୀପନାରେ ଅବସ୍ଥାନ କରେ;
ସେଇ ଶୁକ୍ରାଣୁର ଅନ୍ତର୍ନିହିତ ଜନି
ଜୀବଦେହରେ ଜୀବନ-ସମ୍ବେଗରେ
ବିହିତ ଗୁଣପନାରେ ବିନ୍ୟାସିତ ହୋଇ
ସେଇ ଡ଼ିମ୍ବକୋଷର ଅନ୍ତର୍ନିହିତ ଜନିଯୁକ୍ତ ହୋଇ
ରଜଃପ୍ରକୃତିକୁ ଆଶ୍ରୟ କରି
ଉପଯୁକ୍ତ ପରିକ୍ରମାରେ
ଭେଦ-ବ୍ୟବସ୍ଥ ହୋଇ
ଜୀବନ-ସନ୍ଦୀପନାରେ
ଶରୀରକୁ ଗଠନ କରି ଚାଲୁଥାଏ—
ସାର୍ଦ୍ଧ ତ୍ରିବଳୟୀଭୂତ ପରିବେଷ୍ଟନାର ଭିତରୁ;
ସେଇ ରଜଃପ୍ରକୃତିର ଔପାଦାନିକ ସଂଶୟ
ଯେତେ କ୍ଳିନ୍ନ ଓ ଖିନ୍ନ
ବା ଶୁକ୍ରାଣୁ ପକ୍ଷେ ଅସଙ୍ଗତ ଅନୁପ୍ରାସ-ସମ୍ପନ୍ନ,—
ଭ୍ରୂଣ-ଜୀବନବି ସେତେ ଖିନ୍ନ, ଅସଂଶ୍ଳିଷ୍ଟ
ଓ ଅବ୍ୟବସ୍ଥ ହୋଇଉଠେ;
ସେଇ ଅଙ୍ଗୀ-ଡ଼ିମ୍ବ ସୁସଂରକ୍ଷିତ ହେଲେ
ଉତ୍ତରକାଳେ ଜୀବନରେ ଉଦ୍ଭିନ୍ନ ହୋଇ
ଜୀବଦେହେ ମୂର୍ତ୍ତ ହୋଇଉଠେ;
ପରିଶୁଦ୍ଧ ସୁକେନ୍ଦ୍ରିକ କାମାନୁଧ୍ୟାୟିତାର ଭିତର ଦେଇ
ସୁଷ୍ଠୁ ଜୀବନ ଏପରି କରିହିଁ
ସ୍ଫୁରିତ ହୋଇଥାଏ,
ଆଉ, ଏହି କାମାନୁଧ୍ୟାୟିତା
ଯେଉଁଭଳି ବିକ୍ଷୁବ୍ଧ,
ବ୍ୟଭିଚାର-ସନ୍ଧୁକ୍ଷିତ,
ଅଶ୍ରେୟ-ପରବଶ,—
ଜାତକ-ଜୀବନବି ସେପରି ବିକୃତ, ବିଲୋଳ
ଓ ଅବିନ୍ୟସ୍ତ;
ଈଶ୍ୱରହିଁ ସିସୃକ୍ଷୁ—
ଯଜ୍ଞକାମଧୁକ୍,
କଲ୍ଲୋଳସ୍ରୋତା ସିଏହିଁ,
ସିଏହିଁ ଆକର୍ଷଣୀ ଆବେଗ-ଅନୁପ୍ରେରଣା । ୫୨ ।

*(ବିଜ୍ଞାନ-ବିଭୂତି)*

যাজী-সূক্ত

# ଯାଜନ

## ଯାଜନର ଆଦର୍ଶ

ଯାଜନ କର,
ଧର୍ମାନୁପ୍ରେରିତ ସତ୍‌କଥାରେ
ମଣିଷକୁ ଉଦ୍‌ବୁଦ୍ଧ କରିତୋଳ,
ତୁମର ଆଲୋଚନା, କଥାବାର୍ତ୍ତା
ମଣିଷକୁ ଈଶ୍ୱରେପ୍ସୁ କରିତୋଳୁ,
ତାଙ୍କଠାରେ ଲୁବ୍ଧ କରିତୋଳୁ,
ତାଙ୍କର ଭିକ୍ଷୁକ କରିତୋଳୁ,
ଯାଚ୍‌ଞାଶୀଳ କରିତୋଳୁ,
ଯେତେବେଳେ ସେ ଚାହିଁବ—
ଏହିଭଳି ଆନତ ହୃଦୟରେ,
ତପଃପଥରେ ଦୀକ୍ଷିତ କରିତୋଳ ତା'କୁ ସେତେବେଳେହିଁ,
ତୁମର ଅହଂ ଯେପରି
ତାଙ୍କଠାରେହିଁ ନିବୁଦ୍ଧ ହୋଇ ରହେ,
ଏପରି କରି କାହାରିବି ନିକଟକୁ ଯାଅନା—
ଯେଉଁଥିରେ ତୁମର ସେଇ ଅବଦାନ
ପ୍ରତ୍ୟାଖ୍ୟାତ ହୋଇପାରେ,
ସେଥିରେ ଈଶ୍ୱରଙ୍କର କିଛି ଯାଏ ଆସେନା,
ତୁମର ଅନ୍ତରସ୍ଥ ତତ୍-ସନ୍ଦୀପନାହିଁ
ଅବମାନିତ ହୋଇଉଠେ,
ବୁଝି ଚାଲ । ୧୧୨ ।

## ଯାଜନର ପ୍ରାଣବନ୍ତ ହେଲା କି ନା ତା'ର ପରଖ

ତୁମର ଯାଜନ-ପ୍ରବୁଦ୍ଧ ପରିଚର୍ଯ୍ୟା
କୃତି-ସଞ୍ଚାରଣାରେ
କୋଉଠି କିପରି ପ୍ରାଣବନ୍ତ ହୋଇଉଠିଛି,—
ତା'ର ନିରିଖ ବା ଅନୁମାନହିଁ ହେଉଛି
ତୁମେ କା' ନିକଟକୁ ଗଲେ
ସେ କେତେ ଆଗ୍ରହର ସହିତ
ତୁମକୁ ଗ୍ରହଣ କରେ—
ପରିଚର୍ଯ୍ୟୀ ଉଦ୍ଦୀପନାରେ ଉତ୍‌ଫୁଲ୍ଲ ହୋଇ,
ତୁମକୁ ସବୁଦିଗରୁ
ସବୁ ରକମରେ
ସେ କେତେଦୂର
ସତ୍-ସନ୍ଦୀପ୍ତ ନିଜର ଲୋକ ବୋଲି
ଉଦ୍‌ଗ୍ରୀବ ଉତ୍‌ଫୁଲ୍ଲତାରେ
ଶ୍ରମପ୍ରିୟ ପରିଚର୍ଯ୍ୟା ନେଇ
ତୁମକୁ ନନ୍ଦିତ କରି
ତୃପ୍ତି ଲାଭ କରେ,
ଆଉ, ସେଇ ସବୁଗୁଡ଼ିକ
କେଉଁଭଳି ଶ୍ରେୟନିଷ୍ଠା,
ଆନୁଗତ୍ୟ ଓ କୃତିସମ୍ବେଗକୁ ଭିତ୍ତିକରି
ଶ୍ରମପ୍ରିୟ ଉତ୍ସର୍ଜ୍ଜନାରେ
ତା'କୁ ଉଚ୍ଛଳ କରି ତୋଳିଛି,—
ଯା' ଫଳରେ, ସେ ନିଜେ
କି ଅନ୍ତରେ କି ବାହାରେ
କିପରିଭାବେ ସମୃଦ୍ଧ ହୋଇ ଚାଲିଛି,—
ଅତୁଟ ଶ୍ରେୟନିଷ୍ଠ ଆନୁଗତ୍ୟ
ଓ କୃତିସମ୍ବେଗ ନେଇ;
ଏହିଭଳି ଦେଖି ବୁଝିନିଅ—
ତା'କୁ କେଉଁଭଳି କିପରିଭାବେ ସମ୍ବର୍ଦ୍ଧିତ କରିଲେ
ଆହୁରି ସେ ଉଦ୍‌ବର୍ଦ୍ଧିତ ହୋଇଉଠେ । ୧୧୩ ।

## ପ୍ରିୟପରମଙ୍କ ସୁପ୍ରତିଷ୍ଠାହିଁ ଯାଜନ-ପ୍ରତିଷ୍ଠା

ତୁମର ଅନ୍ତଃସ୍ଥିତ ନିଷ୍ଠା-ଉଚ୍ଛଳ
ବିଭବ-ବିଭାବନା ଯଦି
ସ୍ଥାଣୁ-ଦ୍ୟୋତନାରେ
କମ୍ବୁ-କମ୍ପନରେ
ଭାବ, ବୋଧ ଓ ଚାହିଦାର
ଦ୍ୟୋତନ-ସଙ୍ଗତିରେ ଧ୍ୱନନ-ଝଙ୍କାରରେ
ସୁଯୁକ୍ତ ସୌମ୍ୟ-ସମୀକ୍ଷୁ ପ୍ରସ୍ରବଣେ
ତୁମର ପ୍ରିୟପରମଙ୍କର
କୃତି-ଐଶ୍ୱର୍ଯ୍ୟକୁ
ଯାଜନ-ପ୍ରତିଷ୍ଠାରେ
ସୁପ୍ରତିଷ୍ଠ କରି ତୋଳି ନପାରିଲା,—
ତେବେ ତୁମର ହୃଦୟ-ଭଣ୍ଡାର
ସେତେବେଳେବି ପ୍ରୀତି-ଉଚ୍ଛଳ ହୋଇ ଉଠିନି,

ଯୁକ୍ତିର ଯୋଗ-ଐଶ୍ୱର୍ଯ୍ୟରେ
ତା' ବିଭାସିତ ନୁହେଁ,
ବେଦୋଜ୍ଜ୍ୱଳା ବୁଦ୍ଧିର ଶ୍ୱେତଦୀପନା
ତା'କୁ ଆରତି-ସନ୍ଦୀପ୍ତ କରି ତୋଳେନି,
ଆଗ୍ରହ-ଆକୁଳ ପାରଗତା
ଉଦ୍ୟମ-ଉଦ୍‌ଯୁକ୍ତ ହୋଇ ପରିବେଶକୁ
ପରିପ୍ଲାବିତ କରିତୋଳିନି ଯେ,
ପ୍ରୀତି ସେତେବେଳେବି
କୃତିମୁଖର ସଙ୍କଳ୍ପ-ପ୍ରଭାବିତ ହୋଇଉଠିନି,
ତୁମେ ସେତେବେଳେବି ହୁଏତ
ସ୍ୱାର୍ଥଗୌରବ-ସମୀକ୍ଷୁ । ୧୧୪ ।

## ଯାଜନର ପ୍ରାଣ

ତୁମର ନୈଷ୍ଠିକ ଉଚ୍ଛ୍ୱାସ
ଉଦ୍ୟମ ଉଚ୍ଛଳାରେ
ଯଦି ଉଚ୍ଛ୍ୱସିତଭାବେ
ଊର୍ଜ୍ଜୀ ରାଗ-ଦୀପନାରେ
ଇଷ୍ଟାର୍ଥ-ନିଦେଶଗୁଡ଼ିକୁ
ବିହିତଭାବେ ବିନ୍ୟାସ କରି
ରାଗ-ବେଦନାରେ
ମଣିଷର ଅନ୍ତରକୁ ସ୍ପର୍ଶ କରି ନ ପାରିଲା, –
ସ୍ଫୀତ ସ୍ଫୋଟନ-ତତ୍‌ପରତାରେ
ତା'ର ହୃଦୟକୁ
ଆପ୍ୟାୟନ-ଦୀପନାରେ ଉଦ୍ଦୀପ୍ତ କରି ତୋଳି ନପାରିଲା, –
ରାଗ-ବିଭୂତି-ବିଭବରେ
ବିଭୂଷିତ ହୋଇ
ତା'କୁ ଉଦ୍ଦାମ କରିତୋଳି ନ ପାରିଲା, –
ଉଦ୍ୟମୀ ଓଜଃ-ସନ୍ଦୀପନାରେ
କୃତି-ଉଚ୍ଛଳ ଚରିତ୍ର ଓ ଆଚରଣରେ
ତୁମର ଉଦାତ୍ତ ସଂସ୍ପର୍ଶ
ପ୍ରବୁଦ୍ଧ ପରିବେଦନାରେ
ତା'କୁ ଯଦି ଉଦ୍‌ସର୍ଜ୍ଜିତ କରିତୋଳି
ନ ପାରିଲା –
ବୋଧାୟନୀ, ପ୍ରୀତିରାଗରଞ୍ଜନା-ଅଧ୍ୟୁଷିତ
ବିନ୍ୟାସର ଭିତର ଦେଇ, –
ତା'ହେଲେ ବୁଝିନିଅ –
ତୁମର ଭାଷା-ସମ୍ପଦ୍ ଯେପରି ହିଁ ହେଉ ନା କାହିଁକି,
ତୁମର ଶ୍ରଦ୍ଧା ଓ ଅନୁରାଗ
ସେତେବେଳେବି ସ୍ୱାର୍ଥ-ପଙ୍କିଳ ହୋଇ ରହିଛି,
ତୁମର ରାଗ
ଊର୍ଜ୍ଜୀ ବିଭବରେ
ବିଭବ-ଅଧ୍ୟୁଷିତ ହୋଇଉଠିନି ସେବେବି;
ଏପ୍ରକାର ବୁଝିଲେ
ସମସ୍ତ ପ୍ରକାର ହୃଦୟ ନେଇ
କୃତି-ଉଦ୍ୟମରେ
ଉତ୍ଥାନ-ଅଭିଷିକ୍ତ ହୋଇଉଠ,
ଠିଆ ହୋଇଉଠ,
ଦୀପ୍ତ ହୋଇଉଠ,
ଊର୍ଜ୍ଜୀ ବୋଧନା-ଅଧ୍ୟୁଷିତ ହୋଇଉଠ –
ସପରିବେଶ;
ମର୍ଯ୍ୟାଦାର ମାନ-ମନ୍ଦିରରେ
ଊର୍ଜ୍ଜୀ ଭଜନ
କୃତିଦୀପ୍ତ ହୋଇ ଜ୍ୱଳି ଉଠୁ;
ପରିସ୍ରୁତ ଆଲୋକରେ
ଯା' କିଛିକୁ ପରିମାପିତ କରି
ତୁମର ଅନ୍ତଃସ୍ଥ ସାତ୍ୱତ ସଙ୍ଗୀତ
ସଭିଙ୍କର ସତ୍ତାକୁ ସନ୍ଦୀପ୍ତ କରି
ସେଇ ସ୍ୱରରେ ତୁମର ଜୀବନ-ପରାକ୍ରମକୁ
ଜ୍ୱଳନ୍ତ କରିତୋଳୁ;
ଆଉ, ତୁମର ପ୍ରତିପଦକ୍ଷେପ
କହି ଉଠୁ
ସେଇ ଭଗବାନଙ୍କର ବାଣୀକୁ –
ବାଣୀ-ବିଭୁଙ୍କୁ –
''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥ ୧୧୫ ।

## ଯାଜନ ଯେପରି ମଣିଷକୁ ଆଲୌକିକ-ପ୍ରତ୍ୟାଶୀ ନ କରିତୋଳେ

ତୁମର ଯାଜନ ଯେପରି ମଣିଷକୁ
ଅଲୌକିକ-ପ୍ରତ୍ୟାଶୀ ନ କରି
ଇଷ୍ଟନିଷ୍ଠ ଅନୁଶୀଳନ-ପ୍ରତ୍ୟାଶୀ କରିତୋଳେ,
ଏପରି କରିହିଁ ଯେପରି
ସଭିଙ୍କର ଦୀକ୍ଷା
ଅର୍ଥାନ୍ୱିତ ସାର୍ଥକତାରେ
ସମ୍ପତ୍‌ଶୀଳ ହୁଏ । ୧୨୧ ।
*(ଯାଜୀ-ସୂକ୍ତ)*

(ଯେମନ ତାଁକେ ଦେଖି)

# ଯେମିତି ତାଙ୍କୁ ଦେଖେ

*(ପୂର୍ବପ୍ରକାଶିତ ଉତ୍ତାରୁ.....)*

ଯାହା ସଙ୍ଗେ ଦୁର୍ଗାନାଥ କଥା ହେଉଥିଲେ, ସେ ଭଦ୍ରଲୋକ ହେଲେ ରାଧାଚରଣ ମୈତ୍ର । କନ୍ୟା ଘରର କର୍ତ୍ତା ନୁହନ୍ତି ବରର ପିତା ।

କେବଳ ପାଣି ନୁହେଁ ଜଳଖିଆର ମଧ୍ୟ ବନ୍ଦୋବସ୍ତ କରିଦେଲେ ମୈତ୍ର ମହାଶୟ । ଆଉ ଯାଇ ଧରିଲେ ବିଜୟ ବାଗ୍‌ଚୀଙ୍କୁ । ଆପଣଙ୍କର ଏଇ ଶାଳକଟିକୁ ଦୟା କରି ମୋ କନ୍ୟା ନିମନ୍ତେ ଦେବାକୁ ହେବ । ମୋର ଖୁବ୍ ପସନ୍ଦ ହୋଇଛି ପିଲାଟିକୁ । ମୋର ଝିଅ ଯେମିତି ପ୍ରତିମା ଭଳି ସେମିତି ତୁମର ପୁଅ କାର୍ତ୍ତିକ ଭଳି ।

ବାଗ୍‌ଚୀ କହିଲେ, ଇଏ ଏବେ ପିଲା ମଣିଷ । ଏବେ ବି ତା'ର ପଇତା ପଡ଼ିନି । ଆଉ ଅଭିଭାବକ ହେଲେ ତାଙ୍କର ମା' । ତାଙ୍କୁ କହି ଦେଖେ । ସେ ବର୍ତ୍ତମାନ ସୋନାପୁରରେ ହିଁ ଅଛନ୍ତି ଆମ ଘରେ ।

ପୁଅର ବାହାଘର ସରିଲା ପରେ ହିଁ ଆସି ମା'ଙ୍କୁ ଧରିଲେ ମୈତ୍ର ମହାଶୟ । ପିଲାଟି ମୋର ଖୁବ୍ ପସନ୍ଦ ହୋଇଛି । ଦୟାକରି ମୋର ଝିଅ ସହ ବାହା ଦେବାକୁ ଅରାଜି ହୁଅନ୍ତୁ ନାହିଁ ଇତ୍ୟାଦି ।

ମା' ନିଜର ସବୁକଥା କହିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ବୈଷୟିକ ଗଣ୍ଡଗୋଳ ଓ ଭାଗ ବିଭାଗର କଥା ସବୁ । ଅକପଟ ଭାବରେ ଜଣାଇ ଦେଲେ ତାଙ୍କର ଆର୍ଥିକ ପରିସ୍ଥିତି ଓ ଦେଣା କରଜର କଥା । କିନ୍ତୁ ତଥାପି ମୈତ୍ର ମହାଶୟ ଛାଡ଼ିବାକୁ ରାଜି ନୁହନ୍ତି । ମୋର ପୁଅର ବାହାଘରରେ ଯାହାସବୁ ଜାନି ଯୌତୁକ ପାଇଛି ତାହା ସବୁ ତୁମ ପୁଅର । ଉପନୟନର ଯାବତୀୟ ଖର୍ଚ୍ଚ ମଧ୍ୟ ମୋର । ଆଉ ଆପଣଙ୍କର ସାତଶହ ଟଙ୍କାର ଦେଣ ପରିଶୋଧର ଭାର ମଧ୍ୟ ରହିଲା ମୋ ଉପରେ ।

ରାମସୁନ୍ଦରୀ ଶେଷରେ ରାଜି ହେଲେ । ଫରିଦପୁରର ରାଧାଚରଣ ମୈତ୍ରଙ୍କର କନିଷ୍ଠା ସହ ଦୁର୍ଗାନାଥଙ୍କର ବିବାହ ଅନୁଷ୍ଠିତ ହୋଇଗଲା ।

ଦୁର୍ଗାନାଥ ସେତେବେଳେ ମାତ୍ର ମାଇନର ପାଶ କରି ଜିଲ୍ଲା ସ୍କୁଲରେ ପଞ୍ଚମ ଶ୍ରେଣୀରେ ଭର୍ତ୍ତି ହୋଇଥାଆନ୍ତି । ବିବାହର ଅଳ୍ପ କେତେଦିନ ପରେ ହିଁ ବିପତ୍ନିକ ହେଲେ ଦୁର୍ଗାନାଥ । ପୁଅର ତୃତୀୟ ବିବାହ ଦେଇ ପରଲୋକ ଗମନ କଲେ ରାମସୁନ୍ଦରୀ ।

ତେରଶହ ଏଗାର ସାଲର ମାର୍ଗଶୀର ମାସର ଏକ ଶୀତର ଦିନ । ବାହାରକୁ ଯିବା ପାଇଁ କଳସୀ ନେଇ ଠିଆ ହୋଇଥିଲେ । ଜଳଭରା ମୀର୍ଜାପୁରୀ ମାଠିଆଟା ହାତରୁ ଖସିଯାଇ ଡ଼ାହାଣ ପାଦ ଉପରେ ପଡ଼ିଗଲା । ଡ଼ାହାଣ ପାଦର ବୁଢ଼ା ଆଙ୍ଗୁଠିଟା ଛେଚି ହୋଇଗଲା । କିଛିଟା ଚମଡ଼ା ଛାଡ଼ି ନୀଳବର୍ଣ୍ଣ ହୋଇଗଲା । ଆଙ୍ଗୁଠିଟା ଯନ୍ତ୍ରଣାରେ ସାରା ରାତି ନିଦ ହେଲା ନାହିଁ । ପରଦିନ ପାବନାର ବଡ଼ ଡ଼ାକ୍ତର ଜଗତରାୟବାବୁଙ୍କୁ ଡ଼କା ହେଲା । ଜଗତବାବୁ ଦେଖି କହିଲେ ଧନୁଷ୍ଟଙ୍କାର ରୋଗ । ସେତେବେଳକୁ ରୋଗୀର ଅବସ୍ଥା ମୁମୂର୍ଷ । ଦେହ ଅସାଡ଼ । ଦେହ ଧନୁଭଳି ବଙ୍କେଇବାକୁ ଆରମ୍ଭ କରିଛି ପଛ ଆଡ଼କୁ ।

ଦୁଇବେଳା ରୋଗୀ ଦେଖିବାକୁ ଆସନ୍ତି ଜଗତବାବୁ । ଜଗତବାବୁଙ୍କର ଥରର ଭିଜିଟ୍‌ର ଫିସ୍ ସେତେବେଳେ ଆଠଟଙ୍କା ଲେଖେଁ । ପୁଅକୁ ମନା କରିଦେଲେ ରାମସୁନ୍ଦରୀ । ଆରେ ମୋ ପାଇଁ ଏତେ ଟଙ୍କା ଖରଚ କର ନାହିଁ । ଆଉ ଡ଼ାକ୍ତର ଡ଼ାକିବା ଦରକାର ନାହିଁ । ମୁଁ ଏକାଥରେ ଆର ପୁରକୁ ଯାଇ ଭଲ ହେବି ।

ମା'ଙ୍କ ମୁଣ୍ଡ ପାଖରେ ବସି କାନ୍ଦିବାକୁ ଲାଗିଲେ ଦୁର୍ଗାନାଥ ।

ମୋର ଏଭଳି ଅବସ୍ଥା । ଏ ଭିତରେ ବାହାଘର କାମ ହେବ କିପରି ? ଏଇଟା ଅବଶ୍ୟ ପ୍ରଥମ ବିବାହ ନୁହେଁ । କନ୍ୟା ବଡ଼ ହୋଇଛି । ଏବେ ପୁଆଣୀ ଅନୁଷ୍ଠାନ ହେଲେ ସ୍ୱାମୀର ଘରକୁ ବୋହୂ ଆସିବ ।

ଦୁର୍ଗାନାଥ ମା'ଙ୍କ ମୁହଁକୁ ଚାହିଁଲେ । ମାନେ ମା'ଙ୍କ ଅନୁମତି ପାଇଲେ ଏ ଅନୁଷ୍ଠାନକୁ ବର୍ତ୍ତମାନ ପାଇଁ ବନ୍ଦ ରଖାଯିବ । କିନ୍ତୁ ମା'ଙ୍କ ଇଚ୍ଛା ତା' ନୁହେଁ । ଖନେଇ ଖନେଇ କହିଲେ, ନା କାମ ବନ୍ଦ ହେବ ନାହିଁ । ମୁଁ ବୋହୂକୁ ଘରେ ପହଞ୍ଚାଇ ଦେଲା ପରେ ପରେ ଯିବି ।

ସେମିତି ବିଛଣାରେ ପଡ଼ିହିଁ କାମ ସାରିଲେ ରାମ ସୁନ୍ଦରୀ ।

ଆଠଦିନର ସନ୍ଧ୍ୟାବେଳେ କହିଲେ– ତୁମେ ସବୁ ଖାଇବା ପିଇବା ଶେଷ କରିଦିଅ । ମୋ ଗାଡ଼ିର ଘଣ୍ଟା ବାଜିଲାଣି । ରାତି ନଅଟା ବେଳେ ପୁଣି ପଚାରିଲେ ତୁମ ସମସ୍ତଙ୍କର ଖାଇବା ପିଇବା ହୋଇଛି ?

ହଁ ! ତା'ହେଲେ ମୋତେ ଅଗଣାକୁ ବାହାର କରିଦିଅ । ତୁଳସୀ ଚଉରା ପାଖକୁ ନେଇଯାଅ ।

ସେସବୁ ପଡ଼ିଯାଇଥିବା ଜିଭର ଜାଡ଼ୁ ଜାଡ଼ୁ କଥା । ଗାଁର ଡ଼ାକ୍ତର ଦେବେନ ମଜୁମଦାର ଓ ଚନ୍ଦ୍ରନାଥ ଦାସ ନାଡ଼ି ଧରିଲେ । କହିଲେ ଧାତୁ ନାହିଁ ।

ତୁଳସୀ ଚଉରା ପାଖକୁ ଆଣି ଉତ୍ତର ମୁହାଁ କରି ରଖାଗଲା ରାମସୁନ୍ଦରୀଙ୍କୁ । ଦୁର୍ଗାନାଥ ନାରାୟଣ ଶୀଳା ହାତରେ ଧରି ମା'ର ମୁଣ୍ଡ ପାଖରେ ବସିଲେ । ସମସ୍ତେ କହିଲେ କଅଣ କରୁଛ ? ଟିକିଏ ଆଗରୁ ଛୁଏଁଇ ଥିଲେ ହୋଇଥାଆନ୍ତା । ଏବେ ମଲା ଲୋକକୁ ନାରାୟଣ ଶୀଳା ଛୁଆଁଅ ନାହିଁ ।

ମା'ର ମୁଣ୍ଡରେ ଥରେବି ନାରାୟଣ ଶୀଳା ଛୁଏଁଇ ପାରିଲି ନାହିଁ ? ଛାତି ଭିତରଟା ଆଉଟି ପାଉଟି ହୋଇଗଲା ।

ଜୟ ରାଧାସ୍ୱାମୀ......ଜୟ ରାଧାସ୍ୱାମୀ ।

ମୃଦୁ ଅସ୍ପଷ୍ଟ ଗୋଟାଏ ଶବ୍ଦ ଭାସି ଆସିଲା । ମା'ଙ୍କ ମୁହଁ ପାଖକୁ କାନ ନେଲେ ଦୁର୍ଗାନାଥ । ଶୁଣିଲେ ସେତେବେଳେ ବି ମା' ନାମ କରୁଛନ୍ତି । ଶୀଘ୍ର ଶୀଘ୍ର ମା'ଙ୍କ ମୁଣ୍ଡରେ ନାରାୟଣ ଛୁଏଁଇ ଦେଲେ ଦୁର୍ଗାନାଥ ।

ମୁଣ୍ଡରେ ନାରାୟଣଙ୍କୁ ନେଇ ପରଲୋକର ଉର୍ଦ୍ଧ୍ୱକୁ ଉଠିଗଲେ ରାମସୁନ୍ଦରୀ ।

ନାଜୀରପୁର ଗ୍ରାମରେ ସେ ସମୟରେ ଅନେକ ଲୋକ ବାସ କରୁଥିଲେ । ହିନ୍ଦୁମାନଙ୍କ ଭିତରେ ବ୍ରାହ୍ମଣ, କ୍ଷତ୍ରିୟ, ମାହିଷ୍ୟ, କୁମ୍ଭକାର, କର୍ମକାର, ମାଳାକାର, କେଉଟ, ଧୋବା, ଭଣ୍ଡାରୀ ଓ ତନ୍ତୀ ଥିଲେ । ଏମାନଙ୍କ ଛଡ଼ା ମୁସଲମାନଙ୍କର ମଧ୍ୟ ଅନେକ ଲୋକ ବାସ କରୁଥିଲେ । ଜାତି-ବର୍ଣ୍ଣ ଭେଦରେ କୌଣସି ଅସଦ୍‌ଭାବ ନ ଥିଲା । ବୈଶାଖ ମାସର ଚାରି ଶୁକ୍ରବାର ହିନ୍ଦୁ ମୁସଲମାନମାନେ ମିଶି ଚିନିର ବାତାଶା, ଦୁଧ, ଚିନି, ଗୁଡ଼ଖଜା ଏଇସବୁ ପୀର ସାହେବଙ୍କର ଦରଘାରେ ଦେଉଥିଲେ । ଦରଘାରେ ଫକୀର ସୋରିଷ ତେଲରେ ବତୀ ଜଳେଇ ଦୁଆରେ ଭିକ୍ଷା କରନ୍ତି । ପ୍ରଦୀପ ଜଳାଇ ଭିକ୍ଷା କରନ୍ତି ବୋଲି ଫକୀରଙ୍କ ନାମ ହୋଇଥିଲା ଚିରାଗୀ ଫକୀର । ହିନ୍ଦୁ, ମୁସଲମାନ ସମସ୍ତେ ପଇସା ଦିଅନ୍ତି ସେଇ ଫକୀରଙ୍କୁ । ଫକୀର ସାହେବ କପାଳରେ କଜଳ ଓ ତେଲର ଟିପା ଦେଇ ଆଶୀର୍ବାଦ କରନ୍ତି: ତୁମର ମୁସ୍କିଲ ସହଜ ହେଉ ବାବା । ତୁମ ଉପରେ ଖୋଦାଙ୍କ ଦୃଷ୍ଟି ରହୁ ।

ପୁଣି ହିନ୍ଦୁମାନଙ୍କର ଦୋଳ ପୂର୍ଣ୍ଣିମା, ଦୁର୍ଗାପୂଜା ଇତ୍ୟାଦିରେ, ଅଣ ହିନ୍ଦୁମାନେ ମଧ୍ୟ ଆନନ୍ଦ କରନ୍ତି । ସେତେବେଳେ ବି ଏ ଅଞ୍ଚଳରେ ବାରମାସୀପୁଷ୍ପ ଯାତ୍ରା ଓ ଦୋଳର ହୋଲି ଥିଲା ଜମାଣିଆ ଉତ୍ସବ । ନାଜିରପୁରର ପୁରୁଣା ଗୋଲେଇ ବାରଓ୍ୱାରୀ ମଣ୍ଡପକୁ ଅନେକ ଘରୁ ପୁଷ୍ପ ଯାତ୍ରାରେ ବିଗ୍ରହମାନ ଆସନ୍ତି । ହୋଲି ସମୟରେ ଦୁଇ ଦଳ ହୋଇ ଗୀତ ଗାଆନ୍ତି କବି ସମ୍ମିଳନୀ ଭଳି । ଗୋଟାଏ ଦଳର ଗୀତର ରଚୟିତା ଥିଲେ ଅନନ୍ତନାଥଙ୍କର ବାବା ଦ୍ୱାରକା ରାୟ । ଦ୍ୱାରକା ରାୟ ଗତ ହେଲା ପରେ ଗୀତ ଲେଖନ୍ତି ତାଙ୍କ ବଡ଼ ପୁଅ ଅନ୍ନଦା ରାୟ ଏବଂ ବଡ଼ ଝିଅ ବିନୋଦିନୀ ମଧ୍ୟ । ଅନ୍ୟ ପକ୍ଷରେ ଥିଲେ ହିମାୟିତପୁରର ମହେଶ ସିଂହ ଏବଂ ଭୋଲା ଚାକୀ । ପରେ ହିମାୟିତପୁରର ଶାରଦା ମଣ୍ଡଳ ହୋଲି ପାଇଁ ଗୀତ ରଚନା କରନ୍ତି । ଚୌଦୋଳାରେ ବିଗ୍ରହ ବସେଇ ଗାଁରେ ବୁଲାଯାଏ । ଗୀତର ପ୍ରତିଯୋଗିତା ହୁଏ, ଦୁଇ ତିନି ଦିନ ଧରି ।

ଗୋଟାଏ ସମୟରେ ଯାତ୍ରା ଥିଏଟରର ମଧ୍ୟ ଝୁଙ୍କ୍ ଦେଖା ଯାଇଥିଲା କେତେଦିନ ଧରି ।

ତେରଶହ ଚାରି ସାଲର ଅଣତିରିଶ ଜ୍ୟେଷ୍ଠ ଶନିବାର ସନ୍ଧ୍ୟାରେ ହୋଇଗଲା ବଡ଼ ଭୂମିକମ୍ପ । ବଙ୍ଗଳାଦେଶରେ ଏତେବଡ଼ ଭୂମିକମ୍ପ ଆଗରୁ ଆଉ କେବେ ହୋଇନି । ଭୂମିକମ୍ପ ପରେ କେବଳ ଏଇ ଭୂମିକମ୍ପର କଥା । ଭୂମିକମ୍ପର ଧ୍ୱଂସଲୀଳା ଉପରେ ଗୀତ କବିତାମାନ ଲେଖାଗଲା ।

ହେ ଭାଇ,
କାରିଗରର କାରିଗରୀ
ଦେଖିଲ ତ ଏଥର !
ତୋରଶହ ଚାରି ସାଲେ ଅଣତିରିଶ ଜ୍ୟେଷ୍ଠ ଶନିବାର
ଅନୁମାନ ପାଞ୍ଚଟା ବେଳରେ ସେ କି କାଣ୍ଡ ଏକବାରେ
ପୂର୍ବେ ଗୁଡୁମ୍ କରି ମାଟି କମ୍ପିବାକୁ ଲାଗିଲା ଅନିବାର
ଦେଖିଲା ତ ଏଥର ॥

ନାଜିରପୁରର ଯଦୁନାଥର ରଚିତ ଗୀତ ଏବେ ଗାଁର ପ୍ରତି ଲୋକ ମୁଖରେ ।

ତା'ପରେ ଆସିଲା ରସର ଜୁଆର ।

ଆରେ ଭାଇ ଅଗଣା ତ ଫାଟିଲା ଏଥର ଆଉ ମନ ଫଟେଇ ଲାଭଟା କଅଣ ? ଆସ ଏଥର ଟିକିଏ ଫୂର୍ତ୍ତି ଆନନ୍ଦ କରାଯାଉ ।

ନାଜିରପୁରର ରାମଲାଲ ଆଚାର୍ଯ୍ୟଙ୍କ ଘରେ ତାସ ପଶାର ଆଡ୍ଡା ଜମେ । ଆଡ୍ଡାର କଥାଟା ଦିନେ ରାମ ଲାଲ ଉଠେଇଲେ ।

ସିଏ ତ ଖୁବ୍ ଉତ୍ତମ ପ୍ରସ୍ତାବ । ଏଥିରେ ଆଉ ଅମତ ହେବାର କଅଣ ଅଛି ? ପ୍ରଶ୍ନସୂଚକ ବାକ୍ୟର ବ୍ୟବହାର କରି ସମ୍ମତି ଦେଲେ ସମସ୍ତେ ।

ସେତେବେଳେ ମଧ୍ୟ ଏ ଅଞ୍ଚଳରେ ତିନିଗୋଟି ଦୁର୍ଗୋତ୍ସବ ପାଳନ କରା ଯାଉଥିଲା । ଗୋଟିଏ ହୁଏ ନାଜିରପୁରରେ କାଳିପ୍ରସନ୍ନ ଆଚାର୍ଯ୍ୟଙ୍କ ଘରେ । କାଳୀ ପ୍ରସନ୍ନ ହେଲେ ଗଣକ ପଣ୍ଡିତ । ନାନା ଦେଶରେ ଜ୍ୟୋତିଷ ଚର୍ଚ୍ଚା କରି କରି ଘୁରି ବୁଲନ୍ତି । ନାନା ଦିଗରୁ ଅର୍ଥ ସଂଗ୍ରହ କରି ଆଣି ଘରେ ଦୁର୍ଗା ପୂଜା କରନ୍ତି । ଦ୍ୱିତୀୟଟି ହୁଏ ଛାତନୀର କୃପାନିଧି ଚୌଧୁରୀଙ୍କ ଘରେ । ଆଉ ଗୋଟିଏ କରନ୍ତି ହିମାୟିତପୁରର ଭଗବାନ ଶିରୋମଣୀ ମହାଶୟ । ଠିକ୍ ହେଲା କାଳୀ ଆଚାର୍ଯ୍ୟର ଘରେ ପୂଜାରେ ଏଥର ଥିଏଟର ହେବ ।

*(କ୍ରମଶଃ)*

*ମୂଳ ବଙ୍ଗଳା ରଚନା- ଶ୍ରୀନାଥ* *ଓଡ଼ିଆଭାଷାନ୍ତର- ଶ୍ରୀମତୀ ବିଷ୍ଣୁପ୍ରିୟା ପଣ୍ଡା*

# ପ୍ରାର୍ଥନା

## କୃତିଦୀପ୍ତିହୀନ ଉପାସନା

ଯେଉଁ ଉପାସନାହିଁ କର ନା ତୁମେ,
ନିଷ୍ଠା-ଉଚ୍ଛଳ ଅନୁନୟନରେ
ତା'ର ଗୁଣ ଓ କ୍ରିୟାକୁ
ସାର୍ଥକ ସଙ୍ଗତିର ସହିତ
ଯଦି ଆୟତ୍ତ କରି ନପାର—
ଶ୍ରଦ୍ଧାନିରତ ଓଜୋଦୀପନାରେ,—
ତୁମର ଉପାସନା କିନ୍ତୁ
କୃତିଦୀପ୍ତ ନୁହେଁ ସେତେବେଳେବି । ୮୯ ।

## ସାର୍ଥକ ତପୋଗତି

ଭାବ-ବିହ୍ୱଳ ମୁଗ୍ଧ ଅନ୍ତଃକରଣରେ
ଲୋଲୁପଦୃଷ୍ଟି ନେଇ
ତାଙ୍କୁ ସ୍ମରଣ କର,
ତାଙ୍କ ଆଡ଼କୁ ଚାହଁ,
ତାଙ୍କର ଉପଚୟୀ ଅନୁଚର୍ଯ୍ୟାହିଁ
ତୁମର ଜୀବନକୁ
ପରିପ୍ଲାବିତ କରି ତୋଳୁ,
ଆଉ, ସବୁ ଉପାସନାହିଁ
ସଂନ୍ୟସ୍ତ ହେଉ ତାଙ୍କଠାରେହିଁ,—
କୌଣସିମତେହିଁ ବିଫଳ ବିୟୋଜନାରେ
ବ୍ୟର୍ଥ ହେବନି । ୯୦ ।

## ଆରାଧନାରେ ସିଦ୍ଧକାମ ହେବା

ଯେକୌଣସି ବିଷୟ ବା ବ୍ୟକ୍ତିତ୍ୱର
ଉପାସନା ବା ଆରାଧନା
କର ନା କାହିଁକି,
ସେଇ ବିଷୟ, ବ୍ୟାପାର ବା ବ୍ୟକ୍ତିତ୍ୱର
ଚରିତ୍ରଗତ ଗୁଣାବଳୀର
ଏପରିଭାବେ ଅନୁଶୀଳନ କରିବ—
ନିଖୁଣ ଚଳନଚର୍ଯ୍ୟାରେ ଲକ୍ଷ୍ୟ ରଖି,
— ଯେପରି ତୁମର ବ୍ୟକ୍ତିତ୍ୱ
ସମୁଦାୟ ଚରିତ୍ର
ସେଇଭାବେ ସଂସିଦ୍ଧ ହୋଇଉଠେ,
ଅର୍ଥାତ୍ ସେଇ ଗୁଣ, ଆଚାର, ବାକ୍ୟ,
ବ୍ୟବହାର, ଆଚରଣ, ବୋଧନା ଇତ୍ୟାଦି
ତୁମଠାରେ ସ୍ୱତଃ-ସିଦ୍ଧ ହୋଇଉଠେ,
ବର୍ତ୍ତିଉଠେ,
ଅର୍ଥାତ୍ ତୁମଠାରେ ଅଚ୍ଛେଦ୍ୟଭାବେ
ସେଗୁଡ଼ିକ ଗୁନ୍ଥି ହୋଇଯାଏ,
ରହେ,
ଆଉ, ଏହି ଗୁନ୍ଥି ହେବାଟାହିଁ ହେଉଛି—
ପ୍ରାପ୍ତି;
ଆଉ, ଆରାଧନାରେ ଯେତେକ୍ଷଣ ତୁମେ
ତୁମଠାରେ ସେଗୁଡ଼ିକୁ
ଅର୍ଥାତ୍ ସେଇ ଗୁଣାବଳୀ
ବର୍ତ୍ତାଇ ନ ପାରୁଛ—
ବାକ୍ୟରେ, ବ୍ୟବହାରରେ, ଚାଲିଚଳନରେ,
ଆଚାର-ନିୟମ-ପଦ୍ଧତିରେ
ସବୁ ଦିଗ ଦେଇ,—
ଆରାଧନାରେ ସିଦ୍ଧକାମ
ହେଲନି କିନ୍ତୁ ସେତେବେଳେବି । ୯୧ ।

## କୂଟସ୍ଥ ଭାବ

ତୁମେ କୂଟସ୍ଥ ହୁଅ,
କେନ୍ଦ୍ରାୟିତ ହୁଅ—
ଇଷ୍ଟଙ୍କଠାରେ ଅନ୍ୱିତ ତତ୍‌ପରତାରେ,
ଦୃଢ଼ଭାବେ ଯା' କିଛିକୁ
ଏକାୟିତ କରି,
ସୁଯୁକ୍ତ ସାର୍ଥକ ସଙ୍ଗତି ନେଇ,
ଆଉ, ସବୁ ଯା'କିଛିକୁ
ଅବଧାନ, ଅନୁଭବ ଓ ଉପଭୋଗ କର
ଏପରି କରି—
ସେଇ ମନ୍ତ୍ରର ବିଭୂତି-ବିଭବ ନେଇ;
ଯା' କରିବାର ତା' କର—
ସାତ୍ୱତ ଅଭିନିବେଶରେ,
ଆତ୍ମାରାମ ହୋଇଉଠ— ସେଇ ପଥରେହିଁ;

ଶ୍ରେୟଙ୍କ ହୋମ-ଆହୁତି ତୁମକୁ
ସ୍ୱସ୍ତି-ଅଭିଷିକ୍ତ କରିତୋଳୁ । ୯୨ ।

## ବ୍ରହ୍ମଜ୍ଞାନ ଅନାୟାସଲଭ୍ୟ କେଉଁମାନଙ୍କର ?

ଯେଉଁମାନେ ବ୍ରହ୍ମଜ୍ଞାନ ଲାଭ କରିବାର
ଦୁର୍ବାର ଆଗ୍ରହ-ଉନ୍ମାଦନାରେ
ସେଥିରେ ନିୟୋଜିତ ହୁଅନ୍ତି,—
ସେମାନଙ୍କର ବ୍ରହ୍ମଜ୍ଞାନ ଲାଭ
ଦୁଷ୍କର ହିଁ ହୋଇଉଠେ,
କିନ୍ତୁ ଅଦମ୍ୟ ଆଗ୍ରହମୁଗ୍ଧ ହୋଇ
ସକ୍ରିୟ ତତ୍‌ପରତାରେ
ଇଷ୍ଟାନୁରତି ନେଇ ଯେଉଁମାନେ ଚାଲନ୍ତି—
ସେମାନଙ୍କର ବ୍ରହ୍ମଜ୍ଞାନ ଅନାୟାସଲବ୍ଧ
ହୋଇହିଁ ଉଠେ ପ୍ରାୟଶଃ,
ଯେପରି, କେବଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର
ଆଗ୍ରହ ନେଇ
ଯେଉଁମାନେ ପଢ଼ନ୍ତି ବା କରନ୍ତି—
ସେମାନଙ୍କ ପକ୍ଷେ ତା' ଦୁଃସାଧ୍ୟହିଁ ହୋଇଉଠେ,
କିନ୍ତୁ ପଢ଼ିବା ବା କରିବା
ବିଳାସ-ନିଶାରେ ଯେଉଁମାନେ ଚାଲନ୍ତି—
ନିଷ୍ପନ୍ନ କରିବା ତ ସେମାନଙ୍କର ହୁଏହିଁ,
ଆହୁରି ସେମାନେ
ଉତ୍ତମ କୃତିତ୍ୱର ସହିତ
ଜ୍ଞାନକୁ ଆୟତ୍ତ କରି ଚାଲୁଥାଆନ୍ତି । ୯୬ ।

## ଅନୁଭୂତି ମାନେ

ଅନୁଭୂତି ମାନେ ଉପଯୁକ୍ତଭାବେ ହେବା,
ସମ୍ୟକ୍‌ଭାବେ ହେବା,
ଗୋଟେକଥାରେ, ବାସ୍ତବାୟିତ ହେବା—
ସଂଶ୍ଳିଷ୍ଟ ସମନ୍ୱୟରେ;
ତୁମର ସତ୍ତା, ଚରିତ୍ର ଓ ଆଚରଣର ଭିତରେ
ବିନ୍ୟାସବିଭୂତି ନେଇ
ଯା' ବାସ୍ତବଭାବେ ହୋଇଉଠେନି—
ସାର୍ଥକ ସଙ୍ଗତିଶୀଳ ଅନ୍ୱିତ ତାତ୍ପର୍ଯ୍ୟରେ,—
ତା' ଅନେକ କିଛି ହୋଇପାରେ,
ଅନୁଭୂତି ହୋଇନି,
ଉପଯୁକ୍ତ ବିନ୍ୟାସରେ
ବିଶେଷଭାବେ ହୋଇ ଉଠେନି ତୁମଠାରେ,
ଗୋଟେ କଥାରେ, ତୁମର ବ୍ୟକ୍ତିତ୍ୱରେ
ବାସ୍ତବାୟିତ ହୋଇଉଠେନି ତା';
ତେଣୁ, ଅନୁଭୂତି ମାନେ
ସମୀଚୀନଭାବେ ହେବା,
ଉପଯୁକ୍ତ ଭାବେ ହେବା,
ସତ୍ତାରେ ବାସ୍ତବାୟିତ ହୋଇଉଠିବା । ୯୪ ।

## ଯା' ହେବାକୁ ଚାହଁ ତା' କର

ଯା' ହେବାକୁ ଚାହଁ—
ସଲୀଳ ତରତରେ ଆଗ୍ରହ ନେଇ
ତା'କୁ ଧର,
ଅନୁଚର୍ଯ୍ୟାନିରତ ହୋଇ
ବିହିତଭାବେ ତା' କର,
ଏହି କରିବାରେ ଯେତେହିଁ ସିଦ୍ଧ ହୋଇଉଠିବ—
ଯୋଗ୍ୟତାରବି ଅଧିକାରୀ ହେବ ତୁମେ,
ଆଉ, ହେବାବି ଫୁଟି ଉଠିବ
ତୁମର ବ୍ୟକ୍ତିତ୍ୱରେ—
ସ୍ୱତଃ-ଉତ୍ସାରଣା ନେଇ;
ଆଉ, ତୁମେ ଯଦି ହୋଇପାର—
ତୁମର ହେବାର ପଦ୍ଧତି
ଖେଳେଇ ଯାଇ
ଅନେକଙ୍କୁ ସେଇ ହେବାରେ
ଅନୁପ୍ରେରିତ କରିତୋଳିବ,
ଆଶାନ୍ୱିତ କରି ତୋଳିବ । ୯୫ ।

## ଆତ୍ମାରାମ ହେବା ମାନେ

ଆତ୍ମାରାମ ହେବା ମାନେ—
ନିଜର ଜୀବନଗତିକୁ
ରମ୍ୟ କ୍ରୀଡ଼ାଶୀଳ କରିତୋଳିବା,
ଆଉ, ସେ ଏପରିଭାବେ—
ତା' ଯେପରି ଅନ୍ୟକୁବି ଏହିଭଳି
ରମ୍ୟ ଗତିଶୀଳ କରି ତୋଳେ
ବା ତୋଳିବାକୁ ସାହାଯ୍ୟ କରେ—
ଗୋଟେ ସୌଷ୍ଠବ-ନନ୍ଦନାର
ମଳୟ-ବିକିରଣାର ଭିତର ଦେଇ;
ତେବେ ତ ତୁମେ ଆତ୍ମାରାମ । ୯୩ ।

*(ତପୋବିଧାୟନା, ୨ୟଖଣ୍ଡ)*

# ପୁରୁଷୋତ୍ତମହିଁ ପରମଗୁରୁ

● ଡ଼କ୍ଟର ନିରଞ୍ଜନ ମିଶ୍ର

କେଉଁ ଆବହମାନ କାଳରୁ ଆମ ଭାରତୀୟ ଜନମାନସରେ ଗୁରୁଗ୍ରହଣ କରିବାର ଏକ ପରମ୍ପରା ଗଢ଼ି ଆସୁଛି । ପ୍ରତ୍ୟେକଙ୍କୁ ଜୀବନରେ ଗୁରୁଗ୍ରହଣ କରିବାକୁ ପଡ଼ିବ– ଏପରି ପ୍ରଥା ମଧ୍ୟ ରହିଛି । ଏଥିପାଇଁ ସର୍ବତ୍ର କୁଳଗୁରୁଙ୍କର ବିଦ୍ୟମାନତା ରହିଛି । କେହି କେହି ଅନ୍ୟକୌଣସି ଗୁରୁଙ୍କର ମହିମାରେ ଆକୃଷ୍ଟ ହୋଇ ତାଙ୍କୁ ଗୁରୁ ରୂପେ ଗ୍ରହଣ କରିଥା'ନ୍ତି । ଭାରତୀୟ ଜନମାନସରେ ଗୁରୁ ଗ୍ରହଣ ଅତି ସାଧାରଣ କଥା । ଉପନୟନାଦି ସଂସ୍କାର ସମୟରେ ପୁରୋହିତ ସଂସ୍କାରାର୍ଥୀ ବାଳକର କାନରେ ମନ୍ତ୍ର ଦେଇ ତା'କୁ ଦୀକ୍ଷିତ କରିଥା'ନ୍ତି । ଏହିପରି ନାନାଭାବେ ଗୁରୁଗ୍ରହଣ ହୋଇ ଚାଲିଛି ଆମ ସମାଜରେ ।

ପ୍ରକୃତରେ ଗୁରୁ କିଏ, ଗୁରୁଙ୍କର ସ୍ୱରୂପ କ'ଣ ଆଉ ସଦ୍‌ଗୁରୁ କିଏ– ଏସବୁ ଜାଣିବା ପାଇଁ ସାଧାରଣ ଲୋକେ ବେଶୀ ଗୋଟେ ଗୁରୁତ୍ୱ ଦିଅନ୍ତି ନାହିଁ । ପ୍ରଥା ଯେହେତୁ ଅଛି ଗୁରୁ ଗ୍ରହଣ କରିବାର ତେବେ ଚାଲ ନେଇଯିବା । ଯଦି ନ ନେଇଛେ ତୀର୍ଥକୁ ଆସିଛେ ତ ଏଇଠି ନେଇଯିବା । ଏହିପରି ହାଲ୍‌କା ଭାବରେ ଗୁରୁ ଗ୍ରହଣକୁ ନେଇଥା'ନ୍ତି କେହି କେହି । ପୁଣି କେହି କେହି ଯୁକ୍ତି ଦର୍ଶାନ୍ତି– ଯଦି ଥରେ ଗୁରୁ ଗ୍ରହଣ କରି ନେଇଛ ତେବେ ଆଉ ଅନ୍ୟ ଗୁରୁ ଗ୍ରହଣ କରିଲେ ହେବ ମହାପାପ । ଗୁରୁତ୍ୟାଗ ମହାନର୍କରେ ପତିତ କରାଇବ । ଏଣୁ ସେମାନେ ତଥାକଥିତ ଗୁରୁପଦବାଚ୍ୟ ହେଉ ନଥିବା କୌଣସି ବ୍ୟକ୍ତିଠାରୁ ଯଦି ମନ୍ତ୍ରଟିଏ ପାଇଥାଆନ୍ତି ତେବେ ତାଙ୍କୁ ଗୁରୁପଦରେ ଅଭିଷିକ୍ତ କରାଇ ଗୁରୁଗ୍ରହଣ କରିଛି ବୋଲି କହିଥା'ନ୍ତି । ଯଦି ସଦ୍‌ଗୁରୁ ପ୍ରାପ୍ତ ହୁଅନ୍ତି ଆଉ ତାଙ୍କୁ ଗ୍ରହଣ କରିବା ପାଇଁ ସୁଯୋଗ ଆସେ ତେବେ ତାଙ୍କର ପାରିପାର୍ଶ୍ୱିକ ଲୋକମାନେ ତାଙ୍କୁ ବାରଣ କରନ୍ତି । ଯଦି ଜଣେ ଅଜ୍ଞାନତାବଶତଃ ହେଉ ବା ପରିସ୍ଥିତିରେ ପଡ଼ି ହେଉ କାହାକୁ ଗୁରୁ ରୂପେ ଗ୍ରହଣ କରି ନେଇଛି ଆଉ ଜୀବନରେ ପ୍ରକୃତ ଗୁରୁଙ୍କର, ସଦ୍‌ଗୁରୁଙ୍କର ବା ସର୍ବୋପରି ଇଷ୍ଟ-ପୁରୁଷୋତ୍ତମଙ୍କୁ ଗୁରୁ ରୂପେ ଗ୍ରହଣ କରିବାର ସୁଯୋଗ ଲାଭ କରେ ତେବେ ସେ କ'ଣ କରିବା ଉଚିତ୍ ? ପ୍ରଥମେ ଗ୍ରହଣ କରିଥିବା ଗୁରୁଙ୍କୁ ତ୍ୟାଗ କରିବ ନା କରିବ ନାହିଁ । ପୁରୁଷୋତ୍ତମଙ୍କ ଦୀକ୍ଷା ଗ୍ରହଣ କରିବ ନା କରିବ ନାହିଁ । ଏହା ଏକ ସାର୍ବଜନୀକ ପ୍ରଶ୍ନ । ଏହି ପ୍ରଶ୍ନର ଉତ୍ତର ଅବଶ୍ୟ ରହିଛି । ଏଥିପାଇଁ ନିମ୍ନୋକ୍ତ ବର୍ଣ୍ଣିତ ଘଟଣାର ଏଠାରେ ଅବତାରଣା କରାଯାଉଛି । ଯେଉଁଥିରୁ ସ୍ପଷ୍ଟ ହେବ ଏ ପ୍ରଶ୍ନର ସଠିକ୍ ଉତ୍ତର ।

ପୂର୍ବେ ବୈଷ୍ଣବ ଗୁରୁମାନଙ୍କର ବେଶ୍ ପ୍ରଭାବ ଥିଲା ବଙ୍ଗୀୟ ଜନମାନସ ଉପରେ । ବଂଶପରମ୍ପରା କ୍ରମେ ସନ୍ତାନସନ୍ତତି ଦେଇ ଏହି ଗୁରୁବଂଶର ଦାୟାଦମାନେ ମଧ୍ୟ ଗୁରୁ ରୂପେ ଗୃହୀତ ହେଉଥିଲେ ସାଧାରଣ ଲୋକଙ୍କ ଦ୍ୱାରା । ସେମାନଙ୍କ ଭିତରୁ କେତେଜଣ ପ୍ରକୃତରେ ଜ୍ଞାନୀ, ପଣ୍ଡିତ ଓ ଶାସ୍ତ୍ରବିତ୍ ଥିଲେ । ସେହିପରି ଜଣେ ଗୁରୁ ଥିଲେ ଶ୍ରୀଯୁକ୍ତ ରାଧିକା ପ୍ରସାଦ ଗୋସ୍ୱାମୀ ପ୍ରଭୁପାଦ । ବାଲି ଦେଓ୍ୱାନଗଞ୍ଜ, ହୁଗୁଳିର ସେ ଥିଲେ ବାସିନ୍ଦା । ତାଙ୍କୁ ଗୁରୁ ରୂପେ ମାନୁଥିବା ଅନେକ ପରିବାର ଥିଲେ । ସେ ମଧ୍ୟରୁ ଜଣେ ଥିଲେ କଲିକତା ବେଲିଆଘାଟ ୧୫୫ନମ୍ବର ମେନ୍‌ରୋଡ଼ର ଅଧିବାସୀ ଶ୍ରୀଯୁକ୍ତ ସତ୍ୟବାବୁ । ସତ୍ୟବାବୁଙ୍କ ବଂଶପରମ୍ପରାକ୍ରମେ ଗୁରୁ ରାଧିକା ପ୍ରସାଦ ଗୋସ୍ୱାମୀଙ୍କର ଅନୁଗାମୀ ଥିଲେ ।

ପାବନାର ହିମାଇତପୁର ଗ୍ରାମରେ ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ହୁଏ । ହଜାର ହଜାର ଲୋକ ତାଙ୍କୁ ସଦ୍‌ଗୁରୁ ରୂପେ ଗ୍ରହଣ କରନ୍ତି । ସତ୍ୟବାବୁଙ୍କର ବନ୍ଧୁବାନ୍ଧବ ଆତ୍ମୀୟସ୍ୱଜନ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ସଶ୍ରଦ୍ଧ ଭକ୍ତି ନିବେଦନ କରି ତାଙ୍କ ସଦ୍‌ଦୀକ୍ଷାରେ ଦୀକ୍ଷିତ ହୁଅନ୍ତି । ସତ୍‌ନାମ ମନନ ପୂର୍ବକ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କରି ସେମାନେ ବେଶ୍ ଉପକୃତ ହୁଅନ୍ତି ବିବିଧ ଭାବରେ । ଏହା ସତ୍ୟବାବୁଙ୍କୁ ବେଶ୍ ଗଭୀରଭାବେ ଆକୃଷ୍ଟ କରେ । ସେ ହିମାୟିତପୁର ଯାଇ ଶ୍ରୀଶ୍ରୀଠାକୁରଙ୍କ ଦର୍ଶନ କରନ୍ତି ଏବଂ ହୃଦୟର ଏକାନ୍ତ ପ୍ରେରଣାରେ ଶ୍ରୀଶ୍ରୀଠାକୁରଙ୍କ ସତ୍‌ନାମ ଗ୍ରହଣ କରନ୍ତି । ସତ୍‌ନାମର ମନନ କରି ସେ ବେଶ୍ ଆନନ୍ଦ ଅନୁଭବ କରନ୍ତି ଏବଂ ସାଧନା ଜଗତରେ ବେଶ୍ କିଛି ଉପଲବ୍ଧି ହୁଏ ତାଙ୍କର । ପୂର୍ବରୁ ପାଇଥିବା ଗୁରୁଦତ୍ତ ନାମ ଦ୍ୱାରା ସେପରି କିଛି ଅନୁଭୂତି ତାଙ୍କର ହୋଇପାରି ନଥିଲା । ଯାହାକୁ ବଂଶପରମ୍ପରା କ୍ରମରେ ତାଙ୍କ ପରିବାର ଗ୍ରହଣ କରି ଜପ କରି ଚାଲୁଥିଲେ ତାହାଠାରୁ କାହିଁ କେତେ ଗୁଣରେ ବରଂ ଅନନ୍ତ ଶକ୍ତିର ଆଧାର ପୁରୁଷୋତ୍ତମପ୍ରଦତ୍ତ ଏହି ସତ୍‌ନାମର ମନନ ତାଙ୍କୁ ଏପରି ଦିବ୍ୟଭାବର ଅନୁଭୂତି ପ୍ରଦାନ କଲା ଯେ ସେଥିରେ ହୋଇଗଲେ ଭାବାବିଭୂତ । ସତ୍‌ନାମ ମନନ ପୂର୍ବକ ସତ୍‌ସଙ୍ଗର ନିୟମାବଳୀକୁ କଣ୍ଟାଏ କଣ୍ଟାଏ ମାନି ଚାଲିବାର ଚେଷ୍ଟା କଲେ ।

ସତ୍ୟବାବୁ ଥିଲେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି । ସେ ଅନ୍ୟ ଦୀକ୍ଷା

ଗ୍ରହଣ କରିଛନ୍ତି ତାଙ୍କୁ ତ୍ୟାଗ କରି– ଏହିପରି ସମ୍ବାଦ ପ୍ରାପ୍ତ ହୋଇ ତଥାକଥିତ ଗୁରୁ ରାଧିକା ପ୍ରସାଦ ଗୋସ୍ୱାମୀ ପ୍ରଭୁପାଦ ଆସି ହାଜର ହୋଇଗଲେ ତାଙ୍କ ଗୃହରେ ଏବଂ ତାଙ୍କୁ ଭର୍ତ୍ସନା କରି କହିଲେ– ତୁମେ ମତେ ତ୍ୟାଗ କରି ନୂତନ ଗୁରୁ ଗ୍ରହଣ କରିଛ । ତୁମେ ଜାଣିଛ ଗୁରୁତ୍ୟାଗର ପାତକ କେତେ ଭୟଙ୍କର ! ଶାସ୍ତ୍ର ପୁରାଣର ବିଭିନ୍ନ ଉକ୍ତିକୁ ଉଦ୍ଧାର କରି ସେ ଅନର୍ଗଳ ଭର୍ତ୍ସନା କରିବାକୁ ଲାଗିଲେ ।

ସତ୍ୟବାବୁ ହାତଯୋଡ଼ି ବିନମ୍ର ସ୍ୱରରେ କହିଲେ– ମୁଁ କ'ଣ କରିବି ପ୍ରଭୁ । ମୋର ବନ୍ଧୁବାନ୍ଧବ ଅନେକେହିଁ ଏଠାରେ ଦୀକ୍ଷା ଗ୍ରହଣ କରି ବିଶେଷ ଫଳ ଲାଭ କରିଛନ୍ତି । ମୁଁ ମଧ୍ୟ ଆପଣଙ୍କ ଦ୍ୱାରା ପ୍ରଦତ୍ତ ସାଧନା ପଦ୍ଧତିରେ ବିଶେଷ କିଛି ଫଳ ନ ପାଇ ବନ୍ଧୁବାନ୍ଧବଙ୍କ କଥାରେ ଫଳପ୍ରାପ୍ତି ଆଶାରେ ଏହି ସତ୍‌ନାମ ଗ୍ରହଣ କଲି । ଆଉ ଆଶ୍ଚର୍ଯ୍ୟର କଥା ହେଉଛି ଅତି ଅଳ୍ପ ସମୟ ମଧ୍ୟରେହିଁ ଆଶ୍ଚର୍ଯ୍ୟ ଫଳ ପ୍ରାପ୍ତ ହୋଇଛି । ଏଥର ଆପଣ କୁହନ୍ତୁ ମୋର ଏଇ ନାମ ନେବା ଠିକ୍ ହୋଇଛି କି ନାହିଁ ?

ଗୁରୁଦେବ ରାଧିକା ପ୍ରସାଦ କ୍ରୋଧାନ୍ୱିତ ହୋଇ କହିଲେ– ମୁଁ ସେସବୁ କଥା ବିଶ୍ୱାସ କରେନା । ଏସବୁ କେବଳ ପ୍ରଚାର, ବିଭ୍ରାନ୍ତିକର କଥାରେ ପଡ଼ି ତୁମେ ଗୁରୁତ୍ୟାଗର ପାତକରେ ଅଭିଶପ୍ତ ହେବାକୁ ଯାଉଛ ।

ସତ୍ୟବାବୁ କହିଲେ– ଥରେ ଦୟା କରି ଆପଣ ଚାଲନ୍ତୁ ସେଠାକୁ । ବ୍ୟାପାର କ'ଣ ଦେଖି ଆସନ୍ତୁ । ଯଦି ଆପଣ ସେଠାକୁ ଯାଇ କିଛି ଅନୁଭବ ନ କରନ୍ତି ବା ଦୀକ୍ଷା ଗ୍ରହଣ ନକରନ୍ତି ତେବେ ମତେ କହିବେ । ଆପଣ ଯେପରି କହିବେ ମୁଁ ସେହିପରି କରିବି ।

ଏଥର ଟିକେ କ୍ରୋଧ ଶାନ୍ତ କରି କହିଲେ ଗୁରୁଦେବ– ଯଦି ମତେ ପ୍ରମାଣ ଦେଇପାର, ବୁଝାଇ ଦେଇପାର ଓ ବିଶ୍ୱାସ କରାଇ ଦେଇପାର ତା'ହେଲେ ମୁଁ ବି ତାଙ୍କର ଶିଷ୍ୟ ହେବି ।

ସତ୍ୟବାବୁ କୃତାଞ୍ଜଳିପୁଟେ ସବିନୟେ କହିଲେ– ପ୍ରଭୁ ! ମୋର ମନେ ହେଉଛି ସେଠାକୁ ଗଲେ ଆପଣଙ୍କୁ ଅବଶ୍ୟହିଁ ଦୀକ୍ଷା ନେବାକୁ ହେବ ।

ଠିକ୍ ଅଛି । ଦେଖିବା ତୁମ ଗୁରୁ କେତେ ଶକ୍ତିଶାଳୀ । ମୋ ଭଳି ବ୍ୟକ୍ତିକୁ ଯଦି ବୁଝାଇ ଦେଇପାରିବେ, ମୋ ମନରେ ବିଶ୍ୱାସ ଜନ୍ମାଇ ପାରିବେ ତେବେ ମୁଁ ତାଙ୍କର ଶରଣରେ ଯିବି । ନହେଲେ....।

ସେହି ରାତିରେ ନିଦ୍ରାଭିଭୂତାବସ୍ଥାରେ ଗୁରୁଦେବ ରାଧିକା ପ୍ରସାଦ ସ୍ୱପ୍ନ ଦେଖିଲେ– ସେ ପାବନା ଜିଲ୍ଲା ଅନ୍ତର୍ଗତ ହିମାଇତପୁର ଆଶ୍ରମକୁ ଯାଇଛନ୍ତି । ସେଠାରେ ଦୁଇଜଣ ଭଦ୍ରଲୋକ ଶ୍ରୀଶ୍ରୀଠାକୁରଙ୍କ ଆଶ୍ରମରେ ହିଁ ତାଙ୍କୁ କହିଲେ ଯେ ତାଙ୍କୁ ଦୀକ୍ଷା ନେବାକୁହିଁ ହେବ । ସେ କିନ୍ତୁ ମାନିଲେ ନାହିଁ । ଆରମ୍ଭ ହୋଇଗଲା ଯୁକ୍ତିତର୍କ । ଆଉ ଶେଷରେ ବିଚାରବିମର୍ଶ ଓ ଯୁକ୍ତିତର୍କର ପରିସମାପ୍ତି ହେଲା ଆଉ ପରାସ୍ତ ହେଲେ ଗୁରୁଦେବ ଶ୍ରୀ ରାଧିକା ପ୍ରସାଦ ଗୋସ୍ୱାମୀ । ଶେଷକୁ ତାଙ୍କୁ ଶ୍ରୀଶ୍ରୀଠାକୁରଙ୍କ ଦୀକ୍ଷା ନେବାକୁ ପଡ଼ିଲା ।

ଏଥିରେ ଭୟ ପାଇଗଲେ ଗୁରୁଦେବ । ତେବେ ସ୍ୱପ୍ନବୃତ୍ତାନ୍ତ ଗୋପନ ରଖି ସଦଳବଳେ ସତ୍ୟବାବୁଙ୍କୁ ଓ ତାଙ୍କର କେତେଜଣ ବନ୍ଧୁଙ୍କୁ ସାଙ୍ଗରେ ଧରି ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ ବାଟୀ ଅଭିମୁଖେ ଯାତ୍ରା କଲେ । ସେ ଥିଲେ ତଥାକଥିତ ତାତ୍ତ୍ୱିକ ଜ୍ଞାନର ପଣ୍ଡିତ । କଥା ଦେଇଛନ୍ତି ଯୁକ୍ତି ବିଚାରରେ ଯଦି ସେ ପରାସ୍ତ ହେବେ ତେବେ ଶ୍ରୀଶ୍ରୀଠାକୁରଙ୍କୁ ଗୁରୁ ରୂପେ ଗ୍ରହଣ କରିବେ । ଏଣୁ ସାଙ୍ଗରେ ଶ୍ରୀଚୈତନ୍ୟଚରିତାମୃତ, ଶ୍ରୀମଦ୍‌ଭାଗବତ, ଶ୍ରୀମଦ୍‌ଭଗବତ୍‌ଗୀତା ପ୍ରଭୃତି ଧର୍ମଗ୍ରନ୍ଥ ନେବାକୁ ଭୁଲିଲେନି । ଆବଶ୍ୟକସ୍ଥଳେ ପ୍ରମାଣସ୍ୱରୂପ ଗ୍ରନ୍ଥ ଉନ୍ମୋଚନ କରି ଦେଖାଇ ଦେଇପାରିବେ । ତାଙ୍କର ଯୁକ୍ତି ହେବ ଅକାଟ୍ୟ ଆଉ ସେଠାରେ କେହି ତାଙ୍କୁ ପରାସ୍ତ କରିପାରିବେ ନାହିଁ । ଏହିପରି ଏକ ଦୃଢ଼ନିଶ୍ଚୟ ମାନସିକତା ସହିତ ସେ ସେଠାକୁ ଗଲେ ।

ତାଙ୍କ ସହିତ ଯାଉଥିବା ସତ୍ୟବାବୁମାନେ ମନେ ମନେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଇଲେ– ଠାକୁର ! କୁଷ୍ଟିୟାର ସତୀଶ ଡ଼ାକ୍ତରଭାଇ ଯେପରି ଆଶ୍ରମରେ ଉପସ୍ଥିତ ରୁହନ୍ତୁ । ସେ ସେଠାରେ ରହିଲେ ଆମମାନଙ୍କର ବଡ଼ ସୁବିଧା ହେବ । ସତୀଶ ଡ଼ାକ୍ତରବାବୁ ଥିଲେ ଶ୍ରୀଶ୍ରୀଠାକୁରଙ୍କର ଅନ୍ୟତମ ଭକ୍ତ ଓ ଜଣେ ପ୍ରଜ୍ଞାବାନ୍ ବ୍ୟକ୍ତି । ଶାସ୍ତ୍ରପୁରାଣ ଉପରେ ତାଙ୍କର ବିଶେଷ ଦଖଲ ଥିଲା ।

ସତ୍‌ସଙ୍ଗ ବାଟୀରେ ଉପସ୍ଥିତ ହୋଇ ଗୋସ୍ୱାମୀ ପ୍ରଭୁପାଦ ଶ୍ରୀରାଧିକା ପ୍ରସାଦ ଶ୍ରୀଶ୍ରୀଠାକୁରଙ୍କ ସେବକାଧମ କୁଷ୍ଟିୟାର ସତୀଶ ଡ଼ାକ୍ତରବାବୁଙ୍କ ସହିତ ତର୍କବିଚାର ଆରମ୍ଭ କରିଦେଲେ । ପ୍ରଥମେ ସେ ଶ୍ରୀଶ୍ରୀଠାକୁରଙ୍କ ସହିତ ତର୍କ କରିବା ପାଇଁ ଇଛା ବଳାଇ ଥିଲେ । ପ୍ରଥମେ ତାଙ୍କର ଭକ୍ତଙ୍କ ସହିତ ସେ ଆଗ ଯୁକ୍ତି କରନ୍ତୁ । ଶାସ୍ତ୍ର ଆଲୋଚନା କରନ୍ତୁ । ଯଦି ସେଥିରେ ସନ୍ତୁଷ୍ଟ ନ ହୁଅନ୍ତି ତେବେ ଶ୍ରୀଶ୍ରୀଠାକୁରଙ୍କ ସାମ୍‌ନାକୁ ତାଙ୍କୁ ନିଆଯିବ । ରାଧିକା ପ୍ରସାଦ ଭାବିଲେ ଏ ତ ସହଜ କଥା । ସାଧାରଣ ଜଣେ ଭକ୍ତକୁ ହରାଇବା ଏତେ କଷ୍ଟକର ହେବ ନାହିଁ । ଆଉ ସେ ତାଙ୍କ ଯୁକ୍ତିରେ ଜୟଯୁକ୍ତ ହେବେ ।

ତର୍କସଭା ବସିଲା । ଗୁରୁଦେବଙ୍କ ତର୍କ ଥିଲା ତତ୍ତ୍ୱ ଉପରେ ଆଧାରିତ । ଯାହାକି ଶାସ୍ତ୍ରପୁରାଣ ଆଦି ଗ୍ରନ୍ଥର ଅବଲମ୍ବନରେ ହୋଇଥିଲା ପ୍ରସ୍ତୁତ । ବାସ୍ତବିକତାଠାରୁ ଅନେକ ଦୂରରେ ଥିଲା ତାଙ୍କର ଯୁକ୍ତି । କିନ୍ତୁ ଭକ୍ତ ଡ଼ାକ୍ତର ସତୀଶବାବୁଙ୍କର ଯୁକ୍ତି ଥିଲା ଆଚରଣ, ଅଭ୍ୟାସ ଉପରେ ଆଧାରିତ । ଥିଓରୀ ଓ ପ୍ରାକ୍ଟିକାଲର

ଲଢ଼େଇରେ ସର୍ବଦା ପ୍ରାକ୍ଟିକାଲ ବା ବାସ୍ତବିକତାହିଁ ଜୟଲାଭ କରିଥାଏ । ଏଠାରେବି ସେଇଆହିଁ ହେଲା । ଭକ୍ତଙ୍କର ଜୟ ହେଲା ଓ ତଥାକଥିତ ତାତ୍ତ୍ୱିକ ଜ୍ଞାନୀଙ୍କର ହେଲା ପରାଜୟ ।

ଦୁଇଦିନ ଧରି ଚାଲିଥିବା ଏହି ତର୍କ ବିଚାରରେ ଶେଷକୁ ଗୋସ୍ୱାମୀ ପ୍ରଭୁ ନତି ସ୍ୱୀକାର କଲେ ଯେ ଏହି ନାମ ହିଁ ପ୍ରକୃତ ସତ୍ୟନାମ ଏବଂ ଶ୍ରେଷ୍ଠତମ ଶକ୍ତିସମ୍ପନ୍ନ ନାମ । ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧରେ ସେ ସ୍ୱୀକାର କଲେ– ଏବେ ମୁଁ ବୁଝିଲି ଇଏ ହିଁ ସେହି । ଅର୍ଥାତ୍ ଶ୍ରୀଶ୍ରୀଠାକୁରହିଁ ସ୍ୱୟଂ ଈଶ୍ୱର । ପୁରୁଷୋତ୍ତମ ରୂପେ ତାଙ୍କର ଆବିର୍ଭାବ ହୋଇଛି । ଅତଃ ସିଏ ସତ୍‌ନାମ ଗ୍ରହଣ କରିବା ପାଇଁ ଅଙ୍ଗୀକାରବଦ୍ଧ ହେଲେ ।

ଗୁରୁଦେବ ରାଧିକା ପ୍ରସାଦଙ୍କ ପରାଜୟରେ ତାଙ୍କ ସାଙ୍ଗରେ ଆସିଥିବା ଜଣେ ଭଦ୍ରଲୋକ ବେଶ୍ ଅପମାନିତ ମନେକଲେ । ଦ୍ୱିତୀୟ ଦିନ ରାତ୍ରି ଦ୍ୱାଦଶ ଘଟିକାରେ ସେ ଗୁରୁଦେବଙ୍କୁ ଜିଜ୍ଞାସି କହିଲେ– ଆପଣ ପରାସ୍ତ ହେଲେ ଏହା କମ୍‌ବଡ଼ ଅପମାନଜନକ କଥା ନୁହେଁ । ଆପଣଙ୍କର ଜ୍ଞାନ, ଶାସ୍ତ୍ରପାରଗତା ଏବଂ ବିଦ୍ୱତ୍‌ବତ୍ତା ତା'ହେଲେ ନିରର୍ଥକ । ଆପଣ ନିଜେ ଜଣେ ଗୁରୁ । ହଜାର ହଜାର ଲୋକ ଆପଣଙ୍କୁ ଗୁରୁ ରୂପେ ଗ୍ରହଣ କରି ଆପଣଙ୍କ ଚରଣରେ ଆଶ୍ରିତ । କିଏ ଜଣେ ଆପଣଙ୍କୁ ଭେଲିକିବାଜୀ କରି ହେଉ ବା ଶବ୍ଦବାଣରେ ତର୍କରେ ପରାସ୍ତ କରିଦେଲା ବୋଲି ଆପଣ ଶସ୍ତ୍ର ପରିହାର କରି ଶ୍ରୀଶ୍ରୀଠାକୁରଙ୍କ ଦୀକ୍ଷା ନେବା ପାଇଁ ରାଜି ହୋଇଗଲେ । ଆପଣ କ'ଣ ଏତେ ହୀନ, ଏତେ ତୁଚ୍ଛ । ସାମାନ୍ୟ ଜଣେ ବ୍ୟକ୍ତିକୁ ଆପଣ ପାରିଲେନି । ସିଏ ପୁଣି ତାଙ୍କର ଭକ୍ତ । ପେଶାରେ ଡ଼ାକ୍ତର । ସିଏ କ'ଣ ଜାଣିଛି ଶାସ୍ତ୍ରପୁରାଣ ଧର୍ମଗ୍ରନ୍ଥର ତତ୍ତ୍ୱ । ଏହିପରି ବିଭିନ୍ନ ଭାବରେ ତାଙ୍କୁ ଉତ୍ତେଜିତ କରିବାକୁ ଲାଗିଲେ ।

ପରାଜୟର ଗ୍ଲାନିରେ ଭାଙ୍ଗିପଡ଼ିଥିବା ରାଧିକା ପ୍ରସାଦ ଉତ୍ତେଜିତ ହୋଇଗଲେ ଆଉ କ୍ରୋଧାନ୍ୱିତ ହୋଇ କହିଲେ– ନା, ମୁଁ ଏ ନାମ ଗ୍ରହଣ କରିବି ନାହିଁ । ଯଦି କାହାର ଶକ୍ତି ଅଛି ସେ ମୋତେ ବାଧ କରି ନାମ ଗ୍ରହଣ କରାଉ । ଯଦି ଏ ନାମର ଏତେ ଶକ୍ତି ଆଉ ଏ ନାମର ନାମୀପୁରୁଷ ଶ୍ରୀଶ୍ରୀଠାକୁର ତା'ହେଲେ କେତେ ଶକ୍ତିଶାଳୀ ହୋଇ ନଥିବେ । ଦେଖିବା କେତେ ଶକ୍ତି ତାଙ୍କର । ମୋତେ ବାଧ କରି ଯଦି ନାମଗ୍ରହଣ କରାଇ ଦେବେ ତେବେ ବୁଝିବି ସେ ପ୍ରକୃତରେ ସିଏହିଁ ।

ଗୁରୁ ରାଧିକା ପ୍ରସାଦଙ୍କର ଏପରି ମନ ପରିବର୍ତ୍ତନ ଓ ପ୍ରତିସ୍ପର୍ଦ୍ଧାତ୍ମକ ଉକ୍ତି ଶୁଣି ସତ୍ୟବାବୁମାନେ ଭାଙ୍ଗି ପଡ଼ିଲେ । ମନେ ମନେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା କରିବାକୁ ଲାଗିଲେ । ସେତେବେଳେ ରାତି ବେଶ୍ ବିଳମ୍ବ ହୋଇ ଯାଇଥିବାରୁ ଏ ନେଇ ଆଉ କୌଣସି କଥାବାର୍ତ୍ତା ହୋଇପାରିଲା ନାହିଁ । ସମସ୍ତେ ନିଦ୍ରା ଗଲେ ।

ରାଧିକା ପ୍ରସାଦ କିନ୍ତୁ ରାତିରେ ସ୍ୱପ୍ନ ଦେଖିଲେ– ତାଙ୍କର ଜିହ୍ୱା ଓ ଅଙ୍ଗପ୍ରତ୍ୟଙ୍ଗ ଅବଶ । ଏହି ସତ୍ୟନାମ ଗ୍ରହଣ ନ କଲେ ଆରୋଗ୍ୟ ଲାଭର କୌଣସି ଆଶା ନାହିଁ ।

ଏପରି ସ୍ୱପ୍ନ ଦେଖିବାରୁ ହଠାତ୍ ତାଙ୍କର ନିଦ୍ରାଭଙ୍ଗ ହେଲା । ଶଯ୍ୟା ପରିତ୍ୟାଗ କରତଃ ଉଠିବାକୁ ଚେଷ୍ଟା କଲେ ସେ । କିନ୍ତୁ ଦେହର କୌଣସି ଅଙ୍ଗ ଯେ ଚାଲୁନି । ଏ କ'ଣ ? ହଠାତ୍ କ'ଣ ନିଥର ହୋଇଗଲା ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ । କଥା କହିବାକୁ ଚେଷ୍ଟା କରି ଦେଖିଲେ । ଜିହ୍ୱା ବି ତଦବସ୍ଥାସମ୍ପନ୍ନ । ଏଥର ଭୟ ପାଇଗଲେ ସେ ।

ଭୟରେ ଥରି ଥରି ପାଖ ଲୋକଙ୍କୁ ଉଠାଇବାକୁ ଲାଗିଲେ । ଗୁରୁଦେବ ରାଧିକାପ୍ରସାଦଙ୍କର କ'ଣ ହୋଇଗଲା ବୋଲି ଭାବି ପାଖରେ ଶୋଇଥିବା ସମସ୍ତେ ଉଠିପଡ଼ିଲେ । କୌଣସିମତେ ଚେଷ୍ଟା କରି ଅବଶ ଜିହ୍ୱାଦ୍ୱାରା ଖନେଇ ଖନେଇ କହିଲେ– ସତୀଶଡ଼ାକେ ଡ଼ାକ (ସତୀଶଦାଙ୍କୁ ଡ଼ାକ) । ଅପର ପ୍ରକୋଷ୍ଠରେ ନିଦ୍ରା ଯାଇଥିବା ସତୀଶବାବୁଙ୍କୁ ଡ଼କାଗଲା । ସତୀଶଭାଇ ବି ଯାଇ ସେଠାରେ ଉପସ୍ଥିତ ହେଲେ । ସତୀଶଭାଇଙ୍କୁ ଦେଖି ଜଡ଼ତାପୂର୍ଣ୍ଣ ବାକ୍ୟରେ ସେ କାତରଭାବେ ହାତଯୋଡ଼ି କହିଲେ– ସତୀଶଡ଼ା, ମତେ ମଣ୍ଟର ଡ଼ିଅ, ସତୀଶଦା ମତେ ମଣ୍ଟର ଡ଼ିଅ । (ସତୀଶଦା ମୋତେ ମନ୍ତ୍ର ଦିଅ, ସତୀଶଦା ମୋତେ ମନ୍ତ୍ର ଦିଅ)

ଉପସ୍ଥିତମାନେ କିଛି ବୁଝିପାରିଲେ ନାହିଁ । ତାଙ୍କୁ ଅନୁରୋଧ କରାଗଲା ପୂର୍ବାପର ସଙ୍ଗତି ସହିତ ବିସ୍ତାରରେ କହିବାକୁ । ସେ ବହୁ କଷ୍ଟରେ ଖନେଇ ଖନେଇ ଯାହା କହିଲେ ସେଥିରେ ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ବାଧ ହେଲେ ।

ଯେଉଁଦିନ ସତ୍ୟବାବୁଙ୍କ ସହିତ କଥା ହୋଇଥିଲା ରାଧିକା ପ୍ରସାଦଙ୍କର ସେହିଦିନ ରାତିରେ ସେ ଏକ ସ୍ୱପ୍ନ ଦେଖିଥିଲେ । ସ୍ୱପ୍ନରେ ସେ ଦେଖିଥିଲେ ଡ଼ାକ୍ତର ସତୀଶଭାଇ ଓ ଶ୍ରୀଶ ନନ୍ଦୀଭାଇଙ୍କ ସହିତ ତାଙ୍କର ଆଶ୍ରମରେ ତର୍କ ହେଉଛି ଆଉ ଶେଷକୁ ସେ ତର୍କରେ ପରାସ୍ତ ହୋଇ ସତ୍‌ନାମ ଗ୍ରହଣ କରୁଛନ୍ତି । ଏହି ସ୍ୱପ୍ନବୃତ୍ତାନ୍ତ ସେ ଗୋପନ ରଖିଥିଲେ । କିନ୍ତୁ ଆଶ୍ରମରେ ଆସି ପହଞ୍ଚି ଯେତେବେଳେ ଏହି ଦୁଇଜଣଙ୍କୁ ଦେଖିଲେ ସେ ଚକିତ ହୋଇ ଛିଡ଼ା ହୋଇଗଲେ । ସେ ଦେଖିଥିବା ସ୍ୱପ୍ନ ଯେ କେବଳ ସ୍ୱପ୍ନ ନୁହେଁ ତାହା ସେ ଉପଲବ୍ଧି କଲେ । ଯୁଦ୍ଧ ପୂର୍ବରୁ ପରାଜୟର ସୂଚନା ତାଙ୍କୁ ପ୍ରାପ୍ତ ହେଲା । ସ୍ୱପ୍ନରେ ଏହି ଦୁଇଜଣଙ୍କ ସହିତ ତର୍କ କରି ମୁଁ ପରାସ୍ତ ହୋଇଛି । ଆଜି ବାସ୍ତବରେ ଏହି ଦୁଇଜଣଙ୍କ ସହିତ ତର୍କ ହେବାର ଅଛି । ମନର ଭାବକୁ କିନ୍ତୁ ସେ କାହା ଆଗରେ ପ୍ରକାଶ କଲେ ନାହିଁ ।

ଦୁଇଦିନ ଧରି ଯୁକ୍ତିତର୍କ କଲେ । ତାଙ୍କ ସଙ୍ଗରେ ଆଣିଥିବା ସମସ୍ତ ଶାସ୍ତ୍ରପୁରାଣ ଓ ଧର୍ମଗ୍ରନ୍ଥ କିଛି କାମରେ ଲାଗିଲାନି । କାରଣ ଧର୍ମ ବଚନରେ ନୁହେଁ ଆଚରଣରେ ହୋଇଥାଏ ବୋଧଗମ୍ୟ ।

ପରାସ୍ତ ହେଲା ପରେ ସେ ସେହି ସ୍ୱପ୍ନର ବୃତ୍ତାନ୍ତ କଥା ମନରେ ଆଣି ଏକପ୍ରକାର ମାନସିକ ପ୍ରସ୍ତୁତି ନେଇଥିଲେ ସତ୍‌ନାମ ଗ୍ରହଣ କରିବେ ବୋଲି । କିନ୍ତୁ ବନ୍ଧୁଙ୍କ ଉତ୍ତେଜନାପୂର୍ଣ୍ଣ ଉସ୍‌କାଣରେ ସେ କ୍ରୋଧାନ୍ୱିତ ହୋଇଗଲେ । ଜିଦ୍‌ରେ ଅଟଳ ରହିଲେ । ସେ କୌଣସିମତେ ନାମ ଗ୍ରହଣ କରିବେ ନାହିଁ । ସେହି ସମୟରେ ତାଙ୍କର ନାମ ଗ୍ରହଣ କରିବାର ଥିଲା । କିନ୍ତୁ ମନର ଅଙ୍ଗୀକାରକୁ ବାହ୍ୟତଃ ଅସ୍ୱୀକାର କରି ସେ ବଡ଼ ପାପ କଲେ । ଏବେ ତାହାହିଁ ଭାବୁଛନ୍ତି । ଏଣୁ ରାତିରେ ତାଙ୍କର ପକ୍ଷାଘାତ ହେବା ପରି ଅବସ୍ଥା ପ୍ରାପ୍ତ ହୋଇଛି । ସ୍ୱୀକାରୋକ୍ତି କରି ପରେ ଅସ୍ୱୀକାର କରିବା ମହାପାପ । ଏଥିପାଇଁ ଏପରି ଦୁର୍ଦ୍ଦଶାପ୍ରାପ୍ତ ହେଲା ତାଙ୍କୁ ।

ଭୟରେ ଆତଙ୍କିତ ହୋଇ ଡ଼ାକ୍ତର ସତୀଶଭାଇଙ୍କଠାରୁ ସଙ୍ଗେ ସଙ୍ଗେ ମନ୍ତ୍ର ଗ୍ରହଣ କରିବା ପାଇଁ ଇଚ୍ଛା କଲେ । କେବଳ ଇଚ୍ଛା କଲେନି ବ୍ୟାକୁଳ ପ୍ରାର୍ଥନା ଜଣାଇଲେ । ସତୀଶଭାଇ ଜଣାଇଲେ– 'ମୋର ସେ ଅଧିକାର ନାହିଁ ।' ଏପରି କଥା ଶୁଣି ଭୋ ଭୋ କରି କାନ୍ଦିବାକୁ ଲାଗିଲେ ଶ୍ରୀରାଧିକା ପ୍ରସାଦ । କାନ୍ଦି କାନ୍ଦି ଭୂଲୁଣ୍ଠିତ ହେବାକୁ ଲାଗିଲେ ସେ ।

ଖବର ପାଇ ଆସି ପହଞ୍ଚିଲେ ମହାରାଜ ଅନନ୍ତନାଥ । ସଙ୍ଗେ ସଙ୍ଗେ ତାଙ୍କର ସେବାଶୁଶ୍ରୂଷା କଲେ । ଏପରିକି ପାଦସମ୍ବାହନ ମଧ୍ୟ କରିବାକୁ ଲାଗିଲେ । ଶ୍ରୀଶ୍ରୀଠାକୁରଙ୍କ ନିର୍ଦ୍ଦେଶରେ ଡ଼ାକ୍ତର ସତୀଶ ତାଙ୍କୁ ହୋମିଓପ୍ୟାଥି ଔଷଧ ଦେଲେ । କିନ୍ତୁ କୌଣସି ଉପକାର ହେଲା ନାହିଁ । ସେ ବିକଳରେ ଚିତ୍କାର କରିବାକୁ ଲାଗିଲେ ।

ଶ୍ରୀଶ୍ରୀଜନନୀ ମନୋମୋହିନୀଦେବୀଙ୍କ ନିକଟରେ ଖବର ପହଞ୍ଚିଗଲା । ସେ ଦୟାପରବଶ ହୋଇ ଆସି ସେଠାରେ ଉପସ୍ଥିତ ହେଲେ । ଏତେବଡ଼ ଖ୍ୟାତନାମା ଗୁରୁଙ୍କର ଏପରି ଦୁରବସ୍ଥା ଦେଖି ମା' ମନ ତାଙ୍କର ବିଗଳିତ ହେଲା । ସଙ୍ଗେ ସଙ୍ଗେ ନିକଟରେ ଉପବେଶନ ପୂର୍ବକ ଆଉଁସି ଦେଲେ ମା' ଆଉ ସତ୍‌ନାମଟିକୁ ଜଣାଇ ଦେଲେ । ଆଉ କହିଲେ– ଏହି ନାମ କରିଲେ ହିଁ ଆରୋଗ୍ୟ ଲାଭ ହେବ ।

ବିକଳରେ ରାଧିକାପ୍ରସାଦ ସତ୍‌ନାମ ଜପ କରିବାକୁ ଲାଗିଲେ । ଆଶ୍ଚର୍ଯ୍ୟର କଥା । କିଛି ସମୟ ପରେ ସେ ସୁସ୍ଥ ହେବାକୁ ଲାଗିଲେ । ଆଙ୍ଗିକ ପକ୍ଷାଘାତ ଦୂର ହେଲା, ଚେତନା ପଶିଲା ଆଉ ସହଜରେ ସେ ବିଚରଣ କରିପାରିଲେ । ଅବଶ ଜିହ୍ୱା ମଧ୍ୟ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହେଲା । ଏହିପରି ଘଟଣା ଚାଲୁ ଚାଲୁ ରାତିର ଅନ୍ତ ହେଲା । ପୂର୍ବାକାଶରେ ଉଦିତ ହେଲେ ସୂର୍ଯ୍ୟଦେବତା ।

ସମସ୍ତେ ଉଠିପଡ଼ିଲେ । ରାଧିକା ପ୍ରସାଦ ବି ଶଯ୍ୟାତ୍ୟାଗ କରି ପ୍ରାତଃକୃତ୍ୟାଦି ସମାପନ କରିବାକୁ ଲାଗିଲେ । ଏ ମଧ୍ୟରେ ତାଙ୍କ ମନ ମଧ୍ୟରେ ପୁନଃ ପ୍ରବେଶ କଲା ଅସ୍ୱୀକୃତି ଓ ଅକୃତଜ୍ଞତା । ହଠାତ୍ କୌଣସି କାରଣରୁ ମୋର ଦେହଟା ଅବଶ ହୋଇଗଲା । ଜିହ୍ୱାବି ଠିକ୍‌ଭାବେ ଶବ୍ଦ ଉଚ୍ଚାରଣ କରିପାରିଲା ନାହିଁ । ଏହା କୌଣସି ରୋଗର ସୂଚନା ମାତ୍ର । ରୋଗ ଭଲହୁଏ ଔଷଧରେ । ସତୀଶଭାଇଙ୍କର ଔଷଧରେ ହିଁ ମୋର ରୋଗ ଭଲ ହେଲା । ଏଥିରେ ବୈଚିତ୍ର୍ୟ ରହିଲା କେଉଁଠି ? କ'ଣ ନା ସତ୍‌ନାମ କରିବାରୁ ମୋର ଦେହ ଭଲ ହୋଇଗଲା । ଏସବୁ ତୁଚ୍ଛା କଥା । ମନର ପ୍ରହେଳିକା । ଏସବୁଥିରେ ବିଶ୍ୱାସ କରିବା ଉଚିତ୍ ନୁହେଁ । ଆଙ୍ଗିକ ଅବଶତା ମନକୁ ଦୁର୍ବଳ କରିଦେଲା ତ ଏଣୁ ଏହିପରି ଭାବନା ମନରେ ଜାଗ୍ରତ ହୋଇଛି । ତା'ଛଡ଼ା ପୂର୍ବରୁ ମୁଁ ଅନେକ ବର୍ଷ ଧରି ନାମଜପ କରିଛି । ସେ ନାମ ତ ଅହରହ ଚାଲିଛି ମୋ ହୃଦୟାଭ୍ୟନ୍ତରେ । ଯଦି ନାମର କିଛି ପ୍ରଭାବ ରହିଛି ତେବେ ସେହି ନାମର ପ୍ରଭାବରେ ଯେ ଆରୋଗ୍ୟ ହୋଇନି ତା' କିଏ କହିବ ? ଅବଶ୍ୟ ସେଇ ନାମର ପ୍ରଭାବ ହିଁ ମତେ ଆଜି ଆରୋଗ୍ୟ କରାଇଲା । ନୂଆ ନାମରେ ଆରୋଗ୍ୟ ଲାଭ ହେଲି ଏହାର ପ୍ରମାଣ ବା କ'ଣ ?

ଏହିପରି ଭାବିଲା ମାତ୍ରେ ପୁନଶ୍ଚ ପୂର୍ବବ୍ୟାଧିରେ ଆକ୍ରାନ୍ତ ହୋଇଗଲେ ରାଧିକା ପ୍ରସାଦ । ଆଉ ଅଙ୍ଗ ଚାଲିଲାନି । ଜିହ୍ୱା ବି ଅବଶ ହୋଇଗଲା । ପ୍ରଭୁଙ୍କର ଏପରି ଅବସ୍ଥା ଦେଖି ପୁନଶ୍ଚ ଡ଼ାକ୍ତର ସତୀଶଭାଇଙ୍କୁ ଡ଼ାକାଗଲା । ସେ ତତ୍‌କ୍ଷଣାତ୍ ଆସି ଉପସ୍ଥିତ ହୋଇ 'ଆପଣ ମନେ ମନେ ବୋଧହୁଏ ଏ ନାମରେ ରୋଗ ଭଲ ହୋଇ ନାହିଁ, ଏହିପରି ସନ୍ଦେହ କରିଛନ୍ତି । ତା'ର ହିଁ ଏହା ପ୍ରତିଫଳନ'– ଏପରି ସ୍ଥିରନିଶ୍ଚୟ କଥା ଦୃଢ଼ତାବ୍ୟଞ୍ଜୀ ସ୍ୱରରେ କହିଲେ ।

ଡ଼ାକ୍ତର ସତୀଶଚନ୍ଦ୍ରଙ୍କ ଏଭଳି ଦୃଢ଼ତାପୂର୍ଣ୍ଣ ଉକ୍ତିରେ ସେ ପୁନଶ୍ଚ ବିସ୍ମିତ ହୋଇଗଲେ । ଏ କିପରି ଜାଣିଲେ ମୋ ମନର କଥା ? ସେ ତ ଜଣେ ସାଧାରଣ ବ୍ୟକ୍ତି । ହୁଏତ ଭକ୍ତ ହୋଇପାରନ୍ତି । ମୁଁ ଜଣେ ଗୁରୁ । ଅନେକ ଲୋକ ମତେ ପୂଜା କରନ୍ତି । ମୁଁ ତ କାହିଁକି କା'ର ମନର କଥା ସଠିକ୍‌ଭାବେ ଅବିକଳ ଏହିପରି କହିପାରେନା । ଏ କିନ୍ତୁ କହିଦେଲେ । ତେବେ କ'ଣ ଶ୍ରୀଶ୍ରୀଠାକୁରଙ୍କ ଜଣେ ସାଧାରଣ ଭକ୍ତ ଅନ୍ୟର ମନକଥା ଜାଣିପାରେ ! ଯଦି ତାଙ୍କର ଜଣେ ଭକ୍ତ ଏପରି ହୋଇପାରେ ତେବେ ସ୍ୱୟଂ ଠାକୁର କ'ଣ ହୋଇ ନଥିବେ !

ଡ଼ାକ୍ତର ସତୀଶଙ୍କ ସାମ୍‌ନାରେ ହାତଯୋଡ଼ି କହିଲେ ରାଧିକା

ପ୍ରସାଦ– ତାହାହିଁ ଠିକ୍ । ଆପଣ ଠିକ୍ କଥା କହିଛନ୍ତି । ଏବେ ମୁଁ କରିବି କ'ଣ ?

ଭକ୍ତ ସତୀଶଚନ୍ଦ୍ର କହିଲେ– ଆପଣ ପୁନର୍ବାର ଅନ୍ୟ ଚିନ୍ତା ଛାଡ଼ି ସତ୍ୟନାମ ଜପ କରନ୍ତୁ । ମନରେ ଦୃଢ଼ବିଶ୍ୱାସ ସ୍ଥାପନ କରନ୍ତୁ । ନିର୍ଦ୍ଦେଶ ମାତ୍ରେ ସଙ୍ଗେ ସଙ୍ଗେ ପାଳନ କଲେ ରୋଗୀ । ଆଉ ସମସ୍ତଙ୍କୁ ବିସ୍ମିତ କରି ସେ କିୟତ୍‌କ୍ଷଣ ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଉଠିଲେ । ଏଥର ତାଙ୍କର ବିଶ୍ୱାସ ପୁରା ପକ୍କା ହୋଇଗଲା । ଯେଉଁ ସଙ୍ଗୀ ତାଙ୍କୁ ଉସ୍‌କାଇଥିଲେ ସେ ଲଜ୍ଜ୍ୟାରେ ମଥାବନତ କରିବାକୁ ବାଧ ହେଲେ ।

ବିଶ୍ୱାସ ଯେତେବେଳେ ଦୃଢ଼ ହୋଇଯାଏ, ପକ୍କା ହୋଇଯାଏ ସେତେବେଳେ କାହାରି କଥା, କାହାରି ଉସ୍‌କାଣ ମଣିଷକୁ ବିଶ୍ୱାସ ପଥରୁ ତିଳେ ମାତ୍ର ବିଚ୍ୟୁତ କରିପାରେ ନାହିଁ । ସେହିପରି ଏକ ଦୃଢ଼ ବିଶ୍ୱାସ ସ୍ଥାପିତ ହେଲା ଗୋସ୍ୱାମୀ ରାଧିକା ପ୍ରସାଦଙ୍କ ହୃଦୟାଭ୍ୟନ୍ତରେ । ହାତଯୋଡ଼ି ବ୍ୟାକୁଳିତ ହୃଦୟରେ ସେ ନିବେଦନ କଲେ ମୁଁ ଏହିକ୍ଷଣରେ ସତ୍‌ନାମରେ ଦୀକ୍ଷିତ ହେବାକୁ ଚାହୁଁଛି । ମହାରାଜ ଅନନ୍ତନାଥ ସେଠାରେ ଉପସ୍ଥିତ ହୋଇ ତାଙ୍କୁ ଯଥାରୀତି ସତ୍‌ନାମରେ ଅଭିମନ୍ତ୍ରିତ କରି ଦୀକ୍ଷିତ କରାଇଲେ ।

ଦୀକ୍ଷିତ ହେବା ପରେ ସତ୍‌ନାମର ଗୁରୁତ୍ୱ ବେଶ୍ ବୃଦ୍ଧି ପାଇଲା ଆଉ ସେ ଅଭିନବ ଅନୁଭୂତି ଲାଭ କଲେ । ଅନେକ ଦିନର ସାଧନା ଓ ତଥାକଥିତ ଜ୍ଞାନଗାରିମାଠାରୁ ଅନେକ ଉର୍ଦ୍ଧ୍ୱରେ ସିଏ ଏବେ ବିଚରଣ କରିବାକୁ ଲାଗିଲେ । ସତେ ଯେପରି ବ୍ରହ୍ମାନନ୍ଦ ଗୋଟେ ମୁହୂର୍ତ୍ତରେ ଲାଭ ହୋଇଗଲା ତାଙ୍କର– ଏପରି ଏକ ବିରଳ ଉପଲବ୍ଧି ଲାଭ କଲେ ସେ । ମନେ ମନେ ପ୍ରାର୍ଥନା ଜଣାଇଲେ, ହେ ପ୍ରଭୁ ! ହେ ପୁରୁଷୋତ୍ତମ ! ହେ ସତ୍‌ନାମର ନାମୀପୁରୁଷ ! ଆପଣ କ'ଣ ଏ ଅଧମକୁ ଦର୍ଶନ ଦେବେନି ? ଗୁରୁଗିରିର ଅହମିକାରେ ମୁଁ ଅବାଟରେ ଯାଇଛି । ଏବେ ସଠିକ୍ ପଥରେ ଯିବା ପାଇଁ ପାଦ ଥାପିଛି । ଆଗେଇ ଯିବା ପାଇଁ ମତେ କ'ଣ ସୁଯୋଗ ମିଳିବନି ? ଆପଣଙ୍କୁ ଦର୍ଶନ କରିବାର ତୀବ୍ର ଅଭିଳାଷ ମୋର କ'ଣ ପୂରଣ ହେବନି ?

ରାଧିକା ପ୍ରସାଦଙ୍କ ପ୍ରାର୍ଥନା ଶେଷ ନ ହେଉଣୁ ସେଠାରେ ସଶରୀରରେ ଉପସ୍ଥିତ ହେଲେ ଶ୍ରୀଶ୍ରୀଠାକୁର । ସେ ଭାବିଥିଲେ, ଠାକୁର ତାଙ୍କୁ ଦର୍ଶନ ଦେବେ ଏବଂ ଏଥିସହିତ ହାତ ଦେଖାଇ ଆଶୀର୍ବାଦ କରିବେ । ତାଙ୍କ ପଦରଜ ନିଜ ମସ୍ତକରେ ମାରି ସେ ହେବେ କୃତ୍ୟକୃତ୍ୟ । କିନ୍ତୁ ତାଙ୍କର ତଥାକଥିତ ଭଗବାନ, ଗୁରୁ, ମହନ୍ତମାନଙ୍କର ଆଚରଣ ସମ୍ବନ୍ଧୀୟ ଭାବନା ସମ୍ପୂର୍ଣ୍ଣ ଓଲଟପାଲଟ ହୋଇଗଲା ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରି । ଆଶୀର୍ବାଦ କରିବା ତ ଦୂରରେ ଥାଉ ଶ୍ରୀଶ୍ରୀଠାକୁର ସେଠାରେ ଉପସ୍ଥିତ ହୋଇ କହିଲେ– ଭାଇ ! ଭୟ କ'ଣ ? ନାମ କରନ୍ତୁ, କୌଣସି ଚିନ୍ତା ନାହିଁ । ଆଉ ସତୀଶଭାଇଙ୍କଠାରୁ ଔଷଧ ବି ଖାଆନ୍ତୁ ।

ରାଧିକା ପ୍ରସାଦ ଭାବିଲେ, ଔଷଧ ତ ଖାଇଲି । କାହିଁକି ସେଥିରେ ତ ବ୍ୟାଧି ନିରସନର କୌଣସି ସୂଚନା ମିଳିଲାନି । ଏଇ ନୂତନ ନାମର ଜପରେହିଁ ରୋଗ ଉପଶମ ହେଲା ମୋର । ଯା'ର ନାମ ଜପ କରି ମୁଁ ଏତେବଡ଼ ବ୍ୟାଧିରୁ ଆରୋଗ୍ୟଲାଭ କଲି ସେ ସ୍ୱୟଂ ନାମୀପୁରୁଷ ସ୍ୱମୁଖରେ କହୁଛନ୍ତି, ଔଷଧ ଖାଅ । ନାମ ବି କର । ଯଦି ନାମଦ୍ୱାରା ମୋର ବ୍ୟାଧି ଉପଶମ ହେଲା ତେବେ ଔଷଧ ଖାଇବାର କ'ଣ ଆବଶ୍ୟକତା ରହିଛି ?

ରାଧିକା ପ୍ରସାଦଙ୍କ ମନରେ ଉଠୁଥିବା ପ୍ରଶ୍ନ ତାଙ୍କୁ ସମ୍ପୂର୍ଣ୍ଣ ଉଦ୍‌ବେଳିତ କରିବା ପୂର୍ବରୁ ଶ୍ରୀଶ୍ରୀଠାକୁର କହିଲେ– ଔଷଧ ଖାଇବାକୁ ହୁଏ । କାରଣ ନାମରେ ଆରୋଗ୍ୟ ଲାଭ ହୋଇଛି ଏକଥା ପ୍ରକାଶିତ ହେବା ଭଲ ନୁହେଁ । ତା'ଦ୍ୱାରା ଆଧ୍ୟାତ୍ମିକ ଭାବରେ ନାମର ମନନ ନ କରି ଶହଶହ ଲୋକ ରୋଗରୁ ଆରୋଗ୍ୟ ଲାଭ ପାଇଁ ଏଠାକୁ ଆସିବେ । ଏ ନାମ ସର୍ବଶ୍ରେଷ୍ଠ ସର୍ବଶକ୍ତିଶାଳୀ ଅଟେ । ଏହାର ମନନ ପରମେଶ୍ୱରଙ୍କ ସହିତ ଯୋଗଯୁକ୍ତ କରାଏ । ଯେଉଁ ରୋଗ ସାମାନ୍ୟ ଔଷଧ ଦ୍ୱାରା ଆରୋଗ୍ୟ ଲାଭ ହୋଇପାରିବ ତାହାକୁ ଏପରି ଉଚ୍ଚକୋଟୀର ମନ୍ତ୍ର; ସତ୍‌ନାମ ଦ୍ୱାରା ଚିକିତ୍ସା କରାଇଲେ ତା'ର ଅମର୍ଯ୍ୟାଦା ହେବନି କି ! ଯେଉଁ ନାମର ମନନରେ ଆଧ୍ୟାତ୍ମିକ ଜଗତରେ, ସାଧନା ଜଗତରେ ସର୍ବୋଚ୍ଚ ଶିଖରରେ ପହଞ୍ଚିବାର କୌଶଳ ବିଦ୍ୟମାନ ତାହାକୁ ଆମେ ସାମାନ୍ୟ ରୋଗ ଭଲ କରିବାରେ ଲଗାଇବା କେତେଦୂର ଠିକ୍ ହେବ ଭାବନ୍ତୁ ତ !

ଏଥର ଲମ୍ବ ହୋଇ ପଡ଼ିଗଲେ ରାଧିକା ପ୍ରସାଦ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ । ମୁଦିତନୟନ ରାଧିକା ପ୍ରସାଦ ଅନ୍ତର୍ମନରେ ଦେଖିପାରିଲେ ସ୍ୱୟଂ ଶ୍ରୀରାମ, ସ୍ୱୟଂ ଶ୍ରୀକୃଷ୍ଣ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ । ଶ୍ରୀଶ୍ରୀଠାକୁରଙ୍କ ଦେହରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ମଧ୍ୟ ପ୍ରତ୍ୟକ୍ଷ ଦର୍ଶନ କରି ସେ ହେଲେ ଅଭିଭୂତ । ଶ୍ରୀଶ୍ରୀଠାକୁରଙ୍କ ଉଦ୍ଦେଶ୍ୟରେ 'ତ୍ୱଂ ହି ରାମଃ ତ୍ୱଂ ହି କୃଷ୍ଣଃ ତ୍ୱଂ ହି ପ୍ରଭୁ ଶ୍ରୀଚୈତନ୍ୟଃ' ଗାନ କରି ସ୍ତବ କରିବାକୁ ଲାଗିଲେ । ଉପସ୍ଥିତ ସମସ୍ତେ ଅବାକ୍ ହୋଇ ଚାହିଁ ରହିଛନ୍ତି । ଶ୍ରୀଶ୍ରୀଠାକୁର ତାଙ୍କୁ ଏଥିରୁ ନିବୃତ୍ତ କରି ଶାନ୍ତ କରାଇଲେ ।

ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇଛନ୍ତି ସେ । ଦିବ୍ୟାନନ୍ଦର ଲହର ଖେଳିଯାଉଛି ଅନ୍ତଃକରଣର ପ୍ରତିଟି ଅଳିନ୍ଦରେ । ଆନନ୍ଦିତ ମନରେ ଏଥର ସଙ୍ଗୀମାନଙ୍କ ସହିତ ସେ ଏଥର କଲିକତା ଯାତ୍ରା କଲେ । ସତ୍‌ସଙ୍ଗ ଆଶ୍ରମରୁ ଯାତ୍ରାରମ୍ଭ କାଳରେ ଗୋସ୍ୱାମୀ ରାଧିକା ପ୍ରସାଦ ଜୀବନରେ ପୁନଃ ଦୀକ୍ଷା ଗ୍ରହଣ କରିଛନ୍ତି ଏହାକୁ ସ୍ମୃତିମଞ୍ଜୁଳ କରି ରଖିବା ପାଇଁ ସ୍ମୃତି ଚିହ୍ନ ସ୍ୱରୂପ ଶ୍ରୀଚୈତନ୍ୟଚରିତାମୃତ ଗ୍ରନ୍ଥଟିକୁ ତାଙ୍କ ପୂର୍ବ ଶିଷ୍ୟ ସତ୍ୟବାବୁଙ୍କୁ ଓ ଶ୍ରୀମଦ୍‌ଭଗବତ୍‌ଗୀତା ଗ୍ରନ୍ଥଟିକୁ

ଡ଼ାକ୍ତର ସତୀଶଭାଇଙ୍କୁ ଉପହାରସ୍ୱରୂପ ପ୍ରଦାନ କରି ଚାଲିଗଲେ ।

ଉପରୋକ୍ତ ଘଟଣାଟି ଗୋଟେ କାହାଣୀ ନୁହେଁ ବରଂ ପ୍ରକୃତରେ ଘଟିଥିଲା ସେଦିନ ହିମାୟିତପୁରରେ । ଏହିପରି ଅନେକ ଘଟଣା ଘଟିଯାଇଛି । ବିଭିନ୍ନ ମତ, ପନ୍ଥର ମହା ମହା ଗୁରୁମାନେ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କୁ ପୁରୁଷୋତ୍ତମ ରୂପେ ସ୍ୱୀକାର କରିବାକୁ ହୃଦୟର ସହିତ ଆଗେଇ ଆସିଛନ୍ତି । ଅନେକ ଲୋକ ତଥାକଥିତ ଗୁରୁମାନଙ୍କଠାରୁ ଦୀକ୍ଷା ନେଇଥିଲେ ବି ପୁନରାୟ ଜୀବନରେ ପ୍ରକୃତ ଦୀକ୍ଷା ଗ୍ରହଣ କରିଛନ୍ତି ସତ୍‌ସଙ୍ଗରେ । ଏହାଦ୍ୱାରା ଗୁରୁତ୍ୟାଗର ପାତକ ଲାଗିବାର ପ୍ରଶ୍ନହିଁ ଉଠେନା ।

ଜଣେ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାରମ୍ଭ କରେ । ତତ୍ପରେ ମାଧ୍ୟମିକ, ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କ୍ରମାଗତ ବିଦ୍ୟାଧ୍ୟୟନ କରି ମହାବିଦ୍ୟାଳୟ ସ୍ତରକୁ ଯାଏ । ସେଠାରୁ ବିଶ୍ୱବିଦ୍ୟାଳୟକୁ । ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ମାନାଙ୍କ ପ୍ରାପ୍ତ କୌଣସି ଛାତ୍ରକୁ ଯଦି କୁହାଯାଏ, ତୁମେ ଜୀବନରେ ଗୁରୁତ୍ୟାଗ କରିଛ ଏକ ନୁହେଁ ଅନେକଥର, ତେବେ ସେ କହିବ, ମୁଁ ଯଦି ପ୍ରାଥମିକ ଶିକ୍ଷାର ଶିକ୍ଷକଙ୍କଠାରୁ ବିଦ୍ୟାଧ୍ୟୟନ କରିସାରି ମାଧ୍ୟମିକ ସ୍ତରକୁ ଯାଇ ନଥା'ନ୍ତି ପୁନଶ୍ଚ ସେହିପରି ବିଦ୍ୟାଳୟ ସ୍ତରରୁ ମହାବିଦ୍ୟାଳୟ ସ୍ତରକୁ ଏବଂ ଶେଷକୁ ବିଶ୍ୱବିଦ୍ୟାଳୟ ସ୍ତରକୁ ଆସି ନଥା'ନ୍ତି ତେବେ ସର୍ବୋଚ୍ଚ ବିଦ୍ୟାର ଅଧିକାରୀ ହୋଇଥା'ନ୍ତି କିପରି ? ଏଥିରେ ଶିକ୍ଷକତ୍ୟାଗର ପ୍ରଶ୍ନ ଉଠିଲା କେଉଁଠି ? ପ୍ରାଥମିକ ଶିକ୍ଷକ ପ୍ରାଥମିକ ଶିକ୍ଷା ଦେଲା ପରେ ନିଜେହିଁ କହନ୍ତି, ମୋ ପାଖରେ ଯାହା ଥିଲା ଦେଇଦେଲି ଏଥର ତୁମେ ଆଗକୁ ଚାଲ । ଏହାଠାରୁ ଅଧିକ ଶିକ୍ଷା ଲାଭ କର । ସେହିପରି ଆଗେଇ ଆଗେଇ ଆସି ଏଠାରେ ପହଞ୍ଚିଛି । ପ୍ରକୃତ ଶିକ୍ଷକ ଯେ ସେ ସବୁବେଳେ ତା'ର ଛାତ୍ରକୁ ଆଗେଇବା ପାଇଁ ପ୍ରେରଣା ଦିଏ । ଯଦି ସେ ସଙ୍କୀର୍ଣ୍ଣମନା ହୋଇ କେବଳ ତାଙ୍କ ବିଦ୍ୟା ପାଖରେ ଅଟକି ଯିବାକୁ ପ୍ରେରିତ କରନ୍ତି ତେବେ କୌଣସି ଛାତ୍ରର ଉନ୍ନତି କଦାପି ସମ୍ଭବ ହେବନି । ପ୍ରାଥମିକ ଶିକ୍ଷା ପରେ ଆଉ ଆଗକୁ ନ ଯାଇ ପାରି ସେହି ଅଳ୍ପବିଦ୍ୟା ଭୟଙ୍କରୀର ଶିକାର ହୋଇ ରହିବା ସାର ହେବ ଜୀବନସାରା । ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ କରିଥିବା କୌଣସି ଛାତ୍ର ତା'ର ବାଲ୍ୟକାଳରେ ପ୍ରାଥମିକ ଶିକ୍ଷା ଦେଇଥିବା ଶିକ୍ଷକ ପ୍ରତି ତ କେବେ ଅସମ୍ମାନ କରେନା ବା କେବେ କହେନା ଯେ ସେ ମୋର ଶିକ୍ଷକ ନଥିଲେ । ଠିକ୍ ସେହିପରି ଯଦି ଆମେ କୌଳିକ ଗୁରୁ ବା ସାଧାରଣ ତଥାକଥିତ ଗୁରୁଙ୍କଠାରୁ ଦୀକ୍ଷା ନେଇଥାଉ ଆଉ ପରବର୍ତ୍ତୀ କାଳରେ ଅଧିକ ସିଦ୍ଧ ଗୁରୁଙ୍କର ସନ୍ଧାନ ପାଉ ତେବେ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରି ସାଧନମାର୍ଗରେ ଆଗକୁ ଆଗେଇବାର ପ୍ରୟାସକୁ ଏତେ ନିନ୍ଦା କରାଯାଏ କାହିଁକି ? ଆଉ ସ୍ୱୟଂ ପୁରୁଷୋତ୍ତମ ଯେତେବେଳେ ଆବିର୍ଭୂତ ସେତେବେଳେ ତଥାକଥିତ ସମସ୍ତ ଗୁରୁଙ୍କଠାରୁ ଯେତେ ଦୀକ୍ଷା ଗ୍ରହଣ କରିଥିଲେ ବି ସେହି ଇଷ୍ଟ-ପୁରୁଷୋତ୍ତମଙ୍କ ସତ୍‌ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ତାଙ୍କ ଭାବାଦର୍ଶରେ ସତ୍‌ଦୀକ୍ଷିତ ହୋଇ ତାଙ୍କ ଶ୍ରୀଚରଣାଶ୍ରିତ ହେବା ହେଉଛି ପ୍ରତ୍ୟେକଙ୍କ ପାଇଁ ପରମ କର୍ତ୍ତବ୍ୟ ଏବଂ ବିଧେୟ ମଧ୍ୟ । ଏହା ପ୍ରତ୍ୟେକଙ୍କୁ ଅଗ୍ରଗାମୀ କରାଇବ । ସାଧନାର ସର୍ବୋଚ୍ଚ ସ୍ତରରେ ପହଞ୍ଚାଇବ । ନଚେତ୍ ପ୍ରାଥମିକ ଶିକ୍ଷା ସ୍ତରରେ ରହିଯିବା ପରି ଅବସ୍ଥା ପ୍ରାପ୍ତ ହେବ । ସେଇଥିପାଇଁ ତ ଉପନିଷଦରେ ଋଷି କଣ୍ଠରେ ଉଦ୍‌ଘୋଷିତ ହୋଇଛି, ଚରୈବେତି ଚରୈବେତି । ଆଗେଇ ଚାଲ, ଆଗେଇ ଚାଲ ।

ପୁରୁଷୋତ୍ତମଙ୍କୁ ଗୁରୁ ରୂପେ ଗ୍ରହଣ କଲେ କେବେବି ଗୁରୁତ୍ୟାଗ ହୁଏ ନାହିଁ । ବରଂ ପୂର୍ବଗୁରୁଙ୍କର ସାର୍ଥକତା ଲାଭ ହୁଏ । ପ୍ରଥମ ତଥାକଥିତ ଗୁରୁମାନେ ସାର୍ଥକ ହୁଅନ୍ତି ଏବଂ ଗୌରବାନ୍ୱିତ ହୁଅନ୍ତି ଯେ ସେମାନଙ୍କ ଶିଷ୍ୟ ଆଜି ପୁରୁଷୋତ୍ତମଙ୍କୁ ଗୁରୁ ରୂପେ ଲାଭ କରି ଧନ୍ୟ ହୋଇଉଠିଛନ୍ତି ।

ପୁରୁଷୋତ୍ତମ ଆସନ୍ତି ଯେବେ
ସର୍ବ ଗୁରୁଙ୍କରହିଁ ସାର୍ଥକତା,
ଧରିଲେ ତାଙ୍କୁ ଆସେନା କିନ୍ତୁ
ଗୁରୁତ୍ୟାଗର ଘୃଣ୍ୟ କଥା । ୩୯ ।
ପୁରୁଷୋତ୍ତମ ସଭିଙ୍କ ଗୁରୁ
ସଭିଙ୍କ ଧାତା ପୂର୍ଯ୍ୟମାଣ,
ଧୃତିଚର୍ଯ୍ୟୀ ସଭିଙ୍କ ସିଏ
ଭଜନମୂର୍ତ୍ତ ଭଗବାନ୍ । ୪୦ ।*(ଅନୁଶ୍ରୁତି/୨ୟଖଣ୍ଡ)*

### *ଶୋକ ସମ୍ବାଦ*



ସହ-ପ୍ରତି-ଋତ୍ୱିକ୍ ଶ୍ରୀନିରୋଜ କୁମାର ମିତ୍ର ଗତ ତା୧୧।୧୧।୨୦୧୩ରିଖ ରାତି ୩ଟା ୪୫ମିଃରେ ସଜ୍ଞାନେ ୭୨ବର୍ଷ ବୟସରେ ସେ ଇହଲୀଳା ସମ୍ବରଣ କରନ୍ତି । ୧୯୭୩ମସିହାରେ ସେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଆଶ୍ରିତ ହୁଅନ୍ତି । ୧୯୭୮ମସିହାରେ ଶ୍ରୀଶ୍ରୀଠାକୁରଙ୍କ ପବିତ୍ର ସହ-ପ୍ରତି-ଋତ୍ୱିକ୍‌ର ପାଞ୍ଜା ଆଶୀର୍ବାଦପ୍ରାପ୍ତ ହୁଅନ୍ତି । ଓଡ଼ିଶା ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ବିଭାଗରେ ମୁଖ୍ୟଯନ୍ତ୍ରୀଭାବେ କାର୍ଯ୍ୟ କରି ସେ ଅବସର ଗ୍ରହଣ କରନ୍ତି । ବ୍ରହ୍ମପୁର, ରାଉରକେଲା ଏବଂ ଭୁବନେଶ୍ୱର ଅଞ୍ଚଳରେ ସତ୍‌ସଙ୍ଗ ଭାବାଦର୍ଶ ପ୍ରଚାର-ପ୍ରସାର ଓ ସାଙ୍ଗଠନିକ କାର୍ଯ୍ୟରେ ତାଙ୍କର ବିଶେଷ ଭୂମିକା ଥିଲା । ସେ ଜଣେ ସରଳ, ମିଷ୍ଟଭାଷୀ ଓ ନିଷ୍ପାପର କର୍ମୀ ଥିଲେ । ସେ ପାଞ୍ଚକନ୍ୟା ଓ ଜ୍ୱାଇଁ ତଥା ସାତଟି ନାତିନାତୁଣୀ ରଖି ଯାଆନ୍ତି । ତାଙ୍କ ବିୟୋଗରେ ସତ୍‌ସଙ୍ଗ ଜଣେ ଅମାୟିକ ଇଷ୍ଟନିଷ୍ଠ କର୍ମୀଙ୍କୁ ହରାଇଲା । ସେ ତାଙ୍କ ସାଧନୋଚିତ ଲୋକ ପ୍ରାପ୍ତ ହୁଅନ୍ତୁ- ଏହାହିଁ ପରମପିତାଙ୍କ ରାତୁଳ ଚରଣରେ ଏକାନ୍ତ ପ୍ରାର୍ଥନା ।

# ଭାରତୀୟ ସଭ୍ୟତାର ଧାରା ଓ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର

● ଶ୍ରୀସୁଶୀଲ ଚନ୍ଦ୍ର ବସୁ

ଭାରତବର୍ଷ ଚିରଦିନହିଁ ମହାମାନବତାର ତୀର୍ଥଭୂମି । ବହୁମୁଖୀ ସାଧନା ଧାରାର ଏକମୁଖୀ ସମନ୍ୱୟ ଏହି ଭାରତରେହିଁ ବାରମ୍ବାର ଅନୁଷ୍ଠିତ ହୋଇଛି । ପୃଥିବୀର ଇତିହାସରେ ବିଭିନ୍ନ ସଭ୍ୟତାର ଅଭ୍ୟୁଦୟ ଓ ପତନ ସଂଘଟିତ ହୋଇଛି ଅଥଚ ଭାରତୀୟ ସଭ୍ୟତା ଆଜିବି ଅବ୍ୟାହତ ଭାବେ ନିଜର ଅସ୍ତିତ୍ୱ ବଜାୟ ରଖିଛି– ପୃଥିବୀର ଇତିହାସରେ ଏହା ପରମ ବିସ୍ମୟକର ।

ମନୀଷିଗଣ କହିଥାଆନ୍ତି ଯେ ପୃଥିବୀର ଇତିହାସରେ ଏତାବତ୍‌କାଳ ପର୍ଯ୍ୟନ୍ତ ଊଣେଇଶଟି ସଭ୍ୟତାର ଆବିର୍ଭାବ ଓ ତିରୋଭାବ ଘଟିଛି । ଏହା ତରଙ୍ଗ ନ୍ୟାୟରେ ଓହ୍ଲାଇ ଆସି ବିଲୀନ ହୋଇ ଯାଇଛି ଆଉ ଭାରତୀୟ ସଭ୍ୟତା ତରଙ୍ଗ ନ୍ୟାୟରେ ଉତ୍ଥାନ ଓ ପତନଶୀଳ ନ ହୋଇ ନଦୀ ନ୍ୟାୟରେ ଅବ୍ୟାହତ ଗତିଧାରା ପ୍ରାପ୍ତ ହୋଇଛି । ସମୟେ ସମୟେ ନାନା ବିପର୍ଯ୍ୟୟ ହେତୁ ଏହି ସଭ୍ୟତା ନଦୀ ନ୍ୟାୟରେ ତାହାର ଗତିପଥ ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଛି ସତ କିନ୍ତୁ ତାହାର ଗତିଧାରା ଅବିରାମ ପ୍ରବାହରେ ଚାଲିଛି ଆନନ୍ଦ କଳରୋଳରେ ଅନନ୍ତ ସାଗର ଆଡ଼େ ।

ଗତ ଦୁଇଶତ ବର୍ଷରାବଧି ଭାରତର ପ୍ରାକୃତିକ ସମ୍ପଦ ଓ ମଣିଷର ଶ୍ରମ ସମ୍ପଦ ବିଦେଶୀ ରାଷ୍ଟ୍ରର ଐଶ୍ୱର୍ଯ୍ୟ ଓ ଶକ୍ତି ବୃଦ୍ଧିର କାର୍ଯ୍ୟରେ ନିୟୋଜିତ ହୋଇଛି; ସର୍ବୋପରି ବିଜୟୀ ଜାତିର ବାହାରର ଚାକଚକ୍ୟମୟ ସଭ୍ୟତା ଓ ଶିକ୍ଷାର ମୋହରେ ଆମମାନଙ୍କର ପ୍ରାଚୀନ ଐତିହ୍ୟରେ ଯାହା କିଛି ସଭ୍ୟତା, ସଂସ୍କୃତି, ସାମାଜିକ ବ୍ୟବସ୍ଥା– ସବୁହିଁ ଭ୍ରମ ପ୍ରମାଦପୂର୍ଣ୍ଣ ବୋଲି ଆମେମାନେ ଭାବିବାକୁ ଅଭ୍ୟସ୍ତ ହୋଇଥିଲୁ । ଯେତେବେଳେ ସେଇ ପାଶ୍ଚାତ୍ୟ ଶିକ୍ଷାର ମୋହାବରଣ ଅପସୃତ ହୋଇ ଜାତି ପୁଣି ଆତ୍ମ-ସମ୍ବିତ୍ ଓ ଆତ୍ମଚେତନାରେ ସଜାଗ ହୋଇ ଉଠିଥିଲା ଠିକ୍ ସେଇ ସମୟରେ ପୁଣି ବିଦେଶର ଉପକୂଳରୁ ଏକ ନବତନ୍ତ୍ରର ପ୍ରଚଣ୍ଡ ଜଳୋଚ୍ଛ୍ୱାସ ଉତ୍ଥିତ ହୋଇ ବିଭିନ୍ନ ଦେଶ ପ୍ଲାବିତ କରି ଭାରତର ଉପକୂଳରେ ଆଘାତ ଦେଇଛି; ସେମାନେ ପ୍ରମାଣ କରିବାକୁ ଚାହିଁଛନ୍ତି ଭାରତର ଉପଲବ୍ଧ ଶାଶ୍ୱତ ସତ୍ୟ ମିଥ୍ୟା, ତା'ର ସାଧନାର ଅନୁଭୂତି ଭ୍ରାନ୍ତ । ସାହିତ୍ୟରେ, ଶିଳ୍ପରେ ସେମାନେ ସଞ୍ଚାରିତ କରିବାକୁ ଚାହିଁଛନ୍ତି, ନାସ୍ତିକ୍ୟ ବୁଦ୍ଧି, ଉଗ୍ର ହିଂସାବାଦର କାର୍ଯ୍ୟ ପ୍ରବୃତ୍ତି । ସତ୍ୟ ଶିବ ସୁନ୍ଦରର ଆଶ୍ରୟ ସାହିତ୍ୟକୁ ସେମାନେ ସେମାନଙ୍କର ମତବାଦ ପ୍ରଚାରର ଆୟୁଧରୂପେ ବ୍ୟବହାର କରିଛନ୍ତି । ବାସ୍ତବତାର ସହିତ ସମ୍ପର୍କଶୂନ୍ୟ ଶ୍ରେଣୀହୀନ, ବର୍ଣ୍ଣ ବୈଷମ୍ୟହୀନ ସମାଜ ଗଢ଼ି ତୋଳିବାର କଳ୍ପନାରେ । ସେମାନେ ସାମ୍ୟବାଦ ପ୍ରଚାର କରି ରୂପରେ ଓ ବ୍ୟବହାରରେ ବଳପୂର୍ବକ ସାମ୍ୟ ଆଣିବାକୁ ଚାହାଁନ୍ତି; ସେମାନେ ଏ କଥା ଭୁଲି ଯାଇଛନ୍ତି ଯେ ସାମ୍ୟ ବିକାଶର ମୂଳରେ, ବିକାଶର ସମ୍ଭାରରେ ନୁହେଁ– ବିକାଶର ଭିତରେ ସାମ୍ୟ କୋଉଠିବି ଦେଖିବାକୁ ମିଳେନା, ବିକାଶର କୋଉଠିବି ସାମ୍ୟ ଖୋଜି ବାହାର କରିବା ସ୍ରଷ୍ଟାଙ୍କରବି ଅସାଧ୍ୟ । ଜଗତର ମୂଳ ରହସ୍ୟରେ ପହଞ୍ଚି ପାରିଲେହିଁ ସାମ୍ୟର ସନ୍ଧାନ ମିଳିଯାଏ– ସେତେବେଳେ ଖଣ୍ଡ ମଧ୍ୟରେ ଅଖଣ୍ଡ, ବହୁ ମଧ୍ୟରେ ଐକ୍ୟର ସନ୍ଧାନ ମିଳେ । ଭାରତୀୟ ଋଷିଗଣଙ୍କର ଏହି ଉପଲବ୍ଧ ଶାଶ୍ୱତ ସତ୍ୟକୁ ସେମାନେ ଅସ୍ୱୀକାର କରିଛନ୍ତି, ଭ୍ରାନ୍ତ ବୋଲି ପ୍ରମାଣ କରିବାକୁ ଚାହିଁଛନ୍ତି ।

ଭାରତୀୟ ସଭ୍ୟତା, ସଂସ୍କୃତି ଓ ଭାବଧାରା ଉପରେ ବୈଦେଶିକ ଆକ୍ରମଣ ବହୁତଥର ଘଟିଛି ଏବଂ ମଝିରେ ମଝିରେ ତାହା ଭୟାବହ ରୂପବି ଗ୍ରହଣ କରିଛି ଏବଂ ଅନେକ ବିଭ୍ରାନ୍ତି ଓ ବିଡ଼ମ୍ବନାରବି ସୃଷ୍ଟି କରିଛି ସତ କିନ୍ତୁ ଭାରତର ସାଂସ୍କୃତିକ ଜୀବନର ଏହିପରି ସଙ୍କଟର ମୂହୂର୍ତ୍ତରେ, ଏହାକୁ ବହିରାକ୍ରମଣରୁ ରକ୍ଷା କରିବା ପାଇଁ ବିଧାତାର ଆଶୀର୍ବାଦରୂପେ ଏହି ପବିତ୍ର ଭାରତଭୂମିରେ ଆବିର୍ଭୂତ ହୋଇଛନ୍ତି ଏପରି ଜଣେ ମହାମାନବ, ଯିଏ ବିଭ୍ରାନ୍ତିକର ରୁଚି ଓ ଚିନ୍ତାରୀତିକୁ ପରାଭୂତ କରି ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ ଅନ୍ଧ ପରାଣୁକରଣର ମୋହଠାରୁ ରକ୍ଷା କରି ଏହାର ପ୍ରାଣଧାରାକୁ ଅକ୍ଷୁଣ୍ଣ ରଖିଛନ୍ତି ଏବଂ ଏଥିରେ ଗତି ସଞ୍ଚାର କରି ନବବଳେ ଉଜ୍ଜୀବିତ କରାଇଛନ୍ତି । ପ୍ରତିଥରହିଁ ଏହି ଧାରା ଅତୀତ ଐତିହ୍ୟ ଓ ସମ୍ପଦରହିଁ ପୁନରାବର୍ତ୍ତନ ମାତ୍ରେହିଁ ପର୍ଯ୍ୟବସିତ ହୋଇ ନାହିଁ– କେବଳ ପୁରାତନରହିଁ ବାହକ ମାତ୍ରେହିଁ ହୋଇନାହିଁ– ଏହା ହୋଇଛି ପୁରାତନ ସହିତ ନୂତନର ସମନ୍ୱୟର ଧାରା, ନୂତନ ସୃଷ୍ଟିର ଧାରା । ଆଜି ଭାରତର ଅତୀତ ସଂସ୍କୃତିକୁ ନୂତନ ଦୃଷ୍ଟିଭଙ୍ଗୀରେ ବାଖ୍ୟା କରି ଯୁଗ ଓ ଜୀବନର ଉପଯୋଗୀ କରି ତୋଳିବା ପାଇଁ ଓ ପ୍ରଗତିଶୀଳ ଜଗତର ଜ୍ଞାନ ବିଜ୍ଞାନର ସଙ୍ଗେ ଯୋଗସୂତ୍ର ସ୍ଥାପନ ଓ ସାମଞ୍ଜସ୍ୟ ବିଧାନର ପ୍ରୟୋଜନ ବିଶେଷଭାବେ ଅନୁଭୂତ ହୋଇଛି । ''ରେଶମ କୀଟ ଯେପରି କୀଟର ଅବସ୍ଥା ତ୍ୟାଗ କରି କିଛିଦିନ ପାଇଁ ଗୁଟି ମଧ୍ୟରେ ଆଶ୍ରୟ ଗ୍ରହଣ କରେ ଏବଂ ପରେ ନୂତନ

ଆକୃତି ଗ୍ରହଣ କରି ରୂପର ପସରା ନେଇ ପ୍ରଜାପତି ରୂପେ ଆତ୍ମପ୍ରକାଶ କରେ— ଭାରତୀୟ ସମାଜ ସଂସ୍କୃତି ଓ ସଭ୍ୟତାର ଧାରା ଅନେକଟା ସେହିପରିହିଁ ।''

ଯୁଗ ପରେ ଯୁଗ, ଶତାବ୍ଦୀ ପରେ ଶତାବ୍ଦୀ ଧରି ମହତର ଏହି ଆବିର୍ଭାବ ଲୀଳା ଭାରତ ଭୂମିରେ ବାରମ୍ବାର ଅନୁଷ୍ଠିତ ହୋଇଛି— ତେଣୁ ଏହି ଭାରତ ମହାମାନବତାର ତୀର୍ଥଭୂମି ।

ଏକ ଶତାବ୍ଦୀ ପୂର୍ବେ ଭାରତୀୟ ଜୀବନର ଆଉ ଏକ ସଙ୍କଟର ମୁହୂର୍ତ୍ତରେ ଯେତେବେଳେ ବିଭିନ୍ନ ଧର୍ମ ମଧ୍ୟରେ ବିରୋଧ ଦେଖା ଦେଇଥିଲା ପ୍ରବଳ ମତରୂପେ— ସେତେବେଳେ ତାହାର ସମନ୍ୱୟ ସାଧନ କରିବା ପାଇଁ ଆବିର୍ଭୂତ ହୋଇଥିଲେ ମହାମାନବ ରାମକୃଷ୍ଣ— ସମନ୍ୱୟାଚାର୍ଯ୍ୟ ରୂପେ ।

ଆଜି ଯେ ପ୍ରବଳ ତରଙ୍ଗାଭିଘାତ ଭାରତର ପଞ୍ଜରାସ୍ଥିରେ ବାରମ୍ବାର ଆଘାତ କରି ଏହାର ସଭ୍ୟତା, ସଂସ୍କୃତି, ସମାଜ ସାହିତ୍ୟ ଓ ଶିଳ୍ପକୁ ବିକୃତ, ବିଭ୍ରାନ୍ତ ଓ ବିଷାକ୍ତ କରିବାକୁ ଉଦ୍ୟତ ହୋଇଛି, ଦେଶକୁ, ଜାତିକୁ ତାହାର ଐତିହ୍ୟ ସମ୍ପର୍କରେ ସଜାଗ ବା ସଚେତନ କରିତୋଳି ତାହାକୁ ବର୍ତ୍ତମାନ ସଙ୍କଟରୁ ରକ୍ଷା କରି ମହତ୍ତର ଭବିଷ୍ୟତ ପଥରେ ଉନ୍ନୀତ କରିବା ପାଇଁ ନୂତନ ମହାଭାରତର ଆଗମନୀ ରଚନା କରିବା ପାଇଁ ଆଜି ପୁଣି ଉଦାତ୍ତ କଣ୍ଠରେ ମହାମାନବଙ୍କର ଅମୋଘ ନିର୍ଘୋଷର ପ୍ରୟୋଜନ ବିଶେଷଭାବେ ଅନୁଭୂତ ହୋଇଛି ।

ଯୁଗଯୁଗାନ୍ତର ତିମିରାବରଣ ବିଦୀର୍ଣ୍ଣ କରି ଉଦୟାଚଳର ଅରୁଣଚ୍ଛଟା ଭଳି ତାଙ୍କ ଆଲୋକର ପ୍ରକାଶ ଦେଖା ଯାଇଛି; ଆମେମାନେ ଯେପରି ଆମମାନଙ୍କର ମନର ରୁଦ୍ଧ ବାତାୟନଗୁଡ଼ିକ ତାଙ୍କ ସମ୍ମୁଖରେ ଅସଙ୍କୋଚରେ ଉନ୍ମୁକ୍ତ କରି ଦେଇପାରୁ, ଆମମାନଙ୍କର ସମସ୍ତ ଅନ୍ତଃକରଣକୁ ରକ୍ତୁ ଓ ମୁକ୍ତ କରି ତାଙ୍କରିହିଁ ଅଭିମୁଖେ ଏକାଗ୍ର କରି ରଖିପାରୁ— ଯେଉଁଥିରେ ଆମମାନଙ୍କର ମନାଲୋକ ତାଙ୍କ ଆଲୋକ ଧାରାରେ ପ୍ଲାବିତ ହୋଇପାରେ । ଜାତିର ଅନ୍ତରାଲୋକେ ମହାନ ବୈପ୍ଳବିକ ଭାବ ରାଜ୍ୟର ପ୍ରତିଷ୍ଠା ପାଇଁ ତା'ର ଆଗମନ, କାରଣ ଜାତିର ଅନ୍ତରରେ ଯେଉଁ ଭାବ ସଞ୍ଚାରିତ ଓ ପ୍ରବାହିତ ହୁଏ ତାହାହିଁ ତାହାର ବାହାରର ଜୀବନରେ— ନର୍ମେ କର୍ମେ ଅଭିବ୍ୟକ୍ତ ଲାଭ କରେ । ଦୁର୍ବଳ ଦ୍ୱିଧାଗ୍ରସ୍ତ ସଂଶୟାତୁର ମାନବ ସହଜରେ ଦୀର୍ଘଦିନର ଗତାନୁଗତିକ ସଂସ୍କାରର ଆବର୍ଜ୍ଜନାର ସ୍ତୂପ ଅପସାରିତ କରି ତାଙ୍କର ବୈପ୍ଳବିକ ଭାବଧାରା ଗ୍ରହଣ କରିପାରେନା, ମୃତ ଲୋକାଚାରର ପୂଜାରେ ଅଭ୍ୟସ୍ତ ଜାତି ଜୀବନ୍ତ ଆଦର୍ଶକୁ ଗ୍ରହଣ କରିବାକୁ ଭୀତ ହୁଏ— ତେଣୁ ମହାମାନବଗଣ ସେମାନଙ୍କର ସମସାମୟିକ ବ୍ୟକ୍ତିଗଣ ଦ୍ୱାରା ପ୍ରତ୍ୟାଖ୍ୟାତ ହୁଅନ୍ତି । ଜଗତର ଇତିହାସ ପୃଷ୍ଠାରେ ଏହିପରି ଟ୍ରାଜେଡ଼ି ଲିପିବଦ୍ଧ ଅଛି । ଅତୀତର ତିକ୍ତ ଅଭିଜ୍ଞତା ଯେପରି ଆମମାନଙ୍କର ଦୃଷ୍ଟିକୁ ତୀବ୍ର ଓ ତୀକ୍ଷ୍ଣ କରିତୋଳେ । ଅତୀତ ଇତିହାସର ପୁନରାଭିନୟ ଜାତୀୟ ଜୀବନର, ଜାତୀୟ ଉନ୍ନୟନର ପରିପନ୍ଥୀ— ଏହା ସ୍ମରଣରେ ରଖି ଆମେମାନେ ଯେପରି ଯୁଗ-ମାନବଙ୍କୁ ପରମ ଶ୍ରଦ୍ଧାଭରେ ଗ୍ରହଣ କରି କହିପାରୁ— ହେ ମହାମାନବ, ହେ ମହାଶକ୍ତିର ପ୍ରକାଶ, ତୁମେ ଆମମାନଙ୍କର ମୋହାନ୍ଧକାର ଘୁଞ୍ଚେଇ ଦିଅ, ପରାଣୁକରଣ, ଦାସସୁଲଭ ଦୁର୍ବଳତାରୁ ଆମମାନଙ୍କୁ ରକ୍ଷା କର, କ୍ଷୁଦ୍ରତା, ତୁଚ୍ଛ ଗଣ୍ଡୀର ବନ୍ଧନ, ସ୍ୱାର୍ଥାନ୍ୱେଷଣର କଦର୍ଯ୍ୟ ଚେଷ୍ଟାରୁ ଆମମାନଙ୍କୁ ଦୂରକୁ ଦୂରେଇ ନେଇଯାଅ; ଯେଉଁଠାରେ ମହାମାନବଙ୍କର ପତାକାବାହୀ ଋତ୍ୱିକଗଣ ବହୁ ଲାଞ୍ଛନା ଓ ନିର୍ଯ୍ୟାତନ ସହ୍ୟ କରିବି କଠିନ କର୍ମଭୂମିରେ ଦଣ୍ଡାୟମାନ— ସେଇଠାରେ ସେମାନଙ୍କ ସହିତ ମିଳିତ ହୋଇ ଆମେମାନେ ଯେପରି ତୁମର ମହାଯୁଗଚକ୍ର ପ୍ରବର୍ତ୍ତନର ସହାୟତା କରିପାରୁ ।

ଯୁଗ ମାନବ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ କଥାହିଁ ଆଜି କହୁଛି । ସୁବିଶାଳ ପଦ୍ମାନଦୀର ତୀରବର୍ତ୍ତୀ ପାବନା ଜିଲ୍ଲାର ହିମାଇତପୁର ଗ୍ରାମରେ ତାଙ୍କର ଜନ୍ମ ହୁଏ । ଗ୍ରାମଟି କ୍ଷୁଦ୍ର ଅଟେ କିନ୍ତୁ ପ୍ରକୃତି ଦେବୀଙ୍କ ଅଫୁରନ୍ତ ଦାନରେ ସମୃଦ୍ଧ— ଗ୍ରାମଟିର ସମ୍ମୁଖରେ ଦିଗନ୍ତ ବିସ୍ତୃତ ପଦ୍ମାନଦୀ ଆଉ ତା'ର ବିଶାଳ ପ୍ରାନ୍ତର,— ଦୂରରେ ଅତି ଦୂରରେ ବନରାଜି, 'ଧାରା ନିବନ୍ଧର କଳଙ୍କ ରେଖା'ର ନ୍ୟାୟରେ ଦୃଷ୍ଟ ହୁଏ । ଶ୍ୟାମାୟମାନ ଲତାକୁଞ୍ଜାଦିରେ ଗ୍ରାମଟି ପରିବେଷ୍ଟିତ । ପ୍ରକୃତିର ଏହି ରମ୍ୟନିକେତନ ପ୍ରକୃତିର କ୍ରୋଡ଼ରେହିଁ ତାଙ୍କର ବାଲ୍ୟକାଳ ଅତିବାହିତ ହୁଏ । ତାଙ୍କର ନିଜରକରା ବ୍ୟବହାର ଓ ପ୍ରତ୍ୟେକର ଦୁଃଖ ନିଜର ଦୁଃଖ ବୋଲି ଅନୁଭବ କରି ତାହା ଅପନୋଦନ ପାଇଁ ପ୍ରାଣପଣ ଚେଷ୍ଟା ଓ ଅସାଧାରଣ ମାତୃଭକ୍ତି ଥିଲା ତାଙ୍କର ବାଲ୍ୟ ଚରିତ୍ରର ବିଶେଷ ବୈଶିଷ୍ଟ୍ୟ ।

ବୟସ ସଙ୍ଗେ ସଙ୍ଗେ ଜୀବନର ବିଚିତ୍ର ଅନୁଭୂତିର ପ୍ରେରଣାରେ ସିଏ ନିଜକୁ ପ୍ରକାଶ କରିଲେ ଶତଦଳ ପୁଷ୍ପ ଭଳି ଅଫୁରନ୍ତ ଭାବେ ସ୍ତରେ ସ୍ତରେ, ସ୍ତବକେ ସ୍ତବକେ; ବର୍ଣ୍ଣେ ଗନ୍ଧେ, ରୂପେ ରାଗେ । ଲୀଳା ସହଚରମାନଙ୍କର ସିଏ ଥିଲେ ପ୍ରାଣ ପ୍ରିୟ 'ରାଜା ଭାଇ'; ଦରିଦ୍ର ଗ୍ରାମବାସୀମାନଙ୍କର ସିଏ ଥିଲେ ପରମ ଦରଦୀ ବନ୍ଧୁ; ଗ୍ରାମର ମା'ମାନଙ୍କର ସିଏ ଥିଲେ ସ୍ୱପ୍ନ ଓ ସାଧନାର ଧନ; ବୟୋବୃଦ୍ଧମାନଙ୍କର ସିଏ ଥିଲେ ପରମ ସ୍ନେହର ପାତ୍ର ।

ଯୌବନର ଉଚ୍ଛଳ ଆବେଗରେ ସମସ୍ତଙ୍କ ସେବାରେ ନିଜକୁ ବିଛାଡ଼ି ଦେଲେ ଅକୃପଣ ଭାବେ— କେବଳ ଦେହ-ରୋଗର ସେବା ନୁହେଁ ମନୋରୋଗରବି ସେବାରେ ଏବଂ ପ୍ରତିକାରେ ଉଦ୍ଦାମ ହୋଇ ଉଠିଲେ । କେତେ ଦୁର୍ବୃତ୍ତ, ତସ୍କର, ଉଚ୍ଛୃଙ୍ଖଳ ଯୁବକ ତାହାକୁ ଦରଦୀ ନିଜର ଲୋକ ରୂପେ ପାଇ ସୁଧାରି ନେଲେ ନିଜକୁ ।

ଅବଶେଷରେ ସମସ୍ତଙ୍କୁ ସୁସଂହତ ଓ ପରିଶୁଦ୍ଧ କରିବା ମାନସରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନ୍ୟାୟରେ କୀର୍ତ୍ତନ ସାଗରରେ ଝାମ୍ପ ଦେଲେ, ଅହର୍ନିଶି କୀର୍ତ୍ତନାନନ୍ଦର ତୁମୁଳ ବନ୍ୟା ପ୍ରବାହିତ କରାଇଲେ । କୀର୍ତ୍ତନ ସମୟରେ ତାଙ୍କର ବଦନ ମଣ୍ଡଳରେ ଅପୂର୍ବ ବିଭାର ପ୍ରକାଶ ଦେଖା ଯାଉଥିଲା ଏବଂ ଭାବାବେଗର ଗଭୀର ଉନ୍ମାଦନାର ମୋହନ ଭଙ୍ଗିମାରେ ପ୍ରେମାନନ୍ଦରେ ଦୁଇ ବାହୁ ଉଠାଇ ଅପରୂପ ନୃତ୍ୟ ପ୍ରତ୍ୟେକଙ୍କ ପ୍ରାଣରେ ଅପରୂପ ଶିହରଣ ଜଗାଇ ତୋଳୁଥିଲା । ମଣିଷ ତ ଦୂରର କଥା— ଇତର ପ୍ରାଣୀ କୁକୁର ବିରାଡ଼ି ପର୍ଯ୍ୟନ୍ତ ଅଦ୍ଭୁତ ଉନ୍ମାଦନାରେ ଉନ୍ମତ୍ତ ହୋଇ ସେଇ କୀର୍ତ୍ତନରେ ଯୋଗ ଦେଉଥିଲେ, ଗାଭୀଗଣ ହମ୍ବାସ୍ୱରରେ କୀର୍ତ୍ତନର ଚତୁର୍ପାର୍ଶ୍ୱରେ ଧାଇଁ ବୁଲୁଥିଲେ । ସେ କୀର୍ତ୍ତନର ଉଦ୍ଦାମ ଆବେଗ ଓ ଉଚ୍ଛ୍ୱାସ ଯିଏ ଦେଖି ନାହିଁ ତାହାକୁ ଏହା ବୁଝାଇବାର ଚେଷ୍ଟା କରିବା ବୃଥା । ଶ୍ରୀମାନ୍ ମହାପ୍ରଭୁଙ୍କ ଅପୂର୍ବ କୀର୍ତ୍ତନର ବିବରଣ ପାଠ କରିଥିଲି— କିନ୍ତୁ ଠିକ୍ ଠିକ୍ ବିଶ୍ୱାସ ସ୍ଥାପନ କରିପାରି ନାହିଁ, ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ କୀର୍ତ୍ତନର ଅପରୂପ ଭାବ ବିଭଙ୍ଗ ଦେଖି ସେଇ ଅବିଶ୍ୱାସ, ସେଇ ସନ୍ଦେହର ଭାବ ବିଦୂରିତ ହେଲା ।

ସିଏ ଯେତେବେଳେ କୀର୍ତ୍ତନାନନ୍ଦରେ ରାତିଦିନ ମତୁଆରା ସେତେବେଳେ କେବେକେବେବି ଭାବାବେଶରେ କୀର୍ତ୍ତନ କରି କରି ମାଟିରେ ଟଳି ପଡୁଥିଲେ, ଶବ ନ୍ୟାୟରେ ତାଙ୍କର ଦିବ୍ୟ ଦେହଟି ଭୂମିରେ ପଡ଼ି ରହୁଥିଲା— ଏହି ସମୟରେ ତାଙ୍କର ଦକ୍ଷିଣ ପଦର ବୃଦ୍ଧାଙ୍ଗୁଳି ଧୀରେ ଧୀରେ କମ୍ପିତ ହେଉଥିଲା— ଏହା ସ୍ତବ୍ଧ ହୋଇ ଯିବା ସଙ୍ଗେ ସଙ୍ଗେ ହିଁ ତାଙ୍କର ବାହ୍ୟଜ୍ଞାନ ଲୁପ୍ତ ହେଉଥିଲା । ଏହି ଅବସ୍ଥାରେ ବିଶ୍ୱରହସ୍ୟର ଗଭୀର ତତ୍ତ୍ୱପୂର୍ଣ୍ଣ ବାଣୀସମୂହ ତାଙ୍କ ଶ୍ରୀମୁଖରେ ଉଚ୍ଚାରିତ ହେଉଥିଲା । ଭଗବାନ ଶ୍ରୀରାମକୃଷ୍ଣଙ୍କ ଭାବସମାଧିର କଥା ପାଠ କରିଛି— ସିଏ ସେଇ ଅବସ୍ଥାରୁ ଓହ୍ଲାଇ ଆସି କଥା କହୁଥିଲେ, କିନ୍ତୁ ଭାବ ସମାଧିରେ ସ୍ଥିତ ହୋଇ ଗଭୀର ତତ୍ତ୍ୱପୂର୍ଣ୍ଣ ବାକ୍ୟସମୂହ ଅବିରାମଭାବେ କହି ଯିବାର ଇତିହାସ କୋଉଠିବି ମିଳେନା ।

ଯେତେବେଳେ ସିଏ କୀର୍ତ୍ତନାନନ୍ଦରେ ବିଭୋର ଏବଂ ତାଙ୍କର ଘନଘନ ଭାବ ସମାଧି ହୋଇଛି ସେତେବେଳକାର ଏକ ଶୁଭ ଅପରାହ୍ଣରେ ତାଙ୍କ ସହିତ ମୋର ପ୍ରଥମ ସାକ୍ଷାତ୍ ଓ ପରିଚୟ ହୁଏ । ଏହା ପୂର୍ବେ ତାଙ୍କ କଥା ଆଉ କାହାରିବି ନିକଟରୁ ଶୁଣିନି । ନଦୀୟା ଜିଲ୍ଲାର କୁଷ୍ଟିୟା ସହରରେ ମୋର ଜଣେ ନିକଟ ଆତ୍ମୀୟଙ୍କ ସହିତ ଦେଖା କରିବାକୁ ଯାଇ ତାଙ୍କ ସହିତ ମୋର ସାକ୍ଷାତ୍ ହୁଏ, ସେତେବେଳେ ମୁଁ ଜାଣିନଥିଲି ଯେ ସିଏହିଁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର । ପ୍ରଥମ ସାକ୍ଷାତରେ କେଜାଣି କାହିଁକି ତାଙ୍କୁ ଚିର ପରିଚିତ ନିଜର ଲୋକ ବୋଲି ମନେହେଲା । ପ୍ରଥମ ପରିଚୟ ପରେ ଯେତେବେଳେ ସିଏ ମତେ ପଚାରିଲେ, ''ମତେ କିପରି ଲାଗେ ଦାଦା ?'' ସେତେବେଳେ ମୁହୂର୍ତ୍ତମାତ୍ର ଚିନ୍ତା ନ କରି ସହଜ ସରଳ ଭାବେ କହିପକାଇଲି, ''ଆପଣଙ୍କ ସହିତ ଏହି ଯେ ମୋର ପ୍ରଥମ ପରିଚୟ ତାହା ଯେପରି ମନେ ହେଉନି— କାହିଁକି କେଜାଣି ମନେ ହେଉଛି ଆପଣଙ୍କ ସହିତ ମୋର ବହୁଦିନର ପରିଚୟ, ଆପଣ ମୋର ଅନ୍ତରଙ୍ଗବନ୍ଧୁ''— ସେତେବେଳେବି ବୁଝିପାରିନି କାହା ସହିତ ଏପରି ବାକ୍-ଚାପଲ୍ୟ କରିଛି । ସେଇ ଅବଧି ତାଙ୍କ ସଙ୍ଗେ ରହି ତାଙ୍କ ମଧ୍ୟରେ ସତ୍ୟ, ଶିବ, ସୁନ୍ଦରର ପରମ ପ୍ରକାଶ ଦେଖି ବିସ୍ମୟରେ ଆବିଷ୍ଟ ହୋଇଛି ।

ଯେଉଁଦିନ ତାଙ୍କର ପ୍ରଥମ ସାକ୍ଷାତ୍‌କାର ଲାଭ କରେ ସେଦିନ କେତେ କଥାହିଁ ଯେ ଆଲୋଚନା କରିଲି ତା'ର ଇୟତ୍ତା ନାହିଁ । ସେଦିନ ସନ୍ଧ୍ୟାର ପ୍ରାକ୍‌କାଳଠାରୁ ପ୍ରଭାତ ହେବାର ପୂର୍ବ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କ ସହିତ ନାନା ପ୍ରସଙ୍ଗର ଆଲୋଚନା ହେଲା । ତାହା ବର୍ଣ୍ଣନା କରିବାର ଏ ସ୍ଥାନ ନୁହେଁ । ସେଦିନକାର ଗୋଟେ କଥା ବିଶେଷ କରି ମନେ ପଡୁଛି । ତାଙ୍କୁ କହିଲି ଯେ ଇଂରାଜୀ କବି Lord Tennyson ଗୋଟେ କବିତାରେ କହିଛନ୍ତି—

I mark Him in the shinning stars<br>
I mark Him in the flowering of His fields<br>
But in His ways with men I find Him not.

ଯିଏ ପରମ ପ୍ରେମମୟ ଈର୍ଷା, ଦ୍ୱେଷ, ହିଂସା କଳୁଷ ଜର୍ଜରିତ ମନୁଷ୍ୟ ସମାଜରେ ତା'ର ବହିଃପ୍ରକାଶ ଖୋଜି ବାହାର କରିବା ଦୁଃସାଧ୍ୟ । ମୋର କଥା ଶୁଣି ସିଏ ହସି କହିଲେ, ମୁଁ ଯଦି କବିତାଟି ଲେଖିଥା'ନ୍ତି ତା'ହେଲେ କ'ଣ ଲେଖିଥା'ନ୍ତି ଜାଣନ୍ତି ? ମୁଁ ଲେଖିଥା'ନ୍ତି, 'But in His ways with men I find Him most' ବୈଚିତ୍ର୍ୟହିଁ ତାଙ୍କର ଲୀଳା । ବୁଝିଲି ମାନବର ବିନଶ୍ୱର ସୁଖ ଦୁଃଖ ମଧ୍ୟରେବି ସତ୍ୟର ଶାଶ୍ୱତ ରୂପର ଦର୍ଶନ ସିଏ ପାଇଛନ୍ତି । ମନୀଷୀ ରୋଁମା ରୋଲାବି ତାହାହିଁ କହିଛନ୍ତି, 'No body can really know God unless he has seen Him in every man.'

ସେଦିନ ତାଙ୍କ ଜୀବନର ସାଧନାର ଇତିହାସବି ତାଙ୍କ ନିକଟରୁ ଶୁଣିଲି, ଏହା ଯେପରି ଚମକପ୍ରଦ ସେପରି ଅନନ୍ୟ ସାଧାରଣ । ସେ କହିଲେ, ନିର୍ଜନରେ ଏକାନ୍ତରେ ବସି ସେ ସାଧନା କରି ନାହାଁନ୍ତି ଜ୍ଞାନୋନ୍ମେଷ ସଙ୍ଗେ ସଙ୍ଗେ ହିଁ ସ୍ୱତଃସ୍ଫୂର୍ତ୍ତ ଭାବେହିଁ ସତ୍‌ନାମର ପ୍ରକାଶ ତାହା ମଧ୍ୟରେ ହୋଇଥିଲା, ସିଏ ଅହର୍ନିଶି ଏହି ସତ୍‌ନାମ ଜପ କରୁଥିଲେ ଏବଂ ସିଏ ପିଲାବେଳେ ଭାବୁଥିଲେ ଯେ ପ୍ରତ୍ୟେକ ଭିତରେହିଁ ବୋଧହୁଏ ସତ୍‌ନାମ ସ୍ୱତଃସ୍ଫୂର୍ତ୍ତଭାବେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକେହିଁ ବୋଧହୁଏ ଏ ନାମ ତାଙ୍କ ପରି ଦିବାନିଶି ଜପ କରନ୍ତି,— ବଡ଼ ହେଲାରୁ ତାଙ୍କର ଏହି ଭ୍ରମ ଅପନୋଦିତ ହୁଏ । ବାଲ୍ୟକାଳରେହିଁ ଜଗନ୍ମାତା କାଳୀ, ନାରାୟଣ,

ଶ୍ରୀକୃଷ୍ଣ ଓ ଅସଂଖ୍ୟ ଦେବଦେବୀ ଦିବ୍ୟଜ୍ୟୋତିରେ ତାଙ୍କୁ ଦର୍ଶନ ଦେଉଥିଲେ ଓ ତାଙ୍କ ସହିତ କଥାବାର୍ତ୍ତା କରୁଥିଲେ । କେବେକେବେ ବି ଦିବ୍ୟଜ୍ୟୋତିର ଅପରୂପ ପ୍ରକାଶ ଓ ଅନାହତ ନାଦଧ୍ୱନି ଶ୍ରବଣରେ ସିଏ ବାହ୍ୟଜ୍ଞାନଶୂନ୍ୟ ହୋଇ ପଡୁଥିଲେ । ଅନବରତ ନାମଜପ କରି କରି ଶରୀରର ଉତ୍ତାପ ଏତେ ଅଧିକ ହୋଇଯାଉଥିଲା ଯେ ଶରୀରରେ ଜଳବିନ୍ଦୁ ପତିତ ହେଲେ ବାଷ୍ପ ହୋଇ ଉଡ଼ିଯାଉଥିଲା । ଯୋଗୀଜନଦୁର୍ଲଭ ସାଧକ ଜୀବନର ଚରମ ଅନୁଭୂତି ଓ ତତ୍ତ୍ୱ ସାକ୍ଷାତ୍କାର ବି ଏହି ସମୟରେ ସିଏ ଲାଭ କରନ୍ତି । ସେହିସବୁର ବର୍ଣ୍ଣନାର କଥା ସ୍ମରଣ ହେଲେ ଏବେବି ଶରୀର ରୋମାଞ୍ଚିତ ହୋଇଉଠେ ।

ପ୍ରେମ ତାଙ୍କର ଅତଳସ୍ପର୍ଶୀ, ଆଜି ଲକ୍ଷଲକ୍ଷ ନରନାରୀ ତାଙ୍କ ପ୍ରେମର ଅମୋଘ ଆକର୍ଷଣରେ ଆକୃଷ୍ଟ ହୋଇ ତାଙ୍କ ନିକଟକୁ ଛୁଟି ଆସୁଛନ୍ତି । କେତେ ହତାଶାର ପ୍ରାଣରେ ସିଏ ଆଶାର ସଞ୍ଚାର କରାଇଛନ୍ତି । କେତେ ଦୁଃଖଶୋକରେ ମ୍ରିୟମାଣ ମଣିଷକୁ ତାଙ୍କ ପ୍ରାଣର ଅମୃତ ପରଶ ଦେଇ ଜୀବନ୍ତ କରି ତୋଳିଛନ୍ତି । ତାଙ୍କର ସେହି ପ୍ରାଣରେ ଯେପରି ମଧୁରତା ଅଛି ସେପରି ତେଜ ବି ଅଛି । ଯେପରି ମୋହିନୀ ଶକ୍ତି ଅଛି ସେପରି ପୁନଶ୍ଚ ଉନ୍ମାଦିନୀ ଶକ୍ତିବି ତାଙ୍କର ଅସାଧାରଣ । ତାଙ୍କର ସଙ୍ଗଲାଭ କରିବାର ସୁଯୋଗ ଯେଉଁମାନଙ୍କ ଜୀବନରେ ଘଟିଛି ସେମାନେ ଏସବୁର ବହୁ ଉଜ୍ଜ୍ୱଳ ଦୃଷ୍ଟାନ୍ତ ପ୍ରତ୍ୟକ୍ଷ କରି ଧନ୍ୟ ହୋଇଛନ୍ତି ।

ଜ୍ଞାନର ଅଫୁରନ୍ତ ଭାଣ୍ଡାରୀ ସିଏ । କୃତବିଦ୍ୟ ନ ହୋଇବି ନିଖିଳ ଶାସ୍ତ୍ରଜ୍ଞାନର ଅଧିକାରୀ ସିଏ । ଜ୍ଞାନବିଜ୍ଞାନର ଏପରି କୌଣସି ବିଷୟ ନାହିଁ ଯାହା ତାଙ୍କ ଜାଣିବାର ପରିସର ବାହାରେ– ବିଜ୍ଞାନ, ରାଜନୀତି, ଧର୍ମନୀତି, ଶିକ୍ଷା, ସମାଜ, ସାହିତ୍ୟ, ଶିଳ୍ପ, ଚାରୁକଳା ପ୍ରଭୃତି ଏପରି କୌଣସି ବିଷୟ ନାହିଁ ଯାହାର ନିଗୂଢ଼ ତତ୍ତ୍ୱ ତାଙ୍କର ଅପରିଜ୍ଞାତ । ଶାସ୍ତ୍ର କହେ, 'ତସ୍ମିନ୍‌ଜ୍ଞାତେ ସର୍ବମ୍ ଜ୍ଞାତମ୍ ଅସ୍ତି'– ମନେହୁଏ ସିଏ ଯେପରି ତା'ର ମୂର୍ତ୍ତ ପ୍ରତୀକ ।

କର୍ମଦୀପନା ତାଙ୍କର ସୀମାହୀନ । ଯିଏ ବଙ୍ଗଳାର ଏକ ନଗଣ୍ୟ ପଲ୍ଲୀରେ ଦରିଦ୍ର ବ୍ରାହ୍ମଣର ଗୃହେ ଜନ୍ମଗ୍ରହଣ କରି ସର୍ବପ୍ରକାର ପ୍ରତିକୂଳତାର ସହିତ ସଂଗ୍ରାମ କରି ନିଜର ଅନ୍ତର୍ନିହିତ ଶକ୍ତି ବଳରେ କପର୍ଦ୍ଦକଶୂନ୍ୟ ଓ ସହାୟସମ୍ବଳହୀନ ହୋଇବି ବିରାଟ କର୍ମ ପ୍ରତିଷ୍ଠାନ ସ୍ୱୀୟ ପଲ୍ଲୀଗ୍ରାମରେ ଗଢ଼ିତୋଳିଥିଲେ– ଯେଉଁଠାରେ ବିଜ୍ଞାନର ଉଚ୍ଚତର ଗବେଷଣା ପାଇଁ ବିଶ୍ୱବିଜ୍ଞାନ କେନ୍ଦ୍ର ନାମରେ ଗବେଷଣାଗାର, ପଲ୍ଲୀବାସୀଙ୍କ ପର୍ଣ୍ଣକୁଟୀର ବୈଦ୍ୟୁତିକ ଆଲୋକରେ ଆଲୋକିତ କରିବା ପାଇଁ ବୈଦ୍ୟୁତିକ ଶକ୍ତି କେନ୍ଦ୍ର (power house), ବାସ୍ତବରେ କାରିଗରୀ ଶିକ୍ଷା ଦେବାର ଇଲେକ୍ଟ୍ରୀକ୍ୟାଲ, ମେକାନିକ୍ୟାଲ କାରଖାନା, ଅଭିନବ ପଦ୍ଧତିରେ ଶିକ୍ଷାଦେବା ପାଇଁ ବାଳକ ଓ ବାଳିକାମାନଙ୍କର ସ୍କୁଲ, କଲେଜ, ଔଷଧ ପ୍ରସ୍ତୁତିର କାରଖାନା, ଚାରୁକଳା କେନ୍ଦ୍ର, ଛାପାଖାନା ଏବଂ ଅସଂଖ୍ୟ କୁଟୀରଶିଳ୍ପ ପ୍ରତିଷ୍ଠା ପ୍ରଭୃତି ତାହାର ଅସାମାନ୍ୟ କର୍ମକୁଶଳତାର ପରିମାପ କିଏ କରିପାରେ ?

ଏହି ପ୍ରସଙ୍ଗରେ ଆଉ ଗୋଟେ କଥା ମନେପଡ଼ିଲା । ଥରେ ଶାନ୍ତି ନିକେତନରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସଙ୍ଗେ ସାକ୍ଷାତ କରିବାକୁ ଯାଇଥିଲି । ନାନା କଥା ପରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ଓ ତାଙ୍କର କର୍ମପ୍ରତିଷ୍ଠାନ ସମ୍ବନ୍ଧୀୟ ଆଲୋଚନା ପ୍ରସଙ୍ଗ ଉଠନ୍ତେହିଁ ସେ କହିଲେ, ''ମୁଁ ଶୁଣିଛି ତୁମେମାନେ କାର୍ଯ୍ୟକ୍ରମ ବେଶ୍ ଭଲହିଁ କରିଛ, ତୁମମାନଙ୍କର କୌଣସି ଅଭାବ ଅଭିଯୋଗ ନାହିଁ, କିନ୍ତୁ ଦେଖ ମୋର ଏଇ ବୃଦ୍ଧ ବୟସରେ ଅପଟୁ ଶରୀର ନେଇ ପୁଅଝିଅଙ୍କୁ ନଚାଇ ମୋର ଏଇ ପ୍ରତିଷ୍ଠାନ ପାଇଁ ଅର୍ଥ ସଂଗ୍ରହ କରିବାକୁ ହେଉଛି ।'' ତାଙ୍କର କଥା ଶୁଣି ଅବଶ୍ୟ ମୁଁ ଖୁବ୍ ହିଁ ଦୁଃଖବୋଧ କଲି, ତାଙ୍କୁ କହିଲି, 'ଅନ୍ୟ ନିକଟଠାରୁ ଏକଥା ଶୁଣିଥିଲେ ବିସ୍ମିତ ହେବାର କୌଣସି କାରଣ ନଥିଲା, କିନ୍ତୁ ଆପଣଙ୍କ ନିକଟରୁ ଏକଥା ଶୁଣି ବିସ୍ମୟ ବୋଧ ନ କରି ରହିପାରୁନି । ଆପଣ ନିଜେ ଏହି ପ୍ରତିଷ୍ଠାନଟି ଗଢ଼ିତୋଳିଛନ୍ତି, କର୍ମପ୍ରତିଷ୍ଠାନ ଗଢ଼ିବାକୁ ଦେଶର ଲୋକଙ୍କର ସକ୍ରିୟ ଅନୁଭୂତି କିଭାବେ ମିଳେ ତାହା ଆପଣ ବିଲକ୍ଷଣ ଅବଗତ ଅଛନ୍ତି । ଆପଣ ଧନୀ ପିତାର ସନ୍ତାନ, ଆପଣ ବିଶ୍ୱକବି, ଜଗତବ୍ୟାପୀ ଆପଣଙ୍କର ଖ୍ୟାତି, ତଥାପି ପ୍ରତିଷ୍ଠାନଟିକୁ ଚଳାଇବା ପାଇଁ ପୁଅଝିଅଙ୍କୁ ନଚାଇ ଆପଣଙ୍କୁ ଅର୍ଥ ସଂଗ୍ରହ କରିବାକୁ ହେଉଛି, ବୃଦ୍ଧ ବୟସରେ ଏଥିପାଇଁ ଆପଣଙ୍କର ଉଦ୍‌ବେଗ ଓ ଉତ୍କଣ୍ଠାର ସୀମା ନାହିଁ– ଆଉ ଆମ ପ୍ରତିଷ୍ଠାନର ପ୍ରାଣପୁରୁଷ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ଦରିଦ୍ର ବ୍ରାହ୍ମଣର ସନ୍ତାନ– ଆପଣଙ୍କ ନ୍ୟାୟ ଖ୍ୟାତି ଓ ପ୍ରତିପତ୍ତି ତ ଦୂରର କଥା, ସିଏ ତାଙ୍କ ନିଜ ଦେଶବାସୀଙ୍କ ନିକଟରେ ଏବେବି ଏକପ୍ରକାର ଅପରିଚିତ– ଏମନ୍ତ ଅବସ୍ଥାରେ ଆମ ପ୍ରତିଷ୍ଠାନର କୌଣସି ଅଭାବ, ଅଭିଯୋଗ ନାହିଁ ଏହା ଆପଣ କିପରି ଅନୁମାନ କରିପାରିଲେ ?' ମୋ କଥା ଶୁଣି ସିଏ ନିରୁତ୍ତର ରହିଲେ ।

ବସ୍ତୁତଃ ଯେଉଁମାନେ କୌଣସି କର୍ମପ୍ରତିଷ୍ଠାନ (ବିଶେଷତଃ ଅଭିନବ ଧରଣର) ଗଢ଼ିତୋଳିଛନ୍ତି ସେମାନେହିଁ ଜାଣନ୍ତି ଯେ ଏ ଦେଶରେ କୌଣସି ପ୍ରତିଷ୍ଠାନ ଗଢ଼ିତୋଳିବା କି ପର୍ବତ ପ୍ରମାଣ ବାଧା-ବିଘ୍ନର ସମ୍ମୁଖୀନ ହେବାକୁ ହୁଏ ।

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଦୂରଦୃଷ୍ଟିବି ଯେପରି ପ୍ରଖର ସେପରି ଅନ୍ତର୍ଦୃଷ୍ଟିବି ତାଙ୍କର ଅସାଧାରଣ । ନିଜର ପ୍ରତ୍ୟକ୍ଷ ଅଭିଜ୍ଞତାରୁ ତାଙ୍କର ଗଭୀର ଅନ୍ତର୍ଦୃଷ୍ଟିର ଗୋଟେ ଦିଓଟି କାହାଣୀ ଉଲ୍ଲେଖ କରୁଛି । ଏହା ଗପ ପରି ଶୁଣାଗଲେବି ସତ୍ୟ କାହାଣୀ ।

> ଜ୍ଞାନର ଅଫୁରନ୍ତ ଭାଣ୍ଡାରୀ ସିଏ । କୃତବିଦ୍ୟ ନ ହୋଇବି ନିଖିଳ ଶାସ୍ତ୍ରଜ୍ଞାନର ଅଧିକାରୀ ସିଏ । ଜ୍ଞାନବିଜ୍ଞାନର ଏପରି କୌଣସି ବିଷୟ ନାହିଁ ଯାହା ତାଙ୍କ ଜାଣିବାର ପରିସର ବାହାରେ– ବିଜ୍ଞାନ, ରାଜନୀତି, ଧର୍ମନୀତି, ଶିକ୍ଷା, ସମାଜ, ସାହିତ୍ୟ, ଶିଳ୍ପ, ଚାରୁକଳା ପ୍ରଭୃତି ଏପରି କୌଣସି ବିଷୟ ନାହିଁ ଯାହାର ନିଗୂଢ଼ ତତ୍ତ୍ୱ ତାଙ୍କର ଅପରିଜ୍ଞାତ । ଶାସ୍ତ୍ର କହେ, 'ତସ୍ମିନ୍‌ଜ୍ଞାତେ ସର୍ବମ୍ ଜ୍ଞାତମ୍ ଅସ୍ତି'– ମନେହୁଏ ସିଏ ଯେପରି ତା'ର ମୂର୍ତ୍ତ ପ୍ରତୀକ ।

ସେ ଆଜିକୁ ଅନେକ ଦିନ ତଳର କଥା, ବେଲିଆଘାଟ ନିବାସୀ ଶ୍ରୀଯୁକ୍ତ ହରିହର ଗାଙ୍ଗୁଲୀ ନାମରେ ଜଣେ ଭଦ୍ରଲୋକ କଲିକତାରୁ ମୋ ସଙ୍ଗେ ପାବନା ଆଶ୍ରମକୁ ଶ୍ରୀଶ୍ରୀଠାକୁରଙ୍କ ସନ୍ଧାନରେ ଆସିଲେ । ଆଶ୍ରମରେ କିଛିଦିନ ଅବସ୍ଥାନ ପରେ ହଠାତ୍ ଶ୍ରୀଶ୍ରୀଠାକୁର ଦିନେ ଏକଦୃଷ୍ଟିରେ ତାହା ଆଡ଼କୁ ଚାହିଁ କହିଲେ, ଭାଇ ଆପଣ କି କାମ କରନ୍ତି– ଉତ୍ତରରେ ସେ କହିଲେ ଯେ ସିଏ ମାର୍ଟିନ୍ କମ୍ପାନୀରେ ପାଞ୍ଚଶହ ଟଙ୍କା ବେତନରେ ଡ୍ରାଫ୍ଟସ୍‌ମ୍ୟାନର କାର୍ଯ୍ୟ କରନ୍ତି । ଶୁଣି ସିଏ କହିଲେ, ସେ କାମ ପାବନାରେ ମିଳିବନି ? ହରିହରବାବୁ କହିଲେ, ଜିଲ୍ଲାବୋର୍ଡ଼ରେ ଏ କାମ ପାଇଁ ଲୋକ ଆବଶ୍ୟକ ହୋଇପାରେ । ମତେ ଡ଼ାକି ଶ୍ରୀଶ୍ରୀଠାକୁର କହିଲେ, ଇଞ୍ଜିନିୟର ସାହେବଙ୍କ ସଙ୍ଗେ ତ ଆପଣଙ୍କର ପରିଚୟ ଅଛି, ଭାଇଙ୍କୁ ନେଇ ଥରେ ତାଙ୍କ ନିକଟକୁ ଯାଆନ୍ତୁ । ଯଦି ଏଠାକାର କାମଟା ଏହାର ହୁଏ । ତାଙ୍କ ଆଦେଶ ଅନୁସାରେ ହରିହରବାବୁଙ୍କୁ ସାଙ୍ଗରେ ନେଇ ଇଞ୍ଜିନିୟର ସାହେବଙ୍କ ସହିତ ଦେଖା କରି ଆମମାନଙ୍କର ଆଗମନର କାରଣ କହିଲି; ସବୁ ଶୁଣି ସିଏ କହିଲେ, ବର୍ତ୍ତମାନ ଆମେ ଜଣେ ଡ୍ରାଫ୍ଟସ୍‌ମ୍ୟାନ ନେବୁ କିନ୍ତୁ ସିଏ ସେଠାକାର କାମ ଛାଡ଼ି ଏଠାକୁ ଆସିବେ କାହିଁକି ? ଏବେ ସେଠାରେ ସିଏ ପାଞ୍ଚଶହ ଟଙ୍କା ବେତନ ପାଉଛନ୍ତି, ସାତଶହ ଟଙ୍କା ଉପରେ ବି ତାଙ୍କର ବେତନ ବୃଦ୍ଧି ହେବ, ତା' ଛଡ଼ା ଅନ୍ୟାନ୍ୟ allowances (ଭତ୍ତା)ବି ଅଛି; ଆମମାନଙ୍କର ଏଠାରେ ଏବେ ଆମେ ଦେଢ଼ଶହ ଟଙ୍କା ମାତ୍ର ଦେବୁ; ପରେ maximum (ସର୍ବୋଚ୍ଚ) ଅଢ଼େଇଶହ ଟଙ୍କା ହୋଇପାରେ; କଲିକତାର ଚାକିରୀ ତ୍ୟାଗ କରି ସିଏ ଏ ଜଙ୍ଗଲରେ ମରିବାକୁ ଆସିବେ କାହିଁକି ?'

ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଯାଇ ସବୁ ନିବେଦନ କଲି, ସବୁ ଶୁଣି ସିଏ ହରିହରବାବୁଙ୍କୁ ତାଙ୍କର ପରିବାରବର୍ଗଙ୍କ ଲୋକସଂଖ୍ୟା କେତେ ପଚାରିଲେ । ଉତ୍ତରରେ ସିଏ କହିଲେ, ଚାରିଜଣ ମାତ୍ର । ସେତେବେଳେ ଶ୍ରୀଶ୍ରୀଠାକୁର ପୁନଶ୍ଚ ତାଙ୍କୁ କହିଲେ, 'ବେଶୀ ଟଙ୍କା ଦେଇ କ'ଣ ହେବ ? ଦେଢ଼ଶହ ଟଙ୍କା ହେଲେ ଚାରିଜଣଙ୍କର ଖୁବ୍ ଭଲଭାବେ ଚଳିଯିବ । କଲିକତାକୁ ଯାଇ ସମସ୍ତଙ୍କୁ କହି ଚଟାପଟ୍ ଚାଲି ଆସନ୍ତୁ । ହରିହରବାବୁ ତତ୍ପର ଦିନ କଲିକତା ଯାତ୍ରା କଲେ । କଲିକତାର ଚାକିରୀ ଛାଡ଼ି ପାବନାରେ ଚାକିରୀ କରିବାକୁ ଯିବାର କଥା ଶୁଣି ଆତ୍ମୀୟ-ସ୍ୱଜନବନ୍ଧୁବାନ୍ଧବ ସକଳେ କହିବାକୁ ଲାଗିଲେ ଯେ ହରିହରବାବୁଙ୍କ ମସ୍ତିଷ୍କ ବିକୃତି ହୋଇଛି । ଯାହା ହେଉ ଶେଷପର୍ଯ୍ୟନ୍ତ ତା'ର ଆଉ ପାବନାକୁ ଯିବା ହେଲାନି । ତା'ପରେ କେତେମାସ ଅତୀତ ହୋଇଗଲା । ହରିହରବାବୁଙ୍କୁ ଜ୍ୱର ହେଲା, କିଛିଦିନ ପରେ କାଶ ଦେଖାଗଲା । ଡ଼ାକ୍ତରଦ୍ୱାରା ଭଲଭାବେ ପରୀକ୍ଷା କରି ଜଣାଗଲା ଯେ ତାହାର କଠିନ ରୋଗ, ବଞ୍ଚିବାର ଆଶା ନାହିଁ– Galloping pthysis. ଜୀବନରେ ହତାଶ ହୋଇ ସେତେବେଳେ ହରିହରବାବୁ ନିଜ ଅବସ୍ଥା କଥା ପତ୍ରଦ୍ୱାରା ଠାକୁରଙ୍କୁ ଜଣାଇଲେ । ଉତ୍ତରରେ ଶ୍ରୀଶ୍ରୀଠାକୁର ଲେଖିଦେଲେ– ''ଭାଇ, ସମୟ ଥାଉ ଥାଉ ଆପଣଙ୍କୁ ଆସିବାକୁ କହିଥିଲି । ସେତେବେଳେ ଆପଣ ଆସିଲେନି, ସବୁ ଶେଷ କରି ଯେତେବେଳେ ସବୁହିଁ ହାତର ବାହାରକୁ ଚାଲି ଯାଇଛି ସେତେବେଳେ ଆସିବାକୁ ଚାହୁଁଛନ୍ତି; ଏବେ ଆଉ କ'ଣ କରାଯିବ । ପରମପିତାଙ୍କୁ ମନେପ୍ରାଣେ ସ୍ମରଣ କରନ୍ତୁ ।''

ତାଙ୍କର ଏହିପରି ଗମ୍ଭୀର ଅନ୍ତର୍ଦୃଷ୍ଟି ସମ୍ବନ୍ଧରେ ବହୁ ଘଟଣାର ପ୍ରତ୍ୟକ୍ଷ ଅଭିଜ୍ଞତା ରହିଛି । ପ୍ରବନ୍ଧର କଳେବର ବୃଦ୍ଧି ହେତୁ ଏ ସ୍ଥଳେ ତାହା ଆଉ ଉଲ୍ଲେଖ କରିବା ସମ୍ଭବ ନୁହେଁ ।

ଯିଏ ମହାନ୍, ଯିଏ ବିରାଟ, ତାଙ୍କ ବିଷୟରେ ଲେଖିବାକୁ ଯାଇ ସର୍ବଦା ଭୟ ହୁଏତ ପାଉଛି ତାହାକୁ ଛୋଟ କରି ପକାଉନି ତ; ଶିବ ଗଢ଼ିବାକୁ ଯାଇ ମାଙ୍କଡ଼ ଗଢ଼ି ପକାଉନି ତ ।

ଆଜି ଅସଂଖ୍ୟ ସ୍ତ୍ରୀ, ଶିଶୁ, ବାଳକ, ବୃଦ୍ଧଯୁବା– ସାଧୁଅସାଧୁ, ତ୍ୟାଗୀଭୋଗୀ– ସେ ପ୍ରତ୍ୟେକଙ୍କ ବୈଚିତ୍ର୍ୟମୟ ଜୀବନ ଓ କର୍ମ ମଧ୍ୟ ଦେଇ ତାଙ୍କ ସଙ୍ଗେ ପରିଚିତ ଏବଂ ପ୍ରତ୍ୟେକଙ୍କର ଅନୁଭୂତି ସହିତ ତାଙ୍କର ସମ୍ୟକ୍ ପରିଚୟ ଅଛି । ଆଉ ଏହି ବହୁ ଖଣ୍ଡ ପରିଚିତର ମଧ୍ୟ ଦେଇ ଯେ ଅଖଣ୍ଡସତ୍ତା ପ୍ରକାଶମାନ ହୋଇଛି ତାହା ଏତେହିଁ ବିରାଟ, ଏତେହିଁ ବ୍ୟାପକ ଏମିତିହିଁ ଅସାଧାରଣ ଯେ କୌଣସି ନିର୍ଦ୍ଦିଷ୍ଟ ସଂଜ୍ଞା ଦେଇ ତାଙ୍କର ଶ୍ରେଣୀ ନିର୍ଦ୍ଦେଶ କରିବା ସମ୍ଭବ ନୁହେଁ । ତାଙ୍କର ସବୁ ଦିଗର ଏହି ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟର ଧାରାଗୁଡ଼ିକୁ କେନ୍ଦ୍ରାୟିତ କରି ଯିଏ ଏହି ଅସାଧାରଣ ଅଥଚ ସାଧାରଣ ମଣିଷଟିର ଜୀବନ ରଚନା କରିପାରିବେ– ସିଏହିଁ ଏହି ମଣିଷଟିର ବୁଝିବା ଓ ବୁଝାଇବାର କାର୍ଯ୍ୟରେ ପ୍ରକୃତ ସହାୟକ ହେବେ । ଆଶା କରୁଛି ଭବିଷ୍ୟତରେ କେହି ଏହି ଗୁରୁଦାୟିତ୍ୱ ଭାର ଗ୍ରହଣ କରିବେ ।

*(ଇଷ୍ଟମନନେ, ପୃ.-୧୦-୧୩)*

**ବିବରଣୀ**

# ଯୁଗାଚାର୍ଯ୍ୟ
# ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ
# ୧୦୩ତମ ଜନ୍ମତିଥି ମହୋତ୍ସବ

କେନ୍ଦ୍ର-ସତ୍‌ସଙ୍ଗ, ଦେଓଘର ଗତ ୩-ଡ଼ିସେମ୍ବର, ୨୦୧୩, ମଙ୍ଗଳବାର ଯୁଗାଚାର୍ଯ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୧୦୩ତମ ଜନ୍ମତିଥି ମହୋତ୍ସବ ସାରାଦିନବ୍ୟାପୀ ନାନାବିଧ ମାଙ୍ଗଳିକ ଅନୁଷ୍ଠାନାଦି ମାଧମରେ ସାଡ଼ମ୍ବରରେ ସତ୍‌ସଙ୍ଗ ଆଶ୍ରମ, ଦେଓଘରଠାରେ ଅନୁଷ୍ଠିତ ହୋଇଯାଏ ।

ପ୍ରତିବର୍ଷ ପରି ଏଥର ବିଦେଶର ନାନା ପ୍ରାନ୍ତରୁ ହଜାର ହଜାର ଆବାଳବୃଦ୍ଧବନିତା ଏହି ପୁଣ୍ୟତୀର୍ଥରେ ସମବେତ ହୋଇଥିଲେ ।



ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ଜନ୍ମତିଥି ଉପଲକ୍ଷେ ପରମଦୟାଲ ଶ୍ରୀଶ୍ରୀଠାକୁର-ପ୍ରଦତ୍ତ ଆଶୀର୍ବାଣୀ ପାଠ କରୁଛନ୍ତି ପୂଜନୀୟ ବିଙ୍କିଦା

ଏହି ଦିନ ବ୍ରାହ୍ମମୁହୂର୍ତ୍ତରେ ବେଦମାଙ୍ଗଳିକୀର ସ୍ୱରଝଙ୍କାର ପରିବେଶକୁ ଉତ୍ସବ ମୁଖର କରିତୋଳେ । ବେଦମାଙ୍ଗଳିକୀର ବୈଦିକ ସ୍ୱର ମୂର୍ଚ୍ଛନା ପରେ ପରେ ମାଙ୍ଗଳିକ ନହବତର ସୁମଧୁର ସ୍ୱର ପରିପ୍ଲାବିତ କରେ ଆଶ୍ରମ ପ୍ରାଙ୍ଗଣକୁ । ଏ ମଧ୍ୟରେ ଉଷାକୀର୍ତ୍ତନ ଗାଇ ଗାଇ ଆଶ୍ରମ ପରିକ୍ରମା କରନ୍ତି ଭକ୍ତବୃନ୍ଦ । ଏହି ମଧୁମୟ ଦିବ୍ୟଭାବାବିଷ୍ଟ ପରିମଣ୍ଡଳରେ ପୂଜନୀୟ ବାବାଇଦା ପ୍ରଭାତୀ ପ୍ରାର୍ଥନାରେ ଉପନୀତ ହେଲେ ଠାକୁରବଙ୍ଗଳାରେ । ତାଙ୍କ ସଙ୍ଗେ ରହିଛନ୍ତି ପୂଜନୀୟ ସିପାଇଦା, ପୂଜନୀୟ ବିଙ୍କିଦା, ପୂଜନୀୟ ଶୁଭଦା, ପୂଜନୀୟ ରଭୁବାବୁ ।

ସକାଳ ୬ଟା ୯ମିନିଟ୍‌ରେ ଶଙ୍ଖଧ୍ୱନି ଓ ହୁଳହୁଳି ମୁଖରିତ ଠାକୁରବଙ୍ଗଳାର ପାର୍ଲରରେ ସଂଲଗ୍ନ ପ୍ରାଙ୍ଗଣରେ ଅଗଣିତ ଭକ୍ତ ନରନାରୀ ପ୍ରାର୍ଥନାରେ ଉପସ୍ଥିତ ହୁଅନ୍ତି । ହାରମୋନିୟମରେ ଥାଆନ୍ତି ଡ଼ଃ. ସ୍ୱପନ କୁମାର ମଣ୍ଡଳ । ପ୍ରାର୍ଥନାରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶୁଭ ୫୬ତମ ଜନ୍ମତିଥି ଉପଲକ୍ଷେ ପରମଦୟାଲ ଶ୍ରୀଶ୍ରୀଠାକୁରଙ୍କ ପ୍ରଦତ୍ତ ଆଶୀର୍ବାଣୀଟି ପାଠ କରନ୍ତି ପୂଜନୀୟ ବିଙ୍କିଦା (ପୂଜନୀୟ ଅନିନ୍ଦ୍ୟଦ୍ୟୁତି ଚକ୍ରବର୍ତ୍ତୀ) ।

ଅତଃପର ସମବେତ କଣ୍ଠରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦା ବିରଚିତ ''ତୋମାର ରଙ୍ଗେ ହୃଦୟ ଆମାର ରାଙ୍ଗା....'' ସଙ୍ଗୀତଟି ପରିବେଷିତ ହୁଏ ।

ପ୍ରାର୍ଥନାନ୍ତେ ପ୍ରଣାମାଦି ପରେ ଠାକୁରବଙ୍ଗଳାର ବଡ଼ନାଟମଣ୍ଡପରେ ବିଭିନ୍ନ ଭାଷାରେ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥ 'ସତ୍ୟାନୁସରଣ' ଓ 'ଚଲାର ସାଥୀ' ପଠିତ ହୁଏ ।

ପାଠାନ୍ତେ ପୂଜନୀୟ ବାବାଇଦା ଭକ୍ତବୃନ୍ଦଙ୍କ ସହ ଷୋଡ଼ଶୀଭବନରେ ପହଞ୍ଚି ଯୁଗାଚାର୍ଯ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଶ୍ରୀଚରଣରେ ପ୍ରଣାମ ନିବେଦନ କରି ପରମପୂଜନୀୟା ମା' ଏବଂ ପରମପୂଜନୀୟା ରାଙ୍ଗାମା'ଙ୍କ ଶ୍ରୀଚରଣେ ପ୍ରଣାମ ନିବେଦନ କରନ୍ତି । ତା'ପରେ ଫିଲାନ୍ଥ୍ରପୀ ଅଫିସ ସମ୍ମୁଖସ୍ଥ ଆଚାର୍ଯ୍ୟ ମଣ୍ଡପରେ ପରମପୂଜ୍ୟପାଦ ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ଶ୍ରୀଚରଣରେ ପ୍ରଣାମ ନିବେଦନ କରନ୍ତି । ଉପସ୍ଥିତ ଭକ୍ତବୃନ୍ଦ ତାଙ୍କୁ ଅନୁସରଣ କରନ୍ତି ।



ଠାକୁରବଙ୍ଗଳାର ଯଜ୍ଞମଣ୍ଡପରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ନାନ୍ଦୀମୁଖ କୃତ୍ୟାଦି ସମ୍ପନ୍ନ କରୁଛନ୍ତି ପୂଜନୀୟ ସିପାଇଦା

ସକାଳ ୭ଟାରେ ଠାକୁରବଙ୍ଗଳାର ପୂଜା-ମଣ୍ଡପରେ ନାନ୍ଦୀମୁଖ ଶ୍ରାଦ୍ଧାଦି ଓ ପିତୃପୁରୁଷଗଣଙ୍କ ଉଦ୍ଦେଶ୍ୟରେ ତର୍ପଣାଦି କରନ୍ତି ପୂଜନୀୟ ସିପାଇଦା । ପୌରୋହିତ୍ୟ କରନ୍ତି ଶ୍ରୀଅଜିତ ଭଟ୍ଟାଚାର୍ଯ୍ୟ । ସହଯୋଗିତାରେ ବୋଧିବ୍ୟାସ ଭଟ୍ଟାଚାର୍ଯ୍ୟ ।



ନିଉ ଗେଷ୍ଟହାଉସ ପ୍ରାଙ୍ଗଣରେ ଦୁଃସ୍ଥମାନଙ୍କ ମଧ୍ୟରେ ଚାଉଳ, ବସ୍ତ୍ର, ଅର୍ଥ ବିତରଣ କରାଯାଉଛି

**ସଙ୍ଗୀତାଞ୍ଜଳି :** ଏହିଦିନ ସକାଳ ସାଢ଼େ ସାତଟାରେ ଠାକୁରବଙ୍ଗଳାର ବଡ଼-ନାଟମଣ୍ଡପରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ୧୦୩ତମ ଜନ୍ମତିଥି ଉପଲକ୍ଷେ ଏକ ବିଶେଷ ସଙ୍ଗୀତାଞ୍ଜଳି ଅନୁଷ୍ଠିତ ହୁଏ । ଜଣ ଜଣ କରି ସଙ୍ଗୀତ ପରିବେଷଣ କରନ୍ତି ସ୍ୱପନ କୁମାର ମଣ୍ଡଳ, ଅନୁବ୍ରତା ଚକ୍ରବର୍ତ୍ତୀ, ରାଧାକାନ୍ତ ମହାନ୍ତି, ମନୀଷା ଭଟ୍ଟାଚାର୍ଯ୍ୟ,

ପଦ୍ମମାଧବ କୀର୍ତ୍ତନୀୟା, ନିଖିଳ କୁମାର ଘଟକ, ମଧୁରିମା ବିଶ୍ୱାସ, ବନ୍ଦିତା ପାରମିତା ରାୟ, ପଣ୍ଡିତ ବଳରାମ ଦାସ, ବିରୂପାକ୍ଷ ରାୟ ପ୍ରମୁଖ । ସଙ୍ଗତେ ଶ୍ରୀଧୀମାଧବ କୀର୍ତ୍ତନୀୟା, ପ୍ରଦୀପ୍ତ ମଣ୍ଡଳ । ଭାଷ୍ୟପାଠ ଓ ସଞ୍ଚାଳନାରେ ଶ୍ରୀତରୁଣ କୁମାର ପାଲ । ଶବ୍ଦଗ୍ରହଣେ- ପ୍ରଦ୍ୟୁତ୍ ଘାଣ୍ଟା ।

ପୂର୍ବାହ୍ନ ୮ଟା ୫୫ମିଃ.ରେ ଠାକୁରବଙ୍ଗଳାର ବଡ଼ନାଟମଣ୍ଡପରେ ପାଞ୍ଚମିନିଟ୍ ଧରି ସମବେତ ନାମଜପ ପରେ 'ଶ୍ରୀଶ୍ରୀ-ଗୁରୁଗ୍ରନ୍ଥସାହେବଜୀ' ପାଠାନ୍ତେ ବିଭିନ୍ନ ଭାଷାରେ ଶ୍ରୀଶ୍ରୀଠାକୁରଙ୍କ ଅମିୟଗ୍ରନ୍ଥ 'ଧୃତିବିଧାୟନା' (ଦ୍ୱିତୀୟ ଖଣ୍ଡ) ପଠିତ ହୁଏ ।



ଷୋଡ଼ଶୀଭବନରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଆବାସମନ୍ଦିରର ସମ୍ମୁଖଭାଗେ ଶ୍ରୀଶ୍ରୀବଡ଼ଦାଙ୍କ ପୁଣ୍ୟ ଆବିର୍ଭାବ-ଲଗ୍ନ-ଉଦ୍‌ଘୋଷଣ ଅନୁଷ୍ଠାନ- ଏକ ଦୃଶ୍ୟ

ସକାଳ ୮ଟାରେ ବେଦଭବନର ଯଜ୍ଞମଣ୍ଡପରେ ଆରମ୍ଭ ହୁଏ ବିଶ୍ୱଶାନ୍ତି କାମନାରେ ଶ୍ରୀଶ୍ରୀଠାକୁରପୂଜା ଓ ସ୍ୱସ୍ତ୍ୟୟନ ଯଜ୍ଞ । ଶ୍ରୀଶ୍ରୀଠାକୁରପୂଜା ସହ ପୂଜନାଦି କରନ୍ତି ଶ୍ରୀବିଦ୍ୟାନନ୍ଦ ପାଣ୍ଡେ । ଦୁର୍ଗାମନ୍ତ୍ରଜପ, ତୁଳସୀ ଅର୍ପଣ କରନ୍ତି ଶ୍ରୀଗୁରୁକିଙ୍କର ପାଣ୍ଡେ । ଗ୍ରନ୍ଥପାଠରେ ଥିଲେ ସତ୍ୟାନୁସରଣ- ଶ୍ରୀ ଅଭୟଦ୍ୟୁତି ଭଟ୍ଟାଚାର୍ଯ୍ୟ, ପୁଣ୍ୟପୁଁଥି- ଡ଼ଃ. ମାନସ କୁମାର ଚକ୍ରବର୍ତ୍ତୀ, ଶ୍ରୀଶ୍ରୀଗୀତା- ଶ୍ରୀବୋଧିବ୍ୟାସ ଭଟ୍ଟାଚାର୍ଯ୍ୟ, ଶ୍ରୀଶ୍ରୀଚଣ୍ଡୀ- ଶ୍ରୀଗୌରୀପ୍ରସାଦ ଭଟ୍ଟାଚାର୍ଯ୍ୟ ।



ଦେଓଘର ସଦର ହାସପାତାଳରେ ରୋଗୀମାନଙ୍କ ମଧ୍ୟରେ ଫଳାଦି ବିତରଣ କରାଯାଉଛି

ହୋମ କାର୍ଯ୍ୟାଦି ସମ୍ପନ୍ନ କରନ୍ତି ଉପରଲିଖିତ ପଣ୍ଡିତବୃନ୍ଦ ସମବେତ ଭାବରେ । ସମଗ୍ର ଅନୁଷ୍ଠାନଟି ପରିଚାଳନା କରନ୍ତି ଶ୍ରୀଆତପେନ୍ଦ୍ର ରାୟଚୌଧୁରୀ ଓ ବୋଧିବ୍ୟାସ ଭଟ୍ଟାଚାର୍ଯ୍ୟ ।

ପୂର୍ବାହ୍ନ ସାଢ଼େ ଦଶଟାରେ ଶାସ୍ତ୍ରୀୟ ବିଧି ଅନୁଯାୟୀ ପରମାରାଧ୍ୟ ଶ୍ରୀଶ୍ରୀଠାକୁର ଓ ପରମାରାଧ୍ୟା ଶ୍ରୀଶ୍ରୀବଡ଼ମା'ଙ୍କ ଭୋଗରାଗ ନିବେଦିତ ହୁଏ ।

ପୂର୍ବାହ୍ନ ୧୧ଟାରେ ନିଉ ଗେଷ୍ଟହାଉସ ପ୍ରାଙ୍ଗଣରେ ଦୁଃସ୍ଥମାନଙ୍କ ମଧ୍ୟରେ ଚାଉଳ, ବସ୍ତ୍ର ଓ ଅର୍ଥ ବିତରଣ କରାଯାଏ । ପରିଚାଳନାରେ ଥିଲେ ସର୍ବଶ୍ରୀ ନାରାୟଣ ଭଟ୍ଟାଚାର୍ଯ୍ୟ, ବ୍ରଜସୁନ୍ଦର ସାହୁ, ଶିବପୂଜନ ସିଂ ପ୍ରମୁଖ ।



ନିଉ ଗେଷ୍ଟହାଉସର ସମ୍ମୁଖଭାଗେ ବ୍ୟାଣ୍ଡବାଦନରତ ତାରାମା' ବ୍ୟାଣ୍ଡପାର୍ଟି



ମନୋମୋହିନୀଧାମସ୍ଥିତ ଉତ୍ସବମଞ୍ଚରେ ଯାତ୍ରାନୁଷ୍ଠାନର ଏକ ଦୃଶ୍ୟ

ଦେଓଘର ସଦର ହାସପାତାଳ, ସତ୍‌ସଙ୍ଗ ଦ୍ୟୁତଦୀପ୍ତି ହାସପାତାଳର ରୋଗୀମାନଙ୍କ ମଧ୍ୟରେ ଫଳାଦି ବିତରଣ କରନ୍ତି ଡ଼ାଃ. ସ୍ୱପନ କୁମାର ବିଶ୍ୱାସ, ଡ଼ାଃ. ଏନ.କେ. ନାଏକ, ଡ଼ାଃ. ଏ.କେ. ଘୋଷ । ଦେଓଘର ସଦର ହାସପାତାଳରେ ଫଳ ବିତରଣରେ ବିଶେଷ ଭାବେ ସହଯୋଗିତା କରନ୍ତି ସେଠାକାର ସୁପରିନ୍‌ଟେଣ୍ଡେଣ୍ଟ ଏବଂ ଅନ୍ୟାନ୍ୟ କର୍ମୀମାନେ ।

**ଆନନ୍ଦବଜାର :** ଏହିଦିନ ମଧ୍ୟାହ୍ନ ଓ ରାତ୍ରରେ ସମବେତ ଭକ୍ତବୃନ୍ଦ ଆନନ୍ଦବଜାର ଭବନରେ

ପ୍ରସାଦ ଗ୍ରହଣ କରନ୍ତି । ଏହିଦିନ ଆନନ୍ଦବଜାରର ଦାୟିତ୍ୱଭାର ଓ ପରଚାଳନରେ ଥିଲେ ମାଲଦା ଜିଲ୍ଲା ସତ୍‌ସଙ୍ଗ । ଉପକରଣ ଥିଲା– କୃଶରାନ୍ନ, ପାମ୍ପଡ଼ଭଜା ଓ ଖଟା । ତତ୍ତ୍ୱାବଧାନରେ ଶ୍ରୀବିଶ୍ୱପତି ସରକାର ଓ ରାଧେଶ୍ୟାମ ସାମନ୍ତ ।

**ଆଚାର୍ଯ୍ୟଙ୍କ ଦର୍ଶନ ଓ ପ୍ରଣାମ :** ସକାଳ ସାଢ଼େ ଆଠଟାରୁ ପୂର୍ବାହ୍ନ ୧୦ଟା ୩୦ମିଃ. ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ପ୍ରାର୍ଥନା ପରଠାରୁ ରାତି ଆଠଟା ପର୍ଯ୍ୟନ୍ତ ସୁଦୀର୍ଘ ସମୟ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ଫିଲାନ୍‌ଥ୍ରପୀ ଅଫିସ୍ ସମ୍ମୁଖସ୍ଥ ମଣ୍ଡପରେ ଉପବେଶନ କରନ୍ତି । ଭକ୍ତବୃନ୍ଦ ଜଣ ଜଣ କରି ପଂକ୍ତିବଦ୍ଧ ଭାବେ ତାଙ୍କ ଶ୍ରୀଚରଣରେ ପ୍ରଣାମ ନିବେଦନ କରି ଚାଲନ୍ତି । ସେ ବି ଭକ୍ତମାନଙ୍କର କୁଶଳାଦି ନିଅନ୍ତି ଏବଂ ବିଭିନ୍ନ ବିଷୟରେ ନିବେଦନାଦି ଶୁଣନ୍ତି ତଥା ପ୍ରତିବିଧାନ ଦିଅନ୍ତି ।

ସନ୍ଧ୍ୟା ୪ଟା ୫୯ମିଃ.ରେ ଅଗଣିତ ଭକ୍ତଜନ ପରିପୂର୍ଣ୍ଣ ଠାକୁରବଙ୍ଗଳାରେ ପୂଜନୀୟ ବାବାଇଦାଙ୍କ ଉପସ୍ଥିତିରେ ଆରମ୍ଭ ହୁଏ ସମବେତ ବିନତି-ପ୍ରାର୍ଥନା ।

ପ୍ରାର୍ଥନାନ୍ତେ ପ୍ରଣାମାଦି ପରେ ବଡ଼ନାଟମଣ୍ଡପରେ ସମବେତ ନାମଜପ ପରେ ବିଭିନ୍ନ ଭାଷାରେ ଶ୍ରୀଶ୍ରୀଠାକୁରଙ୍କ 'ଅନୁଶ୍ରୁତି' (ଦ୍ୱିତୀୟଖଣ୍ଡ) ଏବଂ 'ଦେବୀସୂକ୍ତ' ପଠିତ ହୁଏ । ତତ୍ପରେ ପରମପ୍ରେମମୟ ଶ୍ରୀଶ୍ରୀଠାକୁରଙ୍କ ନାମ-ସଂକୀର୍ତ୍ତନ ଓ ସତ୍‌ସଙ୍ଗ ହୁଏ । ଭଜନ, କୀର୍ତ୍ତନ ଓ ଛଡ଼ାର ଗାନରେ ଅଂଶଗ୍ରହଣ କରନ୍ତି ନିଖିଳ କୁମାର ଘଟକ, ସ୍ୱପନ କୁମାର ମଣ୍ଡଳ, ରଚୀନନ୍ଦନ ଚକ୍ରବର୍ତ୍ତୀ, କାର୍ତ୍ତିକଚନ୍ଦ୍ର ବିଶ୍ୱାସ, ବଳରାମ ଦାସ, ଜୟଜୟ ରାମ ସିଂ ପ୍ରମୁଖ । ସନ୍ଧ୍ୟା ୬ଟା ୪୫ମିଃ.ରେ ଷୋଡ଼ଶୀଭବନରେ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ଆବାସଗୃହ ସମ୍ମୁଖସ୍ଥ ପ୍ରାଙ୍ଗଣରେ ଅଗଣିତ ଭକ୍ତନରନାରୀଙ୍କ ଉପସ୍ଥିତିରେ ମାଙ୍ଗଳିକ ଅନୁଷ୍ଠାନାଦି ସହିତ ଯୁଗାଚାର୍ଯ୍ୟ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ପୁଣ୍ୟ ଆବିର୍ଭାବ ଲଗ୍ନ ଘୋଷଣା କରାହୁଏ । ଘୋଷଣାରେ ଥିଲେ ଶ୍ରୀତରୁଣ କୁମାର ପାଲ । ସହଯୋଗିତାରେ ଶ୍ରୀରାମାନନ୍ଦ ପରାମାଣିକ ଓ ସନାତନ ପାଲ ପ୍ରମୁଖ ଆଶ୍ରମିକ ଓ ବହିରାଗତ ଭାଇ ଓ ମା'ମାନେ ।

**ଆଲୋକସଜ୍ଜା :** ଏହିଦିନ ସନ୍ଧ୍ୟାଠାରୁହିଁ ଆଲୋକସଜ୍ଜାରେ ଝଲମଲ କରିଉଠେ ଆଶ୍ରମ ପ୍ରାଙ୍ଗଣ ।

ବି.ଦ୍ର. : ବାଙ୍କୁଡ଼ା ଜିଲ୍ଲାର ବିଷ୍ଣୁପୁରରୁ ଆଗତ ତାରାମା' ବ୍ୟାଣ୍ଡର କଳାକାରମାନେ ଦିନର ବିଭିନ୍ନ ସମୟରେ ବ୍ୟାଣ୍ଡ ବଜାଇ ପରିବେଶକୁ ଉତ୍ସବ ମୁଖରିତ କରି ରଖନ୍ତି ।

ଓଡ଼ିଶାର ରବି ବିଶ୍ୱାଳଙ୍କ ନେତୃତ୍ୱରେ କୀର୍ତ୍ତନ ଦଳ କୀର୍ତ୍ତନ କରି ଷୋଡ଼ଶୀଭବନର ଚତ୍ୱରକୁ ମୁଖରିତ କରି ରଖନ୍ତି ।

**ବିଚିତ୍ରାନୁଷ୍ଠାନ :** ଏହିଦିନ ସନ୍ଧ୍ୟା ସାଢ଼େ ସାତଟାରେ ମନୋମୋହିନୀଧାମ ସ୍ଥିତ ଉତ୍ସବ ମଞ୍ଚରେ କଲିକତାରୁ ଆଗତ ନାଟ୍ୟଲକ୍ଷ୍ମୀ ଅପେରା ମଞ୍ଚସ୍ଥ କରନ୍ତି ସୌମିତ୍ର ଚାଟାର୍ଜ୍ଜୀ ଓ ସୁତପା ଚାଟାର୍ଜ୍ଜୀ ଅଭିନୀତ ଯାତ୍ରାଭିନୟ 'ଭୋରେର ଶିଶିରେ ଭାଲବାସା' । ଶ୍ରେଷ୍ଠାଂଶେ ପ୍ରତିଭାମୟୀ ଅଭିନେତ୍ରୀ ତନୁଶ୍ରୀ, ଯାତ୍ରାର ବଳିଷ୍ଠ ଅଭିନେତା ଉଦୟଭାନୁ ଦାସ ପ୍ରମୁଖ ।

ଶିଳ୍ପୀମାନଙ୍କର ଉଚ୍ଚମାନର ଅଭିନୟ ଦର୍ଶକମାନଙ୍କ ଚିତ୍ତକୁ ବିମୋହିତ କରିଦିଏ ।

ପରମପୂଜନୀୟା ବଡ଼ବୌଦି, ପୂଜନୀୟ ବାବାଇବାବୁ, ପୂଜନୀୟା ବଡ଼ବୋହୂରାଣୀ, ପୂଜନୀୟ ଅବିନବାବୁ, ରଭୁବାବୁ, ଅର୍ଣ୍ଣବାବୁ, ଅନ୍ତିକବାବୁ, ଅନ୍ୱିତାମା', ଅୟନାମା' ଏବଂ ଠାକୁରପରିବାରର ଅନ୍ୟାନ୍ୟଗଣଙ୍କ ଉପସ୍ଥିତି ସମବେତ ଦର୍ଶକ ଓ ଶିଳ୍ପୀମାନଙ୍କଠାରେ ସବିଶେଷ ପ୍ରେରଣାର ସଞ୍ଚାର କରେ ।

*ସମ୍ବାଦଦାତା : ଶ୍ରୀତରୁଣ କୁମାର ପାଲ*

**ବୈବାହିକୀ ସ୍ତମ୍ଭରେ ବିବାହଯୋଗ୍ୟ ପୁତ୍ର ବା କନ୍ୟାର ବିବରଣୀ ଦେବାକୁ ହେଲେ ନିମ୍ନୋକ୍ତ ତଥ୍ୟଗୁଡ଼ିକୁ ଅବଶ୍ୟ ପ୍ରଦାନ କରିବେ ।**

**୧- ବର୍ଣ୍ଣ, ୨- ଜାତି (ଉପବର୍ଣ୍ଣ), ୩- ଗୋତ୍ର, ୪- ବୟସ, ୫- ଉଚ୍ଚତା, ୬- ଦେହର ରଙ୍ଗ, ୭- ଶିକ୍ଷାଗତ ଯୋଗ୍ୟତା, ୮- ବୃତ୍ତି/ଜୀବିକା ସମ୍ବନ୍ଧରେ ସ୍ପଷ୍ଟ ଏବଂ ବିଶଦ ବିବରଣୀ, ୯- ସମ୍ପୂର୍ଣ୍ଣ ଡ଼ାକ ଠିକଣା, ୧୦- ଫୋନ ନମ୍ବର ।**

**ଉର୍ଜ୍ଜନା କାର୍ଯ୍ୟାଳୟରେ ଏଥିପାଇଁ ଫର୍ମ ଉପଲବ୍ଧ । କେବଳ ସତ୍‌ସଙ୍ଗୀ ପାତ୍ର/ପାତ୍ରୀଙ୍କ ତଥ୍ୟ ଗ୍ରହଣୀୟ । ସମସ୍ତ ବିବରଣୀ ସହିତ ଦେୟ ୫୦ଟଙ୍କା ଦେଇ *'ମ୍ୟାନେଜର, ଉର୍ଜ୍ଜନା, ସତ୍‌ସଙ୍ଗ, ଦେଓଘର'* ଠିକଣାରେ ଯୋଗାଯୋଗ କରନ୍ତୁ ।**

# ବୈବାହିକୀ ସ୍ତମ୍ଭ

## ତେଲି ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ତୈଳକାର, ଗୋତ୍ର-ନାଗ, ବୟସ-୩୨ବର୍ଷ, ଉଚ୍ଚତା-୫'୬'', ଦୈହିକରଙ୍ଗ-ସାବନା, ଯୋଗ୍ୟତା-ଏମ.ଟେକ୍, ଆସିଷ୍ଟାଣ୍ଟ ପ୍ରଫେସରଭାବେ ଅବସ୍ଥାପିତ ପାତ୍ରପାଇଁ ସ୍ୱଜାତି ଭିନ୍ନ ଗୋତ୍ରୀୟା ଉପଯୁକ୍ତାପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ନବଘନ ସାହୁ, କାମାକ୍ଷାନଗର,ଢେଙ୍କାନାଳ,ମୋ.-୯୪୩୭୧୪୦୨୦୪/୯୪୪୦୫୪୨୮୨୯

## ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ମୁଦ୍‌ଗଲ, ବୟସ-୩୧ବର୍ଷ, ଉଚ୍ଚତା-୫'୭'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ବି.ଏ.ଏଲ୍.ଏଲ୍.ବି., ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଓକିଲଭାବେ କାର୍ଯ୍ୟରତ ସ୍ୱସ୍ତ୍ୟୟନୀବ୍ରତଧାରୀ ପାତ୍ରପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟା ଉପଯୁକ୍ତାପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ପ୍ରଫୁଲ୍ଲ କୁମାର ନାୟକ (ଅଧ୍ୱର୍ଯ୍ୟୁ), ଫ୍ଲାଟ୍‌ନଂ-୩ଡ଼ି/୫୭୨, ସେକ୍ଟର-୮, ସି.ଡ଼ି.ଏ., କଟକ, ମୋ.-୮୯୦୮୯୧୯୮୩୩

## ଖଣ୍ଡାୟତ ପାତ୍ର ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-ବରୁଣ, ବୟସ-୨୩ବର୍ଷ, ଉଚ୍ଚତା-୫'୨'', ଦୈହିକରଙ୍ଗ-ସାବନା , ଯୋଗ୍ୟତା-ବି.ଟେକ୍ ପାତ୍ରୀପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟ ଉପଯୁକ୍ତପାତ୍ର ଆବଶ୍ୟକ । **ଯୋଗାଯୋଗ :** ସୁରେନ୍ଦ୍ର ପ୍ରଧାନ, ନବକଳେବର ରୋଡ଼, ନୂଆସାହି, ପୁରୀ, ମୋ.-୯୨୩୮୬୪୯୮୪୨/୯୨୩୭୧୨୧୬୫୯

## କରଣ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-କରଣ, ଗୋତ୍ର-ନାଗ, ବୟସ-୩୦ବର୍ଷ, ଉଚ୍ଚତା-୫'୧୦'', ଦୈହିକରଙ୍ଗ-ଗୌର , ଯୋଗ୍ୟତା-ବି.ଟେକ୍, ସଫ୍ଟୱାର ଇଞ୍ଜିନିୟରଭାବେ ପୁନାରେ ଅବସ୍ଥାପିତ ପାତ୍ରପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟା ଉପଯୁକ୍ତାପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ରମେଶଚନ୍ଦ୍ର ପଟ୍ଟନାୟକ (ଯାଜକ), ମାର୍ଫତ-ଶ୍ରୀନିବାସ ଆଚାର୍ଯ୍ୟ, ଦୁର୍ଗାମେଢ଼ ନଗର, ଗିରୀଶବିହାର, ସମ୍‌ହସ୍‌ପିଟାଲ ପାଖ, ଭୁବନେଶ୍ୱର, ମୋ.-୭୩୭୭୪୪୫୮୯୩

## କରଣ ପାତ୍ର ଆବଶ୍ୟକ

ଜାତି-କରଣ, ଗୋତ୍ର-ନାଗ, ବୟସ-୨୫ବର୍ଷ, ଉଚ୍ଚତା-୫', ଦୈହିକରଙ୍ଗ-ସଫା , ଯୋଗ୍ୟତା-ବି.ଟେକ୍, ଇ.ଟି.ସି., ସଙ୍ଗୀତଜ୍ଞା ଆଜନ୍ମ ନିରାମିଷାଶିନୀ ପାତ୍ରୀପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ଦୀପକ କୁମାର ମହାପାତ୍ର, ସା.-କେଓଲା, ପୋ.-ବହଡ଼ାଗୁଡ଼ା, ସିଂହଭୁମ, ଝାଡ଼ଖଣ୍ଡ, ମୋ.-୦୯୯୦୫୧୭୦୩୬୬/୦୯୫୩୪୧୪୦୮୬୫

## ଗୋପାଳ ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଗୋପାଳ, ଗୋତ୍ର-କଶ୍ୟପ, ବୟସ-୨୫ବର୍ଷ, ଉଚ୍ଚତା-୫'୩'', ଦୈହିକରଙ୍ଗ-ସଫା , ଯୋଗ୍ୟତା-ବି.ଟେକ୍, ଇ.ଟି.ସି., ପାତ୍ରୀ ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ଅନାମ ଚନ୍ଦ୍ର ଦାସ, (ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ), ଓହଳ କୋର୍ଟଛକ, ଜଗତ୍‌ସିଂହପୁର, ଫୋ.ନଂ.-୦୬୭୨୪-୨୨୨୦୯୦, ମୋ.-୭୮୭୩୪୦୨୬୦୪

## ଦର୍ଜୀ ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଦର୍ଜୀ, ଗୋତ୍ର-ନାଗ, ବୟସ-୩୨ବର୍ଷ, ଉଚ୍ଚତା-୫'୮'', ଯୋଗ୍ୟତା-ଯୁକ୍ତ୨, କମ୍ପ୍ୟୁଟର, ପିଜିଡ଼ିସିଏ, ହିନ୍ଦୀରତ୍ନ, ସଙ୍ଗୀତଜ୍ଞା ଗୃହକର୍ମନିପୁଣା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ପ୍ରଫୁଲ୍ଲ କୁମାର ମହାପାତ୍ର, ପିପିଲି, ପୁରୀ, ଫୋ.ନଂ-୦୬୭୫୮-୨୪୦୪୯୪, ମୋ.-୯୦୯୦୦୨୪୩୭୭

## କରଣ ପାତ୍ରୀ ଆବଶ୍ୟକ

ଜାତି-କରଣ, ଗୋତ୍ର-କାଶ୍ୟପ, ବୟସ-୩୨ବର୍ଷ, ଉଚ୍ଚତା-୫'୮'', ଯୋଗ୍ୟତା-ବି.ଏସି., ଏମ୍.ବି.ଏ., ବ୍ୟାଙ୍କରେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ନିମାଇଁ ଚରଣ ଦାସ (ସ.ପ୍ର.ର.), ଜି-୮୧, ସେକ୍ଟର-୨, ରାଉରକେଲା, ମୋ.-୯୮୬୧୪୨୪୭୩୫

## କରଣ ପାତ୍ର ଆବଶ୍ୟକ

ଜାତି-କରଣ, ଗୋତ୍ର-କାଶ୍ୟପ, ବୟସ-୨୩ବର୍ଷ, ଉଚ୍ଚତା-୫'୨'', ଯୋଗ୍ୟତା-ବି.ଏ., ଏମ୍.ବି.ଏ., ଆଜନ୍ମ ନିରାମିଷାଶିନୀ ଗୃହକର୍ମନିପୁଣା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ନିମାଇଁ ଚରଣ ଦାସ (ସ.ପ୍ର.ର.), ଜି-୮୧, ସେକ୍ଟର-୨, ରାଉରକେଲା, ମୋ.-୯୮୬୧୪୨୪୭୩୫

## କୁର୍ମୀ ପାତ୍ରୀ ଆବଶ୍ୟକ

ଜାତି-କୁର୍ମୀ, ଗୋତ୍ର-କଣ୍ଡୋୟାର, ବୟସ-୨୯ବର୍ଷ, ଉଚ୍ଚତା-୫'୪'', ଯୋଗ୍ୟତା-ଡ଼ିପ୍ଲୋମା ଇଲେ., ନିଜସ୍ୱ ବ୍ୟବସାୟରତ, ସ୍ୱସ୍ତ୍ୟୟନୀବ୍ରତଧାରୀ ପାତ୍ର ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ଜୟକୃଷ୍ଣ ମହାନ୍ତ, ସା.-ବରପଦା, ପୋ.-ନନ୍ଦପୁର, ଭାୟା-କରଞ୍ଜିଆ, ଜି.-କେନ୍ଦୁଝର, ଓଡ଼ିଶା, ମୋ.-୯୯୩୭୪୪୧୮୯୨

## କରଣ ପାତ୍ରୀ ଆବଶ୍ୟକ

ଜାତି-କରଣ, ଗୋତ୍ର-ଭରଦ୍ୱାଜ, ବୟସ-୨୯ବର୍ଷ, ଉଚ୍ଚତା-୫'୬'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ବି.ଟେକ, ଇଲେ., ଆଦିତ୍ୟବିର୍ଲା କମ୍ପାନୀରେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ସୁରେଶଚନ୍ଦ୍ର ମହାନ୍ତି, ବାଲିଗୁଡ଼ା, କନ୍ଧମାଳ, ମୋ.-୯୪୩୭୩୫୯୨୭୧

## ଶୁଣ୍ଢୀ ପାତ୍ରୀ ଆବଶ୍ୟକ

ଜାତି-ଶୁଣ୍ଢୀ, ଗୋତ୍ର-ନାଗେଶ, ବୟସ-୨୯ବର୍ଷ, ଉଚ୍ଚତା-୫'୪'', ଯୋଗ୍ୟତା-ବି.ଟେକ, ଆସିଷ୍ଟାଣ୍ଟ ଇଞ୍ଜିନିୟରଭାବେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ଦିବାକର ସାହୁ, ବାଲିଗୁଡ଼ା, କନ୍ଧମାଳ, ମୋ.-୯୪୩୯୦୭୨୧୬୭/୮୨୮୦୧୧୩୯୯୦

## ପରମପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୨୬ତମ ଜନ୍ମୋତ୍ସବ ଓ ବାର୍ଷିକ ସତ୍‌ସଙ୍ଗର ଦିନଧାର୍ଯ୍ୟ ସୂଚନା (ଓଡ଼ିଶାର ବିଭିନ୍ନ ସତ୍‌ସଙ୍ଗ କେନ୍ଦ୍ର, ବିହାର ଓ ଶ୍ରୀମନ୍ଦିର ଆନୁକୂଲ୍ୟରେ ଅନୁଷ୍ଠେୟ)

### ବର୍ଷ : ୨୦୧୪

| | | | | |
|---|---|---|---|---|
| ଜାନୁୟାରୀ-୧୨ | : | ରବିବାର | : | **ଉତ୍କଳ ଆଗମନୀ ସ୍ମୃତି-ମହୋତ୍ସବ, ପୁରୀ** |
| ଜାନୁୟାରୀ-୧୩ | : | ସୋମବାର | : | ପଦନୀପାଳ |
| ଜାନୁୟାରୀ-୧୪ | : | ମଙ୍ଗଳବାର | : | ସାଲେପୁର, ପଟ୍ଟାମୁଣ୍ଡାଇ |
| ଜାନୁୟାରୀ-୧୫ | : | ବୁଧବାର | : | ପୁଷ୍ପଗିରି |
| ଜାନୁୟାରୀ-୧୬ | : | ଗୁରୁବାର | : | ନାଞ୍ଚୋ, କାଂଶବାହାଲ, ନିମାପଡ଼ା |
| ଜାନୁୟାରୀ-୧୮ | : | ଶନିବାର | : | ଦାସବାଟିଆ, ଭୂଇଁପୁର, ନୟାଗଡ଼ |
| ଜାନୁୟାରୀ-୧୯ | : | ରବିବାର | : | ଯାଜପୁରରୋଡ଼, ରାଉରକେଲା, ଦୁନ୍ଦକୋଟ, ପଣପଣା, ଟିକାବାଲି, ବିଲଣା, ତିର୍ତ୍ତୋଲ, ବୋରିକିନା, ଜୟପାଟଣା, ଲହୁଣୀ, ବିଶୋଇ, ଡୁଙ୍ଗୁରିପାଲି, ନୂଆପଡ଼ା, ବାଲିଆ ଷ୍ଟୋର |
| ଜାନୁୟାରୀ-୨୦ | : | ସୋମବାର | : | କେସିଙ୍ଗା |
| ଜାନୁୟାରୀ-୨୧ | : | ମଙ୍ଗଳବାର | : | କରଞ୍ଜିଆ |
| ଜାନୁୟାରୀ-୨୨ | : | ବୁଧବାର | : | କେନ୍ଦୁଝର, ପାଲଲହଡ଼ା |
| ଜାନୁୟାରୀ-୨୩ | : | ଗୁରୁବାର | : | ଜଳେଶ୍ୱର, ଗରଜଙ୍ଗା, ଚାଟିକଣା, ଶରଣକୁଳ, ଗଡ଼ହାରିଶପୁର, ଇଚ୍ଛାପୁର, ନର୍ଲା |
| ଜାନୁୟାରୀ-୨୫ | : | ଶନିବାର | : | **ପୁରୀରୁ ସାକ୍ଷୀଗୋପାଳ ଆଗମନୀ ସ୍ମୃତି-ଉତ୍ସବ, ସାକ୍ଷୀଗୋପାଳ** |
| ଜାନୁୟାରୀ-୨୮ | : | ମଙ୍ଗଳବାର | : | ନବରଙ୍ଗପୁର, ରତ୍ନଗିରି/ଉଦୟଗିରି |
| ଜାନୁୟାରୀ-୨୯ | : | ବୁଧବାର | : | ବରଗଡ଼, ଜୟପୁର |
| ଜାନୁୟାରୀ-୩୦ | : | ଗୁରୁବାର | : | ରାୟଗଡ଼ା |
| ଫେବୃଆରୀ-୧ | : | ଶନିବାର | : | ଗଜପତି (ପାରଳାଖେମୁଣ୍ଡି), ପାଣିକୋଇଲି, ସୁକିନ୍ଦା, ଭୋଗରାଇ, ଡ଼େଲାଙ୍ଗ, ଲଥାଙ୍ଗ |
| ଫେବୃଆରୀ-୨ | : | ରବିବାର | : | ଅନୁଗୋଳ (ଦିନ), ନାଲ୍‌କୋ (ରାତି), ବ୍ରହ୍ମପୁର, ମାଲକାନଗିରି, ଚଣ୍ଡୀଖୋଲ, ବାଲିଆପାଳ, ରେମୁଣା, ବାହାନଗା, କଣ୍ଟାବାଞ୍ଜି, ବାସୁଦେବପୁର, ପଲ୍ଲୀ, ଚାନ୍ଦବାଲି, ଜି-ଉଦୟଗିରି, ଜନାର୍ଦ୍ଦନପୁର, ବାବନ୍ଧ, ନୂଆପୋଖରୀ, ଧନିଶୋ, ରିଷିଡ଼ା, ରାଜନଗର, ଜମପଡ଼ା, ଦାମନଯୋଡ଼ି, ଜେ.କେ.ପୁର, ବଡ଼ଛେଛକ, ଦଶପଲ୍ଲା, ବନମାଳିପୁର, ବିଶ୍ରା, ଇନ୍ଦୁପୁର, ଜଗତପୁର |
| ଫେବୃଆରୀ-୧୦ | : | ସୋମବାର | : | ଷଡ଼ଙ୍ଗୀ |
| ଫେବୃଆରୀ-୧୧ | : | ମଙ୍ଗଳବାର | : | ଜଗତସିଂହପୁର, ଗୋବିନ୍ଦପୁର, ବସ୍ତା |
| ଫେବୃଆରୀ-୧୪ | : | ଶୁକ୍ରବାର | : | ଖଇରା, ପାଳିଆ, ଚାରିଛକ, ନରସିଂହପୁର (କେନ୍ଦ୍ରାପଡ଼ା), ଖୁଣ୍ଟୁଣି |
| ଫେବୃଆରୀ-୧୫ | : | ଶନିବାର | : | ଆନନ୍ଦପୁର, ଗଡ଼ମଧୁପୁର, ରାୟପୁର, ମୁରୁସୁଆଁ |
| ଫେବୃଆରୀ-୧୬ | : | ରବିବାର | : | ଭୁବନେଶ୍ୱର, ବାଲେଶ୍ୱର, ଦେବଗଡ଼, ଭଦ୍ରକ, କୋରାପୁଟ, ସିନ୍ଦେଇକେଲା, ରାଇକିଆ, ଦାନଗଦି, ବ୍ରଜରାଜନଗର, ଧର୍ମଗଡ଼, ପଦ୍ମପୁର, କୁଶଭଦ୍ରା, ବାଲିଗୁଡ଼ା, ଆମ୍ବାଦୋଳା, ରାଇରଙ୍ଗପୁର, ଉଦଳା, ଡ଼ାବୁଗାଁ, ବାସନ୍ତୀକଲୋନୀ |
| ଫେବୃଆରୀ-୧୭ | : | ସୋମବାର | : | ଚମ୍ପୁଆ |
| ଫେବୃଆରୀ-୧୮ | : | ମଙ୍ଗଳବାର | : | ଗୋପାଳପୁର |
| ଫେବୃଆରୀ-୨୦ | : | ଗୁରୁବାର | : | ରାମକୁମାରପୁର, ବ୍ରହ୍ମବରଦା |
| ଫେବୃଆରୀ-୨୧ | : | ଶୁକ୍ରବାର | : | ମିତ୍ରପୁର, ହାଡିନା |
| ଫେବୃଆରୀ-୨୨ | : | ଶନିବାର | : | ଯାଜପୁର, ସୁନାବେଢ଼ା, ଧର୍ମଶାଳା, ଲଙ୍ଗଳେଶ୍ୱର |

| | | | | |
|---|---|---|---|---|
| ଫେବୃଆରୀ-୨୩ | : | ରବିବାର | : | ଫୁଲବାଣୀ, ଖୋର୍ଦ୍ଧା, ବାରିପଦା, କମର୍ଦ୍ଦା, ନୀଳଗିରି, ବାହାବଳପୁର, ଏରସମା, ଗୋପ, ପରାସରା, ତିହିଡ଼ି, ନରସିଂହପୁର, ପୋଲସରା, ମଉଗଜପୁର, ବିଞ୍ଝାରପୁର, ହରିଚନ୍ଦନପୁର, ବଡ଼ବିଲ, ଗୁଣପୁର, ବଡ଼ପାଳ, ମୁନିଗୁଡ଼ା, ମଇଦଳପୁର, ରାଜଗାଙ୍ଗପୁର, ଜାତମୁଣ୍ଡିଆ, କେନ୍ଦ୍ରାପଡ଼ା, ଗୋବିନ୍ଦପୁର |
| ଫେବୃଆରୀ-୨୪ | : | ସୋମବାର | : | ଭବାନୀପାଟଣା |
| ଫେବୃଆରୀ-୨୫ | : | ମଙ୍ଗଳବାର | : | ସୋରୋ, ଖଡିଗୁଡ଼ା, ଜୁନାଗଡ଼ |
| ଫେବୃଆରୀ-୨୬ | : | ବୁଧବାର | : | ଟିଟିଲାଗଡ଼ |
| ଫେବୃଆରୀ-୨୭ | : | ଗୁରୁବାର | : | କୁଆଖିଆ, ଧାନଘରପଡ଼ା |
| ଫେବୃଆରୀ-୨୮ | : | ଶୁକ୍ରବାର | : | ମଞ୍ଜୁରିରୋଡ଼୍, ଦେଉର୍ଦ୍ଧୀ, ବଲାଙ୍ଗୀର |
| ମାର୍ଚ୍ଚ-୧ | : | ଶନିବାର | : | ଚରମ୍ପା, ଜୁଆଣିଆ, ଝାରସୁଗୁଡ଼ା |
| ମାର୍ଚ୍ଚ-୨ | : | ରବିବାର | : | ଯୋଡ଼ା, ସଇଁତଳା, ମୁଖିଗୁଡ଼ା, ହାଟଡ଼ିହ, କାଂଶ, ଶ୍ରୀରାମପୁର, ବଡ଼ସୁଆଁଳ, ସାଇଁକରି, ସମ୍ବଲପୁର, ବେଲପାହାଡ଼ |
| ମାର୍ଚ୍ଚ-୩ | : | ସୋମବାର | : | କଲମପୁର |
| ମାର୍ଚ୍ଚ-୪ | : | ମଙ୍ଗଳବାର | : | ହିନ୍ଦୋଳ, କଣ୍ଟାମାଳ |
| ମାର୍ଚ୍ଚ-୫ | : | ବୁଧବାର | : | ମଲ୍ଲିକାଦେଇପୁର, ବାଲିକୁଦା, ସୋନପୁର |
| ମାର୍ଚ୍ଚ-୬ | : | ଗୁରୁବାର | : | ରେଢ଼ାଖୋଲ |
| ମାର୍ଚ୍ଚ-୭ | : | ଶୁକ୍ରବାର | : | କଲଙ୍ଗା, ବୌଦ |
| ମାର୍ଚ୍ଚ-୮ | : | ଶନିବାର | : | ଚାନ୍ଦୋଳ |
| ମାର୍ଚ୍ଚ-୯ | : | ରବିବାର | : | ନେମାଳ, ତାଳଚେର ଥର୍ମାଲ, ଆଠମଲ୍ଲିକ୍, ବୈତରଣୀରୋଡ଼, ମେରାମୁଣ୍ଡଳୀ, ଚିଲିଗୁଡ଼ା, ଓକଲା, ଗୋପୀନାଥପୁର, ତେଲନଟୀ, ସଦଗାଁ, ପଟୁଙ୍ଗ୍ |

ବି.ଦ୍ର. : ଅନିବାର୍ଯ୍ୟ କାରଣବଶତଃ ଉତ୍ସବର ଧାର୍ଯ୍ୟ ଦିବସ ପରିବର୍ତ୍ତନୀୟ ।

*ସ୍ୱା- ଡ଼ମ୍ବରୁଧର ଦାସ, ସ.ପ୍ର.ର.*

## ବୈବାହିକୀ ସ୍ତମ୍ଭ

### କରଣ ପାତ୍ର ଆବଶ୍ୟକ

ଜାତି-କରଣ, ଗୋତ୍ର-ପରାଶର, ବୟସ-୨୬ବର୍ଷ, ଉଚ୍ଚତା-୫'୨'', ଦୈହିକରଙ୍ଗ-ଶ୍ୟାମଳ, ଯୋଗ୍ୟତା-ଏମ.ଏସ.ସି., ଏମ.ଟେକ୍ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ଗୋପାଳକୃଷ୍ଣ ପଟ୍ଟନାୟକ, ଆସ୍କପୁଆ, ଜି.-ଗଞ୍ଜାମ, ମୋ.-୯୪୩୭୧୨୩୧୪୨

### ଖଣ୍ଡାୟତ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-କ୍ଷତ୍ରିୟ, ଜାତି-ଖଣ୍ଡାୟତ, ଗୋତ୍ର-କାଶ୍ୟପ, ବୟସ-୩୨ବର୍ଷ, ଉଚ୍ଚତା-୫'୪'', ଯୋଗ୍ୟତା-ମ୍ୟାଟ୍ରିକ୍ ଫେଲ ପାତ୍ର ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ପ୍ରହ୍ଲାଦ ଚନ୍ଦ୍ର ବିଶ୍ୱାଳ, ଲିପ୍ଲୟ, (ସତ୍ସଙ୍ଗ ବିହାର ପାଖ), ପୋ.-ରାଜନଗର, ଜି.-ସୁନ୍ଦରଗଡ଼, ମୋ.-୯୬୯୨୬୧୯୬୬୫

### ବିପ୍ର ପାତ୍ର ଆବଶ୍ୟକ

ବର୍ଣ୍ଣ-ବିପ୍ର, ଜାତି-ବ୍ରାହ୍ମଣ, ଗୋତ୍ର-ହାରିତ, ବୟସ-୨୧ବର୍ଷ, ଉଚ୍ଚତା-୫'୪'', ଦୈହିକରଙ୍ଗ-ଶ୍ୟାମଳ, ଯୋଗ୍ୟତା-ଯୁକ୍ତ୩ କଳା, କାର୍ଯ୍ୟରେ ନିପୁଣା ପାତ୍ରୀ ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ବିଶ୍ୱନାଥ ଆଚାର୍ଯ୍ୟ, ଗ୍ରା.-ବଳମ, ପୋ.-ବଳମ, ଜି.-ଦେବଗଡ଼, ମୋ.-୯୪୩୭୬୧୫୬୭୧୦

### ମେହେରଭୁଲିଆ (ପଶ୍ଚିମଓଡ଼ିଶା) ପାତ୍ର ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ମେହେରଭୁଲିଆ, ଗୋତ୍ର-ନାଗ, ବୟସ-୨୭ବର୍ଷ, ଉଚ୍ଚତା-୫', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ଯୁକ୍ତ୨ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ରାଧେଶ୍ୟାମ ମେହେର, ଚିଚିଣ୍ଡା, ଥାନା-ଭେଡ଼େନ, ଜି.-ବିରଗଡ଼, ମୋ.-୮୦୧୮୬୩୪୭୦୭/୯୫୫୬୩୭୬୪୪୭୦

### କରଣ ପାତ୍ର ଆବଶ୍ୟକ

ଜାତି-କରଣ, ଗୋତ୍ର-ନାଗ, ବୟସ-୨୫ବର୍ଷ, ଉଚ୍ଚତା-୫'୧'', ଦୈହିକରଙ୍ଗ-ଗୌର, ଯୋଗ୍ୟତା-ବି.ଏ., ନିରାମିଷାଶିନୀ ପାତ୍ରୀ ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟ ଉପଯୁକ୍ତ ପାତ୍ର ଆବଶ୍ୟକ । **ଯୋଗାଯୋଗ :** ଅଶୋକ କୁମାର ମହାନ୍ତି, ପି.ଡ଼ବ୍ଲ୍ୟୁ.ଡ଼ି. ଅଫିସ୍, କେନ୍ଦୁଝର, ଓଡ଼ିଶା, ମୋ.-୯୪୩୮୭୮୦୪୭୦

### ଗୁଡ଼ିଆ ପାତ୍ରୀ ଆବଶ୍ୟକ

ବର୍ଣ୍ଣ-ବୈଶ୍ୟ, ଜାତି-ଗୁଡ଼ିଆ, ଗୋତ୍ର-ବଳଭଦ୍ର, ବୟସ-୨୭ବର୍ଷ, ଉଚ୍ଚତା-୫'୧୧'', ଯୋଗ୍ୟତା-ବି.ଟେକ୍, ସଫ୍ଟୱାର ଇଞ୍ଜିନିୟରଭାବେ ପୁନେରେ କାର୍ଯ୍ୟରତ ପାତ୍ର ପାଇଁ ସ୍ୱଜାତି ଭିନ୍ନଗୋତ୍ରୀୟା ଉପଯୁକ୍ତା ପାତ୍ରୀ ଆବଶ୍ୟକ । **ଯୋଗାଯୋଗ :** ରାଜେନ୍ଦ୍ର କୁମାର ସାହୁ, ପ୍ଲଟ୍‌ନଂ-୮୪୬ଜେ, ମାର୍ଫତ୍- କେ. ପାଣି, ବମିଖାଲ, ଭୁବନେଶ୍ୱର, ମୋ.-୯୪୩୭୪୪୨୮୩୧

# ଆଶ୍ରମ ସମ୍ବାଦ

ଦେଶର ବିଭିନ୍ନ ପ୍ରାନ୍ତରୁ ଛୁଟି ଆସନ୍ତି ତ୍ରିତାପଜ୍ଵାଳା-ବିଦଗ୍ଧ ମଣିଷ ପୁରୁଷୋତ୍ତମଙ୍କ ପାଦପୀଠରେ ଉପସ୍ଥିତ ହୋଇ ଶାନ୍ତସମାହିତ ହେବା ପାଇଁ । ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦାଙ୍କ ଦର୍ଶନ ଲାଭ କରି ଧନ୍ୟ ହୁଏ ସେମାନଙ୍କ ଜୀବନ । ଆନନ୍ଦ ଓ ଶାନ୍ତି ଲାଭ କରି ସେମାନେ ବଞ୍ଚିବାର ରାହା ଖୋଜି ପାଆନ୍ତି ।

ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା ସପରିବାର ସର୍ବକୁଶଳରେ ଅଛନ୍ତି ।

ଶୀତର ପ୍ରକୋପ କ୍ରମଶଃ ବଢ଼ି ଚାଲିଛି । ବର୍ତ୍ତମାନ ନିମ୍ନତମ ତାପମାତ୍ରା ୧୦°ସେଲସିୟସ୍‌ର ପାଖାପାଖି ରହୁଛି ।

**ତା୦୭।୧୨।୨୦୧୩ରିଖ, ଶନିବାର :** ପରମପୂଜନୀୟା ବଡ଼ବୌଦି କେତେଜଣ ଆଶ୍ରମକର୍ମୀଙ୍କୁ ସାଙ୍ଗରେ ନେଇ ସତ୍‌ସଙ୍ଗ ଦେଓଘରରୁ ସଡ଼କପଥରେ ଯାତ୍ରା କରି ଚିତ୍ତରଞ୍ଜନ ସତ୍‌ସଙ୍ଗ ବିହାର, ନନ୍ଦକୁମାର ସତ୍‌ସଙ୍ଗ ବିହାର, ପୁରୁଷୋତ୍ତମପୁର ସତ୍‌ସଙ୍ଗ ବିହାର, କାନ୍ଥି ସତ୍‌ସଙ୍ଗ ବିହାର, ମନ୍ଦାରମଣି ସତ୍‌ସଙ୍ଗ କେନ୍ଦ୍ର, ଦୀଘା ସତ୍‌ସଙ୍ଗ ବିହାର, କାମରଦା ସତ୍‌ସଙ୍ଗ ବିହାର, ନାମେପା ସତ୍‌ସଙ୍ଗ କେନ୍ଦ୍ର, ଭୁବନେଶ୍ଵର ସତ୍‌ସଙ୍ଗ ବିହାର, ପୁରୀ ଠାକୁରବାଡ଼ି, ଜଳେଶ୍ଵର ସତ୍‌ସଙ୍ଗ ବିହାର, ମେଦିନୀପୁର ଠାକୁରବାଡ଼ି, ଘାଟାଲ ସତ୍‌ସଙ୍ଗ ମନ୍ଦିର, ବିଷ୍ଣୁପୁର ସତ୍‌ସଙ୍ଗ ବିହାର, ଓନ୍ଦା ସତ୍‌ସଙ୍ଗ କେନ୍ଦ୍ର ଆଦି ପରିଦର୍ଶନ କରି ୧୫-ଡ଼ିସେମ୍ବରରେ ସତ୍‌ସଙ୍ଗ ଦେଓଘର ପ୍ରତ୍ୟାବର୍ତ୍ତନ କରନ୍ତି । କାନ୍ଥି ସତ୍‌ସଙ୍ଗ ବିହାରରେ ଜଗଜ୍ଜନନୀ ଶ୍ରୀଶ୍ରୀବଡ଼ମା'ଙ୍କ ମନ୍ଦିର ଓ ପରମପୂଜ୍ୟପାଦ ଶ୍ରୀଶ୍ରୀବଡ଼ଦାଙ୍କ ମନ୍ଦିର ସଦ୍ୟ ନିର୍ମିତ ହୋଇଛି । ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ଆଦେଶରେ ପରମପୂଜନୀୟା ବଡ଼ବୌଦି କର୍ତ୍ତୃକ ମନ୍ଦିରଦ୍ଵୟର ଦ୍ଵାର ଉନ୍ମୋଚିତ ହୁଏ ।

**ତା୧୫।୧୨।୨୦୧୩ରିଖ, ରବିବାର :** ପୂଜନୀୟ ବାବାଇବାବୁ ଉତ୍ତରପ୍ରଦେଶସ୍ଥିତ ଲକ୍ଷ୍ନୌ ସତ୍‌ସଙ୍ଗ କେନ୍ଦ୍ର ଉଦ୍‌ବୋଧନ କରନ୍ତି । ଏତଦୁପଲକ୍ଷେ ସେ ଟ୍ରେନ୍ ଯୋଗେ ୧୪-ଡ଼ିସେମ୍ବର ଦିନ ସତ୍‌ସଙ୍ଗ ଦେଓଘରରୁ କେତେଜଣ ଯୁବକର୍ମୀଙ୍କ ସହିତ ଯାତ୍ରାରମ୍ଭ କରନ୍ତି । ୧୫-ଡ଼ିସେମ୍ବର ଲକ୍ଷ୍ନୌର ବାଦଶା ନଗରରେ ପରମଦୟାଲ ଶ୍ରୀଶ୍ରୀଠାକୁରଙ୍କ ଜନ୍ମୋତ୍ସବ ସାଡ଼ମ୍ବରରେ ଉଦ୍‌ଯାପିତ ହୁଏ । ତାଙ୍କ ଉପସ୍ଥିତିରେ ସମବେତ ଭକ୍ତ ନରନାରୀ ଅପରିସୀମ ଆନନ୍ଦ ଲାଭ କରନ୍ତି । ୧୬-ଡ଼ିସେମ୍ବରରେ ସେ ସତ୍‌ସଙ୍ଗ, ଦେଓଘରକୁ ପ୍ରତ୍ୟାବର୍ତ୍ତନ କରନ୍ତି ।



ପ୍ରଧାନ ଆଚାର୍ଯ୍ୟଦେବ ପରମପୂଜ୍ୟପାଦ ଶ୍ରୀଶ୍ରୀଦାଦା

ପ୍ରତ୍ୟହ ପ୍ରତ୍ୟୁଷରେ ସର୍ବଶ୍ରୀ ପ୍ରାଣଗୋପାଳ ମଣ୍ଡଳ, ଯୋଗେଶ ବର୍ମନ, କାଶୀନାଥ ମଣ୍ଡଳ ପ୍ରମୁଖ ବିନତି ପ୍ରାର୍ଥନାର ଏକଘଣ୍ଟା ପୂର୍ବେ କୀର୍ତ୍ତନ କରି କରି ଆଶ୍ରମ ପରିକ୍ରମା କରନ୍ତି । ୬ଟା ୯ମିଃ.ରେ ଠାକୁରବଙ୍ଗଳାରେ ଅନୁଷ୍ଠିତ ହୁଏ ପ୍ରାତଃକାଳୀନ ବିନତି-ପ୍ରାର୍ଥନା । ଗ୍ରନ୍ଥପାଠ ହୁଏ ଯଥାକ୍ରମେ 'ସତ୍ୟାନୁସରଣ' ଓ 'ଚଲାର ସାଥୀ' । ୮ଟା ୫୫ମିଃ.ରେ ସମବେତ ନାମଜପ ଏବଂ ପରେ 'ଶ୍ରୀଶ୍ରୀଗୁରୁଗ୍ରନ୍ଥସାହେବଜୀ' ଓ 'ଧୃତି-ବିଧାୟନା' ଗ୍ରନ୍ଥରୁ ବାଣୀପାଠ ହୁଏ । ସନ୍ଧ୍ୟା ୪ଟା ୫୯ମିଃ.ରେ ସାନ୍ଧ୍ୟ-ବିନତି-ପ୍ରାର୍ଥନା ଅନୁଷ୍ଠିତ ହୁଏ । 'ଅନୁଶ୍ରୁତି' ଓ 'ଦେବୀ-ସୂକ୍ତ' ଗ୍ରନ୍ଥରୁ ବାଣୀପାଠ ହୁଏ । ପୂଜନୀୟ ବାବାଇବାବୁ ସକାଳ ଓ ସନ୍ଧ୍ୟା ଦୁଇବେଳା ବିନତି-ପ୍ରାର୍ଥନାରେ ଉପସ୍ଥିତ ରୁହନ୍ତି ।

ପ୍ରତ୍ୟହ ସକାଳ ବିନତି-ପ୍ରାର୍ଥନା ପରେ ପୂଜନୀୟ ବାବାଇବାବୁ ନୂତନ ଗେଷ୍ଟହାଉସ ବାରଣ୍ଡାରେ ବସନ୍ତି । ଆଚାର୍ଯ୍ୟଦେବ ଶ୍ରୀଶ୍ରୀଦାଦାଙ୍କ ନିର୍ଦ୍ଦେଶାନୁସାରେ ଭକ୍ତ ଓ ଅନୁରାଗୀମାନେ ତାଙ୍କ ନିକଟରେ ନାନା ସମସ୍ୟାର କଥା ନିବେଦନ କରନ୍ତି । ସେ ସମସ୍ତଙ୍କର କୁଶଳ ନିଅନ୍ତି ଓ ଇଷ୍ଟାନୁଗ ସମାଧାନ ପ୍ରଦାନ କରନ୍ତି ।

**ଡ଼କ୍ଟର ନିରଞ୍ଜନ ମିଶ୍ର**

ତା୨୮।୧୨।୨୦୧୩

**ସତ୍‌ସଙ୍ଗ ନଗର, ଦେଓଘର**

ସମ୍ପାଦକୀୟ

# ରିପୁ-ପରବଶ ନୁହେଁ, ରିପୁବଶୀ ହୁଅ

ମଣିଷ ଯେତେ ଯାହା କଷ୍ଟ ପାଏ ତା'ର ମୂଳ କାରଣ ହେଉଛି ପ୍ରବୃତ୍ତି ପ୍ରତି ଅହେତୁକ ଆସକ୍ତି । କାମ-କ୍ରୋଧ-ଲୋଭ-ମଦ-ମୋହ-ମାତ୍ସର୍ଯ୍ୟ– ଏହି ଛଅଟି ମୁଖ୍ୟ ପ୍ରବୃତ୍ତି ଅଟେ । ଏହାକୁ ଷଡ଼ରିପୁ ବା ଛଅଟି ଶତ୍ରୁ ବୋଲି ମଧ୍ୟ ଆଖ୍ୟାୟିତ କରାଯାଇଛି । ପ୍ରକୃତରେ ମଣିଷର ଯଦି କେହି ଶତ୍ରୁ ଥାଆନ୍ତି ତା'ହେଲେ ଏଇମାନେ । ଏଇମାନଙ୍କର ପ୍ରଭାବରୁ ମୁକ୍ତ ହେବା ପାଇଁ ଯେଉଁ ଚେଷ୍ଟା କରାଯାଏ ତାହାହିଁ ଆଧ୍ୟାତ୍ମିକ ସାଧନା । କେଉଁ ଆବହମାନ କାଳରୁ ଏହିସବୁ ପ୍ରବୃତ୍ତିରୁ ମୁକ୍ତ ହେବା ପାଇଁ ନାନାପ୍ରକାର ପ୍ରଚେଷ୍ଟା ଓ ସାଧନା କରା ହୋଇ ଆସୁଛି । କେହି କହୁଛି, ଏହାକୁ ନିୟନ୍ତ୍ରଣରେ ଆଣ ଆଉ କିଏ କହୁଛି, ଏଗୁଡ଼ିକୁ ଦମନ କର । କିନ୍ତୁ କୌଣସିଭାବେ ଏମାନଙ୍କ ପ୍ରାବଲ୍ୟ ହ୍ରାସ ପାଇବାର ନାଁ ଧରେନା । ସେ ଧନୀ ହେଉ କି ଗରିବ, ଜ୍ଞାନୀ ହେଉ କି ଅଜ୍ଞାନ, ଶୂଦ୍ର ହେଉ କି ବିପ୍ର ସମସ୍ତେ ଏଇ ଷଡ଼ରିପୁର ଆକ୍ରମଣରେ ପ୍ରତିମୁହୂର୍ତ୍ତରେ ଆଘାତ ପାଇ ଚାଲିଛନ୍ତି । ରକ୍ଷା ପାଇବାର ଆର୍ତ୍ତନାଦରେ ଚିତ୍କାର କରି ଉଠୁଛନ୍ତି । କିନ୍ତୁ ଏଥକୁ ଉପାୟ କ'ଣ ? ମହାପୁରୁଷମାନେ ଏହି ଷଡ଼ରିପୁର ଦାଉରୁ ରକ୍ଷା ପାଇବାର ବାଟ ବତାନ୍ତି । କିନ୍ତୁ ସେମାନଙ୍କୁ ସାବାଡ଼ କରିବା ତ ଦୂରର କଥା ସେମାନଙ୍କ ପ୍ରକୋପର ଶୀକାର ହୋଇଥା'ନ୍ତି ସମସ୍ତେ । ଏଣୁ ଦୁଃଖ-ଯନ୍ତ୍ରଣା-କଷ୍ଟରୁ ମଣିଷକୁ ଆଉ ମୁକ୍ତି ମିଳେନା । ତେବେ କ'ଣ ଏସବୁଠାରୁ ମୁକ୍ତି ମିଳିବନି ମଣିଷକୁ ? ଏହି ମୁକ୍ତି ପାଇବାର କୌଣସି ସହଜ ପନ୍ଥା ନାହିଁ ଯା'କି ସାଧାରଣ ମଣିଷଟିଏ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିବ । କାହିଁକି ନା ଏପର୍ଯ୍ୟନ୍ତ ଆବିର୍ଭୂତ ପ୍ରାୟଃ ସମସ୍ତ ମହାପୁରୁଷ ଏଥିରୁ ମୁକ୍ତ ହେବା ପାଇଁ କଠୋର ସାଧନାର କଥା କହିଛନ୍ତି– ଯାହାକି ଜଣେ ସାଧାରଣ ମଣିଷ ପକ୍ଷେ ସମ୍ଭବ ନୁହେଁ ।

ପୁରୁଷୋତ୍ତମ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର କିନ୍ତୁ ଏହି ଷଡ଼ରିପୁର ପ୍ରକୋପରୁ ନିଜକୁ ରକ୍ଷା କରିବାର ଅତି ସହଜ ପନ୍ଥା ନିର୍ଦ୍ଧାରଣ କରିଛନ୍ତି –

ତୁମର କାମ, କ୍ରୋଧ, ଲୋଭ, ମଦ, ମୋହ, ମାତ୍ସର୍ଯ୍ୟ
ଯାହାହିଁ ଥାଉନା କାହିଁକି, ସେଗୁଡ଼ିକୁ ଯଦି ଅଚ୍ୟୁତ
ଉର୍ଜ୍ଜୀ ଇଷ୍ଟାର୍ଥପରାୟଣ ଉପଚୟୀ ଉଦ୍‌ବର୍ଦ୍ଧନାରେ
ଲୋକହିତାୟ ବ୍ୟବହାର କରିପାର–
ଶୁଭ-ବିନାୟନୀ ତତ୍ପରତାରେ ବୈଧୀ ବିନିଯୋଗରେ,–
ତୁମେ ବୀର୍ଯ୍ୟବାନ୍ ସେହିଠାରେହିଁ;
ସେତେବେଳେ ସେଗୁଡ଼ିକ ଆଉ
ତୁମର ସତ୍ତାପୋଷଣାକୁ ବଞ୍ଚିତ କରି ତୋଳିବେନି,
ରିପୁ ହେବେନି ସେମାନେ,
ବରଂ ସ୍ୱାଧ୍ୟାୟୀ ସଙ୍ଗତିଶୀଳ ଅନ୍ୱୟୀ ଉଦ୍ଦୀପନାରେ
ସୁବ୍ୟବସ୍ଥ ନିୟୋଜନରେ ସାର୍ଥକ ହୋଇଉଠିବେ ତୁମଠାରେ–
ବୈଶିଷ୍ଟ୍ୟର ଶିଷ୍ଟ ଅନୁଶାସନୀ ସମ୍ବର୍ଦ୍ଧନାରେ
ବ୍ୟକ୍ତିତ୍ୱକୁ ବିନାୟିତ କରି;
ତେଣୁ, ରିପୁ-ପରବଶ ନ ହୋଇ ରିପୁବଶୀ ହୋଇଉଠ,
ସେଗୁଡ଼ିକୁ ଅନାର୍ଯ୍ୟ ବିନିଯୋଗ ନ କରି ନାଯ୍ୟ ବିନିଯୋଗରେ
ଲୋକହିତୀ ସନ୍ଦୀପନାରେ ସ୍ୱସ୍ତି-ପ୍ରସୂ କରିତୋଳ;
ଈଶ୍ୱରହିଁ ସାତ୍ତ୍ୱିକ-ସନ୍ଦୀପନା,
ଈଶ୍ୱରହିଁ ବିନାୟିତ ବର୍ଦ୍ଧନାର ଅନ୍ୱିତବୋଧି,
ଈଶ୍ୱରହିଁ କୁଶଳତତ୍ପରତାର ଦକ୍ଷ ଅନୁପ୍ରେରଣା ।

*(ଆର୍ଯ୍ୟ-ପ୍ରାତିମୋକ୍ଷ-୫୨୩୫)*

କାମ-କ୍ରୋଧାଦି ଷଡ଼ରିପୁର ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ କରାଇବା ପାଇଁ ଯଦି କେହି ଆହ୍ୱାନ ଦିଏ ତାହା ହେବ କେବଳ ବାହାସ୍ଫୋଟ । ଯା'ଠାରେ ଏଗୁଡ଼ିକ ନାହିଁ ସେ ମଣିଷ ପଦବାଚ୍ୟ ବି ହୋଇପାରିବନି । ମଣିଷ ମାତ୍ରେ ଏସବୁ ରହିବହିଁ । ଏସବୁର ଅପରିହାର୍ଯ୍ୟ ଆବଶ୍ୟକତା ରହିଛି । କିନ୍ତୁ ତାହା ନିଜର ପ୍ରବୃତ୍ତି ଚରିତାର୍ଥ ପାଇଁ ନ ହୋଇ ଯଦି ଇଷ୍ଟାର୍ଥେ ବିନିଯୋଗ ହୁଏ, ଲୋକହିତରେ ବ୍ୟବହୃତ ହୁଏ ତେବେ ସେସବୁର ବୈଧୀ ବିନିଯୋଗ କରି ଆମେ ପ୍ରତ୍ୟେକେ ବୀର୍ଯ୍ୟବାନ ହୋଇଉଠିବା । ଆମର ଜୀବନ-ବୃଦ୍ଧି ପରିପୁଷ୍ଟ ଓ ପରିବର୍ଦ୍ଧିତ ହେବ । ତେଣୁ ଶ୍ରୀଶ୍ରୀଠାକୁର ଆହ୍ୱାନ ଦେଇଛନ୍ତି– ଏହି ଷଡ଼ରିପୁର ଅଧୀନ ନହୋଇ ସେମାନଙ୍କୁ ନିଜର ଅଧୀନ କରିବାକୁ ଚେଷ୍ଟା କର ଅର୍ଥାତ୍ ରିପୁବଶୀ ହୁଅ । ଆଉ ଏହା ପୁରୁଷୋତ୍ତମଙ୍କ ଶ୍ରୀଚରଣରେ ଆଶ୍ରିତ ନହେଲେ, ତାଙ୍କ ନିଦେଶ ଅନୁଯାୟୀ ନିଜକୁ ପରିଚାଳିତ ନକଲେ କଦାପି ସମ୍ଭବ ହୋଇପାରିବନି । ଏହି ଷଡ଼ରିପୁର ବିନିଯୋଗ ଇଷ୍ଟଙ୍କ ଉଦ୍ଦେଶ୍ୟରେ କରିବା ମଧ୍ୟ ଦେଇ ଆମେ ନିଜେ ଏସବୁର ଉପଭୋଗ ବି କରିପାରିବା । ଅଥଚ ଏମାନଙ୍କ ଦ୍ୱାରା କବଳିତ ହେବା ନାହିଁ । ଇଷ୍ଟାର୍ଥେ କାମ, ଇଷ୍ଟାର୍ଥେ କ୍ରୋଧ, ଇଷ୍ଟାର୍ଥେ ଲୋଭ, ଇଷ୍ଟାର୍ଥେ ମଦ, ଇଷ୍ଟାର୍ଥେ ମୋହ, ଇଷ୍ଟାର୍ଥେ ମାତ୍ସର୍ଯ୍ୟ ଯେତେବେଳେ ପ୍ରକୃତପକ୍ଷେ କାର୍ଯ୍ୟକାରୀ ହୋଇଉଠିବ ସେତେବେଳେ ଆମେ ରିପୁବଶୀ ଅବଶ୍ୟ ହୋଇଉଠିବା । ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ।

*-ବନ୍ଦେ ପୁରୁଷୋତ୍ତମମ୍*